16. ଏକକ ପରୀକ୍ଷଣରୁ କ'ଣ ଜାଣିହୁଏ ?
    (A) ଶିକ୍ଷାର୍ଥୀର ଅଭିଜ୍ଞତା
    (B) ଶିକ୍ଷାର୍ଥୀର ଅନଭିଜ୍ଞତା
    (C) ନିର୍ଦ୍ଦିଷ୍ଟ ଏକକରେ ଶିକ୍ଷଣ ଦକ୍ଷତାର ବୃଦ୍ଧି
    (D) ସାମଗ୍ରିକ ଭାବରେ ଦକ୍ଷତାର ବୃଦ୍ଧି
17. ବର୍ଷକୁ ମାତ୍ର ଦୁଇଟି ପରୀକ୍ଷା ନକରି ଏକାଧିକ ପରୀକ୍ଷା କଲେ କ'ଣ ଲାଭ ହୁଏ ?
    (A) ଖର୍ଚ୍ଚ କମ୍ ନହୋଇ ଅଧିକ ହୁଏ ।
    (B) ସମୟ ଅଧିକ ନଷ୍ଟ ହୁଏ ।
    (C) ଶିକ୍ଷାର୍ଥୀ ଉପରେ ମାନସିକ ଚାପ କମ୍ ହୁଏ ।
    (D) ଶିକ୍ଷାର୍ଥୀର ପସନ୍ଦ ମୁତାବକ ହୁଏ ।
18. "ନିମୃଗାମା ଜଳସ୍ରୋତକୁ କେହି ଅଟକାଇ ପାରିବେ ନାହିଁ" ସରଳ ଭାଷାରେ ବୁଝାଇ ଲେଖ । ଏହା କି ପ୍ରକାର ପ୍ରଶ୍ନ ?
    (A) ଦୀର୍ଘ ଉତ୍ତରମୂଳକ
    (B) ସଂକ୍ଷିପ୍ତ ଉତ୍ତରମୂଳକ
    (C) ବସ୍ତୁନିଷ୍ଠ ଉତ୍ତରମୂଳକ
    (D) ଅତିସଂକ୍ଷିପ୍ତ ଉତ୍ତରମୂଳକ
19. ନୈତିକ ପ୍ରଶ୍ନରୁ ଆମେ ଶିକ୍ଷାର୍ଥୀର କେଉଁ ଦକ୍ଷତା ପରୀକ୍ଷା କରିପାରିବା ?
    (A) ଜ୍ଞାନ (B) ଅବବୋଧନ
    (C) ବସ୍ତୁନିଷ୍ଠତା (D) କୌଶଳ
20. ଅଙ୍ଗପୁଷ୍ଟ ଶବ୍ଦରୁ ବାହି ପ୍ରଥମ ବର୍ଣ– ଏହା କି ପ୍ରକାର ପ୍ରଶ୍ନ ?
    (A) ବର୍ଣ୍ଣୀକରଣ (B) ସତ୍ୟାସତ୍ୟ
    (C) ଉତ୍ତର ମନୋନୟନ (D) ମେଳକ
21. ଧନ ଶବ୍ଦରୁ ଇନ୍ ପ୍ରତ୍ୟୟ ଜରେ 'ଧନୀ' ହୁଏ, ସେହିପରି ଗୁଣ ଶବ୍ଦରେ ଇନ୍ ପ୍ରତ୍ୟୟ ଜରେ କ'ଣ ହେବ ? –ଏହା କି ପ୍ରକାର ପ୍ରଶ୍ନ ?
    (A) ମେଳକ ପ୍ରଶ୍ନ (B) ମନୋନୟନ ପ୍ରଶ୍ନ
    (C) ବ୍ୟାଖ୍ୟାମୂଳକ ପ୍ରଶ୍ନ (D) ପୂନଃସଜୀକରଣ ପ୍ରଶ୍ନ
22. ମୂଲ୍ୟାୟନରୁ ପୂର୍ବରୁ ପିଲା ଚିତ୍ରକୁ ଚରିବା ପରେ ଶିକ୍ଷକ କ'ଣ କରିବେ ?
    (A) ଅଭିଭାବକଙ୍କୁ ଜଣାଇବେ
    (B) ପ୍ରଗତିପତ୍ରରେ ଲେଖିବେ
    (C) ପ୍ରତିକାରମୂଳକ ବ୍ୟବସ୍ଥା କରିବେ
    (D) ପିଲାକୁ ଉପଦେଶ ଦେବେ
23. ଅଭିଭାବକଙ୍କ ମତାମତରୁ ଆମେ କ'ଣ ବୋଲି କହିବା ?
    (A) ପରିପୂରକ (B) ପରାମର୍ଶ
    (C) ପ୍ରତିକାର (D) ପ୍ରେରଣା

ଉତ୍ତରମାଳା

1. (D)	2. (A)	3. (D)	4. (C)
5. (B)	6. (A)	7. (B)	8. (D)
9. (A)	10. (B)	11. (C)	12. (B)
13. (B)	14. (D)	15. (A)	16. (C)
17. (C)	18. (B)	19. (B)	20. (A)
21. (C)	22. (C)	23. (A)	

ପ୍ରଶ୍ନାବଳୀ - 3 (B)

ସମ୍ଭାବ୍ୟ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛ ।

1. କେଉଁଟି ମୂଲ୍ୟାୟନ ଉଦ୍ଦେଶ୍ୟ ଅଟେ ?
   (A) ବର୍ଷ ଶେଷରେ ପରୀକ୍ଷା ମାଧ୍ୟମରେ ପିଲା କେତେ ନମ୍ବର ରଖିଛା ଜାଣିବା ।
   (B) ବର୍ଷରେ ଥରେ ପରୀକ୍ଷା କରି ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବେ ପିଲାକୁ Ranking କରିବା ।
   (C) ପରୀକ୍ଷା ମାଧ୍ୟମରେ ପିଲାଙ୍କ ମନରେ ଭୟ ସଞ୍ଚାର କରାଇବା ।
   (D) ପିଲା କେତେ ଜାଣିଲା ତା'ର ଏକ ଧାରାବାହିକ ତଥ୍ୟ ସଂଗ୍ରହ କରି ତାକୁ ବିଶ୍ଳେଷଣ କରିବା ।

Scanned with CamScanner

Scanned with CamScanner

2. ମୂଲ୍ୟାୟନଟି କେଉଁ ଶବ୍ଦ ସହିତ ଜଡ଼ିତ ନୁହେଁ ?
(A) ଉପଲବ୍ଧତା (B) ପାରଦର୍ଶିତା
(C) ପ୍ରତିକାରାତ୍ମକ (D) ପାଠର ଅନ୍ତର

3. ମୂଲ୍ୟାୟନ ସହ ସମ୍ପର୍କିତ କେଉଁ ଯୁକ୍ତିଟି ଠିକ୍ ?
(A) ମୂଲ୍ୟାୟନ ଶିକ୍ଷଣ ସହିତ ଜଡ଼ିତ ନୁହେଁ ।
(B) ମୂଲ୍ୟାୟନ ଶିକ୍ଷଣର ଏକ ଅଂଶ ବିଶେଷ ।
(C) ମୂଲ୍ୟାୟନ ଶିକ୍ଷଣକୁ କିଛି ସାହାଯ୍ୟ କରିଥାଏ ।
(D) ମୂଲ୍ୟାୟନ ପିଲାକୁ ଭଲ ଲାଗେ ।

4. କେଉଁଟି ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ?
(A) ବର୍ଷ ଶେଷରେ ଗୋଟେ ପରୀକ୍ଷା କରିବା
(B) ପ୍ରତି ପିଲାର ମୂଲ୍ୟାୟନକୁ ସୁନିଶ୍ଚିତ କରିବା
(C) ପାଠଦାନ ପାଇଁ ସାମଗ୍ରୀ ପ୍ରସ୍ତୁତି
(D) ପାଠ ଯୋଜନା ପ୍ରସ୍ତୁତି

5. ମୂଲ୍ୟାୟନରେ କ'ଣ କରାଯାଇଥାଏ ? କେଉଁଟି ଠିକ୍ ।
(A) ପିଲାଙ୍କ ନମ୍ବରକୁ ଆକଳନ କରାଯାଏ
(B) ପିଲାଙ୍କର ଦୁର୍ବଳତାକୁ ପଦାରେ ପକାଯାଏ
(C) ପିଲାକୁ ଉତ୍ତୀତ କରିବା ପାଇଁ ସୁବିଧା ହୁଏ
(D) ପିଲାର ଦକ୍ଷତା ଏକ ନିର୍ଦ୍ଦିଷ୍ଟଯୋଗ୍ୟ, ବିଦ୍ୟମାନ ପରିମାପ ଦ୍ୱାରା ଧାର୍ଯ୍ୟ କରାଯାଇଥାଏ ।

6. କେଉଁଟି ଶିକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ?
(A) ବର୍ଷଶେଷରେ ଗୋଟେ ପରୀକ୍ଷା କରିବା ।
(B) ପ୍ରତି ପିଲାର ମୂଲ୍ୟାୟନକୁ ସୁନିଶ୍ଚିତ କରିବା ।
(C) ପାଠଦାନ ପାଇଁ ସାମଗ୍ରୀ ପ୍ରସ୍ତୁତି ।
(D) ପାଠଯୋଜନା ପ୍ରସ୍ତୁତି ।

7. ଭାଷାରେ ମୂଲ୍ୟାୟନ ପାଇଁ କେଉଁଟି ଆବଶ୍ୟକ ?
(A) କେବଳ ବହିରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର କରିବା ।
(B) କେବଳ ବହିରେ ଥିବା ପ୍ରାସଙ୍ଗିକ ପ୍ରଶ୍ନ ଶିକ୍ଷକ ନିଜେ ତିଆରି କରି ସେଗୁଡ଼ିକୁ ଉତ୍ତର କରିବାକୁ ଦେବା ।
(C) ଭାଷାଗତ ଉଦ୍ଦେଶ୍ୟକୁ ନେଇ ପାଠ୍ୟପୁସ୍ତକ ପ୍ରଶ୍ନ ଦେଇ ତା'ର ଉତ୍ତର ଲେଖିବା ।
(D) ପାଠ୍ୟପୁସ୍ତକ ପ୍ରଶ୍ନ ସହିତ ବହି ବାହାରର ପ୍ରଶ୍ନ ମଧ୍ୟଦେଇ ତା'ର ଉତ୍ତର କରିବା ।

8. ମୂଲ୍ୟାୟନ ଶିକ୍ଷକକୁ କେଉଁ ବାଟଟି ଦେଖାଇଥାଏ ?
(A) ପିଲାର ଦୁର୍ବଳତା ଜାଣି ତାକୁ ବାରମ୍ବାର ବାରମ୍ବାର ସଚେତନ କରାଇବା ।
(B) ପିଲାକୁ କେତେବେଳେ କେଉଁଠି ସାହାଯ୍ୟ ଦରକାର ।
(C) ପିଲାର ଦୁର୍ବଳତାଗୁଡ଼ିକ ତାଲିକା କରି ଶ୍ରେଣୀରେ ଟାଙ୍ଗି ଯେପରରେ ଟାଙ୍ଗାଯିବ ।
(D) ପିଲାର ନମ୍ବରକୁ ଭିତ୍ତିକରି କିଏ ଭଲପୁଅ ଓ ଖରାପ ପୁଅ ଦୁର୍ବଳ ତା'ର ତାଲିକା କରିବା ।

9. ଭାଷାରେ ମୂଲ୍ୟାୟନ ପାଇଁ କେଉଁଟି ଆବଶ୍ୟକ ?
(A) କେବଳ ବହିରେ ଥିବା ପ୍ରଶ୍ନଗୁଡ଼ିକର ଉତ୍ତର କରିବା ।
(B) କେବଳ ବହିରେ ଥିବା ପ୍ରାସଙ୍ଗିକ ପ୍ରଶ୍ନ ଶିକ୍ଷକ ନିଜେ ତିଆରି କରି ସେଗୁଡ଼ିକୁ ଉତ୍ତର କରିବାକୁ ଦେବା ।
(C) ଭାଷାଗତ ଉଦ୍ଦେଶ୍ୟକୁ ନେଇ ପାଠ୍ୟପୁସ୍ତକ ପ୍ରଶ୍ନ ଦେଇ ତା'ର ଉତ୍ତର ଲେଖିବା ।
(D) ପାଠ୍ୟପୁସ୍ତକ ପ୍ରଶ୍ନ ସହିତ ବହି ବାହାରର ପ୍ରଶ୍ନ ମଧ୍ୟଦେଇ ତା'ର ଉତ୍ତର କରିବା ।

10. ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ କେତେ ପ୍ରକାରର ମୂଲ୍ୟାୟନ ଦେଖାଯାଏ ?
(A) ଦୁଇ ପ୍ରକାରର
(B) ତିନି ପ୍ରକାରର
(C) ଚାରି ପ୍ରକାରର
(D) ମୂଲ୍ୟାୟନ କୌଣସି ପ୍ରକାରର ନୁହେଁ

11. ମୌଖିକ ମୂଲ୍ୟାୟନ କାହାକୁ କୁହାଯାଏ ?
(A) ଯେଉଁ ପରୀକ୍ଷାରେ ପିଲାମାନଙ୍କୁ ପ୍ରଶ୍ନ ଉତ୍ତର ଲେଖିବାକୁ ଦିଆଯାଏ ।
(B) ଯେଉଁ ପରୀକ୍ଷାରେ ଶିକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ବ୍ୟବସ୍ଥା କରିବାକୁ ଦିଆଯାଏ ନାହିଁ ।
(C) ଯେଉଁ ପରୀକ୍ଷାରେ ପ୍ରଶ୍ନର ଉତ୍ତର ବହି ଦେଖି କରିବାକୁ ଦିଆଯାଏ ।
(D) ଯେଉଁ ପରୀକ୍ଷାରେ ପିଲାକୁ କିଛି ପ୍ରଶ୍ନର ଉତ୍ତର ଦେଇ ଆଣିବା ପାଇଁ ଦିଆଯାଏ ।

12. ମୌଖିକ କାହା ମାଧ୍ୟମରେ କରାଯାଇଥାଏ ?
(A) ଯେନ୍‌ସିଲ ଓ କାଗଜ ମାଧ୍ୟମରେ
(B) କଥୋପକଥନ ଓ ସାକ୍ଷାତକାର ମାଧ୍ୟମରେ
(C) ପ୍ରଶ୍ନୋତ୍ତର ନିର୍ଦ୍ଦିଷ୍ଟ ରୂପରେ
(D) ସୁହୃଦର୍ଗ ମାଧ୍ୟମରେ

13. କେଉଁଟି ମୂଲ୍ୟାୟନର ଉଦ୍ଦେଶ୍ୟ ନୁହେଁ ?
(A) ପିଲାଙ୍କର ସବଳତା ଓ ଦୁର୍ବଳତାକୁ ଚିହ୍ନଟ କରିବା
(B) ପିଲାର ଅଗ୍ରଗତିକୁ ନିରନ୍ତର ଭାବେ ମାପିବା
(C) ମୂଲ୍ୟାୟନ ଚାପଦେଇ ପିଲାଙ୍କୁ ପଢ଼ିବା ପାଇଁ ଉତ୍ସାହିତ କରାଇବା
(D) ମୂଲ୍ୟାୟନ ଫଳାଫଳକୁ ବାପା ମା'ଙ୍କୁ ଜଣାଇବା

14. ମୌଖିକ ପରୀକ୍ଷାର ଉପକରଣଟି କ'ଣ ?
(A) ଚାକ ବିନିମୟ ଦକ୍ଷତା ବିକଶିତ ହୁଏ
(B) ସାକ୍ଷାତକାର ଫଳରେ ଭୟ ଦୂର ହୁଏ ନାହିଁ
(C) ପ୍ରଗଣଶକ୍ତି ବା ବୋଧଶକ୍ତି ହ୍ରାସ ହୋଇଥାଏ
(D) ଶିଖନ ଶୈଳୀ ଅଧିକ ଭାବେ ବୃଦ୍ଧି ପାଏ

15. ମୌଖିକ ମୂଲ୍ୟାୟନର ଦୁର୍ବଳତା କ'ଣ ?
(A) ଏହା ପିଲାମାନଙ୍କର ନିର୍ଦ୍ଦିଷ୍ଟର ପରିମାପ ବର୍ଣ୍ଣନା କରିବାକୁ ସକ୍ଷମ କରାଇ ନଥାଏ ।
(B) ଏହା ପିଲାମାନଙ୍କର ପରୀକ୍ଷା ଫଳର ବୈଧତା ଉପରେ ବିଶ୍ୱାସ ରଖେ ନାହିଁ ।
(C) ଏହା ପିଲାମାନଙ୍କର ସୃଜନ ଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରେ ନାହିଁ ।
(D) ଏହା ପିଲାମାନଙ୍କୁ ଶିକ୍ଷକଙ୍କ ଆଗରେ ଭୟଭୀତ କରାଇଥାଏ ।

16. ଲିଖିତ ପରୀକ୍ଷାରେ କେଉଁ ପ୍ରକାର ପ୍ରଶ୍ନ ରହିବ ନାହିଁ ?
(A) ବାର୍ତ୍ତ ଉତ୍ତରମୂଳକ ପ୍ରଶ୍ନ
(B) ମୌଖିକ ପ୍ରଶ୍ନ
(C) ଫଟିନ୍ସ ଉତ୍ତରମୂଳକ ପ୍ରଶ୍ନ
(D) ବହୁନିଷ୍ଠ ପ୍ରଶ୍ନ

17. ଗଠନମୂଳକ ମୂଲ୍ୟାୟନ କାହାକୁ କୁହାଯାଏ ?
(A) ଗୋଟିଏ ପ୍ରସଙ୍ଗର ଆରମ୍ଭରେ ଯେଉଁ ମୂଲ୍ୟାୟନ କରାଯାଏ ।
(B) ଗୋଟିଏ ପ୍ରସଙ୍ଗର ମଝିରେ ଯେଉଁ ମୂଲ୍ୟାୟନ କରାଯାଏ ।
(C) ଗୋଟିଏ ପ୍ରସଙ୍ଗର ଶେଷରେ ଯେଉଁ ମୂଲ୍ୟାୟନ କରାଯାଏ ।
(D) ଯେଉଁ ମୂଲ୍ୟାୟନ ବର୍ଷର ମଝିରେ କରାଯାଇଥାଏ ।

18. ଉପଲବ୍ଧି ପରୀକ୍ଷଣ କାହାସହ ଜଡ଼ିତ ?
(A) ପାଠ୍ୟକ୍ରମ (B) ସହପାଠ୍ୟକ୍ରମ
(C) ବାସ୍ତବ ଜୀବନ (D) ବିଶେଷ ଗୁଣ

19. ଗଠନମୂଳକ ମୂଲ୍ୟାୟନର ଉଦ୍ଦେଶ୍ୟ କେଉଁଟି ?
(A) ଶିକ୍ଷାର୍ଥୀ କ'ଣ ଜାଣିଛି ତାହା ଜାଣିବା
(B) ଶିକ୍ଷଣ ପ୍ରକ୍ରିୟାରେ ଥିବା ତ୍ରୁଟି ଦୁର୍ବଳତା ଜାଣିବା
(C) ବର୍ଷ ଶେଷରେ ପିଲା କେତେ ଶିଖିଲା ଜାଣିବା
(D) ପିଲା କ'ଣ ଶିଖିଲା ତାକୁ ପୃଚ୍ଛାଙ୍କ ଦ୍ୱାରା ପରିପ୍ରକାଶ କରିବା

20. ସମନ୍ୱୟୀ ପରୀକ୍ଷଣର ଉଦ୍ଦେଶ୍ୟ କେଉଁଟି ?
(A) ଗୋଟିଏ ଦକ୍ଷତା ମାପିବା
(B) ଏକ ସମୟରେ ଅନେକ ଦକ୍ଷତା ମାପିବା
(C) ଦକ୍ଷତା ବିନା ପିଲାକୁ ମାପିବା
(D) ପିଲାର ଦକ୍ଷତା ପିଲା ମାପିବା

21. ଏକକ ପରୀକ୍ଷଣ କାହାକୁ କୁହାଯାଏ ?
(A) ଶିକ୍ଷା ବର୍ଷକୁ କେତୋଟି ଭାଗରେ ବିଭକ୍ତ କରି ପରୀକ୍ଷା କରିବା ।
(B) ବର୍ଷ ଆରମ୍ଭରେ ଏକ ପରୀକ୍ଷା କରିବା ।
(C) ପିଲାଙ୍କ କୃତିଗୁଡ଼ିକୁ ଏକାଠି କରି ପରୀକ୍ଷଣ କରିବା ।
(D) ଛାପା ପ୍ରଶ୍ନପତ୍ର ଦେଇ ନିର୍ଦ୍ଦିଷ୍ଟ ନୋଟିସ୍ ଦେଇ ପରୀକ୍ଷା କରିବା ।

22. କେଉଁ ମୂଲ୍ୟାୟନଟି ସାମଗ୍ରିକ ମୂଲ୍ୟାୟନ –
(A) ମୌଖିକ ପରୀକ୍ଷଣ (B) ବାର୍ଷିକ ପରୀକ୍ଷଣ
(C) ଖାଣ୍ଡାବିକ ପରୀକ୍ଷଣ (D) ଗଠନମୂଳକ ପରୀକ୍ଷଣ

23. ଏକକ ପରୀକ୍ଷଣ ସାଧାରଣତଃ ଭାବେ କାହା ଉପରେ ପର୍ଯ୍ୟବେକ୍ଷିତ ହେବା କଥା ।
(A) ପିଲା କେତେ ନମ୍ବର ରଖିଲା
(B) ପିଲାର ଅଭିଜ୍ଞତା ଉପରେ
(C) ପିଲାର ଘୋଷାଜ୍ଞାନ ଉପରେ
(D) ପରୀକ୍ଷାର ନିୟମକାନୁନ ଉପରେ

24. ସାମଗ୍ରିକ ମୂଲ୍ୟାୟନ କାହାକୁ କୁହାଯାଏ ?
(A) ବର୍ଷ ଆରମ୍ଭରେ ଯେଉଁ ପରୀକ୍ଷଣ କରାଯାଏ ।
(B) ବର୍ଷ ମଝିରେ ଯେଉଁ ପରୀକ୍ଷଣ କରାଯାଏ ।
(C) ବର୍ଷ ଶେଷରେ ଯେଉଁ ପରୀକ୍ଷଣ କରାଯାଏ ।
(D) ପ୍ରତି ଏକକ ଶେଷରେ ଯେଉଁ ପରୀକ୍ଷଣ କରାଯାଏ ।

25. କେଉଁଟି ଦୀର୍ଘଉତ୍ତର ମୂଳକ ପ୍ରଶ୍ନ ?
(A) ଶ୍ରୀକୃଷ୍ଣ ଦେଖିବାକୁ କିପରି ?
(B) ରାମାୟଣରୁ ରାମଙ୍କ ଚରିତ୍ରକୁ ଚିତ୍ରଣ କର ?
(C) 'ଝରଝର' ପରି ଆଉ କେତୋଟି ଶବ୍ଦ ଲେଖ ?
(D) 'କୋଣାର୍କ' କୁ ସୂର୍ଯ୍ୟମନ୍ଦିର ଜାହିଁକି କୁହାଯାଏ ?

26. କେଉଁଟି ବୋଧଜ୍ଞାନ ଭିତ୍ତିକ ପ୍ରଶ୍ନ ?
(A) ଅଶୋକ କେଉଁ କେଉଁ ରାଜ୍ୟ ଜୟ କରିଥିଲେ ?
(B) 'ମ' ଲଗାଇ ଦୁଇଟି ଶବ୍ଦ ଲେଖ ।
(C) ଜାଠରେ ତିଆରି ହୋଇଥିବା ପୋଲକୁ କ'ଣ କୁହାଯିବ ?
(D) 'ବୁଦ୍ଧିଛି ନା ଗୋଡ଼ ଦୁଇଟି ଦିଶୁଛି'– ବୁଝାଇ ଲେଖ ।

27. ଅଭିବ୍ୟକ୍ତି ମୂଳକ ପ୍ରଶ୍ନ ଭାଷାରେ ଜାହିଁକି ପଚରା ଯାଇଥାଏ ?
(A) ପିଲାର ବର୍ତ୍ତମାନ ଶକ୍ତି ଜାଣିବା ପାଇଁ
(B) ପିଲାର ଅଭିଜ୍ଞତା ଭାଷାରେ ପ୍ରୟୋଗ ପାଇଁ
(C) ପଠିତ ପାଠକୁ ଠିକ୍ ଭାବେ ବୁଝିଛି କି ନାହିଁ
(D) ଗୁଡ଼ି, ଶବ୍ଦ, ବଚନିକା ଇତ୍ୟାଦି ନିଜ ଭାଷାରେ ବ୍ୟବହାର କରିପାରୁଛି କି ନାହିଁ ।

Scanned with CamScanner

Scanned with CamScanner

28. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଆନୁମାନିକ ଭାବେ କେତେ ଶବ୍ଦ ଭିତରେ ଦେବା ଉଚିତ ।
(A) ୧୦ ଟି ଶବ୍ଦ ମଧ୍ୟରେ
(B) ୧୦୦ ରୁ ଅଧିକ ଶବ୍ଦ
(C) ୩୦ ରୁ ୫୦ ଶବ୍ଦ ମଧ୍ୟରେ
(D) ୧୦୦ ରୁ ୧୫୦ ଶବ୍ଦ ମଧ୍ୟରେ

29. ବସ୍ତୁନିଷ୍ଠ ପ୍ରଶ୍ନ କାହାକୁ କୁହାଯାଏ ?
(A) ଏହାର ଉତ୍ତର ନିର୍ଦ୍ଦିଷ୍ଟ ନୁହେଁ ।
(B) ଏହାର ଉତ୍ତର ମୁକ୍ତ ହୁଏ ।
(C) ଏହାର ଉତ୍ତର ନିର୍ଦ୍ଦିଷ୍ଟ ଥାଏ ।
(D) ଏହାର ଉତ୍ତର ନ ଥାଏ ।

30. 'ଇ' ସ୍ୱରର ଶବ୍ଦ ସହ 'ଖ' ସ୍ୱରରେ ମେଳ ଖାଉଥିବା ଶବ୍ଦ ସହ ଯୋଡ଼– ଏହା କି ପ୍ରକାରର ପ୍ରଶ୍ନ ?
(A) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ
(B) ଏକ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ
(C) ଏକ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ
(D) ଏକ ବସ୍ତୁନିଷ୍ଠ ଉତ୍ତରମୂଳକ ପ୍ରଶ୍ନ

31. ପ୍ରବୀଣତା ପରୀକ୍ଷଣ କାହାକୁ କୁହାଯାଏ ?
(A) ଯେଉଁ ପରୀକ୍ଷଣ ପାଠ୍ୟକ୍ରମ ମଧ୍ୟରେ ସୀମିତ ଥାଏ ।
(B) ଯେଉଁ ପରୀକ୍ଷଣ ପାଠ୍ୟକ୍ରମ ମଧ୍ୟରେ ସୀମିତ ନ ଥାଏ ।
(C) ଯେଉଁ ପରୀକ୍ଷଣରେ ପିଲାଙ୍କ କୃତି ଉପରେ ଗୁରୁତ୍ୱ ଦିଆଯାଏ ।
(D) ଯେଉଁ ପରୀକ୍ଷଣରେ ପିଲାର ଏକାଧିକ ଦକ୍ଷତା ମପାଯାଇଥାଏ ।

32. ଯେପରି 'ବିଜ୍ଞାନ' ରୁ 'ବୈଜ୍ଞାନିକ' ସେପରି 'ବିଦେଶ'ରୁ କ'ଣ ହେବ– ଏହା କି ପ୍ରକାର ପ୍ରଶ୍ନ ।
(A) ମେଳକ ପ୍ରଶ୍ନ
(B) ପୂନଃ ସଜ୍ଜୀକରଣ ପ୍ରଶ୍ନ
(C) ସତ୍ୟାସତ୍ୟ ପ୍ରଶ୍ନ
(D) ଦୃଷ୍ଟାନ୍ତମୂଳକ ପ୍ରଶ୍ନ

33. ମୂଲ୍ୟାୟନ ପଦ୍ଧତିକୁ ପଞ୍ଜିକରଣ କାହିଁକି କରାଯିବ ?
(A) ପିଲା କେଉଁ ବିଷୟରେ କେତେ ନମ୍ବର ପାଇଲା ।
(B) ଶିକ୍ଷକଙ୍କ ପରିଶ୍ରମକୁ ଅଧିକ କରିବା ପାଇଁ ।
(C) ପିଲାମାନଙ୍କୁ ବାଗୟାର ସଚେତନ କରାଇବା ପାଇଁ ।
(D) ପିଲାର ଅଗ୍ରଗତିର ଧାରଣା ସହ ପ୍ରତିକାରାତ୍ମକ ବ୍ୟବସ୍ଥା କରିବା ।

34. ଶ୍ରେଣୀ ଗୃହରେ ପ୍ରତିକାରାତ୍ମକ ବ୍ୟବସ୍ଥା ପାଇଁ କେଉଁଟି ଶିକ୍ଷକକୁ ଅଧିକ ସାହାଯ୍ୟ କରିଥାଏ ?
(A) ଅଭିଭାବକ (B) ଗୋଷ୍ଠିର ସଦସ୍ୟ
(C) ଆର୍ଯ୍ୟପର୍ଦ୍ଦ (D) ସମ୍ବାଦପତ୍ର

35. ପ୍ରତିକାରାତ୍ମକ ବ୍ୟବସ୍ଥା କଲେ ଲାଭ କ'ଣ ହେବ ?
(A) ପିଲାର ସାମର୍ଥ୍ୟ ଧୀରେ ଧୀରେ କମିଯାଏ ।
(B) ପିଲାର ପୂର୍ବକଳା ଦୂର ହୋଇଥାଏ ।
(C) ପିଲା ଅନେକ କଥା ଶିଖିଥାଏ ।
(D) ପିଲା ଧୀରେ ଧୀରେ ପୂର୍ବକ ହୋଇଥାନ୍ତି ।

36. ଉଚ୍ଚପ୍ରାଥମିକ ଶ୍ରେଣୀରେ ଭାଷାଜ୍ଞାନ ବୃଦ୍ଧିପାଇଁ ପିଲାକୁ ଶ୍ରେଣୀରେ କିପରି ସାହାଯ୍ୟ କରାଯାଇ ପାରିବ ?
(A) ପୂର୍ବକ ପିଲା ବୁଝିପାରିଲାପରି ଶବ୍ଦ, ଭାଷା ଶୈଳୀ ବ୍ୟବହାର କରିବା ଉଚିତ୍ ।
(B) ଶିକ୍ଷକ ଶ୍ରେଣୀରେ ସମୃଦ୍ଧିପୂର୍ଣ୍ଣ ଭାଷା ବ୍ୟବହାର କରିବା ଉଚିତ ।
(C) ଶିକ୍ଷକ ଶ୍ରେଣୀରେ ଥିବା ପିଲାଙ୍କ ଉପରେ ଗୁରୁତ୍ୱ ଦେବେ ।
(D) ଉଭୟ ପିଲାମାନଙ୍କ ହେଲାପରି ଉନ୍ନତି ଭାଷା ପ୍ରୟୋଗ କରିବା ଉଚିତ ।

37. ଉଭୟ ପ୍ରଶ୍ନପତ୍ର ତିଆରି ପାଇଁ ଶିକ୍ଷକ କ'ଣ କରିବା ଉଚିତ ?
(A) ପ୍ରସଙ୍ଗ ପଛରେ ଥିବା ପ୍ରଶ୍ନ ଦେବେ ।
(B) ପିଲାକୁ ନଜାଣା ପ୍ରଶ୍ନ ତିଆରି କରିବେ ।
(C) ପରୀକ୍ଷା ପ୍ରଶ୍ନ ପାଇଁ ଏକ ବୁପ୍ରିଣ୍ଟ ତିଆରି କରିବେ ।
(D) ଖାଲି ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ କରିବେ ।

38. ମୁକ୍ତ ଉତ୍ତରମୂଳକ ପ୍ରଶ୍ନ କ'ଣ ?
(A) ଯେଉଁ ପ୍ରଶ୍ନର ଏକ ନିର୍ଦ୍ଦିଷ୍ଟ ଉତ୍ତର ଥିବ ।
(B) ପ୍ରଶ୍ନର ଉତ୍ତର କ୍ଷୁଦ୍ର ହୋଇଥିବ ।
(C) ପ୍ରଶ୍ନର ଅନେକ ଉତ୍ତର ଆସୁଥିବ ।
(D) ପ୍ରଶ୍ନର ଉତ୍ତର ଲମ୍ବା ହେଇଥିବ ।

39. କେଉଁଟି ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ?
(A) ଶୂଆର ରଙ୍ଗ ଦେଖିବାକୁ କିପରି ?
(B) ଶୂଆକୁ ଆଉ କେଉଁ ନାମରେ ଜଣାଯାଇଥାଏ ?
(C) ତୁମେ ଯଦି ଶୂଆ ହୋଇଥାନ୍ତ କଣ କରିଥାନ୍ତ ?
(D) ଉପରୋକ୍ତ ମଧ୍ୟରୁ କେଉଁଟି ନୁହେଁ ।

40. 'ମୂଲ୍ୟାୟନ' ପାଇଁ କେଉଁ ସୂକ୍ତିଟି ଅଧିକ ସଙ୍ଗତ ପୂର୍ଣ ?
(A) ମୂଲ୍ୟାୟନ ଶିକ୍ଷଣ ପ୍ରକ୍ରିୟାର ଅଂଶବିଶେଷ ନୁହେଁ ।
(B) ମୂଲ୍ୟାୟନ ଶିକ୍ଷଣ ପ୍ରକ୍ରିୟାର ଅଂଶବିଶେଷ ।
(C) ମୂଲ୍ୟାୟନ ଅଗ୍ରଗତିର ଧାରାକୁ ବାଧା ଦିଏ ।
(D) ମୂଲ୍ୟାୟନ ଧାରାବାହିକ କରାଯାଇ ପାରିବ ନାହିଁ ।

41. 'କମା' ଚିହ୍ନକୁ କାହିଁକି ବ୍ୟବହାର କରାଯାଇଥାଏ ।
(A) ବାକ୍ୟକୁ ବାକ୍ୟ ସହ ଯୋଡ଼ିବା ପାଇଁ ।
(B) ଗୋଟିଏ ବାକ୍ୟକୁ ଅନ୍ୟ ବାକ୍ୟ ଅପେକ୍ଷା କରାଯେବେ ।
(C) ବାକ୍ୟ ମଧ୍ୟରେ ବେଶି ବିରାମ ଆବଶ୍ୟକ ହେଲେ ।
(D) ବାକ୍ୟ ମଧ୍ୟରେ ସବୁଠାରୁ କମ୍ ବିରାମ ଆବଶ୍ୟକ ହେଲେ ।

42. ଏ ବର୍ଷ ବୋର୍ଡ ପରୀକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କେଉଁ ପଦକ୍ଷେପ ନିଆଯାଇଛି–
(A) ପ୍ରଶ୍ନ ଓ ଉତ୍ତର ଖାତା ଅଲଗା ଅଲଗା ରହିଛି ।
(B) ପରୀକ୍ଷାର ଅବଧି ଅଢ଼େଇ ଘଣ୍ଟା ରଖାଯାଇଛି ।
(C) ପୁରାପୁରି ବସ୍ତୁନିଷ୍ଠ ପ୍ରଶ୍ନ ଉପରେ ଗୁରୁତ୍ୱ ଦିଆଯାଇଛି ।
(D) ପ୍ରଶ୍ନ ଓ ଉତ୍ତର ଖାତା ଏକାଠି ରହିଛି । ପିଲାକୁ ଉତ୍ତର ଲେଖିବା ପାଇଁ ଖାଲିଜାଗା ରଖାଯାଇଛି ।

43. '!' ଏହି ଚିହ୍ନକୁ କ'ଣ କୁହାଯାଏ ?
(A) କମା (B) ଉଦ୍ଧୃତ
(C) ବିସ୍ମୟସୂଚକ (D) ସେମିକୋଲାନ୍

ଉତ୍ତରମାଳା

1.(D)	2.(D)	3.(B)	4.(B)	5.(D)
6.(B)	7.(D)	8.(B)	9.(D)	10.(A)
11.(B)	12.(B)	13.(C)	14.(B)	15.(D)
16.(B)	17.(C)	18.(A)	19.(C)	20.(B)
21.(A)	22.(D)	23.(B)	24.(D)	25.(B)
26.(D)	27.(D)	28.(C)	29.(A)	30.(D)
31.(B)	32.(D)	33.(D)	34.(D)	35.(B)
36.(A)	37.(C)	38.(C)	39.(C)	40.(B)
41.(D)	42.(D)	43.(C)		

ପ୍ରଶ୍ନାବଳୀ – 3 (C)

ସମ୍ଭାବ୍ୟ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛ ।

1. ମାତୃଭାଷା ଶିଶୁମାନଙ୍କ ପାଇଁ ଏକ ହଜମ ରସ । – ଏ ଉକ୍ତିଟି କିଏ କହିଥିଲେ ?
(A) ମଧୁସୂଦନ ରାଓ (B) ମହାତ୍ମାଗାନ୍ଧୀ
(C) ରବୀନ୍ଦ୍ରନାଥ ଠାକୁର (D) ଗଙ୍ଗାଧର ମେହେର

2. ଶିଶୁର ଏକାନ୍ତ ନିଜର କିଏ ?
(A) ମାଆ (B) ବାପା
(C) ପରିବାର (D) ମାତୃଭାଷା

3. ଭାଷା ନ ଥିଲେ ମଣିଷର କେଉଁ କାର୍ଯ୍ୟର ବିକାଶ ହୋଇ ନଥାନ୍ତା ?
(A) କାବ୍ୟ ଲିବିବା (B) ଲେଖା ପଢ଼ା
(C) ଚିନ୍ତା ଓ ଚେତନା (D) ପରଦ୍ୱାର

4. ଭାଷା ମଣିଷକୁ କାହା ସହିତ ଯୋଡ଼େ ?
(A) ପରିବେଶ (B) ମଣିଷ
(C) ଇଭିତ (D) ଜୀବଜନ୍ତୁ

5. ଭାଷା ଶିକ୍ଷଣ ପାଇଁ ଶିକ୍ଷାବିତ୍‌ମାନେ କେତୋଟି ଦକ୍ଷତା ସ୍ଥିର କରିଛନ୍ତି ?
(A) ଗୋଟିଏ (B) ତିନିଟି
(C) ପାଞ୍ଚଟି (D) ନଅଟି

6. ଉଚ୍ଚ ପ୍ରାଥମିକ ସ୍ତରରେ ଆମେ ଗୋଟିଏ ପିଲାଠାରୁ ଅତି କମ୍‌ରେ ଭାଷାର କେଉଁ ଦକ୍ଷିଣ ଆଶା କରିବା ?
(A) କବିତା ଲେଖିବା
(B) ପ୍ରବନ୍ଧ ଲେଖିବା
(C) ନାଟକ ଲେଖିବା
(D) ଶୁଦ୍ଧ ଲେଖିବା ଓ ଶୁଦ୍ଧ ପଢ଼ିବା

7. ଉଚ୍ଚ ପ୍ରାଥମିକ ସ୍ତରରେ ମାତୃଭାଷା-ଶିକ୍ଷଣ ପାଇଁ ଶତକଡ଼ା କେତେ ଭାଗ ସମୟ ନିରୂପିତ ହୋଇଛି ?
(A) ୫୦% (B) ୨୫%
(C) ୧୪% (D) ୧୦%

8. ଶିଶୁର ଭାଷା ସମ୍ପର୍କୀୟ ବୋଧଜ୍ଞାନ ଆହରଣ କୌଶଳ କେଉଁ ଦକ୍ଷତାରୁ ଜାଣିହୁଏ ?
(A) ଲଥନ ଓ ଲିଖନ (B) ଶ୍ରବଣ ଓ ପଠନ
(C) ସୃଜିଶକ୍ତି (D) ଶବ୍ଦଜ୍ଞାନ ବୃଦ୍ଧି

9. କେଉଁଟି ଭାଷା ଉପଯୋଗର ଦିଗ ନୁହେଁ ?
(A) ଜ୍ଞାନାତ୍ମକ ଦିଗ (B) ଭାବାତ୍ମକ ଦିଗ
(C) କୌଶଳାତ୍ମକ ଦିଗ (D) ସୃଜନାତ୍ମକ ଦିଗ

10. ଭାଷା ଶିକ୍ଷଣକୁ ଆନନ୍ଦମୟୀ କରିବା ପାଇଁ କାହାର ସାହାଯ୍ୟ ନେବା ?
(A) ଭାଷଣ ପ୍ରଣାଳୀ
(B) ଚକ୍‌ରେ ଲେଖିବା ଓ କହିବା ପ୍ରଣାଳୀ
(C) ଲୋକଗୀତ ପରିବେଷଣ ପ୍ରଣାଳୀ
(D) ପ୍ରଶ୍ନୋତ୍ତର ପ୍ରଣାଳୀ

11. ଭାଷାଶିକ୍ଷା ପାଇଁ ପ୍ରାଥମିକ ସ୍ତରରେ କେଉଁ ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଏ ନାହିଁ ?
(A) ଶୁଣିବା
(B) କହିବା
(C) ପଢ଼ିବା
(D) ବ୍ୟାବହାରିକ ବ୍ୟାକରଣ

Scanned with CamScanner

Scanned with CamScanner

12. ମାତୃଭାଷା ଶିକ୍ଷା କାହା ଭିତ୍ତିରେ ସଫଳ ହୁଏ ?
(A) ପାଠ୍ୟପୁସ୍ତକରେ ଶିକ୍ଷାଦିଆଗରେ
(B) ଭାଷ ଭାଷ ଜଣି ଶିକ୍ଷ ଦିଆଗରେ
(C) ଅଂଶିକ ଭାବରେ ଶିକ୍ଷା ଦିଆଗରେ
(D) ଏକାଧିକ ଶିକ୍ଷକ ଶିକ୍ଷା ଦେବେ

13. ଗୋଟିଏ ପିଲା ୮ମ ଶ୍ରେଣୀରୁ ଉତୀର୍ଣ୍ଣ ହେବା ପରେ ତା'ର କେତେ ପରିମାଣ ଶବ୍ଦ ଜ୍ଞାନ ହେବା ଆବଶ୍ୟକ ?
(A) ପାଞ୍ଚ ହଜାର (B) ଛଅ ହଜାର
(C) ସାତ ହଜାର (D) ଆଠ ହଜାର

14. ଔପଚାରିକ ବ୍ୟାକରଣ ଓ ବ୍ୟାବହାରିକ ବ୍ୟାକରଣ ମଧ୍ୟରେ ମୌଳିକ ପ୍ରଭେଦ ତ'ଣ ?
(A) ଶ୍ରେଣୀ ଗୃହରେ ବ୍ୟାକରଣ ଶିକ୍ଷା
(B) ବ୍ୟାକରଣର ଫଙ୍କା ମୁଖସ୍ତ କରିବା
(C) ବ୍ୟାକରଣର ନିୟମକୁ ଭାଷାରେ ପ୍ରୟୋଗ
(D) ବ୍ୟାକରଣ ପୁସ୍ତକ ଧରି ପଢ଼ାଇବା

15. ଧାରଣାର ବୋଧଗମ୍ୟତା କହିଲେ ତ'ଣ ବୁଝାଯାଏ ?
(A) ଯେକୌଣସି ବସ୍ତୁକୁ ଧାରଣା କରିବା
(B) ଭାଷାକୁ ଉଲ ଭାବରେ ବୁଝିପାରିବା ଓ କହିପାରିବା
(C) ଯେକୌଣସି ବିଷୟରେ ନୂତନ ଧାରଣା ସୃଷ୍ଟି କରିବା
(D) ଯେ ଯାହା କହୁ ବୁଝି ପାରିବା

16. ଭାଷା ଶିକ୍ଷଣର ସର୍ବ ପ୍ରଥମ ଦକ୍ଷତାଟି କ'ଣ ?
(A) ପଢ଼ିବା (B) ବୁଝିବା
(C) ଶୁଣିବା (D) ଲେଖିବା

17. କେଉଁ ଶିକ୍ଷଣ ଭାଷା ପାଇଁ ବିଶେଷ ଉପଯୋଗୀ ?
(A) ନିର୍ଦ୍ଦେଶିତ ଶିକ୍ଷଣ (B) ସ୍ୱଶିକ୍ଷଣ
(C) ଉପଯୁକ୍ତ ଶିକ୍ଷଣ (D) ଉଯମୁକ୍ତ ଶିକ୍ଷଣ

18. ପିଲାମାନଙ୍କର ବୋଧ ଶକ୍ତିର ବିକାଶ ପାଇଁ ଯେଉଁ ପଠନ କରାଯାଏ, ତାକୁ କ'ଣ କହନ୍ତି ?
(A) ବୋଧ ପଠନ (B) ଶ୍ରେଣୀ ପଠନ
(C) ଚାତ୍ରିକ ପଠନ (D) ବ୍ୟାପକ ପଠନ

19. ପିଲାମାନଙ୍କର ଜ୍ଞାନର ଅଭିବୃଦ୍ଧି ପାଇଁ ଯେଉଁ ପଠନ କରାଯାଏ ତାକୁ କ'ଣ କହନ୍ତି ?
(A) ଚାତ୍ରିକ ପଠନ (B) ବ୍ୟାପକ ପଠନ
(C) ଜ୍ଞାନ ପଠନ (D) ମୀରବ ପଠନ

20. ବ୍ୟାପକ ଅଧ୍ୟୟନ ପାଇଁ କେଉଁଟି ଆବଶ୍ୟକ ?
(A) ଉପଯୁକ୍ତ ପାଠାଗାର (B) ପାଠ୍ୟପୁସ୍ତକ
(C) ଶିକ୍ଷାନୁଷ୍ଠାନ (D) ଶିକ୍ଷକ

21. ବ୍ୟାପକ ଅଧ୍ୟୟନ କରିସାରିବା ପିଲା ତାହାଠାରୁ ଅଧିକ କରିସାରିବା ପିଲାଠାରୁ କେଉଁଥିରେ ଅଧିକ ଥାଏ ?
(A) ଜ୍ଞାନରେ ବେଶି (B) ବୁଝିରେ ବେଶି
(C) ଅଭିଜ୍ଞତାରେ ବେଶି (D) ଜ୍ଞାନ ଓ ବୁଝିରେ ବେଶି

22. କେଉଁ ଶିକ୍ଷାଦାନ ପଦ୍ଧତିରେ ଶିକ୍ଷାର୍ଥୀର ଶବ୍ଦଜ୍ଞାନ ବଢ଼ିଥାଏ ?
(A) ପଦ୍ୟ (B) ଗଦ୍ୟ
(C) ଅତିରିକ୍ତ (D) ବ୍ୟାକରଣ

23. ଶିକ୍ଷାଦାନ ପାଇଁ କେତୋଟି ସୋପାନ ଅନୁସରଣ କରାଯାଏ ?
(A) ୩ଟି (B) ୪ଟି
(C) ୨ଟି (D) ୫ଟି

24. ଗଦ୍ୟ ଶିକ୍ଷାଦାନରେ ଛାତ୍ରଛାତ୍ରୀମାନଙ୍କୁ କେଉଁ ସ୍ତର ପରେ ନୀରବ ପଠନ କରିବାକୁ ଦିଆଯାଏ ?
(A) ଶିକ୍ଷକଙ୍କ ଆଦର୍ଶ ପଠନ ପରେ
(B) ଉପକ୍ରମ ପରେ
(C) ପ୍ରୟୋଗ ପ୍ରଶ୍ନ ପରେ
(D) ଶବ୍ଦାନୁଶୀଳନ ପରେ

25. ଆନନ୍ଦ ଉପଭୋଗ କେଉଁ ଶିକ୍ଷାଦାନର ପ୍ରଧାନ ଲକ୍ଷ୍ୟ ?
(A) ଗଦ୍ୟ (B) ପଦ୍ୟ
(C) ଗଳ୍ପ (D) ବ୍ୟାକରଣ

26. ପଦ୍ୟ ଶିକ୍ଷାଦାନରେ ଉପସ୍ଥାପନ ସୋପାନର ଶେଷଭାଗରେ ରସାନୁପାଠିଣୀ ଆବୃତ୍ତି କରିବାକୁ ଦିଆଯାଏ କାହିଁକି ?
(A) ଛନ୍ଦରେ ଆବୃତ୍ତି କରିବା
(B) ରସକୁ ଅନୁଭବ କରିବା
(C) ରସ ଓ ଛନ୍ଦ ସହ ଆବୃତ୍ତି କରିବାକୁ ବୁଝିବା
(D) ଘରେ ପଢ଼ିବା ପାଇଁ ପ୍ରେରଣା ଭାବ କରିବା

27. ଶିକ୍ଷାଦାନ ସଫଳ ହୋଇଛି ବୋଲି ଶିକ୍ଷକ କିଭଳି ଜାଣିବେ ?
(A) ପ୍ରାରମ୍ଭିକ ପ୍ରଶ୍ନ ପଚାରି
(B) ବୋଧ ପରିମାପକ ପ୍ରଶ୍ନ ପ୍ରଚାରି
(C) ପ୍ରୟୋଗ ପ୍ରଶ୍ନ ପଚାରି
(D) ପରୀକ୍ଷା ପତ୍ରର ମୂଲ୍ୟାଙ୍କନରୁ

28. ମାତୃଭାଷାରେ ଦୁତ ପଠନର ଅଭ୍ୟାସ ଭରାଇବା କେଉଁ ଶିକ୍ଷାଦାନର ଲକ୍ଷ୍ୟ ?
(A) ଗଦ୍ୟ ସାହିତ୍ୟ (B) ପଦ୍ୟ ସାହିତ୍ୟ
(C) ଅତିରିକ୍ତ ସାହିତ୍ୟ (D) ଖବର କାଗଜ ଅଧ୍ୟୟନ

29. ଅତିରିକ୍ତ ସାହିତ୍ୟ ଶିକ୍ଷାଦାନରେ ଶବ୍ଦାର୍ଥାବଗତି ଉପରେ ଗୁରୁତ୍ୱ ଦିଆଯାଏ ନାହିଁ କାହିଁକି ?
(A) ଏହା କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ
(B) ଏଥିରେ ଜଟିଳ ଶବ୍ଦ ପ୍ରାୟ ନ ଥାଏ ।
(C) କୌଣସି ଜଟିଳ ଶବ୍ଦର ଅର୍ଥ ଶବ୍ଦ-କୋଷରୁ ଜାଣି ହୁଏ ।
(D) ବୁଝିବା ଆବଶ୍ୟକ ନ ଥାଏ ।

30. ଭାଷା ଶିକ୍ଷଣର କେଉଁ ବିଚାରଟି ଅଳ୍ପ ସମୟ ମଧ୍ୟରେ ଏକ ମନବୁଝା ଧାର୍ଣ୍ଣା ପିଲାକୁ ଦେଇଥାଏ ?
(A) ଗଳ୍ପ (B) ଗଦ୍ୟ
(C) ଏକାଙ୍କିକା (D) ପଦ୍ୟ

31. ରଚନା କାହାକୁ କହନ୍ତି ?
(A) କବିତା ଲେଖିବା (B) ଗଳ୍ପ ଲେଖିବା
(C) ପ୍ରବନ୍ଧ ଲେଖିବା (D) ଯାହା ଚିହ୍ନି ସୃଷ୍ଟି କରିବା

32. ମନରେ ଥିବା ଚିନ୍ତା, ଚେତନା, କଳ୍ପନା ଓ ତଥ୍ୟକୁ ସଜାଇ ଲେଖିବାକୁ କ'ଣ କହନ୍ତି ?
(A) ପ୍ରବନ୍ଧ (B) ଉପନ୍ୟାସ
(C) ନାଟକ (D) ଗଳ୍ପ

33. ଭାଷା ପ୍ରବନ୍ଧେ ଜଗନ୍ନାଥ – ଏଠାରେ 'ଭାଷା ପ୍ରବନ୍ଧେ'ର ଅର୍ଥ କ'ଣ ?
(A) ଜଗନ୍ନାଥ ଦାସଙ୍କ ଭାଗବତ
(B) ଜଗନ୍ନାଥ ଦାସଙ୍କ ଯେକୌଣସି କବିତା
(C) ଜଗନ୍ନାଥ ଦାସଙ୍କ ରଚନାବଳୀ
(D) ଜଗନ୍ନାଥ ଦାସଙ୍କ ପୁରାଣ ବ୍ୟାଖ୍ୟା

34. ପ୍ରବନ୍ଧରେ ଲେଖକଙ୍କର କେଉଁ ଭାବ ପ୍ରତିଫଳିତ ହୁଏ ?
(A) ଚିନ୍ତାଧାରା
(B) ଚେତନା ପ୍ରବାହ
(C) ମୌଳିକ ଚିନ୍ତାଧାରା
(D) ସୃଜନଶୀଳ ମୌଳିକ ଚିନ୍ତାଧାରା

35. ରଚନା ଲେଖିବା ବେଳେ ଆମକୁ ମୁଖ୍ୟତଃ କେତୋଟି ସୋପାନରେ ବିଭକ୍ତ କରିବାକୁ ପଡ଼େ ?
(A) ପାଞ୍ଚଟି (B) ୩ଟି
(C) ଗୋଟିଏ (D) ଦୁଇଟି

36. ରଚନାର ଉପକ୍ରମ ସୋପାନରୁ ରଚନା ବିଷୟରେ ମୋଟାମୋଟି ଜାଣି ହୋଇଯାଏ । ତେଣୁ ରଚନାକୁ ଆମେ କ'ଣ କହିବା ?
(A) ସୂଚୀପତ୍ର (B) ଦର୍ପଣ
(C) ପ୍ରତିଚିତ୍ର (D) ପ୍ରାରମ୍ଭ

37. ରଚନାର ମୁଖ୍ୟ ବିଭାଗ ବୋଲି କାହାକୁ କୁହାଯାଏ ?
(A) ପ୍ରାରମ୍ଭ (B) ବର୍ଣ୍ଣନା
(C) ବିଷୟବସ୍ତୁ (D) ଉପସଂହାର

38. ପ୍ରାବନ୍ଧିକର ଚିନ୍ତନ୍ମ ଚିନ୍ତାଧାରା କେଉଁ ବିଭାଗରେ ପ୍ରତିଫଳିତ ହୁଏ ?
(A) ଚେତନା ପ୍ରବାହ (B) ଲେଖାର ଶୈଳୀ
(C) ଉପକ୍ରମ (D) ଉପସଂହାର

39. ବିଦ୍ୟାଳୟରେ ଲେଖିବାକୁ ଥିବା ରଚନା କେଉଁଠାରେ ଲେଖିବା ବିଧେୟ ?
(A) ଘରେ
(B) ଶ୍ରେଣୀଗୃହରେ
(C) ରଚନା ବହିରୁ ଭରାଇବା ସ୍ଥାନରେ
(D) ଶିକ୍ଷକଙ୍କ ଶୁଦ୍ଧଲିଖନ ପ୍ରକ୍ରିୟାରେ

40. ରଚନାର ଫଂଶୋଧନ କାର୍ଯ୍ୟ କେଉଁଠାରେ କରାଯିବା ଉଚିତ ?
(A) ଶ୍ରେଣୀ ଗୃହରେ ପିଲାମାନଙ୍କୁ ଅନ୍ୟମାନ ଦେଇ
(B) ବିଦ୍ୟାଳୟରୁ ଛୁଟି ନେଇ ଘରେ ବସି
(C) ପିଲାମାନଙ୍କୁ ପାଖରେ ଠିଆ କରାଇ
(D) ଅବସର ସମୟରେ ବିଦ୍ୟା ନିଜ ଘରେ

41. ଗୋଟିଏ ବର୍ଷ ଭିତରେ ଅଷ୍ଟମ ଶ୍ରେଣୀରେ ଅକ୍ତତଃ କେତୋଟି ରଚନା ଓ ପତ୍ରଲିଖନ ଲେଖିବାକୁ ଧାର୍ଯ୍ୟ କରାଯାଇଛି ?
(A) ଆଠଟି (B) ୯ଟିରେ
(C) ୧୦ଟି (D) ବାରଟି

ISHWARPOUT

Scanned with CamScanner

Scanned with CamScanner

42. ରଚନା ଲେଖିବାକୁ ଦେବାବେଳେ ଶିକ୍ଷକଙ୍କର ଗୁରୁଦାୟିତ୍ୱ କ'ଣ ?
(A) ରଚନା ଲେଖିବାକୁ କହିବା
(B) ରଚନା ପାଇଁ ଆନୁଷଙ୍ଗିକ ତଥ୍ୟ ଓ ସୂଚନା ଦେବା
(C) ଆନୁଷଙ୍ଗିକ ତଥ୍ୟ ଓ ସୂଚନା ଦେବା ଓ ବ୍ୟାପକ ଅଧ୍ୟୟନ ପାଇଁ ପୁସ୍ତକ ତାଲିକା ଦେବା
(D) ପିଲାମାନଙ୍କୁ ଲେଖିବାକୁ କହି ଶ୍ରେଣୀରେ ବସିବା

43. ଶିଶୁ ଜନ୍ମରୁ କ'ଣ ଶିଖିବାକୁ ଉଦ୍ୟମ କରିଥାଏ ?
(A) ବ୍ୟାକରଣ ପଢ଼ିବା (B) ଭାଷା କହିବା
(C) ଗୀତ ବୋଲିବା (D) ଗଳ୍ପ ଶୁଣିବା

44. ଭାଷା ଶିକ୍ଷା କରିବା ଶିଶୁର କେଉଁ ପ୍ରବୃତ୍ତି ଉପରେ ନିର୍ଭର କରେ ?
(A) ହସିବା (B) କାନ୍ଦିବା
(C) ଅନୁକରଣ (D) ଖେଳିବା

45. ଶିଶୁର କେଉଁ ଶିକ୍ଷା ଆଗ ହୋଇଥାଏ ?
(A) ବ୍ୟାକରଣ ପଢ଼ିବା (B) ଭାଷା ଶିଖିବା
(C) ଅକ୍ଷର ଶିଖିବା (D) ବହି ପଢ଼ିବା

46. ଶିଶୁ କିପରି ବ୍ୟାକରଣ ଶିଖେ ?
(A) ବ୍ୟବହାର କରୁଥିବା ଭାଷା
(B) ଅନ୍ୟର ଭାଷାକୁ ଅନୁକରଣ କରି
(C) ବହି ପଢ଼ି
(D) ଭାଷା ଶିକ୍ଷକଙ୍କ ମୁଖରୁ

47. କେଉଁ ପ୍ରଣାଳୀରେ ବ୍ୟାକରଣ ଶିକ୍ଷା ଦେଲେ ଫଳପ୍ରଦ ହୁଏ ?
(A) ସୂତ୍ର ଘୋଷିବା ପ୍ରଣାଳୀ
(B) ଆରୋହ ପ୍ରଣାଳୀ
(C) ଅବରୋହ ପ୍ରଣାଳୀ
(D) ସୂତ୍ର ମନେରଖିବା ପ୍ରଣାଳୀ

48. କେଉଁ ଶିକ୍ଷକ ବ୍ୟାକରଣ ପଢ଼ାଇଲେ ଅଧିକ ସଫଳ ହୁଏ ?
(A) ସଂସ୍କୃତ ପଣ୍ଡିତ (B) ହିନ୍ଦୀ ପଣ୍ଡିତ
(C) ଓଡ଼ିଆ ଭାଷା ଶିକ୍ଷକ (D) ଯେକୌଣସି ଶିକ୍ଷକ

49. ଶିକ୍ଷକ ବ୍ୟାକରଣ ପ୍ରଥମେ ପଢ଼ିବା ଦରକାର କି ପିଲାଙ୍କୁ ପଢ଼ାଇବା ଦରକାର ?
(A) ଶିକ୍ଷକ ବ୍ୟାକରଣ ଜାଣିବା ଦରକାର ନାହିଁ ।
(B) ଶିକ୍ଷକ ବ୍ୟାକରଣ ପଢ଼ିବା ଦରକାର
(C) ଶିକ୍ଷକ ବ୍ୟାକରଣ ପଢିବା ପରେ ପିଲାମାନଙ୍କୁ ପଢ଼ାଇବା ଦରକାର
(D) ପିଲାମାନଙ୍କୁ ବ୍ୟାକରଣ ଶିକ୍ଷା ଦିଆଯିବା ଉଚିତ ନୁହେଁ ।

50. ନିଜେ ଭୁଲ କରୁଥିବା ଶିକ୍ଷକ ପିଲାଙ୍କର ଭୁଲପାଇଁ ଦଣ୍ଡ ଦେଲେ ତାଙ୍କର କେଉଁ କର୍ତ୍ତବ୍ୟରେ ହାନି ଘଟେ ?
(A) କୌଣସି କର୍ତ୍ତବ୍ୟରେ ହାନି ଘଟେ ନାହିଁ ।
(B) ନୈତିକ କର୍ତ୍ତବ୍ୟରେ ହାନି ଘଟେ ।
(C) ଦଣ୍ଡ ଦେବା ଶିକ୍ଷକଙ୍କର ଧର୍ମ ।
(D) ଶିକ୍ଷକଙ୍କର କ୍ଷମତା ଅଧିକ ।

51. କେଉଁଟି ଭାଷା ଅଶୁଦ୍ଧ ହେବାର କାରଣ ?
(A) ଠିକ୍ ଭାବେ ନ ଲେଖିବା
(B) ଉପଯୁକ୍ତ ବ୍ୟାକରଣ ଜ୍ଞାନର ଅଭାବ
(C) ବ୍ୟାକରଣ ସଂଜ୍ଞା ମନେ ନ ରଖିବା
(D) ଖାମଖିଆଲି ହୋଇ ଲେଖିବା

52. ଭାରତରେ କେତୋଟି ଭାଷାକୁ ଜାତୀୟ ସ୍ୱୀକୃତି ମିଳିଛି ?
(A) ୧୪ଟି (B) ୧୮ଟି
(C) ୨୨ଟି (D) ୨୬ଟି

53. ଆମ ଦେଶରେ ଭାଷା ଶିକ୍ଷା ପାଇଁ କେଉଁ ସୂତ୍ରକୁ ଗ୍ରହଣ କରାଯାଇଛି ?
(A) ଏକଭାଷୀ ସୂତ୍ର (B) ଦ୍ୱିଭାଷୀ ସୂତ୍ର
(C) ତ୍ରିଭାଷୀ ସୂତ୍ର (D) ବହୁଭାଷୀ ସୂତ୍ର

54. ପିଲାର ପାଟି କେଉଁ ଭାଷାରେ ଫିଟେ ?
(A) ଓଡ଼ିଆ ଭାଷାରେ (B) ସଂସ୍କୃତ ଭାଷାରେ
(C) ମାନକଭାଷାରେ (D) ଘର ଭାଷାରେ

55. ପିଲା କେଉଁଠାରେ ଘର ଭାଷା ପ୍ରୟୋଗ କରିବାର ସୁଯୋଗ ପାଏ ନାହିଁ ?
(A) ଘରେ (B) ବିଦ୍ୟାଳୟରେ
(C) ହାଟ ବଜାରରେ (D) ତା'ର ସମାଜ ଭିତରେ

56. ଆମ ଦେଶରେ କେତେ ପ୍ରକାର ଅନୁସୂଚିତ ଜନଜାତି ଅଛନ୍ତି ?
(A) 52 ପ୍ରକାର (B) 50 ପ୍ରକାର
(C) ଅସଂଖ୍ୟ ପ୍ରକାର (D) 62 ପ୍ରକାରର

57. ପ୍ରଥମ ଓ ୨ୟ ଶ୍ରେଣୀରେ ଜଣେ କେଉଁ ଭାଷା ମାଧ୍ୟମରେ ଶିକ୍ଷା ଆରମ୍ଭ କରିବ ?
(A) ଓଡ଼ିଆ ଭାଷା (B) ଇଂରାଜୀ ଭାଷା
(C) ଘରର ଭାଷା (D) ସଂସ୍କୃତ ଭାଷା

58. ଯେଉଁମାନଙ୍କର ମାତୃଭାଷା ଓଡ଼ିଆ ନୁହେଁ । ଆମେ ତାଙ୍କୁ ଲୋକଙ୍କ ଘରଭାଷାରେ ପଢ଼ାଇବାକୁ ଉଦ୍ୟମ କଲେ କି ଉପକାର ମିଳିବ ?
(A) ସେମାନେ ଓଡ଼ିଆ ଭାଷା ଶିକ୍ଷା କରିବେ ସେମାନଙ୍କ ଭାଷା ସାହାଯ୍ୟରେ
(B) ସେମାନେ ନିଜ ଭାଷାରେ ଭାବ ବିନିମୟ କରିବେ
(C) ସେମାନେ ଓଡ଼ିଆ ଭାଷାକୁ ଭଲ ପାଇବେ
(D) ସେମାନେ ବିଦ୍ୟାଳୟକୁ ଆସିବେ ।

59. ପିଲାଟି ଘର ଭାଷାରେ ଶିକ୍ଷା ଆରମ୍ଭ କରିବା ପାଇଁ ଭାରତର ସଂବିଧାନର କେଉଁ ଧାରାରେ ଉଲ୍ଲେଖ ଅଛି ?
(A) 350 ଧାରା (B) 350(A) ଧାରା
(C) 21 ଧାରା (D) 21(A) ଧାରା

60. ଅନୁସୂଚିତ ଜନଜାତିର ପିଲାମାନଙ୍କୁ ଭାଷା ଶିକ୍ଷା ଦେଇ ସମାଜର ମୁଖ୍ୟ ସ୍ରୋତରେ ମିଶାଇବାପାଇଁ ଓଡ଼ିଶାରେ କି ବ୍ୟବସ୍ଥା ହୋଇଛି ?
(A) ପ୍ରାୟ ୧୦ଟି ଜନଜାତି ଭାଷାରେ ଓଡ଼ିଆ ପୁସ୍ତକ ଲେଖାଯାଇଛି ।
(B) ଓଡ଼ିଆଭାଷା ପ୍ରଥମରୁ ଶିଖିବାକୁ ବାଧ୍ୟ କରାଯାଇଛି
(C) ଓଡ଼ିଆ ଭାଷା ସେମାନଙ୍କ ପାଇଁ ସରଳ କରାଯାଇଛି ।
(D) ସେମାନଙ୍କ ନିଜ ନିଜ ଭାଷାକୁ ସମ୍ମାନ ଦିଆଯାଇଛି ।

61. NCF 2005 ରେ ବହୁଭାଷା ସମ୍ପର୍କରେ କ'ଣ କୁହାଯାଇଛି ?
(A) ବହୁଭାଷାଭାଷୀ ପିଲା ଏକାଠି ପଢ଼ିବା ଉଚିତ ।
(B) ବହୁଭାଷୀ ପିଲାମାନେ ଶ୍ରେଣୀ ମଧ୍ୟରେ ମାନକ ଭାଷା ହିଁ ପଢ଼ିବେ ।
(C) ବହୁଭାଷୀ ଶିକ୍ଷା ବ୍ୟବସ୍ଥା ଉନ୍ନତି ହେବା ଉଚିତ ।
(D) ଘରର ଭାଷାଟି ପ୍ରାଥମିକ ସ୍ତରରେ ଶିକ୍ଷାର ମାଧ୍ୟମ ହେବା ଉଚିତ ।

62. କେଉଁ ଭାଷାଟି ୨୨ତମ ଜାତୀୟ ଭାଷାର ମାନ୍ୟତା ପାଇଛି ?
(A) ହୋ ଭାଷା (B) ମୁଣ୍ଡା ଭାଷା
(C) ସାନ୍ତାଳୀ ଭାଷା (D) ଓଡ଼ିଆ ଭାଷା

63. ଠିକ୍ କାମ କଲେ ଠିକ୍ ଫଳ ମିଳିବ – ଏକଥା କେଉଁ ଶାସ୍ତ୍ର କହେ ?
(A) ରାମାୟଣ (B) ମହାଭାରତ
(C) ଭାଗବତ (D) ଭଗବତ୍ ଗୀତା

64. ପିଲାଟିର ଶିକ୍ଷଣ ସଫଳ ହୋଇଛି, ତାହା କିପରି ଜାଣିବା ?
(A) ମୂଲ୍ୟାୟନରୁ (B) ଲେଖାରୁ
(C) କହିବାରୁ (D) ପଢ଼ିବାରୁ

65. ମୂଲ୍ୟାୟନ କାହାର କାର୍ଯ୍ୟରୁ ପରଖି ନିଏ ?
(A) ଶିକ୍ଷାର୍ଥୀର (B) ଶିକ୍ଷକଙ୍କର
(C) ଅଭିଭାବକଙ୍କର (D) ଶିକ୍ଷାର୍ଥୀ ଓ ଶିକ୍ଷକଙ୍କର

66. ମୂଲ୍ୟାୟନ ଉଦ୍ଦେଶ୍ୟ କ'ଣ ?
(A) ପରୀକ୍ଷା କରି ସମୟ ନଷ୍ଟ କରିବା
(B) ପରୀକ୍ଷା କରି ପିଲାଙ୍କୁ ଡରାଇବା
(C) ପରୀକ୍ଷାର୍ଥୀଙ୍କଠାରୁ ଶୁଳ୍କ ଆଦାୟ କରିବା
(D) ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା, ଆଗ୍ରହ, ଅଭିଜ୍ଞତା ଓ ଦୁର୍ବଳତା ଜାଣିବା ।

67. କେଉଁଟି ମୂଲ୍ୟାୟନର ଦୁର୍ବଳତା ନୁହେଁ ?
(A) ପିଲାମାନେ ଚାପଗ୍ରସ୍ତ ହୋଇ ଭୟଭୀତ ହୁଅନ୍ତି ?
(B) ଶିକ୍ଷାର୍ଥୀର ସାମଗ୍ରିକ ବ୍ୟକ୍ତିତ୍ୱ ଜାଣି ହୁଏ ନାହିଁ ।
(C) ପରୀକ୍ଷା ଚାପ ଯୋଗୁଁ ପିଲାମାନେ ଜୀବନକୁ ଉପଭୋଗ କରାଯାଏ ନାହିଁ ।
(D) ଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କେତେଦୂର ସଫଳ ହେଲା ଜାଣିହୁଏ ।

68. ମୌଖିକ ମୂଲ୍ୟାୟନରୁ ଶିକ୍ଷାର୍ଥୀ ବିଷୟରେ କ'ଣ ଜାଣି ହୁଏ ?
(A) କହିବାର କଳା
(B) ସ୍ମରଣଶକ୍ତି
(C) ଅଭିବ୍ୟକ୍ତିର ପରିପ୍ରକାଶ
(D) ପିଲାଟି କିପରି ଖେଳୁ ପାରୁଛି ।

ISHWAR ROUT

Scanned with CamScanner

Scanned with CamScanner

69. ଲିଖିତ ଧାରାରେ ମୂଲ୍ୟାୟନ କଲେ କ'ଣ ଜାଣି ହୁଏ ?
(A) ନିର୍ଦ୍ଦିଷ୍ଟ ସମୟ ଭିତରେ ପିଲାଟି କେତେ ଓ କିପରି ଲେଖିପାରୁଛି ।
(B) ନିର୍ଦ୍ଦିଷ୍ଟ ସମୟ ଭିତରେ ପିଲାଟି କେତେ ଓ କ'ଣ କହିପାରୁଛି ।
(C) ପିଲାଟି ଠିକ୍ ଭାବରେ ପଢ଼ା ଶୁଣିଛି କି ନାହିଁ ?
(D) ପିଲାଟିର ବ୍ୟକ୍ତିତ୍ୱ ଜାଣିହୁଏ ।

70. ଲିଖିତ ପ୍ରଶ୍ନ କେଉଁ ଭିତ୍ତିକ ହୋଇଥାଏ ?
(A) ଜ୍ଞାନ ଭିତ୍ତିକ (B) ଅଭିଜ୍ଞତା ଭିତ୍ତିକ
(C) ପ୍ରଶ୍ନ ଭିତ୍ତିକ (D) ଭାଷା ଭିତ୍ତିକ

71. ଦିଲ୍ଲୀ ଭାରତର ଓ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ – ଏହା କେଉଁ ଭିତ୍ତିକ ପ୍ରଶ୍ନ ?
(A) ଜ୍ଞାନ ଭିତ୍ତିକ (B) ଅବବୋଧନ ଭିତ୍ତିକ
(C) ପ୍ରୟୋଗ ଭିତ୍ତିକ (D) ଦକ୍ଷତା ଭିତ୍ତିକ

72. ଭାରତ ସହିତ ଦିଲ୍ଲୀର ଯେଉଁ ସମ୍ପର୍କ ଅଛି, ଓଡ଼ିଶା ସହିତ ସେହି ସମ୍ପର୍କ ଥିବା ସହରଟିର ନାମ ଲେଖ । – ଏହି ପ୍ରଶ୍ନଟି କେଉଁ ଭିତ୍ତିକ ?
(A) ଜ୍ଞାନ ଭିତ୍ତିକ (B) ଅବବୋଧନ ଭିତ୍ତିକ
(C) ପ୍ରୟୋଗ ଭିତ୍ତିକ (D) ଦକ୍ଷତା ଭିତ୍ତିକ

73. ଶିକ୍ଷାର୍ଥୀ ସ୍ମରଣ ଶକ୍ତିକୁ ଆମେ କେଉଁ ପ୍ରକାର ପ୍ରଶ୍ନ ପଚାରି ଜାଣି ପାରିବା ?
(A) ଜ୍ଞାନ ଭିତ୍ତିକ
(B) ଅବବୋଧନ ଭିତ୍ତିକ
(C) ପ୍ରୟୋଗ ଭିତ୍ତିକ
(D) ଦକ୍ଷତା ଭିତ୍ତିକ

74. କେଉଁ ପ୍ରକାର ପ୍ରଶ୍ନ ଅଧିକ ପଚାରିଲେ ଆମେ କପି ବା Malpractice କୁ ରୋକି ପାରିବା ?
(A) ଜ୍ଞାନ ଭିତ୍ତିକ (B) ଅବବୋଧନ ଭିତ୍ତିକ
(C) ପ୍ରୟୋଗ ଭିତ୍ତିକ (D) ଦକ୍ଷତା ଭିତ୍ତିକ

75. କୌଣସି ପ୍ରସଙ୍ଗ ବା ଏକାଧିକ ପ୍ରସଙ୍ଗର ଶେଷରେ ଯେଉଁ ମୂଲ୍ୟାୟନ କରାଯାଏ, ତାକୁ କି ମୂଲ୍ୟାୟନ କହନ୍ତି ?
(A) ପ୍ରାସଙ୍ଗିକ ମୂଲ୍ୟାୟନ
(B) ଗଠନମୂଳକ ମୂଲ୍ୟାୟନ
(C) ସାମଗ୍ରିକ ମୂଲ୍ୟାୟନ
(D) ବାର୍ଷିକ ମୂଲ୍ୟାୟନ

76. ପ୍ରବୀଣତା ପରୀକ୍ଷଣ କହିଲେ କ'ଣ ବୁଝାଯାଏ ?
(A) ଶିକ୍ଷାର୍ଥୀ କେତେଦୂର ପ୍ରବୀଣ ହୋଇଛି ତାହା ଜାଣିବା ପାଇଁ ପରୀକ୍ଷଣ
(B) ପାଠ୍ୟପୁସ୍ତକ ଆଧାରରେ କରାଯାଉଥିବା ପରୀକ୍ଷଣ
(C) ଭାଷାର ସମସ୍ତ ଦକ୍ଷତା ଉପରେ କରାଯାଉଥିବା ପରୀକ୍ଷଣ
(D) କୌଣସି ପ୍ରାକ୍ ସୂଚନା ନ ଦେଇ ରଚନା/ଗଳ୍ପ/କବିତା/ ଚିତ୍ରରୁ ବର୍ଣ୍ଣନା ଇତ୍ୟାଦି ପରୀକ୍ଷଣ

77. କେଉଁଟି ଗଠନ ମୂଳକ ପରୀକ୍ଷାର ଅନ୍ତର୍ଭୁକ୍ତ ନୁହେଁ ?
(A) ପ୍ରବୀଣତା ପରୀକ୍ଷଣ
(B) ଉପଲବ୍ଧି ପରୀକ୍ଷଣ
(C) ଏକକ ପରୀକ୍ଷଣ
(D) ବର୍ଷ ଶେଷରେ ପରୀକ୍ଷଣ

78. ସାମଗ୍ରିକ ମୂଲ୍ୟାୟନ କାହାକୁ କହନ୍ତି ?
(A) ଶିକ୍ଷାବର୍ଷର ଶେଷରେ ହେଉଥିବା ମୂଲ୍ୟାୟନ
(B) ମାସ ଶେଷରେ ହେଉଥିବା ମୂଲ୍ୟାୟନ
(C) ତିନି ମାସ ଶେଷରେ ହେଉଥିବା ମୂଲ୍ୟାୟନ
(D) ଛଅ ମାସ ଶେଷରେ ହେଉଥିବା ମୂଲ୍ୟାୟନ

79. ପ୍ରଶ୍ନପତ୍ର ପ୍ରସ୍ତୁତିରେ ସାଧାରଣତଃ କେଉଁ ପ୍ରକାର ପ୍ରଶ୍ନ ରହେ ନାହିଁ ?
(A) ଦୀର୍ଘ ଉତ୍ତର ମୂଳକ
(B) କ୍ଷୁଦ୍ର ଉତ୍ତର ମୂଳକ
(C) ନିର୍ଦ୍ଦିଷ୍ଟ ଉତ୍ତର ମୂଳକ
(D) ଯାହାଜାଣ ଲେଖ ମୂଳକ

80. ଶୂନ୍ୟସ୍ଥାନ ପୂରଣ କରିବା କେଉଁ ପ୍ରକାର ପ୍ରଶ୍ନ ?
(A) ନିର୍ଦ୍ଦିଷ୍ଟ ଉତ୍ତର ମୂଳକ (B) ଅଭିବ୍ୟକ୍ତିମୂଳକ
(C) ବୋଧାତ୍ମକ ମୂଳକ (D) ଜ୍ଞାନାତ୍ମକ ମୂଳକ

81. ମେଳକ ପ୍ରଶ୍ନ (Matching test) ରେ ଗୋଟିଏ ସ୍ତମ୍ଭରେ ଯେତୋଟି ପ୍ରଶ୍ନ ଥାଏ, ଅନ୍ୟ ସ୍ତମ୍ଭରେ ଗୋଟିଏ ଅଧିକ ଥାଏ । ସବୁ ମିଳିଗଲା ପରେ ଯେଉଁଟି ବଳିଯାଏ ତାକୁ କ'ଣ କହନ୍ତି ?
(A) ପ୍ରଶ୍ନ (B) ଉତ୍ତର
(C) ଭ୍ରାମକ (D) ଅତିରିକ୍ତ

82. ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଗୋଟିଏ ପାଠ ପରେ ପରେ ଯେଉଁ ମୂଲ୍ୟାୟନ କରାଯାଏ ତାକୁ କ'ଣ କହନ୍ତି ?
(A) ପୋର୍ଟଫୋଲିଓ ମୂଲ୍ୟାୟନ
(B) ଏକକ ପରୀକ୍ଷଣ
(C) ସମନ୍ୱୟୀ ପରୀକ୍ଷଣ
(D) ଉପଲବ୍ଧି ପରୀକ୍ଷଣ

83. କେଉଁ ପ୍ରକାର ପ୍ରଶ୍ନର ମୂଲ୍ୟାୟନରେ ଏ ପ୍ରକାର ତ୍ରୁଟି ରହିଥାଏ ?
(i) ପରୀକ୍ଷକ ଖାତା ନ ପଢ଼ି ମନଇଚ୍ଛା ମୂଲ୍ୟାଙ୍କନ କରିବା
(ii) ପରୀକ୍ଷକ ଉପଯୁକ୍ତ ଦରକାର ମୁତାବକ ସମୟ ଦେଇ ମୂଲ୍ୟାଙ୍କନ ନ କରିବା
(iii) ଉତ୍ତରର ଆରମ୍ଭ ଓ ଶେଷ ଅନୁଚ୍ଛେଦ ପଢ଼ି ମୂଲ୍ୟାଙ୍କନ କରିବା
(iv) ଉତ୍ତରର କଳେବର ଦେଖି ଆନୁମାନିକ ମୂଲ୍ୟାଙ୍କନ କରିବା
(A) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ
(B) କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ
(C) ବସ୍ତୁନିଷ୍ଠ ଉତ୍ତର ମୂଳକ ପ୍ରଶ୍ନ
(D) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

84. ପ୍ରଥମ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ କେତେକ ଅକ୍ଷର ଲେଖାଥିବା ଚାର୍ଟ ଦେଇ ଅକ୍ଷରଗୁଡ଼ିକୁ ଯୋଡ଼ି ନୂତନ ଶବ୍ଦ ଗଠନ କରିବାକୁ କୁହାଯାଇପାରେ । ଏହି ପ୍ରକ୍ରିୟାକୁ କ'ଣ କହନ୍ତି ?
(A) ପୁନଃ ସଜ୍ଜୀକରଣ (B) ଚିହ୍ନଟୀକରଣ
(C) ମନୋନୟନ (D) ମେଳକ

85. ପ୍ରାଥମିକ ବିଦ୍ୟାଳୟରେ ଗଳ୍ପଟି କହି ଶିକ୍ଷାଦାନ ଆରମ୍ଭ କଲେ କେଉଁଟି ଯଥାର୍ଥ ହେବ ?
(A) ପିଲାର ଆଗ୍ରହ ବଢ଼ିବ
(B) ପିଲାଟି ବିଷୟଟି ବୁଝିଯିବ
(C) ପିଲାର ଆନନ୍ଦ ବଢ଼ିବ
(D) ପିଲାର ଜ୍ଞାନ ବଢ଼ିବ

86. ପୃଥିବୀ ରବି ତେଜ ଗ୍ରାସେ – ଏଥିରେ ରବି କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?
(A) ଚନ୍ଦ୍ର (B) ତାରା
(C) ସୂର୍ଯ୍ୟ (D) ମାଟି

87. ମଣ୍ଡୁକେ ମେଘନାଦ ଶୁଣି
ଗର୍ଜନ୍ତି ଆବୋଲିଣ ପାଣି । –
ଏଠାରେ ମଣ୍ଡୁକେ କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?
(A) ଧଣ୍ଡସାପ (B) ନେଉଳ
(C) ମାଛ (D) ବେଙ୍ଗ

88. ଜଗନ୍ନାଥ ଦାସଙ୍କର ପିତାଙ୍କର ନାମ କ'ଣ ?
(A) ଭଗବାନ ଦାସ
(B) ଦୈତାରୀ ଦାସ
(C) ରାମଚନ୍ଦ୍ର ଦାସ
(D) ହରିହର ଦାସ

89. ଝରିରେ ରଖିଛି ଦାସ ନୀର – ଝରିରେ – କେଉଁ ଅର୍ଥରେ ବ୍ୟବହୃତ ?
(A) ଝରଣାରେ (B) ସୁରେଇରେ
(C) ଜାରରେ (D) ମାଠିଆରେ

90. ବନମାଳୀ ଚରଣେ କିଙ୍କର ହେ ? – ଏଠାରେ ବନମାଳୀ କିଏ ?
(A) ବନର ମାଳୀ
(B) ଶ୍ରୀକୃଷ୍ଣ
(C) କବି ବନମାଳୀ
(D) ବନରେ ଥିବା ମାଳୀ

91. ନିଜ ସୁଖ ଶାନ୍ତି ଘର ପରିବାର ଭୁଲି
ଦ୍ୱାରେ ଦ୍ୱାରେ ବୁଲିଛନ୍ତି ଯେନି ଭିକ୍ଷା ଝୁଲି ।
– ଏ ପଦଟି କାହା ଉଦ୍ଦେଶ୍ୟରେ କୁହାଯାଇଅଛି ?
(A) ବିନୋବାଭାବେ (B) ରମାଦେବୀ
(C) ଗୋପବନ୍ଧୁ (D) ମଧୁବାବୁ

92. ତିନୋଟି ଏକ ଜାତୀୟ ଶବ୍ଦ ସହିତ ମିଶି ଗୋଟିଏ ଅନ୍ୟଜାତିର ଶବ୍ଦ ଅଛି । ତାକୁ ବାଛି ଅଲଗା କରିବା ।
(A) ବାୟୁ (B) ପବନ
(C) ଅନିଳ (D) ଆନନ୍ଦ

93. ନଈର ଏଇ କୂଳେ
ଶେଫାଳୀ ଫୁଲ ଆକୁଳ କରି
ଫୁଟିଛି ଯାଇ ଦୂରେ ।
– ଶେଫାଳି ଫୁଲ କେଉଁ ଫୁଲକୁ ବୁଝାଏ ?
(A) ଟଗର (B) ତରାଟ
(C) ଗଙ୍ଗଶିଉଳି (D) ପଦୁଫୁଲ

ISHWAR ROUT

Scanned with CamScanner

Scanned with CamScanner

94. ଜନନୀ ଜନ୍ମଭୂମି ନିମନ୍ତେ ପ୍ରାଣ ଉତ୍ସର୍ଗ କରିବା ପାଇଁ ସମସ୍ତ ଦେଶବାସୀଙ୍କୁ ଆହ୍ୱାନ କର । – ଏ କଥା କିଏ କହିଥିଲେ ?
(A) ସେରୁ୍ୟକର୍
(B) ପୁରୁ
(C) ଆଲେକଜାଣ୍ଡାର
(D) ଅମି

95. ନିମ୍ନରୁ କେଉଁଟି ଆମ ସଂସ୍କୃତିରୁ ସମୃଦ୍ଧ କରେ ?
(A) ଅନ୍ୟାୟ (B) ସୁବ
(C) କଳହ (D) ଶିକ୍ଷା

96. କଟକାଡ଼ରେ ଲୁଗା ପକାଇବା – ଏ ଦୁଇଟି କେଉଁ ଅର୍ଥକୁ ପ୍ରକାଶ କରେ ?
(A) ପର ନିନ୍ଦା କରିବା
(B) ଅକାରଣେ କଳି କରିବା
(C) ଅଙ୍କା କରିବା
(D) ନିଜ ଲୋଭ ଶତ୍ରୁ ହେବା

97. କୁକର୍ମ – କହିଲେ କ'ଣ ବୁଝାଯାଏ ?
(A) ଭଲ କାମ
(B) କାମ
(C) ଖରାପ କାମ
(D) ଧର୍ମ କାର୍ଯ୍ୟ

98. ଜାଖଣ୍ଡୀର୍ଣ୍ଣ – ଏହା ନିମ୍ନୋକ୍ତ କେଉଁ ଅର୍ଥକୁ ପ୍ରକାଶ କରେ ?
(A) ଖାଇପିଇ ଜୀର୍ଣ୍ଣ କରିବା
(B) ଖୁସ୍ ଖୁସ୍ ମରିବା
(C) କ୍ଷୀଣ ଓ ଦୁର୍ବଳ
(D) ସୁସ୍ତସବଳ

99. The Child's Easy Fast Grammar – ଏ ବହିର ଲେଖକ କିଏ ?
(A) ପଣ୍ଡିତ ନୀଳକଣ୍ଠ
(B) ଆଚାର୍ଯ୍ୟ ହରିହର
(C) ପଣ୍ଡିତ ଗୋଦାବରୀଶ
(D) ହର୍ଷ ବି

100. ଯେ ଯାହାର ହିତ କରେ ନ ନେଲେ ତା' ନାମ ଆମ ଦେଶେ କହୁ ତାକୁ ନିମକ ହାରାମ ।
– ଏଠାରେ ନିମକହାରାମ ଶବ୍ଦ କେଉଁ ଅର୍ଥକୁ ପ୍ରକାଶ କରେ ?
(A) ଲୁଣ (B) ବଦମାସ
(C) କୃତଘ୍ନ (D) କୃତଘ୍ନ

101. ବାର୍ଟ୍ରାଣ୍ଡ ରସେଲ – କେଉଁଠାରେ ଅଧ୍ୟାପନା କରୁଥିଲେ ?
(A) ରେଭେନ୍ସା ବିଶ୍ୱବିଦ୍ୟାଳୟ
(B) ଉତ୍କଳ ବିଶ୍ୱବିଦ୍ୟାଳୟ
(C) କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ
(D) ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ

ଉତ୍ତରମାଳା

1.(C)	2.(D)	3.(C)	4.(A)	5.(D)
6.(D)	7.(C)	8.(B)	9.(D)	10.(C)
11.(D)	12.(A)	13.(D)	14.(C)	15.(B)
16.(C)	17.(B)	18.(C)	19.(B)	20.(A)
21.(D)	22.(B)	23.(A)	24.(D)	25.(B)
26.(C)	27.(C)	28.(C)	29.(A)	30.(C)
31.(C)	32.(A)	33.(A)	34.(D)	35.(D)
36.(B)	37.(C)	38.(D)	39.(B)	40.(D)
41.(B)	42.(C)	43.(B)	44.(C)	45.(B)
46.(A)	47.(B)	48.(C)	49.(C)	50.(B)
51.(B)	52.(B)	53.(C)	54.(D)	55.(B)
56.(D)	57.(C)	58.(A)	59.(B)	60.(A)
61.(D)	62.(C)	63.(D)	64.(A)	65.(D)
66.(D)	67.(D)	68.(D)	69.(A)	70.(A)
71.(A)	72.(C)	73.(A)	74.(C)	75.(A)
76.(D)	77.(D)	78.(A)	79.(D)	80.(A)
81.(C)	82.(B)	83.(A)	84.(B)	85.(A)
86.(C)	87.(D)	88.(A)	89.(D)	90.(C)
91.(C)	92.(D)	93.(C)	94.(B)	95.(D)
96.(B)	97.(C)	98.(C)	99.(B)	100.(D)
101.(C)				

for Odisha State ଓଡ଼ିଆ ମାଧ୍ୟମ

TBW

Classes VI to VIII

PAPER - II

OTET

BOOK-1 MCQ Multiple Questions & Answers

ODISHA TEACHER ELIGIBILITY TEST

Language - I (Odia) Content

Unit - 4 : Elements of Odia Language
- Comprehension of two unseen passages (one from prose / drama and other from poem) with test items on comprehension, vocabulary and grammar.

Unit - 5 : Language Items
- Parts of speech (noun, pronoun, verb, adverb, adjectives, conjunction)
- Formation of words (pre-fix and suffix)
- Vocabulary (spelling and meaning of synonym and antonym)
- Phrases and idioms

Unit - 6 : Contribution of famous literates for development of Odia language
- Odia (Fakir Mohan Senapati, Gangadhar Meher, Radhanath Ray, Surendra Mohanty, Gopinath Mohanty)

FOR IMPORTANT POINTS TO REMEMBER Refer To Book-2 (Subjective)

ISEWARBOUT

Scanned with CamScanner

Scanned with CamScanner

UNIT 4

ଓଡ଼ିଆ ଭାଷାର ମୌଳିକତା

- ଦୁଇଟି ଅପଠିତ ଅନୁଚ୍ଛେଦର ଅବବୋଧନ (ପ୍ରଶ୍ନ, ଶବ୍ଦ ଓ ବ୍ୟାକରଣ)

ଏହି ବିଷୟର ବିଷୟ ସାରାଂଶ ପାଇଁ ବୁକ୍ - ୨ ଦ୍ରଷ୍ଟବ୍ୟ ।

ଅପଠିତ ଗଦ୍ୟାଂଶ

ସୂଚନା : ନିମ୍ନରେ ପ୍ରଦତ୍ତ ଗଦ୍ୟାଂଶକୁ ଆଧାର କରି କେତୋଟି ପ୍ରଶ୍ନ ପ୍ରଦାନ କରାଯାଇଛି । ପ୍ରତି ପ୍ରଶ୍ନ ନିମିତ୍ତ ଦିଆଯାଇଥିବା ଚାରିଗୋଟି ସମ୍ଭାବ୍ୟ ଉତ୍ତରରୁ ଠିକ୍ ଉତ୍ତରଟି ବାଛି ଲେଖ ।

ସେଟ୍ - ୧

ଅନୁଚ୍ଛେଦଟି ପଢ଼ି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ବାନାନା ରିପବ୍ଲିକ୍ କହିଲେ ସାଧାରଣତଃ ବୁଝାଏ ଯେ, ସେଇଁ ଦେଶର ଆର୍ଥିକ ଅବସ୍ଥା ଉନ୍ନତ ନୁହେଁ । ଆର୍ଥିକ ନୀତିରେ ସୌଣସି ତାରତମ୍ୟ ନଥାଏ ଏବଂ ଏହି କାରଣରୁ ରାଜନୈତିକ ଅସ୍ଥିରତା ଲାଗି ରହିଥାଏ, ସେପରି ଦେଶକୁ ବାନାନା ରିପବ୍ଲିକ୍ ରାବେ କୁହାଯାଇଥାଏ ।

ବାନାନା ରିପବ୍ଲିକ୍ ଶବ୍ଦ ପ୍ରଥମେ ଆମେରିକାର ଲେଖକ ହେନେରୀ ଡାଙ୍କ କହି କ୍ୟାବେଜସ୍ ଆଣ୍ଡ୍ କିଙ୍ଗ୍ସରେ ଉଲ୍ଲେଖ କରିଥିଲେ ୧୯୦୪ ମସିହାରେ । ସେତେବେଳେ ହେନେରୀ ହଣ୍ଡୁରାସ୍‌ରେ ଅବସ୍ଥାନ କରୁଥାନ୍ତି ।

ସେତେବେଳେ ହଣ୍ଡୁରାସ୍‌ରେ ସେଇଁ ରାଜନୈତିକ ଅବସ୍ଥା ଥିଲା ଏବଂ ସେଥିଯୋଗୁଁ ହଣ୍ଡୁରାସ୍ ଅର୍ଥନୀତି ପ୍ରଭାବିତ ହେଉଥିଲା । ସେଥିରୁ ହେନେରୀ ଶିକ୍ଷାଲାଭ କରି ବାନାନା ରିପବ୍ଲିକ୍ ଶବ୍ଦକୁ ବ୍ୟବହାର କରିଥିଲେ । ଯେଉଁ ଦେଶର ଆର୍ଥିକ ଆୟ ଗୋଟିଏ ମାତ୍ର ସ୍ରୋତରୁ ହୋଇଥାଏ, ସେହି କ୍ଷେତ୍ରରେ ସେହି ଦେଶକୁ ବାନାନା ରିପବ୍ଲିକ୍ ରାବରେ ଧରାଯାଏ । ୧୮୭୦ ମସିହାରେ କ୍ୟାପ୍ଟେନ୍ ଡି. ବାକର ସୁରୋପକୁ ବାମାଇକାରୁ ବାନାନା ବା କଦଳୀ ଆଣିଥିଲେ । ସୁରୋପର ବୋଷ୍ଟନ ବନ୍ଦରରେ ସେହି କଦଳୀକୁ ଏକହଜାର ଗୁଣରେ ବିକ୍ରି କରି ଲାଭ ପାଇଥିଲେ ।

୧୯୧୩ ମସିହାରେ ଗୋଟିଏ ଡଜନ କଦଳୀର ମୂଲ୍ୟ ଆମେରିକାରେ ଦୁଇଟି ସେଓର ମୂଲ୍ୟ ସହିତ ସମାନ ଥିଲା । ସେଓ ତୁଳନାରେ କଦଳୀ ଶସ୍ତା ଥିବାରୁ ଆମେରିକାରେ କଦଳୀ ବ୍ୟବସାୟ ବଲେ ପ୍ରଚୁର ଲାଭ ମିଳିବ । ଏଥିପାଇଁ ଆମେରିକାର ବ୍ୟବସାୟୀମାନେ କଦଳୀ ଉତ୍ପାଦନ କରି ସେଥିରୁ ପ୍ରଚୁର ଲାଭ କରିବେ ବୋଲି ଯୋଜନା କଲେ । ୧୮୭୩ରେ ଲି.ଭୈଲଥ ନାମକ ବ୍ୟବସାୟୀ ପ୍ରଥମେ କଦଳୀ ଉତ୍ପାଦନ ପାଇଁ ଚାଷ ଆରମ୍ଭ କରିଥିଲେ ।

ଏହାପରେ ଜୈଲଥ ଏକ କମ୍ପାନୀ ପ୍ରତିଷ୍ଠା କଲେ, ଯାହାର ନାମ ଟ୍ରପିକାଲ ଷ୍ଟେଡିଂ ଆଣ୍ଡ ଟ୍ରାନସ୍‌ପୋର୍ଟ କମ୍ପାନୀ । ଏହିପରି ଅନେକ କମ୍ପାନୀ ପ୍ରତିଷ୍ଠିତ ହେଲା । ଏହିସବୁ କମ୍ପାନୀ ଆମେରିକାରୁ କଦଳୀ ଅନ୍ୟଦେଶକୁ ରପ୍ତାନି କରି ଲାଭ ଉଠାଇଲେ । କେତେକ କମ୍ପାନୀ ହଣ୍ଡୁରାସ୍‌ରେ ଜମି କିଣି ସେଠାରେ କଦଳୀ ଚାଷ କଲେ । ଯାହା ଫଳରେ ତାକୁ ଆମେରିକାରୁ ଉତ୍ପାଦିତ ହେଉଥିବା କଦଳୀକୁ ହଣ୍ଡୁରାସ ରପ୍ତାନି କରିବାକୁ ପଡ଼ିଲା ନାହିଁ ଏବଂ ହଣ୍ଡୁରାସ କଦଳୀଚାଷରେ ସେହି କମ୍ପାନୀମାନେ ପ୍ରଚୁର ଲାଭ ଉଠାଇଲେ ।

ହଣ୍ଡୁରାସ କେତେ ବର୍ଷ ପରେ ସ୍ୱାଧୀନ ହେଲା । ହଣ୍ଡୁରାସ ପରି ସୁଏଟମାଲା ଆଉ ଗୋଟିଏ ଦେଶ, ଯାହାକୁ ବାନାନା ରିପବ୍ଲିକ୍ ରାବେ ଗ୍ରହଣ କରାଯାଇଛି । ଏ ଦେଶରେ ମଧ୍ୟ ଆମେରିକାର ବହୁରାଷ୍ଟ୍ରୀୟ କମ୍ପାନୀ ପକ୍ଷ ବ୍ୟବସାୟ କରିଥିଲେ ।

ଭାରତକୁ କେହି କେହି ବାନାନା ରିପବ୍ଲିକ୍‌ର ମାନ୍ୟତା ଦିଅନ୍ତି । ଭାରତ ଏକ କୃଷିପ୍ରଧାନ ଦେଶ । କୃଷି ଦେଶର ବହୁତା ପ୍ରତିଶତ ଲୋକଙ୍କର ଜୀବନ ଚାଳିକା । ଏହି କାରଣରୁ ଭାରତକୁ ବିଦ୍ରୂପ କରି ଏହା କୁହାଯାଉଥିଲେ ମଧ୍ୟ ଗତ ଦୁଇ ଦଶନ୍ଧି ଭିତରେ ଭାରତର ଅର୍ଥନୀତି ବଦଳିଯାଇଛି ।

ପ୍ରଶ୍ନାବଳୀ

1. ବାନାନା ରିପବ୍ଲିକ୍ କହିଲେ ତା'ଣ ବୁଝାଯାଏ ?
   (A) ବାନାନା ଅର୍ଥାତ୍ କଦଳୀ ଚାଷ ହେଉଥିବା ଗଣତନ୍ତ୍ର ଶାସନର ଦେଶ
   (B) ବାନାନା ଅର୍ଥାତ୍ କଦଳୀ ଆମଦାନୀ କରୁଥିବା ଗଣତନ୍ତ୍ର ଶାସନର ଦେଶ
   (C) ଆର୍ଥିକ ଅବସ୍ଥା ଉନ୍ନତ ନଥାଇ ରାଜନୀତିରେ ଅସ୍ଥିରତା ଲାଗିରହିଥିବା ଗଣତନ୍ତ୍ର ଶାସନର ଦେଶ
   (D) ଆର୍ଥିକ ଅବସ୍ଥା ସୁଦୃଢ଼ ଥିବା ଗଣତନ୍ତ୍ର ଶାସନର ଦେଶ

ISHWAR POOT

Scanned with CamScanner

Scanned with CamScanner

2. ବାନାନା ରିପବ୍ଲିକ୍ ଶବ୍ଦ ପ୍ରଥମେ କେଉଁ ଲେଖକ ବ୍ୟବହାର କରିଥିଲେ ?
(A) ସେକ୍‌ସପିଅର (B) ୱାଡ୍‌ସ ୱାର୍ଥ
(C) ହେନେରୀ (D) ଜାକ୍‌ସନ୍

3. ସାଧାରଣତଃ କେଉଁ ଦେଶ ପାଇଁ ବାନାନା ରିପବ୍ଲିକ୍ ଶବ୍ଦ ପ୍ରଯୁଜ୍ୟ ହୋଇଥାଏ ?
(A) ପାକିସ୍ତାନ ଭଳି ଦେଶ ଯେଉଁଠାରେ ଇସ୍‌ଲାମ ଧର୍ମାବଲମ୍ବୀ ବେଶି
(B) ଭାରତ ପରି ଦେଶ ଯେଉଁଠାରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ସଂଖ୍ୟା ବେଶି
(C) ଆଫଗାନିସ୍ଥାନ ପରି ଦେଶ ଯେଉଁଠାରେ ମୌଳବାଦୀଙ୍କ ସଂଖ୍ୟା ଅଧିକ
(D) ଯେଉଁ ଦେଶର ଆର୍ଥିକ ଆୟ ଗୋଟିଏ ମାତ୍ର ଦେଶରୁ ଆସିଥାଏ ।

4. ଭାରତକୁ କେତେକ ଲୋକ ବାନାନା ରିପବ୍ଲିକ୍ ବୋଲି କାହିଁକି କହନ୍ତି ?
(A) ଭାରତରେ ୭୦% ଲୋକ ଏକମାତ୍ର କୃଷିର ଆୟ ଉପରେ ନିର୍ଭର କରନ୍ତି
(B) ଭାରତରେ ଅନ୍ୟ କିଛି ଆୟର ପନ୍ଥା ନାହିଁ
(C) ଭାରତରେ ଶିଳ୍ପ ପ୍ରସାର ଅଧିକ ହୋଇନାହିଁ
(D) ଭାରତର ଲୋକେ କୃଷି ପରି ଜୀବିକାକୁ ଭଲ ପାଆନ୍ତି ।

5. ଭାରତକୁ ବାନାନା ରିପବ୍ଲିକ୍ କହିଲେ ଆମ ମନରେ କି ଧାରଣା ସୃଷ୍ଟି ହୁଏ ?
(A) ଆମ ମନରେ ଏକ ପ୍ରକାର ଗର୍ବ ଭାବ ଆସେ ।
(B) ଆମ ମନରେ ଦୁଃଖ ଆସେ ।
(C) ଏହି ବିଦ୍ରୁପାତ୍ମକ ଶବ୍ଦ ଯୋଗୁଁ ଆମକୁ ଲାଜ ମାଡ଼େ ।
(D) ଅଧିକାଂଶ ଭାରତୀୟ ଏଥିରେ ଆନନ୍ଦ ଅନୁଭବ କରନ୍ତି ।

6. ବ୍ୟବସାୟ ଶବ୍ଦ କେଉଁ ଧାତୁରୁ ଗଢ଼ା ହୋଇଛି ?
(A) ବି – ଧାତୁ (B) ଅବ – ଧାତୁ
(C) ସୋ – ଧାତୁ (D) ଅୟ – ଧାତୁ

ସେଟ୍ – ୨

ଅନୁଚ୍ଛେଦଟି ପଢ଼ି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଜଣେ ଶିକ୍ଷକର ଦାୟିତ୍ୱ କେବଳ ଶ୍ରେଣୀଗୃହ ମଧ୍ୟରେ ସମାପ୍ତ ହୋଇଯାଏ ନାହିଁ । ନିଜ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଧାରିତ ପୋଥିବିଦ୍ୟା ସମ୍ବନ୍ଧରେ ସଠିକ୍ ଜ୍ଞାନର ବିତରଣ ହେଉଛି ତା'ର ବୃତ୍ତିଗତ ବାଧ୍ୟକତା । ଏହା ସହିତ ଶ୍ରେଣୀ ବାହାରେ ମଧ୍ୟ ବିଭିନ୍ନ ଲୋକଙ୍କୁ ସମାଜର ବିଭିନ୍ନଦିଗ ସମ୍ବନ୍ଧରେ ଶିକ୍ଷା ଦେବା ତା'ର ସାମାଜିକ ଦାୟିତ୍ୱ । ସରକାରୀ ଆଇନ୍‌କାନୁନ୍ ସାଧାରଣ ବଣ୍ଟନ ବ୍ୟବସ୍ଥା, ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ବାର୍ତ୍ତା ପିଲାମାନଙ୍କ ମାଧ୍ୟମରେ ଶିକ୍ଷକଙ୍କ ଦ୍ୱାରା ସମାଜରେ ପ୍ରବେଶ କରେ ।

ସମାଜରେ ଶିକ୍ଷକଙ୍କୁ ଅଧିକ ଜ୍ଞାନୀରୂପେ ବିବେଚନା କରାଯାଏ । ସାଧାରଣ ଲୋକ ଯେଉଁ ସମସ୍ୟାର ସମାଧାନ କରିପାରେ ନାହିଁ, ତାକୁ ଜଣେ ଶିକ୍ଷକ ସହଜରେ ସମାଧାନ କରିପାରେ । ଜଣେ ସାଧାରଣ ଲୋକ ଯେଉଁ ବିଷୟକୁ ବୁଝାଇ ପାରେ ନାହିଁ, ତାକୁ ଜଣେ ଶିକ୍ଷକ ସହଜରେ ବୁଝାଇ ଦେଇପାରେ ବୋଲି ଲୋକମାନଙ୍କର ବିଶ୍ୱାସ । ତେଣୁ ଗ୍ରାମ ତଥା ସହରର ସାଧାରଣ ଆଲୋଚନାରେ ଜଣେ ଶିକ୍ଷକର ମତାମତକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ ।

ଗାଁ ଗହଳିର ଜଣେ ନିରକ୍ଷର ଲୋକ ଜଣେ ଶିକ୍ଷକର କଥାକୁ ଅକାଟ୍ୟ ସତ୍ୟ ବୋଲି ମନେ କରେ । ସାମାଜିକ ବ୍ୟବସ୍ଥା, ରାଜନୈତିକ ସ୍ଥିତି ଆର୍ଥିକ ପ୍ରଗତିଠାରୁ ଆରମ୍ଭ କରି ମନୁଷ୍ୟର ଦୈନନ୍ଦିନ ସମସ୍ତ ସମସ୍ୟା ଉପରେ ଜଣେ ଶିକ୍ଷକକୁ ମତାମତ ଦେବାକୁ ପଡ଼େ । ସମସ୍ତ ଶିକ୍ଷକ ସମାଜ ଯେତେବେଳେ ଜାଗିଉଠେ ସେତେବେଳେ ପରିବର୍ତ୍ତନର ସୁନାମୀ ଆସେ ଓ ସଭ୍ୟତା ପାଦେ ଆଗକୁ ଚଢ଼ିଯାଏ ।

ଶିକ୍ଷକ ଓ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଉଭୟେ ପରସ୍ପର ପରିପୂରକ । ସମାଜରୁ ପିଲାମାନେ ଶିକ୍ଷକଙ୍କ ପାଖକୁ ଆସନ୍ତି ଜ୍ଞାନ ଆହରଣ ତଥା ଭବିଷ୍ୟତ ସମାଜରେ ଚଳିବା ପାଇଁ ଜ୍ଞାନ ଓ ଅନୁଭୂତି ଶିକ୍ଷା କରିବା ପାଇଁ । ଶେଷରେ ସେହି ପିଲାମାନେ ଫେରିଯାନ୍ତି ସେହି ସମାଜକୁ ଯେଉଁଠାରୁ ସେମାନେ ଆସିଥାନ୍ତି । ସେମାନଙ୍କର ଜ୍ଞାନ, ଅନୁଭୂତି, କର୍ମକୁଶଳତା ଓ ଦକ୍ଷତା ସମାଜକୁ ଆଗେଇ ନେବାରେ ସାହାଯ୍ୟ କରେ । ସୁତରାଂ ସମାଜର ବିକାଶ ପାଇଁ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ପ୍ରଶ୍ନାବଳୀ

1. ଶିକ୍ଷକଙ୍କର ବୃତ୍ତିଗତ ବାଧ୍ୟକତା କ'ଣ ?
(A) ବିଦ୍ୟାଳୟକୁ ଠିକ୍ ସମୟରେ ଯିବା
(B) ପୋଥି ବିଦ୍ୟା ସମ୍ବନ୍ଧରେ ଜ୍ଞାନ ବିତରଣ କରିବା
(C) ସରକାରଙ୍କୁ ସର୍ବଦା ସମର୍ଥନ କରିବା
(D) ସମାଜ ପ୍ରତି ନଜର ରଖିବା

2. ଶିକ୍ଷକଙ୍କ ମତାମତକୁ ଗୁରୁତ୍ୱ ଦିଆଯାଏ କାହିଁକି ?
(A) ଶିକ୍ଷକ ସମାଜର ସମ୍ମାନାସ୍ପଦ ବ୍ୟକ୍ତି
(B) ଶିକ୍ଷକ ପିଲାମାନଙ୍କୁ ପାଠ ପଢ଼ାନ୍ତି
(C) ଶିକ୍ଷକ କୌଣସି ସମସ୍ୟାକୁ ସହଜରେ ସମାଧାନ କରନ୍ତି
(D) ଶିକ୍ଷକ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସହିତ ସମାନ

3. ଶିକ୍ଷକ ସମାଜ ଜାଗିଉଠିଲେ କ'ଣ ହୁଏ ?
(A) ସମସ୍ତେ ଜାଗି ଉଠନ୍ତି
(B) ଦେଶଟା ଜାଗି ଉଠେ
(C) ସମାଜରେ ପରିବର୍ତ୍ତନର ସୁନାମୀ ଉଠେ
(D) ଶିକ୍ଷକ ସମାଜ ପ୍ରଶଂସାର ପାତ୍ର ହୁଏ ।

4. ସମାଜର ବିକାଶ ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ କାହିଁକି ?
(A) ପିଲାମାନେ ଶିକ୍ଷକଙ୍କଠାରୁ ଜ୍ଞାନ, ଅନୁଭୂତି, କର୍ମକୁଶଳତା ଓ ଦକ୍ଷତା ଶିଖି ସମାଜକୁ ଯାନ୍ତି
(B) ପିଲାମାନେ ସମାଜରୁ ଆସି ଶିକ୍ଷା ଲାଭ କରି ପୁଣି ସମାଜକୁ ଫେରନ୍ତି ।
(C) ପିଲାମାନେ ଦେଶର ଭବିଷ୍ୟତ ଗଢ଼ିବାରେ ସହାୟକ ହୁଅନ୍ତି ।

5. ନିରକ୍ଷର କହିଲେ କ'ଣ ବୁଝାଯାଏ ?
(A) ଯେ ଅକ୍ଷର ଲେଖି ଜାଣି ନାହିଁ
(B) ଯେ ଅକ୍ଷର ପଢ଼ି ଜାଣି ନାହିଁ
(C) ଯେ ଅକ୍ଷର ଜ୍ଞାନ ଲାଭ କରି ନାହିଁ
(D) ଯେ ଅକ୍ଷର ଲେଖି, ପଢ଼ି ବା ବୁଝିପାରେ ନାହିଁ

6. ଶୁଦ୍ଧ କରି ଲେଖ ।
(A) ଅନୁଭୂତି (B) ଅନୁଭୂତି
(C) ଅନୁଭୂତି (D) ଅନୁଭୂତି

7. କୁଶଳତା ଶବ୍ଦଟି କିପରି ଗଠିତ ହୋଇଛି ?
(A) କୁ + ଶଳତା (B) କୁଶ + ଳତା
(C) କୁଶଳ + ତା (D) କୁ + ଶଳ + ତା

ସେଟ୍ – ୩

ଅନୁଚ୍ଛେଦଟି ପଢ଼ି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ଚେତା ବା ଚୈତନ୍ୟ କୌଣସି ବାହ୍ୟବସ୍ତୁ ନୁହେଁ । ଏହା ମଣିଷ ଭିତରେ ଥାଏ । ଜାଗତିକ ପ୍ରଭାବରେ ସମସ୍ତ କାର୍ଯ୍ୟ ନିର୍ବାହ ହେଉଥାଏ । ସେହି କାର୍ଯ୍ୟଦ୍ୱାରା ସେମିତି କିଛି ଅସୁବିଧା ନ ହେବା ପର୍ଯ୍ୟନ୍ତ ମଣିଷର ଚୈତନ୍ୟ ଉଦୟ ହୁଏ ନାହିଁ । ଯେଉଁମାନେ ଭାବିଚିନ୍ତି କାର୍ଯ୍ୟ କରନ୍ତି, ସେମାନଙ୍କର ଚୈତନ୍ୟ ଜାଗ୍ରତ ଅବସ୍ଥାରେ ଥାଏ । ଅନ୍ୟମାନଙ୍କର ଚୈତନ୍ୟ ପାଉଁଶ ଗଦା ତଳର ନିଆଁ ଝୁଲପରି ଲୁଚି ରହିଥାଏ । ବିଶେଷ ଘଟଣା ବା ଦୁର୍ଘଟଣା ଜନିତ ଝଞ୍ଝାରେ ଉପରର ପାଉଁଶ ଉଡ଼ିଗଲେ ସେହି ଚୈତନ୍ୟରୂପୀ ନିଆଁ ଝୁଲ ଆତ୍ମପ୍ରକାଶ କରେ । ଯେଉଁ ଘଟଣା ଘଟିଯାଇଥାଏ, ତାହା ପାଇଁ ବା ତା'ର ପ୍ରତିକାର ପାଇଁ କିଛି ବ୍ୟବସ୍ଥା ନଥାଏ, କିନ୍ତୁ ସେହି ଚେତନା ଟିକକ ଜାଗ୍ରତ ରହିଲେ ଭବିଷ୍ୟତରେ ହେବାକୁ ଥିବା କାର୍ଯ୍ୟ ସୁନ୍ଦର, ମଙ୍ଗଳକର ଓ ଶୃଙ୍ଖଳିତ ହୁଏ ।

ଭଗବାନଙ୍କୁ ସଚ୍ଚିଦାନନ୍ଦ କୁହାଯାଏ । ଅର୍ଥାତ୍ ସତ୍ + ଚିତ୍ + ଆନନ୍ଦ । ସତ୍ ଅର୍ଥାତ୍ ଭଗବାନ୍, ଚିତ୍ ଅର୍ଥ ମନୁଷ୍ୟର ଚେତନା । ଭଗବାନ୍ ମନୁଷ୍ୟର ଚେତନା ଦେଇ ଆନନ୍ଦମୟ କାର୍ଯ୍ୟ ସମ୍ପାଦନ କରନ୍ତି । ଚେତନା, ଚୈତନ୍ୟ, ଚେତା, ଚିତ୍ତ ପର୍ଯ୍ୟାୟବାଚୀ ସମସ୍ତ ଶବ୍ଦ ସେହି ଚିତ୍ ଧାତୁରୁ ଗଠିତ ହୋଇଛି । ବେଳେ ବେଳେ କୌଣସି ନା କୌଣସି ସମୟରେ ମନୁଷ୍ୟର ଚେତନା କିଛି ସମୟ ପାଇଁ ଉଭେଇ ଯାଏ । ସେହି ଅବସ୍ଥାକୁ ଆମେ ଚେତାଶୂନ୍ୟ କହୁ । ସେହି ଚେତାଶୂନ୍ୟ ଅବସ୍ଥାରେ ମଣିଷର ପଞ୍ଚମହାଭୂତର ଶରୀରଟି ପଡ଼ିଥାଏ । ପୁଣି ଚେତା ଫେରି ଆସେ ।

ହିଂସା, ଦ୍ୱେଷ, ମୋହ, ଲୋଭ, ମଦ, ମାତ୍ସର୍ଯ୍ୟ ଆଦିର ବଶବର୍ତ୍ତୀ ହେଲେ ମନୁଷ୍ୟର ଚୈତନ୍ୟ ତା' ଭିତରେ ଲୁଚିଯାଏ । ଫଳରେ ମନୁଷ୍ୟ ଏପରି କାର୍ଯ୍ୟ କରେ ଯାହା ସମାଜର ଆନନ୍ଦ ବଢ଼ାଇବା ପରିବର୍ତ୍ତେ ଦୁଃଖ ବଢ଼ାଏ । ଚୈତନ୍ୟ ପାଇଁ ସଂଯମ ଦରକାର । ସଂଯମୀ ଲୋକର ହୃଦୟରେ ଦୟା, କ୍ଷମା, ସତ୍ୟ, ଶାନ୍ତି ଆଦି ଜାଗ୍ରତ ହୁଏ ।

ପ୍ରଶ୍ନାବଳୀ

1. ଭାବିଚିନ୍ତି କାର୍ଯ୍ୟ କରିବା ଲୋକର ଚୈତନ୍ୟ କେଉଁ ଅବସ୍ଥାରେ ଥାଏ ?
(A) ସୁପ୍ତ (B) ଜାଗ୍ରତ
(C) ମୃତ (D) ଜୀବନ୍‌ମୃତ

2. ଚୈତନ୍ୟ କେଉଁଠାରେ ଥାଏ ?
(A) ମଣିଷ ଦେହରେ (B) ମଣିଷ ମୁଣ୍ଡରେ
(C) ମଣିଷ ଭିତରେ (D) ମଣିଷ ହୃଦୟରେ

3. ଚୈତନ୍ୟକୁ କାହା ସହିତ ତୁଳନା କରାଯାଇଛି ?
(A) ପାଉଁଶ ଗଦା ତଳର ନିଆଁ ଝୁଲ
(B) ଦପ୍‌ଦପ୍ ଜଳୁଥିବା ନିଆଁ
(C) ଲିଭି ଯାଇଥିବା ନିଆଁ
(D) ଲିଭି ଲିଭି ଆସୁଥିବା ନିଆଁ ଝୁଲ

4. କେଉଁ ପ୍ରଭାବରେ ସମସ୍ତ କାର୍ଯ୍ୟ ନିର୍ବାହ ହୋଇଥାଏ ?
(A) ଗୁରୁଙ୍କ ପ୍ରଭାବରେ
(B) ଦେବତାଙ୍କ ଆଶୀର୍ବାଦ ପ୍ରଭାବରେ
(C) ଜାଗତିକ ପ୍ରଭାବରେ
(D) ନିଜର ଶକ୍ତି ପ୍ରଭାବରେ

5. 'ସତ୍' କହିଲେ ଆମେ କ'ଣ ବୁଝିବା ?
(A) ସତ୍ୟ କଥା (B) ସତ୍ୟ ଘଟଣା
(C) ଭଗବାନ୍ (D) ଯାହା ରହିଛି

6. ଭଗବାନ୍ କେଉଁ କାର୍ଯ୍ୟ ସମ୍ପାଦନ କରିଥାନ୍ତି ?
(A) ସମସ୍ତ କାର୍ଯ୍ୟ (B) କେତେକ କାର୍ଯ୍ୟ
(C) ଆନନ୍ଦମୟ କାର୍ଯ୍ୟ (D) ଅମଙ୍ଗଳ କାର୍ଯ୍ୟ

7. ମନୁଷ୍ୟର ଚୈତନ୍ୟ କେତେବେଳେ ଉଦୟ ହୁଏ ?
(A) କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେଲେ
(B) କାର୍ଯ୍ୟ ଆଗେଇ ଚାଲିଲେ
(C) କାର୍ଯ୍ୟର ଧାରା ମନ୍ଥର ହେଲେ
(D) କାର୍ଯ୍ୟ କରିବାକୁ ପ୍ରବୃତ୍ତି ନ ଆସିଲେ ।

8. ଚୈତନ୍ୟ ପାଇଁ କ'ଣ ଦରକାର ?
(A) ଧୈର୍ଯ୍ୟ (B) ଅହଙ୍କାର ଶୂନ୍ୟତା
(C) ଶକ୍ତି (D) ସଂଯମ

Scanned with CamScanner

Scanned with CamScanner

9. ଙ୍ଗମା ଲୋକର ହୃଦୟରେ କେଉଁ ଭାବ ଜାତ ହୁଏ ନାହିଁ ?
(A) ଦୟା (B) କ୍ଷମା
(C) ହିଂସା (D) ଶାନ୍ତି

10. ନିଆଁ ଖୁବ ପାଇଁ ଆମେ ଆଉ କେଉଁ ଶବ୍ଦ ବ୍ୟବହାର କରିପାରିବା ?
(A) ଅଗ୍ନି (B) ଭୁଲିଙ୍ଗ
(C) ଉଡ଼ନିଆଁ (D) ଚିତା

ସେଟ୍ - ୪

ନିଜ ଭାଷାରେ ବିଜ୍ଞାନ ଶିକ୍ଷା କଥା ଶୁଣିଲେ ଆଡିକାଲିର ତଥାକଥିତ ଶିକ୍ଷିତ ଓ ଚିନ୍ତାଶୀଳ ଲୋକମାନଙ୍କର ନାକ ଓ ଆଖିପତା ଉପରକୁ ଉଠିଯାଏ । ଏମାନେ ଆପଣା ମନ ଓ ମୁଣ୍ଡ ସାମ୍ରାଜ୍ୟବାଦୀ ଓ ସାମନ୍ତବାଦୀ ବିଚାଧାରା ପାଖରେ ବନ୍ଧା ପକେଇ ବେଇଛନ୍ତି । ବ୍ରିଟିଶମାନେ ଆମକୁ ଶିଖାଇଥିବା କଥାକୁ ଅନୁସରଣ କରି ଆମ ଭାଷା ଯେ ଜ୍ଞାନର ଭାଷା ଓ ବିଜ୍ଞାନର ଭାଷା ହେବାର ଉପଯୁକ୍ତ, ଏ କଥା ମାନିବାକୁ ଏମାନେ ଅରାଜି ।

ଏହି ଆଧୁନିକମାନେ ବୁଝିଗଲେଣି ଯେ ବ୍ରିଟିଶ୍ ଅମଳରେ ବିଜ୍ଞାନ ଆମ ହାଇସ୍କୁଲ ଶେଷ ପର୍ଯ୍ୟନ୍ତ ପଢ଼ା ଯାଉଥିଲା । ଆଉ, ଏବ୍‌ସି.ରେ ବିଜ୍ଞାନ ଙ୍ଗରାଜୀରେ ପଢ଼ା ଯାଉଥିଲା । ସ୍ୱାଧୀନତା ପୂର୍ବର ଏହି ବ୍ୟବସ୍ଥା ଯେ ଗ୍ରହଣ କରାଯାଇଥିଲା ତା' ନୁହେଁ । ଭାରତର ଭବିଷ୍ୟତ ଶିକ୍ଷା ବ୍ୟବସ୍ଥା ବିଷୟରେ ରାବୁଦ୍ରବା ଶିକ୍ଷବିତ୍ ବୈଜ୍ଞାନିକମାନେ ବିଜ୍ଞାନପରି ବିଷୟକୁ ବିଦେଶୀ ଭାଷାରେ ପଢ଼େଇବାର କୁପରିଣାମ ବିଷୟରେ ଚିନ୍ତିତ ଥିଲେ । ପ୍ରଥମେ ବିଦେଶୀ ଭାଷା ଶିଖିବାକୁ ହେବ । ତା'ପରେ ତା' ମାଧ୍ୟମରେ ବିଜ୍ଞାନ ପରି କଠିନ ବିଷୟର ନୀତି ନିୟମ ଶିଖେଇଲେ ସେଗୁଡ଼ିକୁ ସେ ମାତୃଭାଷାରେ ଅନୁବାଦ କରି ବୁଝିବାକୁ ଚେଷ୍ଟା କରିବା ଛଡ଼ି କାରକ । ସ୍ୱାଧୀନତା ପୂର୍ବରୁ ଏହି ଚିନ୍ତା ସହିତ ବର୍ତ୍ତମାନ କାଳର ବିପରୀତ ଚିନ୍ତାକୁ ମିଳେଇ ଦେଖିଲେ ଅବଶ୍ୟ ଭାଳ ଲାଗେ ।

୧୯୬୦ ଦଶକରେ ବଙ୍ଗରେ 'ବାଙ୍ଗଳାୟ ବିଜ୍ଞାନ' ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଆନ୍ଦୋଳନର ଶୀର୍ଷ ବିନ୍ଦୁରେ ଥିଲେ ବିଶିଷ୍ଟ ବୈଜ୍ଞାନିକ ସତ୍ୟେନ୍ଦ୍ରନାଥ ବୋଷ । ଲୋକ ମୁହଁରେ ସତ୍ୟେନ ବୋଷ ନୋବେଲ ପୁରସ୍କାର ପାଇଥିବା ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍‌ଙ୍କର ବନ୍ଧୁରେ କେତେକ ସମାଳୋଚନା କରିଥିଲେ । ଯେଉଁ ଯେଉଁ ଏରିମେଣ୍ଟ ବା ମୌଳିକ ପଦାର୍ଥଗୁଡ଼ିକର ଆଇନଷ୍ଟାଇନ୍‌ଙ୍କ ଦ୍ୱାରା ପରିଚାଳିତ ତାହା ପ୍ରଥମ ଶାଣିକିକ ଉପସ୍ଥାପନ ସେ କରିଥିଲେ । ଏହି ଏରିମେଣ୍ଟଗୁଡ଼ିକର ନାମ 'ବୋସନ୍' ଦିଆଯିବା ପଛରେ କେବଳ ଭାରତୀୟ ନୁହେଁ, ପୃଥିବୀର ସବୁ ବୈଜ୍ଞାନିକଙ୍କର ଛାତି ଫୁଲେମୋଟ ହୋଇଯାଇଥିଲା । ହୋଇସି ଆବିଷ୍କାରକ ବିଜ୍ଞାନୀଙ୍କ ପାଇଁ ଏଠାଠାରୁ ବଡ଼ ସମ୍ମାନ ତା'ଣ ହୋଇପାରେ !

ପ୍ରଶ୍ନାବଳୀ

1. ଶିକ୍ଷିତ ଓ ଚିନ୍ତାଶୀଳ ଲୋକମାନେ ଆପଣା ମନ ଓ ମୁଣ୍ଡକୁ କଥା ପଜାଇଛନ୍ତି – ଏହା କି ଉଦ୍ଦେଶ୍ୟରେ କୁହାଯାଇଛି ?
(A) ସେମାନେ ବ୍ରିଟିଶଙ୍କ କଥାକୁ ବିଶେଷ ଅନୁସରଣ କରିଥାନ୍ତି ।
(B) ସେମାନେ ପ୍ରକୃତ ଶିକ୍ଷିତ ଲୋକ ନୁହଁନ୍ତି ।
(C) ସେମାନେ ପ୍ରକୃତ ଚିନ୍ତାଶୀଳ ନୁହନ୍ତି ।
(D) ସେମାନେ ସ୍ୱାଧୀନ ଚିନ୍ତା କରିବାକୁ ଇଚ୍ଛା କରନ୍ତି ନାହିଁ ।

2. ଆମ ଭାଷା ଜ୍ଞାନ ଓ ବିଜ୍ଞାନର ଭାଷା ବୋଲି କାହିଁକି କୁହାଯାଇଛି ?
(A) ଆମ ଭାଷାରେ ବହୁତ ଜ୍ଞାନ ଲିରିକ ପୁସ୍ତକ ଥିଲି ।
(B) ଆମ ଭାଷାରେ ବିକାଶ ସମ୍ବନ୍ଧରେ ଅନେକ ତଥ୍ୟ ଥାଇ ।
(C) ଆମ ଭାଷା ଜ୍ଞାନର ପରିପ୍ରକାଶ ଓ ବିଜ୍ଞାନର ମର୍ମ ଦର୍ଶନ କରାଇବାରେ ସମର୍ଥ ।
(D) ଆମ ଭାଷା ଜାଣିଥିବା ବହୁତ ଜ୍ଞାନୀ ଲୋକ ଅଛନ୍ତି ।

3. ବିଦେଶୀ ଭାଷାରେ ବିଜ୍ଞାନ ପଢ଼ାଉବାର କୁପରିଣାମ କ'ଣ ହୋଇପାରେ ?
(A) ବିଦେଶୀ ଭାଷା ଶିଖିବାରେ ବହୁ ସମୟ ଲାଗିଥାଏ ।
(B) ବିଦେଶୀ ଭାଷାରେ ବିଜ୍ଞାନ ପଢ଼ିଲେ ଉନ୍ନତି ହୁଏ ନାହିଁ ।
(C) ବିଦେଶୀ ଭାଷାରେ ପଢ଼ିବା ଯୋଗୁଁ ମାତୃଭାଷର ଉନ୍ନତି ହୁଏ ନାହିଁ ।
(D) ବିଦେଶୀ ଭାଷାରେ ପଢ଼ିଲେ ବିଜ୍ଞାନର ସବୁକଥା ବୁଝି ହୁଏ ନାହିଁ ।

4. ସତ୍ୟେନ୍ଦ୍ରନାଥ ବୋଷ କାହିଁକି ପ୍ରସିଦ୍ଧ ?
(A) ସେ ଜଣେ ବିଜ୍ଞାନୀ ଥିଲେ
(B) ସେ ଜଣେ ଦେଶରତ୍ନ ଥିଲେ
(C) ସେ ବାଙ୍ଗଳାୟ ବିଜ୍ଞାନ ବୋଲି ଏକ ଅନୁଷ୍ଠାନ ଗଢ଼ିଥିଲେ ।
(D) ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ।

5. 'ବୋସନ' କ'ଣ ?
(A) ବୋସନ ଗୋଟିଏ ପଦାର୍ଥର ନାମ
(B) ବୋସନ୍ ଗୋଟିଏ ନାମାନ୍ତର ମାତ୍ର
(C) ସତ୍ୟେନ୍ଦ୍ରନାଥ ବୋଷଙ୍କ ଉଦ୍ଭାବିତ ମୌଳିକ ପଦାର୍ଥର ନାମ
(D) ବୋସ ସମ୍ପର୍କୀୟ

6. ବୈଜ୍ଞାନିକ ଶବ୍ଦଟି କି ପ୍ରକାର ଶବ୍ଦ ?
(A) କୃତନ୍ତ (B) ତଦ୍ଧିତ
(C) ଶିଜନ୍ତ (D) ସନନ୍ତ

ସେଟ୍ - ୫

ଆମେ ଆବହମାନ କାଳରୁ ରାଜତନ୍ତ୍ରକୁ ଉତ୍ତରାଧିକାର ସୂତ୍ରରେ ହାସଲ କରେ । ରାଜା, ଅମଲା ବା ଶକ୍ତିଶାଳୀ ବା କ୍ଷମତାଶାଳୀଙ୍କୁ ଦେଖିଲେ ଆମ ଛାତିରେ ଛନକା ପଶେ । ଅଜାଣତରେ ଆମ ମୁଣ୍ଡ ନଇଁଯାଏ ଭୟରେ ଓ ଭକ୍ତିମିଶା ସଂଭ୍ରମତାରେ । ଆମେଦକର ଥରେ କହିଥିଲେ, ''ଭାରତରେ ଗଣତନ୍ତ୍ର ଏକ ସ୍ପର୍ଶ ଆରୁଷଣ ଉନି, କିନ୍ତୁ ଅସଲରେ ଦେଶଟା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ସାମନ୍ତବାଦୀ ।'' ସ୍ୱାଧୀନତାର ୬୩ ବର୍ଷ ବିତିଗଲା କେବଳ ପ୍ରକୃତ ଗଣତନ୍ତ୍ରର ଚରାବ୍‌ରେ । କେବଳ ଭୋଟ ଖଣ୍ଡେ ଦେବାର ଅଧିକାର ବ୍ୟତୀତ ଆଉ କିଛି ଗଣତନ୍ତ୍ର ଏଠାରେ ଉପଲବ୍ଧ ହେଉନି, ତାହା ସମସ୍ତଙ୍କୁ ଜଣା ।

ଭାତ ବିନା ଗଣତନ୍ତ୍ରର ଅବା ସ୍ୱାଧୀନତାର କୌଣସି ଅର୍ଥ ନାହିଁ । କିନ୍ତୁ ସ୍ୱାଧୀନତା ପାଇଁ ରାକୁକୁ ବଳି ଦେଇ ହେବ ନାହିଁ ବୋଲି ଜଣେ ବିଚାରପତି ଅଳ୍ପ ଜିଭିମାସ ତଳେ କହିଥିଲେ । ସେ ପୁଣି କହିଥିଲେ, ଦେଶରେ ଏବେ ଅଘୋଷିତ ଜରୁରୀକାଳୀନ ସ୍ଥିତିଉନି ସ୍ଥିତି ଅଛି । ଏହା ୧୯୭୫ ମହିହାର ଜରୁରୀକାଳୀନ ସ୍ଥିତିଠାରୁ ଅତି ଗମ୍ଭୀର । କାର୍ ସ୍ୱାଧୀନତା ଉପରେ ଲଗାମ୍ ରହିଛି । ସମ୍ବିଧାନର ଧାରା ୧୯ ଓ ୨୧ର ଖୋଲା ଉଲ୍ଲଙ୍ଘନ ହେଉଛି ।

ଏଭଳି ସ୍ଥିତି କାହିଁକି ସୃଷ୍ଟି ହେଲା ? ଯଦି ଅମଲାତନ୍ତ୍ର ନିରପେକ୍ଷ ଥାନ୍ତା, ସମ୍ବିଧାନକୁ ଜରିଥାନ୍ତା, ବୋଧହୁଏ ଆଜି ଏ ସ୍ଥିତି ଆସି ନଥାନ୍ତା । କିନ୍ତୁ ଭାରତୀୟ ଅମଲା ସେବକ ହେବା ପରିବର୍ତ୍ତେ ନିଜେ ଶାସକ ବନିଗଲେ । ଶାସନ କରିବେ ଅଥଚ ଉତ୍ତରଦାୟିତ୍ୱ ରହିବ ନାହିଁ । ଭାରତୀୟ ଜନତାକୁ ଶାସିତ ପ୍ରଜା ଓ ନିଜକୁ ଶାସକ ବୋଲି ଗ୍ରହଣ କରିନେବା ହେଲା ଏମାନଙ୍କ ଚରିତ୍ର । ଏମାନେ ନିରାପଦ ସର୍ବଦା । ଏବେ ଅବଶ୍ୟ ବାହୁମାନଙ୍କ ଉପରେ ଅଙ୍କୁଶ ଲାଗିବା ଆରମ୍ଭ ହେଲାଣି । ସୂଚନା ଅଧିକାର ଆଇନ୍‌ରେ ବୋଟିଂ ବ୍ୟବସ୍ଥାକୁ ଆଇନ୍ ପରିସରଭୁକ୍ତ କରିବା, ସମ୍ପତ୍ତି ବିବରଣୀ ଦାଖଲ କରିବା ଓ ପାରଦର୍ଶିତା ପାଇଁ ଉତ୍ତରଦାୟୀ ହେବା । ଏଉଳି ତିନ୍ଧି ବ୍ୟବସ୍ଥା ସେମାନଙ୍କ କ୍ଷମତାକୁ ସଙ୍କୁଚିତ କରୁଛି । ତଥାପି ଏହା ପର୍ଯ୍ୟାପ୍ତ ନୁହେଁ ।

ଆମ ଦେଶର ବିଧାନକାୟ ଆକାର ଆମକୁ ଗୋଟିଏ ଉତ୍ତରଦାୟିତ୍ୱ ସମ୍ପନ୍ନ ସରକାର ପାଇବାରେ ବାଧକ ହୋଇଛି । ଏଠାରେ କେହି ଉତ୍ତରଦାୟୀ ନୁହନ୍ତି । ସରକାରଟା କିଏ, ଜାଣିବା ଅସମ୍ଭବ । ସରକାରଟା ଅନୁଷ୍ଠାନଟାଏ, ସେ ପୁଣି ପାରେନା, କହିପାରେନା, ଏହା ଏକ ସମ୍ବେଦନଶୂନ୍ୟ ଅନୁଷ୍ଠାନ । ଏଣୁ ଏହି ଅବସ୍ଥାରେ ଆମଲା ସର୍ବଶକ୍ତିମାନ ହେବା ସ୍ୱାଭାବିକ । କାରଣ ପାଇଲ ଚାଷ ତ ଆମଲା କରିବେ । ଆଇନକୁ ମୋଡ଼ିମାଡ଼ି ବା ବିଧାନରି ଥୋଇବା କାର୍ଯ୍ୟଟି ତାଙ୍କର । ରାଜନୈତିକ ପ୍ରଭୁମାନଙ୍କୁ ସନ୍ତୁଷ୍ଟ କରିବା ହିଁ ଧ୍ୟେୟ । ଏଠି ଜନତା ଗୌଣ- ନେତା ଆଗ, ତା' ପରକୁ ଜନତା ।

ପ୍ରଶ୍ନାବଳୀ

1. ରାଜତନ୍ତରେ ଗଣତନ୍ତ୍ର ଏକ ସ୍ପର୍ଶ ଆରୁଷଣ ଉନି । ଏହାର ତାତ୍ପର୍ଯ୍ୟ କ'ଣ ?
(A) ଭାରତରେ ଗଣତନ୍ତ୍ର ପାଇଁ ସୂନାର ଅଳଙ୍କାର ଲୋଡ଼ା ।
(B) ସୂନାର ଅଳଙ୍କାର ଭାରତର ଗଣତନ୍ତ୍ରକୁ ରଞ୍ଜନରେ ।
(C) ଭାରତର ଗଣତନ୍ତ୍ର ପ୍ରକୃତ ଗଣତନ୍ତ୍ର ନୁହେଁ ।
(D) ଭାରତର ଗଣତନ୍ତ୍ର କେବଳ ବାହାରକୁ ଚକ୍ ଚକ୍ କିନ୍ତୁ ଏହା ପ୍ରକୃତ ଗଣତନ୍ତ୍ର ନୁହେଁ ।

2. ଆମେ ଗଣତନ୍ତ୍ରର କି ସୁବିଧା ପାଇଛୁ ?
(A) ଆମେ ସମସ୍ତେ ସମାନ ହୋଇଯାଇଛୁ ।
(B) ଆମେ ସମସ୍ତେ ସମାନ ସୁବିଧା ପାଇଛୁ ।
(C) ଆମେ ସମସ୍ତେ ସମାନ ଅଧିକାର ଉପଭୋଗ କରୁଛୁ ।
(D) ଆମେ କେବଳ ଭୋଟ ଖଣ୍ଡିଏ ଦେବାର ଅଧିକାର ପାଇଛୁ ।

3. ଦେଶରେ ଏବେ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ରହିଛି, କାରଣ –
(A) ଦେଶରେ ବହିଃଶତ୍ରୁ ଆକ୍ରମଣ ଆଶଙ୍କା ରହିଛି ।
(B) ଦେଶରେ ଅନ୍ତଃଶତ୍ରୁ ଭାତି ରହିଛନ୍ତି ।
(C) ଦେଶର ଆର୍ଥିକ ଅଭାବ ରହିଛି ।
(D) ଦେଶର ସରକାର ତମମାନ ଅବସ୍ଥାରେ ଅଛନ୍ତି ।

4. ସମ୍ବିଧାନର ୨୧ ଧାରାଟି କ'ଣ ?
(A) କହିବାର ଅଧିକାର
(B) ବନ୍ଧୁବାର ଅଧିକାର
(C) ସମ୍ପତ୍ତି ଅର୍ଜନ ଅଧିକାର
(D) ଭୋଟ ଦେବାର ଅଧିକାର

5. ଭାରତୀୟ ଅମଲାତନ୍ତ୍ର ଜନତାର ସେବକ ହେବା ଉଚିତ୍ ।
(A) ଅମଲାମାନେ ଜନତାଙ୍କର ସେବା କରିବା ଉଚିତ୍ ।
(B) ଅମଲାମାନେ ଜନତାଙ୍କର ଅଭାବ ପୂରଣ କରିବା ଉଚିତ୍ ।
(C) ଅମଲାମାନେ ସ୍ୱଚ୍ଛ ରହିବା ଉଚିତ୍ ।
(D) ଅମଲାମାନେ ସ୍ୱଚ୍ଛ ରହି ଲୋକଙ୍କର ଅଭାବ ଦୂରି ସେବା କରିବା ଉଚିତ୍ ।

6. ସୂଚନା ଅଧିକାର ଆଇନ୍ ଅମଲାମାନଙ୍କୁ ଅଙ୍କୁଶ ଲଗାଇଛି ।
(A) ମାହୁନ୍ତର ଅଙ୍କୁଶ ହାତୀକୁ ନିୟନ୍ତ୍ରଣ କରେ ।
(B) ଅମଲାମାନେ ସମାଜର ମାହୁନ୍ତ ସଦୃଶ ।
(C) ସୂଚନା ଅଧିକାର ଆଇନ ଅମଲାଙ୍କୁ ସମସ୍ତ ବିବରଣୀ ଦେବାକୁ ବ୍ୟବସ୍ଥା କରିଛି ।
(D) ସୂଚନା ଅଧିକାର ଆଇନ୍ କେବଳ ଅମଲାମାନଙ୍କ ପାଇଁ କରାଯାଇଛି ।

Scanned with CamScanner

Scanned with CamScanner

ସେଟ୍ - ୬

ଓଡ଼ିଶା ଗୋଟିଏ କୃଷିପ୍ରଧାନ ରାଜ୍ୟ । ଏହାର ୭୦ ପ୍ରତିଶତ ଲୋକ ଚାଷବାସ ଉପରେ ନିର୍ଭରଶୀଳ । ୭୦ ପ୍ରତିଶତଙ୍କ ଜୀବିକା ପାଲଟିଥିବା କୃଷି ହେଉଛି ମୋଟ ଆୟର ୧୪ ପ୍ରତିଶତ ମାତ୍ର । କୃଷିର ଉନ୍ନତି ଲାଗି ଯେତିକି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବା କଥା ତାହା ହୋଇପାରୁନି । ବିହନ ଯୋଗାଣଠାରୁ ଅମଳ ପର୍ଯ୍ୟନ୍ତ ସବୁଠି ଚାଷୀଙ୍କୁ ସେମାନଙ୍କ ଭାଗ୍ୟ ଓ ଭଗବାନ୍‌ଙ୍କ ଉପରେ ଛାଡ଼ି ଦିଆଯାଉଛି । କେତେବେଳେ ବନ୍ୟା ତ କେତେବେଳେ ମରୁଡ଼ିର କରାଳ ପଦଧ୍ୱନି ଚାଷୀଙ୍କ ହଂସା ଉଡ଼ାଉଛି । ଯଦି କେବେ ଇନ୍ଦ୍ର ଦେବତା ପ୍ରସନ୍ନ ରହୁଛନ୍ତି ଓ ଭଲ ଫସଲ ମିଳୁଛି ସେତେବେଳେ ଆମ ସରକାରୀ ଦେବଦେବୀଙ୍କ ଉଦାସୀନତା ଚାଷୀଙ୍କ ଲାଗି ବଜ୍ରାଘାତ ପାଲଟୁଛି । ଅମଳ ଫସଲକୁ ବିକିବାରେ ଉପୁଜୁଛି ସମସ୍ୟା । ସରକାରୀ ମଣ୍ଡି ହଜାରେ ପ୍ରତିଶ୍ରୁତି ସତ୍ତ୍ୱେ ବି ଖୋଲୁନି; ଅଥଚ ଧାନକଳର ମାଲିକ ଓ ବ୍ୟବସାୟୀଙ୍କୁ ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣିବା ଲାଗି ପ୍ରକାରାନ୍ତରେ କେତେକ ମୁଷ୍ଟିମେୟ ସରକାରୀ ଅଧିକାରୀ ପରୋକ୍ଷ ସୁଯୋଗ ସୃଷ୍ଟି କରୁଛନ୍ତି । ଅଭାବୀ ଧାନବିକ୍ରି ବଢ଼ିବାରେ ଲାଗିଛି । କରଜ ଶୁଝିବା ଲାଗି ଚାଷୀଟି ଉପଯୁକ୍ତ ମୂଲ୍ୟରେ ଫସଲ ବିକିବା ଲାଗି ଅପେକ୍ଷା କରିପାରୁନି । ହାଡ଼ଭଙ୍ଗା ମେହନତର ମୂଲ୍ୟକୁ ବଜାର ଦରଠାରୁ କମ୍ ମୂଲ୍ୟରେ ବିକିବାକୁ ବାଧ୍ୟ ହେଉଛି ସାହୁକାରର କରଜ ଶୁଝିବା ପାଇଁ । ପ୍ରାକୃତିକ ବିପର୍ଯ୍ୟୟଠୁ ମାନବକୃତ ସରକାରୀ ହତାଦର ବଳିପଡୁଛି । ଏହା ସତ୍ତ୍ୱେ ମାଟିର ମୋହକୁ ଛାଡ଼ିପାରୁନି ଚାଷୀ । କେବେ ଉଜୁଡ଼ା କ୍ଷେତ ଲାଗି ନିଜକୁ ଦୋଷାରୋପ କରୁଛି ତ ଆଉ କେବେ ଅଭାବୀ ବିକ୍ରିପାଇଁ ବାଧ୍ୟ ହୋଇ ମୁଣ୍ଡ କୋଡୁଛି ଚାଷୀ । ଏ ସନ ଧାନ ଫସଲ ଭଲ ହୋଇଛି । ମାତ୍ର ଡିସେମ୍ବର ଦ୍ୱିତୀୟ ସପ୍ତାହ ଶେଷ ହେବାକୁ ଯାଉଥିଲେ ବି ରାଜ୍ୟରେ ସରକାରୀ ଧାନମଣ୍ଡି ଖୋଲିବା ସମ୍ଭବ ହୋଇନି । କାଁ ଭାଁ ମଣ୍ଡି ଖୋଲି ବିରାଗ ହାତବାନ୍ଧି ବସିଯାଇଛି ମିଲର୍ ଓ ମୁନାଫାଖୋର ବ୍ୟବସାୟୀଙ୍କ ପରୋକ୍ଷ ଫାଇଦା ପାଇଁ ।

ପ୍ରଶ୍ନାବଳୀ

1. ଓଡ଼ିଶାକୁ ଗୋଟିଏ କୃଷି ପ୍ରଧାନ ରାଜ୍ୟ ବୋଲି କାହିଁକି କୁହାଯାଇଛି ?
   (A) ଓଡ଼ିଶା ରାଜ୍ୟର ମାଟି ପାଣି ପବନ କୃଷିପାଇଁ ଉପଯୋଗୀ ।
   (B) ଓଡ଼ିଶାର ପ୍ରାୟ ୭୦ ଭାଗ ଲୋକ କୃଷିକାର୍ଯ୍ୟ କରନ୍ତି ।
   (C) ଓଡ଼ିଶାରେ ଭଲ ଚାଷ କାମ ହୁଏ ।
   (D) ଓଡ଼ିଶାର ଲୋକମାନେ କୃଷି ପ୍ରତି ଆଗ୍ରହୀ ।

2. ଓଡ଼ିଶାର କୃଷକ ଭାଗ୍ୟ ଓ ଭଗବାନଙ୍କ ଉପରେ ନିର୍ଭର କରନ୍ତି ।
   (A) ଓଡ଼ିଶାର ଲୋକମାନେ ଭାଗ୍ୟବାଦରେ ବିଶ୍ୱାସୀ ।
   (B) ଓଡ଼ିଶାର ଲୋକମାନେ ଭଗବାନ୍‌ଙ୍କ ଉପରେ ବିଶ୍ୱାସୀ ।
   (C) ବନ୍ୟା ଓ ମରୁଡ଼ିର ପ୍ରତିକାର ପାଇଁ ଓଡ଼ିଶାରେ ବ୍ୟବସ୍ଥା ନାହିଁ ।
   (D) ଓଡ଼ିଶାର ଲୋକମାନେ ଆଧ୍ୟାତ୍ମିକ ।

3. ଓଡ଼ିଶାରେ ଅଭାବୀ ବିକ୍ରି ଅଧିକ ଚାଲିଛି ।
   (A) ଓଡ଼ିଶାର କୃଷକମାନଙ୍କର ଅଭାବ ବେଶି ।
   (B) ଓଡ଼ିଶାର କୃଷକମାନେ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ ।
   (C) ଓଡ଼ିଶାର ଧାନ ବିକିବା ପାଇଁ ଉପଯୁକ୍ତ ମଣ୍ଡିର ବ୍ୟବସ୍ଥା ନାହିଁ ।
   (D) ଓଡ଼ିଶାର ଲୋକମାନେ ନଗଦ ପଇସା ପାଇଁ ଅଭାବୀ ବିକ୍ରି କରିଥାନ୍ତି ।

4. ଚଳିତ ବର୍ଷ ଓଡ଼ିଶାର ଧାନ ଚାଷର ଅବସ୍ଥା କ'ଣ ?
   (A) ଚଳିତ ବର୍ଷ ଓଡ଼ିଶାରେ ଭଲ ଧାନଚାଷ ହୋଇଛି ।
   (B) ଚଳିତ ବର୍ଷ ଓଡ଼ିଶାରେ ଭଲ ଭାବରେ ଧାନଚାଷ ହୋଇନାହିଁ ।
   (C) ଓଡ଼ିଶାରେ ବନ୍ୟା ହୋଇ ଧାନଚାଷ ନଷ୍ଟ ହୋଇଛି ।
   (D) ଓଡ଼ିଶାରେ ବର୍ଷା ଅଭାବ ଯୋଗୁଁ ଫସଲ ନଷ୍ଟ ହୋଇଛି ।

5. କାଁ ଭାଁ କେଉଁ ଅର୍ଥରେ ବ୍ୟବହାର କରାଯାଇଛି ?
   (A) କାଉ ସଂଖ୍ୟା ବେଶି (B) ଭାଉ ଭାରି ଟାଣ
   (C) କେଉଁଠି କେମିତି (D) ଯାହା ତାହା

ସେଟ୍ - ୭

କି ବିପଦ୍‌ଜନକ କାମ ସତେ ଏଇ ପଢ଼ିବା ଓ ପଢ଼ାଇବା । ଏସବୁ ଖାଲି ଲେସାଲେସି ଆଉ ଲିପାପୋଛା । ବାହାରୁ ବିଦେଶୀ ମାଲ ମସଲା । ଆଗରୁ ପିଲାଟି ଭିତରେ ଯଦି ଏତେ କିଛି ରହିଛି, ତେବେ ଖାଲିଟାରେ ଏ ଲେସାଲେସି କାହିଁକି ? ଏତେଗୁଡ଼ିଏ ଭିତରେ ଥିଲାବେଳେ ବାହାରେ ତାହା ପକାଇବା କାହିଁକି ? ମୁଁ ଯଦି ସେସବୁକୁ ଭିତରୁ ପଦାକୁ ଆଣି ପାରନ୍ତି, ଆଉ କଞ୍ଚାମାଲ ଓ ମୂଳପାଣ୍ଠି ରୂପେ ବ୍ୟବହାର କରିପାରନ୍ତି ! ନଚେତ୍ ଆଦୌ ସେସବୁକୁ ବାହାରକୁ କାଢ଼ନ୍ତି ନାହିଁ । ତେବେ ତ ସେସବୁ ତା' ନିଜର ଆଗ୍ନେୟ ଉଦ୍‌ଗିରଣରେ ପଦାକୁ ଉଛୁଳି ଆସନ୍ତା । କାରଣ ମାନସିକ ଶକ୍ତି ପୃଥିବୀର ସବୁ ଶକ୍ତିଠାରୁ ଅଧିକ ଶକ୍ତିଶାଳୀ ।

ଶିକ୍ଷକତାକୁ ଗୋଟିଏ ବୃତ୍ତି ବୋଲି ନଭାବି ବ୍ରତ ବୋଲି ଭାବିଲେ ଶିକ୍ଷାର ଅନେକ ସମସ୍ୟା ସମାଧାନ ହୋଇପାରିବ । ଶିକ୍ଷକ ସ୍ୱତଃପ୍ରବୃତ୍ତ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ । ଏତେ ନିୟମ କାନୁନ୍, କାଇଦା କଟକଣା, ଜଗାରଖା କାହିଁକି ? ଶିକ୍ଷକଙ୍କ ଭିତରେ ଏପରି କିଛି ଲୋକ ରହିଛନ୍ତି ଯେଉଁମାନେ ଶିକ୍ଷକତାକୁ ବୃତ୍ତି ବୋଲି ଧରି ନେଇଛନ୍ତି । ଶିକ୍ଷକତାକୁ ଏକ ପ୍ରବୃତ୍ତି ବୋଲି ଧରିନେଲେ ସବୁ ଜିନିଷ ଆପେ ଆପେ ଠିକ ହୋଇଯିବ । ଶିକ୍ଷକ ନିଜକୁ କେଉଁ ଅବସ୍ଥାରେ ପହଞ୍ଚାଇ ପାରିଲେ ଛାତ୍ର କହିବେ ଯେ ମୁଁ ଆପଣଙ୍କର ଶିଷ୍ୟ ହେଲି । ଆପଣ ମୋ ଭିତରେ ପ୍ରବେଶ କରି କ'ଣ କରିବାକୁ ହେବ ତାହା ଆଦେଶ ଦିଅନ୍ତୁ ।

ପ୍ରଶ୍ନାବଳୀ

1. ଶିକ୍ଷା କେବଳ ଲେସାଲେସି ଓ ଲିପାପୋଛା ବ୍ୟବସ୍ଥା ବୋଲି କାହିଁକି କୁହାଯାଇଛି ?
   (A) ଶିକ୍ଷାରେ କୌଣସି ଦୋଷତ୍ରୁଟି ଦେଖିଲେ ଭଙ୍ଗାକାନ୍ଥ ମରାମତି କଲାପରି ସଜାଡ଼ି ଦିଆଯାଏ ।
   (B) ଶିକ୍ଷାପାଇଁ ଆଗରୁ ଯୋଜନା କରାନଯାଇ ହଠାତ୍ କିଛି କରାଯାଏ ।
   (C) ଶିକ୍ଷାର ପ୍ରକୃତ ଭୁଲ ସଜାଡ଼ିବାକୁ ଚେଷ୍ଟା କରାଯାଏ ନାହିଁ ।
   (D) ପ୍ରଶାସକମାନେ ନିଜ ଇଚ୍ଛା ଅନୁସାରେ ପିଲାଙ୍କ ଉପରେ ଶିକ୍ଷାକୁ ଲଦି ଦିଅନ୍ତି ।

2. ଶିକ୍ଷାରେ ବିଦେଶୀ ମାଲ ମସଲା ବେଶି ଏକଥା କାହିଁକି କୁହାଯାଇଛି ?
   (A) ଦେଶର ଆବଶ୍ୟକତା ଶିକ୍ଷା ପୂରଣ କରିପାରେ ନାହିଁ ।
   (B) ଦେଶର ପରମ୍ପରା ଓ ସଂସ୍କୃତି ଶିକ୍ଷାରେ ପ୍ରତିଫଳିତ ହୁଏ ନାହିଁ ।
   (C) ଅନ୍ୟ ଦେଶର ଶିକ୍ଷା ଆମ ଦେଶର ଶିକ୍ଷାକୁ ଅଧିକ ପ୍ରଭାବିତ କରିଥାଏ ।
   (D) ଶିକ୍ଷାବିତ୍‌ମାନେ ନିଜର ମତାମତକୁ ଅନ୍ୟ ଉପରେ ଲଦି ଦିଅନ୍ତି ।

3. ପିଲାଟି ଭିତରେ କ'ଣ ସବୁ ଲୁଚି ରହିଥାଏ ?
   (A) ପିଲାଟି ଭିତରେ ଥାଏ ରକ୍ତ, ମାଂସ, ହାଡ଼, ମାଂସପେଶୀ ।
   (B) ପିଲାଟି ଭିତରେ ଥାଏ ଜ୍ଞାନ, ବୁଦ୍ଧି, ବିବେକ
   (C) ପିଲାଟି ଭିତରେ ଥାଏ ହୃତପିଣ୍ଡ ଓ ପାକଯନ୍ତ୍ର
   (D) ପିଲାଟି ଭିତରେ ଥାଏ ପ୍ରତିଭା ଯାହା ବିକାଶ ଲାଭ କରିପାରେ ।

4. କଞ୍ଚାମାଲ ଓ ମୂଳପାଣ୍ଠି ବୋଲି କାହାକୁ କୁହାଯାଇଛି ?
   (A) କଞ୍ଚାମାଲ ପ୍ରୟୋଗରେ ଶିଳ୍ପର ବିକାଶ
   (B) ମୂଳପାଣ୍ଠି ଯୋଗାଡ଼ କରି ଶିଳ୍ପର ବିକାଶ
   (C) ପିଲାର ପ୍ରତିଭା ହିଁ ଶିକ୍ଷାର ପ୍ରକୃତ କଞ୍ଚାମାଲ ଓ ମୂଳପାଣ୍ଠି ।
   (D) ପିଲାର ଗୁଣାବଳୀ ଶିକ୍ଷାର କଞ୍ଚାମାଲ ଓ ମୂଳ ପାଣ୍ଠି ।

5. ଶିକ୍ଷାକୁ ବୃତ୍ତି ନ କହି ବ୍ରତ ବୋଲି କୁହାଯାଇଛି କାହିଁକି ?
   (A) ବୃତ୍ତି ହେଲେ ପେଟ ପୋଷି ଜୀବିକା ନିର୍ବାହ କୌଣସିମତେ କରି ହୁଏ ।
   (B) ବ୍ରତ ହେଲେ ଶିକ୍ଷାଦାନରେ ପ୍ରତିବନ୍ଧକ ଆସେ ନାହିଁ ।
   (C) ଯେଉଁମାନେ ବୃତ୍ତିବୋଲି ଧରନ୍ତି ସେମାନେ ଜୀବିକା ଅର୍ଜନ ପାଇଁ ବିଭିନ୍ନ ପନ୍ଥା ଗ୍ରହଣ କରନ୍ତି ।
   (D) ବ୍ରତବୋଲି ଗ୍ରହଣ କଲେ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ କାର୍ଯ୍ୟକରି ସନ୍ତୋଷ ଲାଭ କରିହୁଏ ।

6. ଶିକ୍ଷକତାକୁ ବୃତ୍ତି ନ କହି ପ୍ରବୃତ୍ତି କୁହାଯିବା ଯଥାର୍ଥତା କ'ଣ ?
   (A) ଶିକ୍ଷା ବୃତ୍ତି ହେଲେ ଧରାବନ୍ଧା ଭାବରେ କାମ କରି ଉଚ୍ଚ ଦରମା ପାଇଁ ଚେଷ୍ଟା ରହିବ ।
   (B) ପ୍ରବୃତ୍ତି ହେଲେ ଶିକ୍ଷାଦାନର ମହତ୍ତ୍ୱ ପ୍ରସ୍ଫୁଟିତ ହେବ ।
   (C) ପ୍ରବୃତ୍ତି ମନେକରୁଥିବା ଶିକ୍ଷକ ରାଜରାସ୍ତାକୁ ଆସେ ନାହିଁ ।
   (D) ବୃତ୍ତିଧାରୀ ଶିକ୍ଷକ ରାଜରାସ୍ତାକୁ ଆସିବାକୁ ପଛାଏ ନାହିଁ ।

7. ମୁଁ ଆପଣଙ୍କର ଶିଷ୍ୟ ହେଲି - ଏହା ଶୁଣିବାକୁ ହେଲେ ଶିକ୍ଷକ କେଉଁ ଗୁଣର ଅଧିକାରୀ ହେବେ ?
   (A) ଶିକ୍ଷକ ପିଲାମାନଙ୍କୁ ସ୍ନେହ କରିବେ
   (B) ଶିକ୍ଷକ ସାଧନା କରି ନିଜ ବିଷୟକୁ ଭଲ ପାଇବେ
   (C) ଶିକ୍ଷକ ନିଜ ଅନୁଷ୍ଠାନକୁ ଭଲ ପାଇବେ
   (D) ଶିକ୍ଷକ ଛାତ୍ରର ପ୍ରକୃତ ଅଭାବ ପୂରଣ କରି ତା ମନକୁ କିଣିପାରିବେ ।

8. ମୁଁ ଆପଣଙ୍କର ଶିଷ୍ୟ ହେଲି - ଏହା କି ପ୍ରକାର ବାକ୍ୟ ?
   (A) ପ୍ରଶ୍ନ ସୂଚକ (B) ଅନୁଜ୍ଞା ସୂଚକ
   (C) ବିବୃତି ସୂଚକ (D) ବିସ୍ମୟ ସୂଚକ

ସେଟ୍ - ୮

ଅନୁଚ୍ଛେଦଟି ପଢ଼ି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

୧୯୫୦ ମସିହା ଜାନୁୟାରୀ ୨୬ ଭାରତ ଇତିହାସରେ ଏକ ଗୌରବମୟ ଦିବସ । ଏହି ଦିନ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେଲା । ୧୯୪୭ ଅଗଷ୍ଟ ୧୫ ଦିନ ଭାରତ ବ୍ରିଟିଶ

ISHWAR KOUT

Scanned with CamScanner

Scanned with CamScanner

ଶାସନରୁ ମୁକ୍ତ ହୋଇ ପୃଥିବୀରେ ଏକ ସ୍ୱାଧୀନ ରାଷ୍ଟ୍ରର ମାନ୍ୟତା ଲାଭ କରିଥିଲା । କିନ୍ତୁ ବ୍ରିଟିଶ୍ ଶାସନ ପଦ୍ଧତି ଅନୁସାରେ ଭାରତରେ ଶାସନ ବ୍ୟବସ୍ଥା ୧୯୫୦ ଜାନୁୟାରୀ ୨୬ ପର୍ଯ୍ୟନ୍ତ ଚାଲିଥିଲା ।

ଭାରତ ପାଇଁ ଗୋଟିଏ ସମ୍ବିଧାନ ପ୍ରସ୍ତୁତ କରିବାକୁ ଗୋଟିଏ ସମ୍ବିଧାନ ପ୍ରଣୟନ ସଭା ଗଠିତ ହୋଇଥିଲା । ୧୯୪୬ ମସିହାଠାରୁ ୧୯୪୯ ମସିହା ନଭେମ୍ବର ୨୬ ପର୍ଯ୍ୟନ୍ତ ଏହି ସଭା ବିଧିବଦ୍ଧ ଭାବରେ କାର୍ଯ୍ୟ କରିଥିଲା । ଭାରତର ଅନେକ ରାଜନୈତିକ ନେତା, ବୁଦ୍ଧିଜୀବୀ, ଜ୍ଞାନୀଗୁଣୀ ବିଶାରଦ ଏହାର ସଭ୍ୟ ଥିଲେ । ସମ୍ବିଧାନର ବିଭିନ୍ନ ବିଭାଗ ପାଇଁ ସ୍ୱତନ୍ତ୍ର କମିଟୀମାନ ଗଢ଼ାଯାଇଥିଲା । ସମ୍ବିଧାନ ପ୍ରଣୟନ ସଭାର ସଭ୍ୟମାନେ ପୃଥିବୀର ବିଭିନ୍ନ ସ୍ୱାଧୀନ ଦେଶର ସମ୍ବିଧାନକୁ ଅନୁଧ୍ୟାନ କରିଥିଲେ । ବିଶ୍ୱ ଜାତିସଂଘର ମାନବ ଅଧିକାର ଘୋଷଣାନାମା ୧୯୪୮ ଡିସେମ୍ବର ୧୦ ରେ ପ୍ରକାଶିତ ହୋଇସାରିଥିଲା । ଏସବୁର ସାରତତ୍ତ୍ୱ ଆମ ସମ୍ବିଧାନ ଗ୍ରହଣ କରି ପୃଥିବୀରେ ଗୋଟିଏ ଉନ୍ନତ ସମ୍ବିଧାନର ମାନ୍ୟତା ଗ୍ରହଣ କଲା । ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ଦେଶ ଭାରତ ସମ୍ବିଧାନର ଆଦର୍ଶରେ ସମ୍ବିଧାନ ପ୍ରସ୍ତୁତ କଲେ । ସୁତରାଂ ଆମ ସମ୍ବିଧାନ ପୃଥିବୀର ବିଶ୍ୱଜାତିସଂଘ ଓ ଅନ୍ୟାନ୍ୟ ଉନ୍ନତ ସ୍ୱାଧୀନ ରାଷ୍ଟ୍ରର ସମ୍ବିଧାନର ସାରତତ୍ତ୍ୱର ଅପୂର୍ବ ସମନ୍ୱୟ ତଥା ଅନ୍ୟାନ୍ୟ କେତେକ ଦେଶର ସମ୍ବିଧାନ ପାଇଁ ଦିଗ୍‌ଦର୍ଶକ ଆଲୋକବର୍ତ୍ତିକା ।

ଭାରତର ଲୋକମାନଙ୍କର ଆବଶ୍ୟକତାକୁ ଲକ୍ଷ୍ୟ କରି ସମ୍ବିଧାନ ପ୍ରସ୍ତୁତ କରାଯାଇଛି । ସ୍ୱାଧୀନ ଦେଶର ନାଗରିକ ଭାବରେ ଲୋକମାନେ ଯେଉଁସବୁ ଅଧିକାର ଉପଭୋଗ କରିବେ, ସେମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ କ'ଣ ହେବା ଉଚିତ୍ ତାହା ସମ୍ବିଧାନରେ ସନ୍ନିବିଷ୍ଟ । ଅନେକ ମୌଳିକ ଅଧିକାର ଯାହା ବଞ୍ଚିବା ପାଇଁ ନିତାନ୍ତ ଦରକାର ସେଗୁଡ଼ିକ ରାଜ୍ୟମାନଙ୍କ ପାଇଁ ସୂଚନା ନିର୍ଦ୍ଦେଶାବଳୀ ଆକାରରେ ରହିଛି ।

ସ୍ୱାଧୀନ ରାଷ୍ଟ୍ର ରୂପେ ଜନ୍ମ ନେଇଥିବା ଭାରତର ଆର୍ଥିକ ଅବସ୍ଥା ସେହି ସମୟରେ ଦୁର୍ବଳ ଥିଲା । ସେଥିପାଇଁ ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ପାନୀୟ, ଗମନାଗମନ ଇତ୍ୟାଦି ଅଧିକାରଗୁଡ଼ିକ ମୌଳିକ ଅଧିକାର ହୋଇଥିଲେ ମଧ୍ୟ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ ହୋଇ ନଥିଲା । ରାଜ୍ୟର ଆର୍ଥିକ ଅବସ୍ଥାକୁ ଦେଖି ରାଜ୍ୟମାନେ ନିୟମ ପ୍ରବର୍ତ୍ତନ କରି ସେଗୁଡ଼ିକ ମୌଳିକ ଅଧିକାରର ମାନ୍ୟତା ଦେଇପାରିବେ । ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ଜଣେ ଭାରତର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବ କିନ୍ତୁ ରାଜ୍ୟ ନୀତି ପାଇଁ ସୂଚନା ଓ ନିର୍ଦ୍ଦେଶାବଳୀର ଅଧିକାର କ୍ଷୁଣ୍ଣ ହେଲେ ଜଣେ ନାଗରିକ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବ ନାହିଁ । ଏହି ପ୍ରଭେଦ ପାଇଁ ରାଜ୍ୟ ସରକାରମାନେ ଆଶାନୁରୂପ ବ୍ୟବସ୍ଥା ଗ୍ରହଣ କରିପାରି ନାହାନ୍ତି । ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସମ୍ବିଧାନର ୨୧ ଧାରାର ବଞ୍ଚିରହିବା ଅଧିକାରକୁ ତନ୍ନ ତନ୍ନ କରି ଆଲୋଚନା କରି ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ, ପାନୀୟ ଇତ୍ୟାଦିକୁ ମୌଳିକ ଅଧିକାରର ମାନ୍ୟତା ଦେବା ଫଳରେ ଦେଶର ବିକାଶମୂଳକ କାର୍ଯ୍ୟ ଆଇନ୍ ସମ୍ମତ ଭାବରେ ଆଗେଇ ଚାଲିଛି ।

ଏଥିପାଇଁ ଆମେ କାହାକୁ ଦୋଷ ଦେଇ ପେଣ୍ଡୁ ଗଡ଼େଇବା ନ୍ୟାୟରେ ଖସିଯିବା ଠିକ୍ ହେବ ନାହିଁ । କାରଣ ଆମ ସମ୍ବିଧାନ ପ୍ରଣେତାମାନେ ଉଲ୍ଲେଖ କରିଛନ୍ତି ଯେ ଆମେ (ଭାରତୀୟ ମାନେ)ଆମକୁ (ଭାରତୀୟମାନଙ୍କୁ) ସମ୍ବିଧାନ ପ୍ରଦାନ କରୁ । ତେଣୁ ଏହାର ସୁରକ୍ଷା, କାର୍ଯ୍ୟକାରିତା ଆବଶ୍ୟକ ସ୍ଥଳେ ସଂଶୋଧନ ପ୍ରସ୍ତାବ ଆମ ସମସ୍ତଙ୍କର କର୍ତ୍ତବ୍ୟ ।

ପ୍ରଶ୍ନାବଳୀ

1. ଭାରତର ସମ୍ବିଧାନ କେବେ କାର୍ଯ୍ୟକାରୀ ହେଲା ?
   (A) ୧୯୪୭ ଅଗଷ୍ଟ ୧୫
   (B) ୧୯୪୯ ନଭେମ୍ବର ୨୬
   (C) ୧୯୫୦ ଜାନୁୟାରୀ ୨୬
   (D) ୧୯୪୮ ଡିସେମ୍ବର ୧୦
2. ଭାରତର ସମ୍ବିଧାନ ପୃଥିବୀର ଏକ ଉନ୍ନତ ସମ୍ବିଧାନର ମାନ୍ୟତା ପାଇଛି - କାରଣ –
   (A) ଏହା ପୃଥିବୀର ଉନ୍ନତ ଦେଶମାନଙ୍କର ସମ୍ବିଧାନକୁ ଅନୁସରଣ କରିଛି
   (B) ଏହା ଇଂଲଣ୍ଡର ସମ୍ବିଧାନକୁ ଅନୁସରଣ କରିଛି
   (C) ଏହା ଆମେରିକାର ସମ୍ବିଧାନକୁ ଅନୁସରଣ କରିଛି
   (D) ଏହା ପୃଥିବୀର ଉନ୍ନତ ଗଣତନ୍ତ୍ର ରାଷ୍ଟ୍ର ଓ ଜାତି ନିୟମାବଳୀକୁ ଅନୁସରଣ କରିଛି ।
3. ଆମ ସମ୍ବିଧାନରେ କ'ଣ ସବୁ ଅଛି ?
   (A) ନାଗରିକମାନଙ୍କର ଅଧିକାର
   (B) ନାଗରିକମାନଙ୍କର କର୍ତ୍ତବ୍ୟ
   (C) ନାଗରିକମାନଙ୍କର ଦାୟିତ୍ୱ
   (D) ନାଗରିକମାନଙ୍କର ଅଧିକାର, କର୍ତ୍ତବ୍ୟ ଓ ଦାୟିତ୍ୱ
4. ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଆବଶ୍ୟକତାକୁ ମୌଳିକ ଅଧିକାରର ଅନ୍ତର୍ଭୁକ୍ତ କରାଯାଇ ନଥିଲା କାହିଁକି ?
   (A) ଦେଶପାଇଁ ଶିକ୍ଷା ଦରକାର ନଥିଲା
   (B) ଦେଶ ପାଇଁ ସ୍ୱାସ୍ଥ୍ୟର ଆବଶ୍ୟକତା ନଥିଲା
   (C) ଦେଶର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା
   (D) ସମ୍ବିଧାନ ପ୍ରଣେତାମାନେ ଏସବୁ ଚିନ୍ତା କରି ନଥିଲେ ।

5. ମୌଳିକ ଅଧିକାର ଓ ରାଜ୍ୟ ପାଇଁ ସୂଚନା ଓ ନିର୍ଦ୍ଦେଶାବଳୀ ମଧ୍ୟରେ ପ୍ରଭେଦ କ'ଣ ?
   (A) ମୌଳିକ ଅଧିକାରଗୁଡ଼ିକ ଦେଶର ନାଗରିକମାନଙ୍କର ନିତାନ୍ତ ଆବଶ୍ୟକ
   (B) ରାଜ୍ୟପାଇଁ ସୂଚନା ଓ ନିର୍ଦ୍ଦେଶାବଳୀ ନିତାନ୍ତ ଆବଶ୍ୟକ
   (C) ମୌଳିକ ଅଧିକାର କ୍ଷୁଣ୍ଣ ହେଲେ ଜଣେ ନ୍ୟାୟାଳୟକୁ ଯାଇପାରେ କିନ୍ତୁ ନିର୍ଦ୍ଦେଶାବଳୀ କ୍ଷୁଣ୍ଣ ହେଲେ ଜଣେ ନ୍ୟାୟାଳୟକୁ ଯାଇ ପାରିବ ନାହିଁ
   (D) ମୌଳିକ ଅଧିକାର ନ ମିଳିଲେ ଜଣେ ବଞ୍ଚିପାରିବ ନାହିଁ ।
6. ସମ୍ବିଧାନ କିଏ କାହାକୁ ପ୍ରଦାନ କରିଛନ୍ତି ?
   (A) ରାଜଗୋପାଳାଚାରୀ ଭାରତୀୟମାନଙ୍କୁ
   (B) ଆମ୍ବେଦକର ସରକାରଙ୍କୁ
   (C) ବ୍ରିଟିଶ୍‌ମାନେ ସ୍ୱାଧୀନ ଭାରତକୁ
   (D) ଆମେ ଆମକୁ
7. ବଞ୍ଚିବା ପାଇଁ ଆବଶ୍ୟକ ଓ ବିକାଶ ପାଇଁ ଆବଶ୍ୟକ– ଏଥିରୁ କେଉଁଟି ଅଗ୍ରାଧିକାର ଯୋଗ୍ୟ ?
   (A) ବିକାଶ ପାଇଁ
   (B) ବଞ୍ଚିବା ପାଇଁ
   (C) ବଞ୍ଚିବା ପାଇଁ କିଛି ଓ ବିକାଶ ପାଇଁ କିଛି ନୁହେଁ
   (D) ବଞ୍ଚିବା ପାଇଁ କିଛି ଓ ବିକାଶ ପାଇଁ କିଛି ।

ସେଟ୍ – ୯

୧ । ଶ୍ରୀଚୈତନ୍ୟ ଜଗନ୍ନାଥଙ୍କର ଅଲୌକିକ ଭକ୍ତିଭାବ ଓ ଈଶ୍ୱର ନିଷ୍ଠାର ପରିଚୟ ପାଇଲେ ତାଙ୍କ ଭାଗବତ ଅନୁବାଦ ଓ ବ୍ୟାଖ୍ୟା ପ୍ରଦାନ ବେଳେ ବଡ଼ ଦେଉଳ ବେଢ଼ାରେ । ଚୈତନ୍ୟ ଏଥିରେ ବିମୋହିତ ହୋଇ ଜଗନ୍ନାଥଙ୍କୁ 'ଅତିବଡ଼' ଉପାଧିରେ ଭୂଷିତ କଲେ । ସେହିଦିନଠାରୁ ଶ୍ରୀଚୈତନ୍ୟଙ୍କର ଶ୍ରୀକ୍ଷେତ୍ରରେ ଦେହାବସାନ ହେବା ପର୍ଯ୍ୟନ୍ତ ଦୁହିଁଙ୍କ ଭିତରେ ଥିଲା ଅଭେଦ୍ୟ ସମ୍ପର୍କ ।

୨ । ଜଗନ୍ନାଥଙ୍କର 'ଅତିବଡ଼' ଉପାଧିରୁ ଓଡ଼ିଶାରେ ଅତିବଡ଼ୀ ବୈଷ୍ଣବ ସମ୍ପ୍ରଦାୟର ଉଦ୍ଭବ ହେଲା । ନିଜେ ଜଗନ୍ନାଥ ଦାସ ଥିଲେ ଏହାର ପ୍ରବର୍ତ୍ତକ । ଏହି ସମ୍ପ୍ରଦାୟର ପ୍ରଧାନ ପୀଠ ଅଦ୍ୟାପି ବଡ଼ ଓଡ଼ିଆ ମଠ ନାମରେ ପୁରୀଧାମରେ ରହିଛି । ଏହାର ଶାଖାମାନ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସ୍ଥାପିତ ହୋଇଅଛି । ଜଗନ୍ନାଥଙ୍କ ଜୀବନର ସର୍ବଶ୍ରେଷ୍ଠ କୃତିତ୍ୱ ହେଉଛି ସଂସ୍କୃତ ଭାଗବତ ପୁରାଣର ଓଡ଼ିଆ ଅନୁବାଦ ।

୩ । ଜଗନ୍ନାଥ ଦାସଙ୍କ ଭାଗବତ ମୂଳ ସଂସ୍କୃତ ଭାଗବତର ଆକ୍ଷରିକ ଓଡ଼ିଆ ଅନୁବାଦ ନୁହେଁ । ଜଗନ୍ନାଥଙ୍କ ଭାଗବତ ସଂସ୍କୃତ ଭାଗବତର ପ୍ରଭାବରେ ପ୍ରଭାବିତ । କବିଙ୍କର ପାଣ୍ଡିତ୍ୟ, ମୌଳିକତା, ଧର୍ମଭାବ ଭାଗବତରୁ ବାରି ହୋଇଯାଏ । ଜଗନ୍ନାଥଙ୍କ ଭାଗବତକୁ ଓଡ଼ିଶାର ଜନତା ଦେବତା ଜ୍ଞାନରେ ଅଦ୍ୟାପି ଗ୍ରାମେ ଗ୍ରାମେ ପୂଜା କରୁଛନ୍ତି । ଭାଗବତ ଟୁଙ୍ଗୀରେ ଭାଗବତ ଗୋସେଇଁ ଭାବରେ ଓଡ଼ିଆ ଭାଗବତ ଗାଦିରେ ରହିଛି ।

୪ । ଓଡ଼ିଶା ଜନସାଧାରଣଙ୍କର ଲୌକିକ ଜୀବନ ଧାରାରେ ଜଗନ୍ନାଥଙ୍କ ଭାଗବତର ପ୍ରଭାବ ସର୍ବାଧିକ । ଭାଗବତ ଗାଦି ପାଖରେ କେହି ମିଛ କହନ୍ତି ନାହିଁ । ସୁତରାଂ ଭାଗବତ ଘର ଗାଁର ନ୍ୟାୟାଳୟ । ପ୍ରତ୍ୟେକ ହିନ୍ଦୁ ପରିବାରର ଲୋକର ମୃତ୍ୟୁବେଳେ ମୃତ୍ୟୁଶଯ୍ୟା ପାଖରେ ଭାଗବତ ପଢ଼ି ଶୁଣାଇ ଦିଆଯାଏ । ଏହି ଭାଗବତ ଶୁଣାଇବା ପାଇଁ ଗାଁ ଗହଳର କି ପୁରୁଷ କି ସ୍ତ୍ରୀ ପିଲାଦିନରୁ ଅକ୍ଷର ଶିଖି ଭାଗବତ ପଢ଼ିବା ଅଭ୍ୟାସ କରିଥାନ୍ତି । ଫଳରେ ଭାଗବତ ସାକ୍ଷରତା ଅଭିଯାନର ବାର୍ତ୍ତା ବହନ କରେ ।

୫ । ସଂସ୍କୃତ ଭାଷାରେ ପୁରାଣ ଓ ଧର୍ମପୁସ୍ତକ ରଚିତ ହେବା ଥିଲା ଏକ ପରମ୍ପରା । ଦୁର୍ବୋଧ ସଂସ୍କୃତ ଭାଷାରେ ଲିଖିତ ପୁସ୍ତକକୁ ପୁରାଣ ପଣ୍ଡାମାନେ ନିଜ ସୁବିଧା ଅନୁଯାୟୀ ଅନୁବାଦ କରି ଧାମିକ ଶ୍ରୋତାମାନଙ୍କୁ ଶୁଣାଉଥିଲେ । ବିଭିନ୍ନ ପ୍ରାଦେଶିକ ଭାଷାରେ ସଂସ୍କୃତ ପୁରାଣର ଅନୁବାଦ ସେହି ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ ହୋଇଥିଲା । ଆନ୍ଧ୍ର ଦେଶର କବି ତିକ୍‌କଣ, ଆସାମର କବି ଶଙ୍କର ଦେବ, ମହାରାଷ୍ଟ୍ରର କବି ଜ୍ଞାନଦେବ ନିଜ ମାତୃଭାଷାରେ ସଂସ୍କୃତ ଭାଗବତର ଅନୁବାଦ କରି ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲେ । ଓଡ଼ିଆ ଭାଷାର କବି ଜଗନ୍ନାଥ ଦାସ ଭାଗବତ ରଚନା କରି ଓଡ଼ିଆ ଜନଜୀବନକୁ ବେଶ୍ ପ୍ରଭାବିତ କରିଥିଲେ ।

ପ୍ରଶ୍ନାବଳୀ

1. ଶ୍ରୀ ଚୈତନ୍ୟଙ୍କ ସହ ଜଗନ୍ନାଥ ଦାସଙ୍କ ଅଭେଦ୍ୟ ସମ୍ପର୍କ ମୃତ୍ୟୁ ପର୍ଯ୍ୟନ୍ତ ଅତୁଟ ଥିଲା ।
   (A) ଜଗନ୍ନାଥ ଦାସ ଓଡ଼ିଶାର ଲୋକଥିବାରୁ ।
   (B) ଶ୍ରୀଚୈତନ୍ୟ ବଙ୍ଗଳାରୁ ଓଡ଼ିଶାକୁ ଆସିଥିବାରୁ
   (C) ଜଗନ୍ନାଥ ଦାସଙ୍କ ଭକ୍ତିଭାବ ଓ ଈଶ୍ୱର ନିଷ୍ଠା ଯୋଗୁଁ
   (D) ଶ୍ରୀଚୈତନ୍ୟ ଜଗନ୍ନାଥଙ୍କୁ 'ଅତିବଡ଼' ଉପାଧି ପ୍ରଦାନ କରିଥିବା ଯୋଗୁଁ

Scanned with CamScanner

Scanned with CamScanner

2. ଅତିବଡ଼ୀ ବୈଷ୍ଣବ ସମ୍ପ୍ରଦାୟର ପ୍ରଧାନ ପୀଠ - ପୁରୀରେ ଥିବା
(A) ଏମାର ମଠ (B) ବଡ଼ ଓଡ଼ିଆ ମଠ
(C) ବଡ଼ ଛତା ମଠ (D) ଅଖଡ଼ିଆ ମଠ

3. ଜଗନ୍ନାଥ ଦାସଙ୍କ ଭାଗବତ ଘରେ ଘରେ ପୂଜା ପାଉଛି । କାରଣ –
(A) ଏହା ସଂସ୍କୃତ ଭାଗବତର ଅବିକଳ ଅନୁବାଦ
(B) ଏହା ଓଡ଼ିଆ ଭାଷାରେ ରଚିତ
(C) ଏହା ଜ୍ଞାନ, ଭକ୍ତି, ଧର୍ମ, ନୀତି ପ୍ରକାଶ କରେ
(D) ଦେବତା ନଥିବାରୁ ଭାଗବତ ଘରେ ଘରେ ପୂଜା ପାଏ ।

4. ଓଡ଼ିଆ ଭାଗବତ ଯୋଗୁଁ ଗାଁର ସାକ୍ଷରତା ହାର ବଢ଼ିଥିଲା ।
(A) ଲୋକମାନେ ସାକ୍ଷର ହେବାକୁ ଚାହୁଁଥିଲେ ।
(B) ପୂରାଣ ଶୁଣିବାକୁ ଲୋକମାନେ ଭଲ ପାଉଥିଲେ
(C) ଅକ୍ଷର ଶିଖିଲେ ଲୋକମାନେ ଭାଗବତ ପଢ଼ିପାରିବେ
(D) ଗାଁରେ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ଭାଗବତ ପଢ଼ାଯାଉଥିଲା ।

5. କେଉଁ ଭାଗବତ ଓଡ଼ିଶାର ଜନଜୀବନକୁ ପ୍ରଭାବିତ କରିଥିଲା ?
(A) ବ୍ୟାସଦେବଙ୍କ ସଂସ୍କୃତ ଭାଗବତ
(B) ଶଙ୍କର ଦେବଙ୍କ ଭାଗବତ
(C) ଚିତ୍‌ଜଣଙ୍କ ଭାଗବତ
(D) ଜଗନ୍ନାଥ ଦାସଙ୍କ ଭାଗବତ

6. 'ବୃଷିତ' ପଦଟି କି ପଦ ?
(A) ବିଶେଷ୍ୟ(B) ବିଶେଷଣ
(C) ଅବ୍ୟୟ (D) ସର୍ବନାମ

7. ଓଡ଼ିଆ ଭାଷାର କବି ଜଗନ୍ନାଥ ଦାସ ଭାଗବତ ରଚନା କରି ଓଡ଼ିଆ ଜନଜୀବନକୁ ବେଶ୍ ପ୍ରଭାବିତ କରିଥିଲେ । ଏହା କି ପ୍ରକାର ବାକ୍ୟ ?
(A) ସରଳ ବାକ୍ୟ (B) ଜଟିଳ ବାକ୍ୟ
(C) ଯୌଗିକ ବାକ୍ୟ (D) ମିଶ୍ର ବାକ୍ୟ

8. ପୁରାଣ ପଣ୍ଡାମାନେ ପୁରାଣ ଶୁଣାଉଥିଲେ, 'ଶୁଣାଉଥିଲେ' କି ପ୍ରକାର କ୍ରିୟା ?
(A) ଅସମାପିକା କ୍ରିୟା (B) ଅକର୍ମକ କ୍ରିୟା
(C) ପ୍ରେରଣାର୍ଥକ କ୍ରିୟା (D) ସନନ୍ତ କ୍ରିୟା

ଉତ୍ତରମାଳା

ସେଟ୍ - ୧
1. (C) 2. (C) 3. (D) 4. (A) 5. (C) 6. (C)

ସେଟ୍ - ୨
1. (B) 2. (C) 3. (C) 4. (A) 5. (D) 6. (B) 7. (C)

ସେଟ୍ - ୩
1. (B) 2. (C) 3. (A) 4. (C) 5. (C) 6. (C) 7. (A) 8. (D) 9. (C) 10. (B)

ସେଟ୍ - ୪
1. (A) 2. (C) 3. (C) 4. (C) 5. (C) 6. (B)

ସେଟ୍ - ୫
1. (D) 2. (D) 3. (D) 4. (B) 5. (D) 6. (C)

ସେଟ୍ - ୬
1. (B) 2. (C) 3. (C) 4. (D) 5. (C)

ସେଟ୍ - ୭
1. (A) 2. (C) 3. (D) 4. (C) 5. (D) 6. (B) 7. (D) 8. (C)

ସେଟ୍ - ୮
1. (C) 2. (D) 3. (D) 4. (C) 5. (C) 6. (D) 7. (B)

ସେଟ୍ - ୯
1. (C) 2. (B) 3. (C) 4. (C) 5. (B) 6. (B) 7. (A) 8. (C)

ନାଟକ

ସୂଚନା : ନିମ୍ନରେ ପ୍ରଦତ୍ତ ନାଟକକୁ ଆଧାର କରି କେତୋଟି ପ୍ରଶ୍ନ ପ୍ରଦାନ କରାଯାଇଛି । ପ୍ରତି ପ୍ରଶ୍ନ ନିମିତ୍ତ ଦିଆଯାଇଥିବା ଚାରିଟୋଟି ସମ୍ଭାବ୍ୟ ଉତ୍ତରରୁ ଠିକ୍ ଉତ୍ତରଟି ବାଛି ଲେଖ ।

ସେଟ୍ - ୧

ରାଜକୁମାରୀ – ଚଣ୍ଡିଙ୍କର ସମସ୍ତ ଆଶା ଶେଷ ହୋଇଯାଇଛି । ମୋ' ପରି ଜଣେ ସାମାନ୍ୟ ଯୁବତୀପାଇଁ ଇଚ୍ଛା ଇଚ୍ଛା ନରନାରୀଙ୍କର ଧନ ଜୀବନ ନାଶ ହେବା ଯିମା, ଭିକ୍ଷୁ ଉପାନନ୍ଦ !

ଉପାନନ୍ଦ – ସମସ୍ତ ତଥାଗତଙ୍କର ଇଚ୍ଛା । ମହାପାପୀ ଚଣ୍ଡାଶୋକ ନିର୍ଦ୍ଦିଚାରରେ ନରହତ୍ୟାର ଆଦେଶ ଦେଇଛନ୍ତି । ଏହା ସୁଦ୍ଧ ନୁହେଁ ଏ ଯୁଦ୍ଧରେ ନ୍ୟାୟର ସତ୍ତା ନାହିଁ । ଅତ୍ୟାଚାର, ଉତ୍ପୀଡ଼ନର ମାତ୍ରା ବେଳକୁ ବେଳ ବଢ଼ି ଚାଲିଛି ବେବି ! ଏକାବେଳକେ ମାନବର କଳ୍ପନାତୀତ ଏ ଦୃଶ୍ୟ । ପୃଥିବୀ ପୃଷ୍ଠରେ ଏଭଳି ଅତ୍ୟାଚାର, ଅନ୍ୟାୟ ଅଭୂତପୂର୍ବ । କିଭଳି ଉପାୟ ବ'ଣ ? ପ୍ରତିରୋଧ ବା ପ୍ରତିରୋଧର ଉପାୟ ବ'ଣ ? ପ୍ରଜାହୀନ ରାଜ୍ୟରେ ଚଣ୍ଡାଶୋକ ରାଜତ୍ୱ କରିବାକୁ ଥିର କରିଛନ୍ତି ?

ରାଜକୁମାରୀ – ରାଜତ୍ୱ ରକ୍ତ୍ତ ନୁହେଁ ଚଣ୍ଡାଶୋକଙ୍କର । ଉତ୍ପୀଡ଼ନ, ଧ୍ୱଂସ – ନିଜର ହୀନ ପ୍ରତିହିଂସା ପ୍ରବୃତ୍ତି ଚରିତାର୍ଥ ନିମିତ୍ତ ଚଣ୍ଡାଶୋକଙ୍କ ପକ୍ଷେ ଅକରଣୀୟ କିଛି ନାହିଁ । ରାଜକୁମାର କୁନାଳଙ୍କ ଦୁଃଖମୟ ଜୀବନ କାହାଣୀ ତ ଶୁଣିଥିବେ ।

ଉପାନନ୍ଦ – ସବୁ ଶୁଣିଛି ଦେବି ! ଦୂରରୁ କାନ ଶୁଣୁଥିଲା, ଏବେ ନିକଟରେ, ଅତି ନିକଟରେ, ସକ୍ଷୁଖରେ ଆଖି ସବୁ ଦେଖୁଛି । ଅନୁଭବ କରୁଛି ସେ କଳ୍ପନାତୀତ, ନିର୍ମମ ଅତ୍ୟାଚାରର ବିଭୀଷିକା ।

ରାଜକୁମାରୀ – ଏ ସମସ୍ତର ଅନର୍ଥର ମୂଳରେ ମୁଁ । ଏକଥା ଅନୁଭବ କରିପାରୁଛନ୍ତି ତ ? (ଉପାନନ୍ଦ ନୀରବ ରହିଲେ)

ରାଜକୁମାରୀ – ଏ ନରମେଧ ଯଜ୍ଞର ଆହୁତି ନିମିତ୍ତ ମୋର ଜୀବନ ଉତ୍ସର୍ଗ କରିବା ହିଁ ଶ୍ରେଷ୍ଠ ଧର୍ମ ନୁହେଁ କି ?

ଉପାନନ୍ଦ – (ଚମକି) ଏ ଆପଣ ବ'ଣ କହୁଛନ୍ତି ରାଜକୁମାରୀ !

ରାଜକୁମାରୀ – ଭିକ୍ଷୁ ଉପାନନ୍ଦ ! ଆପଣ ବିବେକକୁ ପ୍ରଶ୍ନ କରନ୍ତୁ । ନରହତ୍ୟା ନିରୋଧର ଏହା ହିଁ ଏକମାତ୍ର ପନ୍ଥା । ମୁଁ ଏ ପ୍ରକୟ ଅଗ୍ନିରେ ଝାସ ଦେବାକୁ ଦୃଢ଼ ସଂକଳ୍ପ କରିଛି । ଆଉ ମୋତେ ବାଧା ଦିଅନ୍ତୁ ନାହିଁ । ଆପଣ ଭିକ୍ଷୁମାନଙ୍କୁ ନିରାପଦରେ ରକ୍ଷୁଡ଼ାର ଭାର ଗ୍ରହଣ କରନ୍ତୁ । ଆସନ୍ତୁ । (ଦୂରକୁ ଚାଲିଗଲେ) ।

ପ୍ରଶ୍ନାବଳୀ

୧ । ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ ବ'ଣ ପାଇଁ ?
(A) ସାମ୍ରାଜ୍ୟ ବିସ୍ତାର ପାଇଁ
(B) କଳିଙ୍ଗ ରାଜକୁମାରୀଙ୍କୁ ବିବାହ କରିବାପାଇଁ
(C) କଳିଙ୍ଗ ପୂର୍ବତନ୍ତ୍ରତା ହୋଇ
(D) ନିଜେ ଜଣେ ଦିଗ୍‌ବିଜୟୀ ସମ୍ରାଟ ହେବାପାଇଁ

୨ । ଯୁଦ୍ଧରେ ନ୍ୟାୟର ସତ୍ତା ଦେଖୁନାହାନ୍ତି ବୋଲି ଉପାନନ୍ଦ କହିଛନ୍ତି କାହିଁକି ?
(A) ଯୁଦ୍ଧରେ ବହୁତ ଲୋକ ନିହତ ହୋଇଛନ୍ତି
(B) ଯୁଦ୍ଧରେ ବହୁତ ଲୋକ ଆହତ ହୋଇଛନ୍ତି
(C) ଯୁଦ୍ଧରେ ସାଧାରଣ ନିରୀହ ଲୋକଙ୍କ ଉପରେ ଅତ୍ୟାଚାର କରାଯାଉଛି
(D) ଯୁଦ୍ଧ ଅତର୍କିତ ଭାବରେ କରାଯାଉଛି

୩ । ଉପାନନ୍ଦ କିଏ ?
(A) ଉପାନନ୍ଦ ଜଣେ ସେନାପତି
(B) ଉପାନନ୍ଦ ଜଣେ ଅଶୋକଙ୍କ ଲୋକ
(C) ଉପାନନ୍ଦ କଳିଙ୍ଗ ସମ୍ରାଟଙ୍କ ଲୋକ
(D) ଉପାନନ୍ଦ ଜଣେ ବୌଦ୍ଧ ସନ୍ନ୍ୟାସୀ ।

୪ । ଲୋଚିତ ଜୀବନ ବେଲ ଅନେକଙ୍କ ଜୀବନ ରକ୍ଷା କରିବାକୁ କିଏ ଇଚ୍ଛା କରିଛନ୍ତି ?
(A) ଉପାନନ୍ଦ (B) କଳିଙ୍ଗ ସମ୍ରାଟ
(C) ରାଜକୁମାରୀ (D) ସାଧାରଣ ଲୋକଟିଏ

୫ । 'ଅଗ୍ନିରେ ଝାସ ଦେବା' କେଉଁ ଅର୍ଥକୁ ପ୍ରକାଶ କରୁଛି ?
(A) ଅଗ୍ନି ଜ୍ୱଳାଇ ସେଥିରେ ଡେଇଁବା
(B) ଜଳୁଥିବା ଅଗ୍ନିକୁ ଡେଇଁବା
(C) ଅଗ୍ନିକୁ ନିର୍ବାଣ ଦେବା
(D) ଜୀବନ ତ୍ୟାଗ କରିବା

ସେଟ୍ - ୨

ନନ୍ଦ – ଚିତ୍ତାକର ବିଶ୍ୱସୁନ୍ଦର ! ଏବେ ବି ସମୟ ଅଛି । ରାଷ୍ଟ୍ର ପକ୍ଷରୁ ତୁମକୁ ଉଚ୍ଚଶିକ୍ଷା ଦିଆଯାଉଛି । ରାଷ୍ଟ୍ରର ଉନ୍ନତିପାଇଁ ରାଜାଙ୍କର ଇଚ୍ଛା ଅନୁସାରେ ତୁମର ବୁଦ୍ଧି ଓ ବିବେକକୁ ନିୟୋଜିତ କର ।

ଚାଣକ୍ୟ – ମହାରାଜ ନନ୍ଦ ! ଭାବନ୍ତୁ ନାହିଁ ବଙ୍ଗୁଡ଼ାର ଖେଳଣା ହୋଇ, ରାଷ୍ଟ୍ର ନାମରେ ଆପଣଙ୍କର ବଳାତ୍କାର ସ୍ୱୀକାର

Scanned with CamScanner

Scanned with CamScanner

କରିବାପାଇଁ ଆଜି ଆପଣଙ୍କ ପାଖକୁ ଛୁଟି ଆସିଛି ବିଷ୍ଣୁଗୁପ୍ତ ଚାଣକ୍ୟ ।

ରାକ୍ଷସ – ତେବେ ?

ଚାଣକ୍ୟ – ସେ ଆଜି ଜାଣିବାକୁ ଚାହେ – ରାଜ ଶକ୍ତି ନିକଟରେ କି ଅପରାଧ କରିଥିଲେ ତା'ର ପିତା ? କେଉଁ କାରଣରୁ ତାଙ୍କର ସମସ୍ତ ଭୂସମ୍ପତ୍ତି ଅପହରଣ କରି ତାଙ୍କୁ କାରାଗାରରେ ନିକ୍ଷେପ କରାଯାଇଛି ?

ନନ୍ଦ – (ଉପହାସ କରି) ଭୂସମ୍ପତ୍ତି ଅପହରଣ ? ଚାଣକ୍ୟ ! ଭିକ୍ଷାବୃତ୍ତି ତ ବ୍ରାହ୍ମଣର କୌଳିକ କର୍ମ । ମୁଁ କେବଳ ତା'ର ସୁଯୋଗ ସୃଷ୍ଟି କରିଛି ମାତ୍ର ।

ଚାଣକ୍ୟ – କୌଳିକ କର୍ମ ବୋଲି ପୂର୍ବରୁ କିଛି ନିର୍ଦ୍ଧାରିତ ହୋଇ ନଥାଏ ରାଜା । କର୍ମକୁ ନେଇ ମଣିଷର କୁଳ ନିର୍ଣ୍ଣୟ କରାଯାଏ । ରାଜପୁତ୍ର ଶୁଦ୍ରକର୍ମ କଲେ ସେ ବି ହୁଏ ଶୁଦ୍ର ।

ନନ୍ଦ – (ଉପହାସ କରି) ଆଉ ବ୍ରାହ୍ମଣ ..... ?

(ରାକ୍ଷସ ହସି ଉଠିଛି ଜୋର୍‌ରେ)

ଚାଣକ୍ୟ – ରାଜା ! ବ୍ରାହ୍ମଣ ବିଷ୍ଣୁଗୁପ୍ତ ସ୍ୱପ୍ନ ଦେଖିଥିଲା ଆର୍ଯ୍ୟାବର୍ତ୍ତର ଅର୍ଥନୈତିକ ଉନ୍ନତି କରିବାକୁ । ଆଉ ସେଇଥିପାଇଁ ସେ ତକ୍ଷଶିଳାର ଅଧ୍ୟାପନା କ୍ଷେତ୍ର ଛାଡ଼ି ଛୁଟି ଆସିଥିଲା ଜଣେ ସ୍ୱାଧୀନ କୃଷକ ହେବାପାଇଁ – ଆଦର୍ଶ ଗୃହସ୍ଥ ହେବାପାଇଁ ।

ନନ୍ଦ – ଆଚ୍ଛା ..... !

ଚାଣକ୍ୟ – ଯାଆନ୍ତୁ, ଏବେ ମଧ୍ୟ ଦେଖି ଆସିବେ ରାଜା ନନ୍ଦ । ଚାଣକ୍ୟର ଅନେକ ସ୍ୱପ୍ନ କେମିତି ଖଣ୍ଡ ବିଖଣ୍ଡିତ ହୋଇ ସେଇ ବ୍ରାହ୍ମଣ ପଲ୍ଲୀର ମାଟି ସ୍ତୁପ ଉପରେ ବିଛାଡ଼ି ହୋଇ ପଡ଼ିଚି ।

ରାକ୍ଷସ – ରାଜଶକ୍ତିର ବିରୁଦ୍ଧାଚରଣ କରିବା ଲୋକଙ୍କ ପାଇଁ ଦଣ୍ଡ ପୂର୍ବରୁ ନିର୍ଦ୍ଧାରିତ ହୋଇ ରହିଛି । ଏହା ହିଁ ପାଟଳିପୁତ୍ରର କୂଟନୀତିଯୁକ୍ତ ରାଜନୀତି ।

ଚାଣକ୍ୟ – ଅମାତ୍ୟ ରାକ୍ଷସ .... !

ରାକ୍ଷସ – ହଁ ବିଦ୍ୱାନ୍ ବିଷ୍ଣୁଗୁପ୍ତ ଜାଣି ରଖିବା ଉଚିତ – ରାଜନୀତି କେବଳ ମୂଲ୍ୟବାନ୍ ଗ୍ରନ୍ଥ ଭିତରେ ସୀମିତ ନଥାଏ ।

ପ୍ରଶ୍ନାବଳୀ

୧ । ବିଷ୍ଣୁଗୁପ୍ତ କିଏ ?
(A) ବିଷ୍ଣୁଙ୍କର ଗୁପ୍ତ ରୂପ
(B) ବିଷ୍ଣୁ ଯାହାକୁ ଗୋପନରେ ରଖିଛନ୍ତି
(C) ଚାଣକ୍ୟ
(D) ଚନ୍ଦ୍ରଗୁପ୍ତ

୨ । ଚାଣକ୍ୟଙ୍କଠାରୁ ନନ୍ଦରାଜା କି ଆଶା ରଖିଥିଲେ ?
(A) ଚାଣକ୍ୟ ତାଙ୍କର ସେବକ ହେବେ
(B) ଚାଣକ୍ୟ ଜଣେ ରାଜା ହେବେ
(C) ଚାଣକ୍ୟ ଜଣେ ମନ୍ତ୍ରୀ ହେବେ
(D) ଚାଣକ୍ୟ ରାଜାଙ୍କ ଇଚ୍ଛାନୁସାରେ ନିଜର ବୁଦ୍ଧି ଓ ବିବେକକୁ ନିୟୋଜିତ କରିବେ ।

୩ । ଭିକ୍ଷାବୃତ୍ତି ବ୍ରାହ୍ମଣର କୌଳିକ ଧର୍ମ ବୋଲି ରାଜା ଭାବିଛନ୍ତି କହିଥିଲେ ?
(A) ବ୍ରାହ୍ମଣମାନେ ଭିକ୍ଷାମାଗି ଜୀବନ ଅତିବାହିତ କରିବେ
(B) ଅନ୍ୟ ଜାତିର ଲୋକେ ବ୍ରାହ୍ମଣମାନଙ୍କୁ ଭିକ୍ଷାଦେବେ
(C) ବ୍ରାହ୍ମଣ ଧନ ଅର୍ଜନ କରି ଭୋଗ ବିଳାସରେ ସମ୍ବାଦ କଟାଇବେ ନାହିଁ
(D) ଭିକ୍ଷା ମାଗିବା ଗୋଟିଏ ଶ୍ରେଷ୍ଠ ବୃତ୍ତି ।

୪ । ଚାଣକ୍ୟ କି ସ୍ୱପ୍ନ ଦେଖିଥିଲେ ?
(A) ବଡ଼ ଲୋକ ହେବାପାଇଁ
(B) ବଡ଼ ଚାକିରି କରିବାପାଇଁ
(C) ଆର୍ଯ୍ୟାବର୍ତ୍ତର ଅର୍ଥନୈତିକ ଉନ୍ନତି କରିବାପାଇଁ
(D) ଭଲ ଗୃହସ୍ଥ ହେବାପାଇଁ

୫ । ପାଟଳିପୁତ୍ରର କୂଟନୀତିଯୁକ୍ତ ରାଜନୀତି କ'ଣ ?
(A) ଦୋଷୀକୁ ଦଣ୍ଡ
(B) ନିର୍ଦ୍ଦୋଷକୁ ମୁକ୍ତି
(C) ରାଜଶକ୍ତିକୁ ବିରୋଧ କରିବା ଲୋକକୁ ଦଣ୍ଡ
(D) ରାଜଦ୍ରୋହୀମାନଙ୍କୁ ମୁକ୍ତି

୬ । ନିର୍ଦ୍ଧାରିତ ଏହାର ବିଶେଷ୍ୟ ରୂପଟି କ'ଣ ହେବ ?
(A) ଧାରଣ (B) ନିର୍ଦ୍ଧାରଣ
(C) ଧାରିତ (D) ନିର୍ଧନ

୭ । ଠିକ୍ ଶବ୍ଦଟି ବାଛି ଦିଅ ।
(A) ସିମିତ (B) ସୀମିତ
(C) ସିମୀତ (D) ସୀମୀତ

ସେଟ୍ – ୩

ବିଭୂତି – ଉହୁଁ ହୁଁ ..... କେହି ନୁହେଁ ବୋଲି ଏବେ ବଡ଼ କଥାଟେ କେମିତି କହିବି ? ହେଲେ ତୁମର ଏଥିରେ ବାହାଦୁରୀ କିଛି ନାଇଁ । ଭାଇ ତମକୁ ବାହା ନ ହୋଇ ଆଉ ଯାହାକୁ ବାହା ହେଇଥିଲେ ବି ସେ ଆମର ଭାଉଜ ହେଇଥାନ୍ତା, ନହେଲା ଏବେ ତମେ ହେଇଛ । ଅସଲ କଥା ହଉଚି, ଭାଇ ଯାହାର ଅଛି, ଗଣ୍ଡା ଭାଉଜ ତାକୁ ମିଳିବେ ..... ଯେ ଏକାବେଳକେ ସିଦ୍ଧାନ୍ତ !

ବୁଲାବୋଉ – ତାହେଲେ ମୋରି ମରିବାକୁ ସମସ୍ତେ ଅନେଇଚ, ନାଇଁ ?

ଜେମା – ଛି ନୂଆବୋଉ ! ତୁମେ ଇମିତି କ'ଣ କହୁଚ !

ବିଭୂତି – ସାବାସ୍ ! ଠିକ୍ ବୁଝିଗଲ ତୁମେ । ଏଇଥିପାଇଁ ତୁମ ମାଇକିନିଆ ଜାତିଟାକୁ ମୁଁ ଦୋଷ ଦିଏଁ । ଭାବିବେ ବୁଲ, ବୁଝିବେ ଓଲଟା । ପୃଥିବୀର ଯେତେ ସବୁ ଅନର୍ଥ ଏଇ ଜାତିଟାପାଇଁ । ଦେଖ ଯେ, ସୁନାର ଲଙ୍କା ଛାରଖାର ହୋଇଗଲା ତାଙ୍କରି ସକାଶେ ! କୁରୁକୁଳ ମୂଳପୋଛ ହୋଇଗଲା, ତା' ମୂଳରେ ବି ସେଇ ନାରୀ ! ମାତୃଜାତି ବୋଲି ସବୁ ଦୁର୍ବଳତାକୁ ସିନା କ୍ଷମା କରାଯାଏ, ହେଲେ ମୁଁ କହୁଛି ସ୍ତ୍ରୀ ମାତ୍ରେ ସୂର୍ପଣଖାର ବଂଶ !

ନାକ କାନ କାଟି ଛାଡ଼ିଦେବ –ବାସ୍ ! ବଜାରେ ବୁଲା ! ତୁ ଆମର ବଜା ସମ୍ଭସ୍ତରୀ । ଆଚ୍ଛା, ବୁଲା ! .....

ବୁଲା – ଆଜ୍ଞା !

ବିଭୂତି – ସାବାସ୍ ବଡ଼ ହେଲେ ତୁ କାହାକୁ ପୋଷିବୁ କହିଦେଲୁ ବୋଉକୁ ।

ବୁଲା – ବାବାକୁ ।

ବିଭୂତି – ସାବାସ୍ ! ଶୁଣିଲ, ଶୁଣିଲଟି ଭାଉଜ ! Little hero କଥା ଶୁଣିଲ ? ସେ ମୋତେ ପୋଷିବ ! ମୋର ଆଉ କ୍ୟା ପରୱା ହେ ? ବୁଲା ଖାଲି ବଡ଼ ହେଇଯାଉ ଦେଖିବ ପାଠଶାଠ ପଢ଼ି ସେ କ'ଣ ହେବ ! ବୁଲାକୁ ତ ଜନ୍ମ କରିଛ, କେମିତି ସେ ମଣିଷ ହେବ ଭାବୁଚ ? ସେ କଥାକୁ ନଭାବି ଖାଲି 'ତୋର ମୋର' 'ମୋର ତୋର' ଆଉ କିଛି ନାହିଁ । ତୁମେ ଦେଖିବ ଭାଉଜ, ବୁଲାକୁ ମୁଁ ଗୋଟିଏ ମଣିଷଭଳିଆ ମଣିଷ କରି ଛିଡ଼ା କରେଇବି – ମଣି ଯାହାକୁ କହନ୍ତି ! କାଚ ନୁହେଁ, କାଚ ନୁହେଁ .... ମଣି ।

ପ୍ରଶ୍ନାବଳୀ

୧ । ବଡ଼ ଭାଇର ସ୍ତ୍ରୀକୁ ଭାଉଜ ବୋଲି ସମ୍ବୋଧନ କରାଯାଏ । ସେହିପରି ସାନଭାଇର ସ୍ତ୍ରୀକୁ କ'ଣ ବୋଲି କୁହାଯିବ ?
(A) ସାନ ଭାଉଜ (B) ଭାଇ ବୋହୂ
(C) ନୂଆ ବୋହୂ (D) ନଣନ୍ଦ

୨ । ଭାବିବେ ବୁଲ୍, ବୁଝିବେ ଓଲଟା – ଏହା କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?
(A) ପୁରୁଷ ଜାତି (B) ବାଳକ ଜାତି
(C) ସ୍ତ୍ରୀ ଜାତି (D) ବାଳିକା ଜାତି

୩ । କୁରୁବଂଶ ମୂଳପୋଛ ହୋଇଗଲା ? କାହାଯୋଗୁଁ ?
(A) ଦୁର୍ଯ୍ୟୋଧନ (B) ଶ୍ରୀକୃଷ୍ଣ
(C) ଭୀମସେନ (D) ଦ୍ରୌପଦୀ

୪ । ନାରୀମାନେ ସୂର୍ପଣଖାର ବଂଶ – ଏକଥା କାହିଁକି କୁହାଯାଇଛି ?
(A) ନାରୀମାନେ ସୂର୍ପଣଖାପରି ନଖ ବଢ଼ାଇ ରଖନ୍ତି ।
(B) ନାରୀମାନେ ନିଜ ସ୍ୱାର୍ଥକୁ ଆଖିଆଗରେ ରଖି କଥାବାର୍ତ୍ତା କରନ୍ତି ।
(C) ନାରୀମାନେ ଦୋଷକଲେ ଦଣ୍ଡପାଇବାକୁ ଯୋଗ୍ୟ ।
(D) ନାରୀମାନେ ସୂର୍ପଣଖା ପରି ରୂପ ପରିବର୍ତ୍ତନ କରିଥାନ୍ତି ।

୫ । ବୁଲା କେମିତି ମଣିଷ ହେବ, ସେ କଥା ଭାବୁଛ ? ଏହା କହିବା ଫଳରେ ନୂଆବୋଉ ଉପରେ କି ଦାୟିତ୍ୱ ଅଛି ବୋଲି କୁହାଯାଉଛି ?
(A) ମାଆ ହିସାବରେ ପିଲାକୁ ପାଠ ପଢ଼ାଇ ମଣିଷ କରିବା ଦାୟିତ୍ୱ
(B) ପିଲାକୁ ସ୍କୁଲ ପଠାଇବା ଦାୟିତ୍ୱ
(C) ପିଲାଟିକୁ ଖୁଆଇ ପିଆଇ ରଖିବା ଦାୟିତ୍ୱ
(D) ପିଲାଟିକୁ ଡାକ୍ତର ଦେଖାଇ ଔଷଧ ଦେବାର ଦାୟିତ୍ୱ

୬ । ବୁଲା କିଏ ବୋଲି ନାଟ୍ୟଂଶରୁ ଜଣାଯାଉଛି ?
(A) ବିଭୂତିର ଭାଇ
(B) ବିଭୂତିର ବଡ଼ଭାଇର ପୁଅ
(C) ବୁଲା ବିଭୂତିର କେହି ନୁହେଁ
(D) ବୁଲା ଗୋଟିଏ ବୁଲୁଥିବା ପିଲା

୭ । ବୁଲାକୁ କାଚ ନ କରି ମଣି କରିବି ବୋଲି ବିଭୂତି କାହିଁକି କହିଛନ୍ତି ?
(A) ମଣି ମୂଲ୍ୟବାନ ବୋଲି
(B) କାଚ କ୍ଷଣଭଙ୍ଗୁର ବୋଲି
(C) ଭଲ ପିଲା କରି ଗଢ଼ିବି ବୋଲି
(D) ବୁଲା ମଣି ବିକିବ ବୋଲି

ସେଟ୍ – ୪

ବୈରୀଗଞ୍ଜନ – ଆଉ କ'ଣ ଅଛି ଆଜ୍ଞା, ସୁନାର ରାଜ୍ୟ ଏ । ଏ ପବିତ୍ର ଭୂଇଁରେ ପାଦ ଦେଲା ବିଦେଶୀ ଫିରିଙ୍ଗି ! ଆମ ଜନ୍ମଭୂଇଁ, ଆମ ମା' ଆଜି ଅରକ୍ଷା ହୋଇ ଗୋଟିଏ ବିଦେଶୀ ଜାତିର ପାଦତଳେ ହେଲା ଖଟଣୀ ପୋଇଲି ! ଏୟା ପୁଣି ଏ ଆଖି ଦେଖିଲା, ଏ ଛାତି ସହିଲା ! ଯା ଦେଖିବା ଆଗରୁ ପାଇକ ଜାତି ମୂଳପୋଛ ହୋଇ ନ ମଲା କାହିଁକି ? ଫ୍ରେମିଂ ସାହେବ ଡେରାରେ ପଶିଥିଲି, ସେଠି ଯଦି ମୋର ମୃତ୍ୟୁ ହୋଇଥାନ୍ତା, ଭଲ ହୋଇଥାନ୍ତା । ଆଜିର ଏ ହୀନିମାନ ଗୋଲାମ ଜୀବନଠାରୁ ସେ ମୃତ୍ୟୁ କେଡ଼େ ଗୌରବର, କେଡ଼େ ସୁଖର ହୋଇଥାନ୍ତା ! ଆମେ ବଞ୍ଚି ଥାଉ ଥାଉ ପୁଣି ଫିରିଙ୍ଗି ହେଲା ଏ ଦେଶର ରାଜା, ପ୍ରଭୁ – ଆଉ ଆମେ –

କୃତିବାସ – (ଉତ୍ତେଜିତ ହୋଇ) ଅସମ୍ଭବ, ଅସମ୍ଭବ ବୈରୀଗଞ୍ଜନ । ତା' ହୋଇପାରେନା । ଯୋଉ ଦେଶର ରାଜା ଯଯାତି, ଅନଙ୍ଗ, କପିକ, ମୁକୁନ୍ଦ, ସେ ଦେଶର ପ୍ରଭୁ ହୋଇ ବସିବେ ଗୁଡ଼ାଏ ଙ୍ଗରେଜ ବେପାରୀ ! ବାଘ ଛାଲରେ ପୁଣି ଆସନ କରିବ କୁକୁର ! ଆଉ ଯୋଉ ହାତ ଉଠୁଥିଲା ଲକ୍ଷେ ରାଜାର ମଉଡ଼ମଣି ଠାକୁର ରାଜା ବୀର ଶ୍ରୀ ଗଜପତିଙ୍କୁ ଅଭିବାଦନ ଜଣାଇବାପାଇଁ, ସେଇ ହାତ ପୁଣି ଆଜି ଉଠିବ ଫିରିଙ୍ଗିକୁ ସଲାମ ଦେବାକୁ ? ନା – ନା, କେବେ ନୁହେଁ । ତୁମେ ବିଶ୍ୱାସ କର ବୈରୀଗଞ୍ଜନ, ଖଣ୍ଡାୟତ ଧମନୀ ଏବେ ସୁଦ୍ଧା ରକ୍ତଶୂନ୍ୟ ହୋଇଯାଇନି । ଏବେ ସୁଦ୍ଧା ଏ ଜାତିର ଶହ ଶହ ବୀର ପାଇକ ଯୁବକ ଅଛନ୍ତି, ଯେଉଁମାନେ ଜୀବନକୁ ତୁଚ୍ଛ କରି ଜନ୍ମଭୂମି ପାଇଁ ଜଳନ୍ତା ନିଆଁ ଭିତରକୁ ଡେଇଁ ପାରନ୍ତି ।

ବୈରୀଗଞ୍ଜନ – କିନ୍ତୁ ବଡ଼ ଦୁର୍ଭାଗ୍ୟ । ସମସ୍ତେ ଆଜି ନିଶ୍ଚେଷ୍ଟ ।

କୃତିବାସ – ପରିସ୍ଥିତି ସେମାନଙ୍କୁ ନିଶ୍ଚେଷ୍ଟ କରି ଦେଇଛି ବୈରୀଗଞ୍ଜନ । ତାଙ୍କ ଭିତରେ ଯେଉଁ ନିଆଁ ଅଛି, ତାକୁ ପ୍ରଜ୍ୱଳିତ କରିବାକୁ ପଡ଼ିବ । ସେଇ ନିଆଁ ଯେତେବେଳେ ତା'ର ସର୍ବଗ୍ରାସୀ

Scanned with CamScanner

Scanned with CamScanner

ଲେଲିହାନ ଜିହ୍ୱା ବିସ୍ତାର କରି ଜଳି ଉଠିବ, ସେତେବେଳେ ତାକୁ ପ୍ରତିରୋଧ କରିବ କିଏ ? ଅଙ୍ଗ ଗୋଦାବରୀ ଗୌଡ଼ ବିଜେତା ଜାତିର ରକ୍ତ ଏବେ ବି ଏ ଦେଶ ଯୁବକର ଶିରା ପ୍ରଶିରାରେ ଟକମକ ହୋଇ ଫୁଟୁଛି । ନା, ଆଉ ନୁହେଁ ବୈରୀଗଞ୍ଜନ ! ମା' ଡାକୁଛି – ମା' ଆର୍ତ ଚିତ୍‌କାର କରୁଚି – (ଉତ୍ତେଜିତ ହୋଇ ଉଠୁଥିଲେ)

ପ୍ରଶ୍ନାବଳୀ

୧ । ଏୟା ପୁଣି ଏ ଆଖି ଦେଖିଲା, ଏ ଛାତି ସହିଲା ! – ଏକଥା କିଏ କହିଛନ୍ତି ?
(A) କୃତ୍ତିବାସ (B) ପାଇକ ଜାତି
(C) ବୈରୀଗଞ୍ଜନ (D) ଫ୍ରେମିଂ ସାହେବ

୨ । ଆମ ମା' ଆଜି ଅରକ୍ଷା ହୋଇ ଗୋଟିଏ ବିଦେଶୀ ଜାତିର ପାଦତଳେ ହେଲା ଖଟଣୀ ପୋଇଲି ! – ଏହି ଉକ୍ତିଦ୍ୱାରା ବୈରୀଗଞ୍ଜନଙ୍କର ମନର କେଉଁ ଭାବ ପ୍ରକାଶ ପାଉଛି ?
(A) ଗର୍ବଭାବ (B) ହତାଶାଭାବ
(C) ବୈରୀଭାବ (D) ଦୃଢ଼ ସଂକଳ୍ପ

୩ । ବାଘଛାଲ ଉପରେ ଆସନ କରିବ କୁକୁର – ଏଥିରେ କୁକୁର ବୋଲି କାହାକୁ କୁହାଯାଇଛି ?
(A) ନିଜର ପୋଷାକୁକୁର (B) ବୁଲା କୁକୁର
(C) ବିଦେଶୀ କୁକୁର (D) ଫିରିଙ୍ଗି ସରକାର

୪ । ଜୀବନକୁ ତୁଚ୍ଛ କରିବା – ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ଜୀବନକୁ ବଡ଼ ବୋଲି ଭାବିବା
(B) ଜୀବନକୁ ଛୋଟ ବୋଲି ଭାବିବା
(C) ଜୀବନ ଦାନକରିବା
(D) ଜୀବନ ରକ୍ଷାକରିବା

୫ । ତାଙ୍କ ଭିତରେ ଯେଉଁ ନିଆଁ ଅଛି ତାକୁ ପ୍ରକ୍ୱଳିତ କରିବାକୁ ପଡ଼ିବ । ନିଆଁ – ଏହା କେଉଁ ଅର୍ଥରେ ପ୍ରୟୋଗ କରାଯାଇଛି ?
(A) ଯୁଦ୍ଧ କରିବାର ପ୍ରବୃତ୍ତି (B) ଯଜ୍ଞର ଅଗ୍ନି
(C) ଯାହା ଜୀବନ ସଞ୍ଚାର କରେ (D) ଜଠରର ଅଗ୍ନି

୬ । ଭିତରେ ଥିବା ନିଆଁକୁ ଲେଲିହାନ କରିବାକୁ ବା ଦରକାର ?
(A) ନିଆଁରେ ଇନ୍ଧନ ପକାଇବା
(B) ନିଆଁକୁ ଜଳିବାରେ ସାହାଯ୍ୟକରିବା
(C) ସମର୍ଥନ ପୂର୍ବକ ପ୍ରେରଣାଦେବା
(D) ଉଦ୍‌ବୋଧନ ଦେବା

୭ । ଟକମକ – ଏହା କି ପ୍ରକାର ଅବ୍ୟୟ ?
(A) ବୀପ୍‌ସାର୍ଥକ (B) ସଂଯୋଜକ
(C) ବିଯୋଜକ (D) ଧ୍ୱନ୍ୟାତ୍ମକ

୮ । ଇତିହାସରେ ଗୌଡ଼ ରାଜ୍ୟ କାହାକୁ ବୁଝାଏ ?
(A) ବିହାର (B) ବଙ୍ଗପ୍ରଦେଶ
(C) ଉତ୍ତରପ୍ରଦେଶ (D) ଓଡ଼ିଶା

ଉତ୍ତରମାଳା

ସେଟ୍ – ୧

1. (B) 2. (C) 3. (D) 4. (C)
5. (D)

ସେଟ୍ – ୨

1. (C) 2. (D) 3. (A) 4. (C)
5. (C) 6. (B) 7. (B)

ସେଟ୍ – ୩

1. (B) 2. (C) 3. (D) 4. (C)
5. (A) 6. (B) 7. (C)

ସେଟ୍ – ୪

1. (C) 2. (B) 3. (D) 4. (C)
5. (A) 6. (C) 7. (D) 8. (B)

ପଦ୍ୟାଂଶ

ସୂଚନା : ନିମ୍ନରେ ପ୍ରଦତ୍ତ ପଦ୍ୟାଂଶକୁ ଆଧାର କରି କେତୋଟି ପ୍ରଶ୍ନ ପ୍ରଦାନ କରାଯାଇଛି । ପ୍ରତି ପ୍ରଶ୍ନ ନିମିତ୍ତ ଦିଆଯାଇଥିବା ଚାରିଗୋଟି ସମ୍ଭାବ୍ୟ ଉତ୍ତରରୁ ଠିକ୍ ଉତ୍ତରଟି ବାଛି ଲେଖ ।

ସେଟ୍ – ୧

ଆଧାତ୍ମିକ ଶିକ୍ଷା ମୂଲ୍ୟବୋଧ ଶିକ୍ଷା ଆଦି ଯେତେ କଥା ଅଛି ପାଠର ବିଷୟେ ସବୁ ରହିଅଛି କିଏ ଅବା ଦେଖୁଅଛି ?
କେଉଁ ନିର୍ଦ୍ଦେଶକ ନିୟମିତ ବୁଲି କାମକୁ ତନଖିଆନ୍ତି ତଦାରଖ ବିନା ସଫଳତା ନାହିଁ ଏହା କିଏ ନ ଜାଣନ୍ତି ?
ସଭାଗୃହେ ବସି ଭାଷଣ ଝାଡ଼ିଲେ ନ ବଢ଼େ ଶିକ୍ଷାର ମାନ ଶିକ୍ଷାଦାନ ବୃତ୍ତି ପବିତ୍ର ହୋଇଲେ ନିଶ୍ଚେ ହେବ ସମାଧାନ ପରୀକ୍ଷାର ମାନ ଯେପରି ରହିଛି କାହାକୁ ନାହିଁ ଅଜଣା ଆମ ରାଜ୍ୟବାସୀ ମନ୍ତବ୍ୟ ଦିଅନ୍ତି ଆମେ ସବୁ ବାଟବଣା ।
ସବୁ ଭଲ ଗୁଣ ଆମ ପାଠେ ଅଛି ଆମେ ତ କସ୍ତୁରୀ ମୃଗ ନିଜକୁ ନ ଚିହ୍ନି ଘୁରି ବୁଲୁଥାଉ ଖୋଜି ବାସନାର ଦିଗ ।

ଶିକ୍ଷାୟତନକୁ ସବୁ ଯୋଗାଇଲେ ଶିକ୍ଷାଦେବ ଶୁଭଫଳ ଶିକ୍ଷାୟତନକୁ ମରୁଭୂମି କରି କାହିଁକି ଖୋଜିବା ଜଳ ।
ପଙ୍କରୁ ପଙ୍କଜ ସୃଷ୍ଟି କରିବାକୁ ସତ୍ତିଙ୍କର ଚେଷ୍ଟା ଲୋଡ଼ା ରାଜପଥେ ବସି ଜୋତା ସଫା ସଙ୍ଗେ ଗୁରୁଙ୍କ ସମ୍ମାନ ଯୋଡ଼ା ଗାଡ଼ି ଅଟକାଇ ଭିକ୍ଷାଥାଳ ଧରି ମାଗୁଛନ୍ତି ଅଧ୍ୟାପିକା ବିନା ବେତନରେ ବର୍ଷ ବର୍ଷ ଖଟି ଶିକ୍ଷାଦାନ ତା ଜୀବିକା ।
ସେହି ଗୁରୁଗୁର୍ବୀ ଅଧକ୍ଷ ଅଧକ୍ଷା ଆଧାତ୍ମିକ ଶିକ୍ଷା ଭରି ଓଦାଳନା ଖଣ୍ଡେ ପେଟରେ ପକାଇ କରୁଛନ୍ତି କେତେ ଦାବି ।
ହାୟରେ ହାୟ ଶିକ୍ଷା ବିଭାଗ ସବୁବେଳେ ନିଃସହାୟ ପବନର ବେଗେ ଦିଗ ଭୁଲିଯାଏ ହୁଅନ୍ତୁ ପ୍ରଭୁ ସହାୟ ।

ପ୍ରଶ୍ନାବଳୀ

1. ବର୍ତ୍ତମାନ କେଉଁ ଶିକ୍ଷାପାଇଁ ଗୁରୁତ୍ୱ ଦିଆଯାଇଛି ?
(A) ସାମରିକ ଶିକ୍ଷା (B) ନୈତିକ ଶିକ୍ଷା
(C) ସାମାଜିକ ଶିକ୍ଷା (D) କୃଷିସମ୍ବନ୍ଧୀୟ ଶିକ୍ଷା

2. ନୈତିକ ଶିକ୍ଷା କାହାକୁ କହନ୍ତି ?
(A) ଯେଉଁ ଶିକ୍ଷା ନୀତି ବିଷୟରେ ଶିକ୍ଷାଦିଏ
(B) ଯେଉଁ ଶିକ୍ଷା ରାଜନୀତି ବିଷୟରେ ଶିକ୍ଷାଦିଏ
(C) ଯେଉଁ ଶିକ୍ଷା ସମ୍ବିଧାନ ବିଷୟରେ ଶିକ୍ଷାଦିଏ
(D) ଯେଉଁ ଶିକ୍ଷା ଜୀବନରେ ଭଲ ମଣିଷ ହେବାକୁ ଶିକ୍ଷାଦିଏ ।

3. ନୀତିଶିକ୍ଷା କେଉଁଠାରେ ରହିଛି ?
(A) ନୀତିଶିକ୍ଷା ପାଠ୍ୟ ବିଷୟରେ ଅଛି
(B) ନୀତିଶିକ୍ଷା ଗୁରୁଙ୍କ ଦୁଣ୍ଡରେ ଅଛି
(C) ନୀତିଶିକ୍ଷା ସନ୍ନ୍ୟାସୀଙ୍କ ପାଖରେ ଅଛି
(D) ନୀତିଶିକ୍ଷା ସବୁଠାରେ ଅଛି

4. ଶିକ୍ଷାର ମାନ କିପରି ବଢ଼ିବ ବୋଲି କବି କହିଛନ୍ତି ?
(A) ସଭାଗୃହରେ ଭାଷଣ ଦେଲେ
(B) ଶିକ୍ଷକମାନଙ୍କୁ ତାଲିମ ଦେଲେ
(C) ଶିକ୍ଷାଦାନ ବୃତ୍ତିକୁ ଶିକ୍ଷକମାନେ ପବିତ୍ର ବୋଲି ମନେକଲେ ।
(D) ଶିକ୍ଷକଙ୍କ ଦରମା ବଢ଼ାଇଲେ ।

5. ଆମକୁ କସ୍ତୁରୀମୃଗ ସହିତ ତୁଳନା କରାଯାଇଛି ?
(A) ଆମେ କସ୍ତୁରୀମୃଗ ପରି ଚଲାବୁଲା କରୁ
(B) ଆମେ ମୃଗପରି ଚଞ୍ଚଳ ଦୌଡ଼ିପାରୁ
(C) ମୃଗପରି କାନ ପତେଇ ଶବ୍ଦ ଶୁଣିପାରୁ
(D) ଆମ ଭିତରେ ଥିବା ଗୁଣକୁ ଆମେ ଚିହ୍ନି ନପାରୁ

6. ଶିକ୍ଷା ଶୁଭଫଳ କେତେବେଳେ ଦେବ ?
(A) ପିଲାମାନଙ୍କର ଉପସ୍ଥାନ ବଢ଼ିଲେ
(B) ଶିକ୍ଷକମାନଙ୍କର ଦରମା ବଢ଼ିଲେ
(C) ଶିକ୍ଷାୟତନକୁ ସମସ୍ତ ସୁବିଧା ଯୋଗାଇଦେଲେ
(D) ଶିକ୍ଷକମାନଙ୍କ ପାଇଁ ବଦଳି ନିୟମ ଲାଗୁକଲେ

7. ପିଲାମାନଙ୍କୁ ଭଲ ମଣିଷ କରିବାକୁ ହେଲେ କେଉଁମାନଙ୍କ ଚେଷ୍ଟା ଦରକାର ?
(A) ପିଲାମାନଙ୍କର ଚେଷ୍ଟା (B) କର୍ତ୍ତୃପକ୍ଷଙ୍କର ଚେଷ୍ଟା
(C) ଶିକ୍ଷକମାନଙ୍କ ଚେଷ୍ଟା (D) ସମସ୍ତଙ୍କର ଚେଷ୍ଟା

8. ଦରମା ନ ପାଇ ଶିକ୍ଷକମାନେ ବିକ୍ଷୋଭ କରି ଜୋତା ସଫା କରୁଥିବା ମଧ୍ୟ ଦେଖାଯାଉଛି । ଏହାଦ୍ୱାରା ଶିକ୍ଷକଙ୍କର କ'ଣ ହାନି ହେଉଛି ?
(A) ସରକାରଙ୍କର ଦୃଷ୍ଟି ଆକର୍ଷିତ କରାଯାଉଛି ।
(B) ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି ।
(C) ଗୁରୁଙ୍କ ଗୁରୁତ୍ୱ କମି ସମ୍ମାନ ହାନି ହେଉଛି ।
(D) ଏହା ଫଳରେ ନିୟମିତ ଦରମା ବଢୁଛି ।

9. ଶିକ୍ଷକମାନଙ୍କୁ ଆଧାତ୍ମିକ ଶିକ୍ଷା ଦିଆଯାଉଛି । ଏଥିରେ ଶିକ୍ଷାର ବିକାଶ ହେବ କି ?
(A) ଏଥିରେ ଶିକ୍ଷାର ବିକାଶ ହେବ ନାହିଁ ।
(B) ନିୟମିତ ଦରମା ପ୍ରଦାନ କଲେ ଶିକ୍ଷାର ବିକାଶ ହେବ ।
(C) ନ ଖାଇ ନ ପିଇ ଶିକ୍ଷକମାନେ କି ଆଧାତ୍ମିକ ଶିକ୍ଷା ଦେବା ସମ୍ଭବ ନୁହେଁ ।
(D) ଶିକ୍ଷକ ଏକମାତ୍ର ଜାତି ଯେ ବିନା ଦରମାରେ କାମ କରିଥାଏ ।

10. ଶିକ୍ଷା ବିଭାଗ ନିଃସହାୟ କାହିଁକି ?
(A) ଶିକ୍ଷା ବିଭାଗ ଶିକ୍ଷକମାନଙ୍କୁ ପ୍ରତିଶ୍ରୁତି ଦିଏ, କିଛି ସାହାଯ୍ୟ କରିପାରେ ନାହିଁ
(B) ଶିକ୍ଷା ବିଭାଗ ସବୁ କଥା ଜାଣିଥାଏ, କିନ୍ତୁ ନ ଜାଣିବା ପରି ରହେ
(C) ଆଶ୍ୱାସନାର ବାଣୀ ଦେଇ ଶିକ୍ଷକଙ୍କ ଆନ୍ଦୋଳନକୁ ଭଣ୍ଡୁର କରେ ।
(D) ଶିକ୍ଷା ବିଭାଗ ଅଟକଳର ଆକଳନ ଠିକ କରିନଥାଏ ।

ସେଟ୍ – ୨

ନୁହେଁ ମାନସିଂହ ଦେଖିବି ମୁଁ ତୋର ବିଗତ ଯୌବନା ରୂପ ସୈକତ ଶୟନା ଅଳସୀ କନ୍ୟାର ସଉନ୍ଦର୍ଯ୍ୟ ଅପରୂପ ନୁହେଁ ମୁହିଁ ସଚ୍ଚି ଦେଖିବି ତୋ ଦେହେ କୋଟି ଶ୍ରମିକର ଘର୍ମ ନୁହେଁ ଗୋପବନ୍ଧୁ ବାହୁନି କାନ୍ଦିବି ଧରମାର ଜାତି ପ୍ରେମ ।
ଯାହା ତ ଗଲାଣି ଯାହା ରହିଅଛି ଇତିହାସ ମୁକସାକ୍ଷୀ ଯାହା ରହିଅଛି ତାହା ହିଁ ରହିବ ପାରିବା କି ଆମେ ରଖି ରାଜା ରାମଚନ୍ଦ୍ର ମଉଡ଼ମଣି ସେ ରାଙ୍ଗିଲେ କୋଣାର୍କ ଦିନେ ଆଖ ପାଖ ଗାଆଁ ଲୋକ ନ ଦେଖିଲେ ମନ ଦେଇଥିଲେ ଅନେ ।
ଶ୍ରୀମନ୍ଦିରଠାରେ ଅରୁଣସ୍ତମ୍ଭକୁ ଥାପିଲେ ଯେଉଁ ନରେଶ କେହି ନ ଜାଣିଲେ କେଉଁଠୁ ଆସିଲା ଏହା କି ରାଜା ଆଦେଶ ସହସ୍ର ପଥର ବିକ୍ରୟ ହୋଇଲା କୋଣାରକ ଆଖ ପାଖେ ଜମିଦାରଙ୍କର ପଥରପାହାଚ ଅବା ଘର ଦୂର ବକ୍ଷେ ।

ISHWAR DOT

Scanned with CamScanner

Scanned with CamScanner

ପପକର୍ଣ୍ଣ ବୋଲି ସାହେବ ସେଦିନ କହିଥିଲେ ଦିନେ ଦମ୍ଭେ ଅଣ୍ଟାଳ ଚିତ୍ରର କୋଣାର୍କ ଆଉ ଦେଖି ନ ପାରିବା ଆମ୍ଭେ ବି.ଟେକ୍‌ସ ସାହେବ ମତ ଦେଇଥିଲେ କୋଣାର୍କ ଜାତିର ଶିଳ୍ପ ଏହାର ସୁରକ୍ଷା ଜାତିର କର୍ତ୍ତବ୍ୟ ଜାତିର ସ୍ମାରକୀ ଗଳ୍ପ । ରକ୍ଷଣାବେକ୍ଷଣ ସେହିଦିନଠାରୁ ଚାଲିଅଛି ଧୀରେ ଧୀରେ ଏ ଜାତିର ଟେକ ଅତୀତ ଗୌରବ ରଖିବାକୁ ପଣ କରେ ।

ଆସ ହେ ଦର୍ଶକ ଆସ ଦାର୍ଶନିକ ଯେତେ ଯହିଁ ଅଛ ଆସ କୋଣାର୍କ ଦେହରେ ଫୁଟିଛି କବିତା ହୋଇଯାଇ ନାହିଁ ଶେଷ ଖିଆଲି ମନର ଶୋଷକ ରାଜାର କ୍ଷଣିକ ଆବେଗ ପାଇଁ ବାର ବରଷର ଯେତେକ ରାଜସ୍ୱ ଖର୍ଚ୍ଚ ହେଲା କାହା ପାଇଁ ।

ଶିଳ୍ପୀର ଘରଣୀ କାନ୍ଦି କାନ୍ଦି ମଲା ରୋଟିଣା ଶିଶୁକୁ ଧରି ବାହା ବାହା ନେଲେ ନରସିଂହ ଦେବ କୋଣାର୍କ ମନ୍ଦିର ଗଢ଼ି ଦିନେ ହେଲେ ରାଜା ଚିନ୍ତା କଲେ ନାହିଁ ରାଜ୍ୟବାସୀଙ୍କର ଦୁଃଖ ଆନନ୍ଦ ବିଭୋର ସେଦିନ ସମ୍ରାଟ ପ୍ରଶଂସାରେ ମହାସୁଖ ।

ପ୍ରଶ୍ନାବଳୀ

1. କୋଣାର୍କକୁ ବିଗତ ଯୌବନା ବୋଲି କେଉଁ କବି କହିଛନ୍ତି ?
   (A) ଡକ୍ଟର ମାୟାଧର ମାନସିଂହ
   (B) ଡକ୍ଟର ସୀତାକାନ୍ତ ମହାପାତ୍ର
   (C) ଡକ୍ଟର ପ୍ରତିଭା ରାୟ
   (D) କବି ରବି ସିଂ
2. କୋଣାର୍କ ଚିତ୍ରରେ ଶ୍ରମିକର ଝାଳ କିଏ ଦେଖିଥିଲେ ?
   (A) ପଣ୍ଡିତ ନୀଳକଣ୍ଠ (B) ପଣ୍ଡିତ ଗୋପବନ୍ଧୁ
   (C) ପଣ୍ଡିତ ଗୋଦାବରୀଶ (D) ସଚି ରାଉତରାୟ
3. ଗୋପବନ୍ଧୁ ବାହୁନି କାନ୍ଦିଛନ୍ତି କାହିଁକି ?
   (A) ଗୋପବନ୍ଧୁ କୋଣାର୍କକୁ ଦେଖି ଦୁଃଖ କରିଛନ୍ତି
   (B) ଗୋପବନ୍ଧୁ ଆବେଗ ସମ୍ଭାଳି ନ ପାରି କାନ୍ଦିଥାନ୍ତି
   (C) ଗୋପବନ୍ଧୁ ଧରମାର କରୁଣ କାହାଣୀ ବର୍ଣ୍ଣନା କରିଛନ୍ତି
   (D) ଗୋପବନ୍ଧୁ ବହୁବାର କୋଣାର୍କ ତନ୍ନ ତନ୍ନ କରି ଦେଖିଛନ୍ତି ।
4. ଶ୍ରୀମନ୍ଦିର ସାମନାରେ ଥିବା ଅରୁଣ ସ୍ତମ୍ଭ କିଏ ସ୍ଥାପନ କରିଥିଲେ ?
   (A) ଲାଙ୍ଗୁଳା ନରସିଂହ ଦେବ
   (B) ଅନଙ୍ଗଭୀମ ଦେବ
   (C) ପ୍ରତାପରୁଦ୍ର ଦେବ
   (D) ରାମଚନ୍ଦ୍ର ଦେବ
5. କୋଣାର୍କ ଅଣ୍ଟାଳ ଚିତ୍ରରେ ପୂର୍ଣ୍ଣ ବୋଲି କେଉଁ ବୈଦେଶିକ କହିଥିଲେ ?
   (A) ଜନ୍ ବୋଇଟନ (B) ଟି.ଏସ୍. ରେଭେନ୍‌ସା
   (C) ଜନ୍ ବୀମ୍‌ସ (D) ପପକର୍ଣ୍ଣ
6. କୋଣାର୍କ ଜାତିର ଶିଳ୍ପ । ଏହାର ରକ୍ଷଣାବେକ୍ଷଣ ଦରକାର କେଉଁ ବୈଦେଶିକ କହିଥିଲେ ?
   (A) ପାକେନ ହାମ (B) ବି.ଟେକ୍‌ସ
   (C) ଫ୍ଲେଚର (D) ଲର୍ଡ଼ କର୍ଜନ
7. କୋଣାର୍କ ଦେହରେ କବିତା ଫୁଟିଛି ବୋଲି କବି କାହିଁକି କହିଛନ୍ତି ?
   (A) କୋଣାର୍କରେ କବିତା ଲେଖା ହୋଇଛି ।
   (B) କୋଣାର୍କରେ କେବଳ ପଥର ଖୋଦେଇ ମୂର୍ତ୍ତି ରହିଛି ।
   (C) କୋଣାର୍କର ପ୍ରତ୍ୟେକ ମୂର୍ତ୍ତି କବିତା ଭଳି ହୃଦୟର ଆବେଗ ପ୍ରକାଶ କରେ
   (D) କୋଣାର୍କ ପାଖରେ ଅନେକ ଫୁଲ ବଗିଚା କରାଯାଇଛି ।
8. କୋଣାର୍କର ପ୍ରତିଷ୍ଠାତା ରାଜା ତାଙ୍କ ଖିଆଲି ମନ ପାଇଁ କେତେ ବର୍ଷର ରାଜସ୍ୱ ଖର୍ଚ୍ଚ କରିଛନ୍ତି ?
   (A) ଷୋଳ ବର୍ଷର (B) ବାର ବର୍ଷର
   (C) ଚାରି ବର୍ଷର (D) ଏକ ବର୍ଷର
9. ଶିଳ୍ପୀର ଘରଣୀ କାନ୍ଦି କାନ୍ଦି ମଲା କାହିଁକି ?
   (A) ତା'ର ସ୍ୱାମୀ ଦୀର୍ଘ ବାରବର୍ଷ ପର୍ଯ୍ୟନ୍ତ ଘର ବିଷୟରେ ଚିନ୍ତା କରି ନ ଥିଲେ ।
   (B) ତା'ର ଆର୍ଥିକ ଅନଟନ ପ୍ରତି କେହି ଧ୍ୟାନ ଦେଇ ନ ଥିଲେ ।
   (C) ତାକୁ ତା'ର ବନ୍ଧୁବାନ୍ଧବ ସାହାଯ୍ୟ କରି ନ ଥିଲା ।
   (D) ସେ ରୋଗରେ ପଡ଼ି ଯନ୍ତ୍ରଣା ଭୋଗ କରୁଥିଲା ।
10. ତୁମେ ଯଦି ଶିଳ୍ପୀର ଘରଣୀ ହୋଇ ବାରବର୍ଷ ସ୍ୱାମୀଙ୍କ ଅନୁପସ୍ଥିତିରେ ରହିଥାନ୍ତ, ତେବେ ରାଜାଙ୍କ ପ୍ରତି ତୁମର କେଉଁ ଭାବ ଜାଗ୍ରତ ହୋଇଥାନ୍ତା ?
   (A) ପ୍ରେମ ଭାବ (B) ଭକ୍ତି ଭାବ
   (C) ସ୍ନେହ ଭାବ (D) ଘୃଣା ଭାବ

ସେଟ୍ -୩

ମଣିଷ ବୁକୁରେ ଢେଉ
କାଗଜ କଲମେ ଆଙ୍କେ ଯେଉଁ ଛବି
ତାକୁ ହିଁ କବିତା କହୁ ।
ସମାଜର ମର୍ମ କଥା
ଆଖି ଖୋଲି ଦେଖି ଲେଖି ଚାଲିଥିଲେ
ସାହିତ୍ୟ ଟେକଇ ମଥା ।
ସେପରି କବିତା ଲେଖା,
ଯୁଗ ଯୁଗ ଧରି ନର ଧମନୀରେ
ଟାଣଇ ସ୍ପନ୍ଦନ ରେଖା ।
ଦାନବ ସଙ୍ଗରେ ରଣ
ସର୍ବହରା ରଚଇ ତା' ଲେଖାରେ

ବିପୁବ ତା'ର ପ୍ରାଣ ।
ଶତ ଶତ ତରବାରୀ
ହାତରୁ ଖସିଛି ରଣ ପ୍ରାଙ୍ଗଣେ
ଲେଖାଠୁ ଯାଇଛି ହାରି ।
ଲେଖକର ବାଣ ବାଜି
ଲେଖନୀ ମୁନର ତୀବ୍ର ଆଘାତେ
ସାମ୍ରାଜ୍ୟ ପଡ଼େ ଭାଜି ।
ଯେଉଁ ଲେଖା ଧରା ପରେ
ରଚନ୍ତା ସରଗ ସମାଜ ବୁକୁରେ
ଲୁଚିଯାଏ ଅନୀତିରେ ।
ସାହିତ୍ୟ ରାଜ୍ୟରେ ଆଜି
ନିସ୍ତେଜତାର ନାଟକ ରଚଇ
ସ୍ୱାର୍ଥାନ୍ୱେଷୀ ପାଜି ।
ନୁହ ଯେବେ ପ୍ରଶାସକ
କ୍ଷମତା ବୁଝୁଳି ନାହିଁ ଯେବେ ହାତେ
ବିମୁଖ ତା କିନ୍ତୁ ତୁ ପ୍ରକାଶକ ।
ପ୍ରକାଶକ ଦିଏ ଧୋକା
ପାଣ୍ଡୁଲିପି ନେଇ ଗଦା କରି ରଖେ
ପ୍ରକାଶ ନ ହୁଏ ଲେଖା ।

ପ୍ରଶ୍ନାବଳୀ

1. କବିତା କାହାକୁ କହନ୍ତି ?
   (A) ଛନ୍ଦରେ ଆବଦ୍ଧ ପଦାବଳୀ
   (B) ହୃଦୟର ଉଚ୍ଛ୍ୱାସର ରୂପ
   (C) ମଣିଷ ବୁକୁର ଢେଉ ଯାହା କାଗଜ କଲମରେ ଆଙ୍କି ହୁଏ
   (D) କାଗଜ କଲମରେ ଅଙ୍କିତ ଚିତ୍ର
2. ସାହିତ୍ୟ କେତେବେଳେ ମଥା ଟେକେ ?
   (A) ସାହିତ୍ୟ ସୃଷ୍ଟି ହେଲେ
   (B) ସାହିତ୍ୟ ଅନ୍ୟମାନେ ପଢ଼ିଲେ
   (C) ସାହିତ୍ୟ ପ୍ରଚାରିତ ହେଲେ
   (D) ସାହିତ୍ୟ ସମାଜର ମର୍ମକଥା ପ୍ରକାଶ କଲେ ।
3. ସର୍ବହରା କାହାକୁ କହନ୍ତି ?
   (A) ଯେ ସବୁକିଛି ହରାଇଥାଏ
   (B) ଯେ ସବୁବେଳେ ହାର୍ ମାନେ
   (C) ଯାହାର ଆଦୌ ପୁଞ୍ଜି ନଥାଏ
   (D) ଯାହାକୁ ବହୁତ ଜିନିଷ ମିଳେ
4. କଲମ କାହିଁକି ଖଣ୍ଡାଠାରୁ ବଡ଼ ?
   (A) କଲମରେ ଲେଖା ହେଲେ ବିପୁବ ହୁଏ
   (B) କଲମରେ ଲେଖାହେଲେ ସମସ୍ତେ ଜାଣନ୍ତି
   (C) ଖଣ୍ଡା କେବଳ ଯୁଦ୍ଧରେ ବ୍ୟବହାର କରାଯାଏ
   (D) ଖଣ୍ଡାରେ କେବଳ ହାଣିବା କାର୍ଯ୍ୟ ହୁଏ ।
5. ପ୍ରକାଶକ କାହାର ଲେଖା ପ୍ରକାଶ କରିବାରେ ଗୁରୁତ୍ୱ ଦିଅନ୍ତି ?
   (A) ଯେଉଁ ଲେଖା ଭଲ ହୋଇଥାଏ
   (B) ଯେଉଁ ଲେଖା ଭଲ ବିକ୍ରି ହେବାର ଆଶାଥାଏ
   (C) ଯେଉଁ ଲେଖା ପ୍ରକାଶକଙ୍କୁ ଭଲ ଲାଗେ
   (D) ଯେଉଁ ଲେଖାର ଲେଖକ ହାତରେ କ୍ଷମତା ଥାଏ ।
6. ପ୍ରକାଶକ ଧୋକା ଦିଏ କାହାକୁ ?
   (A) ପ୍ରକାଶକ ଧୋକା ଦିଏ ପାଠକକୁ
   (B) ପ୍ରକାଶକ ଧୋକାଦିଏ କର୍ମଚାରୀଙ୍କୁ
   (C) ପ୍ରକାଶକ ଧୋକାଦିଏ ଜନତାଙ୍କୁ
   (D) ପ୍ରକାଶକ ଧୋକାଦିଏ ଲେଖକକୁ
7. ସରଗ ସୃଷ୍ଟି କରିବା ଲେଖା ଲୁଚିଯାଏ ବୋଲି କାହିଁକି କୁହାଯାଇଛି ?
   (A) ସରଗ ସୃଷ୍ଟି କରିବା ଲେଖା ପ୍ରକାଶକ ଛାପେ ନାହିଁ ।
   (B) ସରଗ ସୃଷ୍ଟି କରିବା ଲେଖା ପ୍ରକାଶକ ପଢ଼େ ନାହିଁ ।
   (C) ସରଗ ସୃଷ୍ଟି କରିବା ଲେଖା ପ୍ରକାଶକ ଆଦର କରେ ନାହିଁ ।
   (D) କ୍ଷମତା ବିହୀନ ଲେଖକଙ୍କ ଭଲଲେଖାକୁ ପ୍ରକାଶକ ଗଦା କରି ରଖେ ।

ସେଟ୍ - ୪

"ବାଘମାନେ ଶୁନ ହୋଇ ଗଲେଣି ବଣରୁ
ନିର୍ବାକ୍ ଗଛମାନେ ପଡୁଛନ୍ତି ଦୁଲଦାଲ
ତା'ପରେ ଶୋଭା ପାଇବେ
କେଉଁ କୁବେର ଆଉ ଇନ୍ଦ୍ରଙ୍କ ମାୟାପୁରୀରେ ।
ବାଘର ହେଣ୍ଟାଳ ନାଇଁ
ଚଢ଼େଇଙ୍କ କିଚିରି ମିଚିରି ନାଇଁ
ଚିତ୍ରିତ ହରିଣଙ୍କ ନାଚ ନାଇଁ
ନୂଆ ନୂଆ ମହାବଳମାନେ ମାଡ଼ି ଆସିଲେଣି
ଚିମିନିଙ୍କ ଗର୍ଜନରେ ସେମାନଙ୍କ ହେଣ୍ଟାଳ
ଫର୍ଣ୍ଣେସର ନିଆଁରେ ସେମାନଙ୍କ ଲହ ଲହ ଜିଭ
ଚାରିଆଡ଼େ ନୀରବତା
ଖୁଜ୍‌ବୁଜ୍ ହେଲେ ମେସିନ୍‌ଗନ୍
ପନ୍‌ଝାଟେକି ମାରିବ ଲମ୍ଫ ।
ହାତରେ ସୁନାର କଙ୍କଣ ଧରି, ବୁଢ଼ାବାପା ବସିଛି
ଭୁଲିଯାଉଛି ବିଚରା ଭିକାରୀ ପଥିକ
ହରିଣମାନେ ଭଳି ଯାଉଛନ୍ତି ମଧୁର ଗୀତରେ
ରାଜାମାନେ, ବାଘମାନେ ସଉକ କରୁଛନ୍ତି
କହୁଛନ୍ତି ହେ ହରିଣମାନେ, ଥୟ ଧର ବିଦ୍ରାପିତ ବୋଲି ଦୁଃଖ କରନା
ତୁମ ପାଇଁ ଆସୁଛି ନୂଆ ସକାଳ କଅଁଳି ଉଠିବ ନୂଆ ନୂଆ ବଣ
ସବୁଜ ସୁଷମା ଭରିଯିବ ମରୁପ୍ରାନ୍ତର,
ଦୁଃଖ ରହିବ ନାହିଁ
ହାତ ପତେଇବ ନାହିଁ ଦାନ୍ତନିକୁଟି
ମୁଣ୍ଡଟେକି ଚାଲିବ ରାଜ ରାସ୍ତାରେ ।"

ISHWAR ROUT

Scanned with CamScanner

Scanned with CamScanner

ପ୍ରଶ୍ନାବଳୀ

1. ଗଛମାନେ ନିର୍ବାକ୍ ବୋଲି କୁହାଯାଇଛି, କାରଣ -
   (A) ଗଛମାନଙ୍କର ବାକ୍ ଶକ୍ତି ଥିଲା କିନ୍ତୁ ଏବେ ତାହା ଲୋପ ପାଇଛି ।
   (B) ଗଛମାନ କଟା ହେବାବେଳେ ସେମାନେ ସହି ଯାଆନ୍ତି, କିଛି କହନ୍ତି ନାହିଁ ।
   (C) ବାକ୍‌ଶକ୍ତି ହରାଇଥିବା ଗଛମାନଙ୍କୁ ବାକ୍‌ଶକ୍ତି ପ୍ରଦାନ କରିବାକୁ ହେବ ।
   (D) ମଣିଷ ଅତ୍ୟାଚାରରେ ମୁଣ୍ଡପୋତି ଦେବା ଗଛର କପାଳ ଲିଖନ ।
2. ଗଛମାନେ ଶୋଭା ପାଇବେ କେଉଁ କୁବେର ଆଉ ଇନ୍ଦ୍ରଙ୍କ ମାୟାପୁରୀରେ । ଏହା କି ସୂଚନା ଦିଏ ?
   (A) ଧନୀ ଲୋକମାନେ ଘର ତିଆରି ଜଳେ ଏହି ଗଛର କାଠକୁ ବ୍ୟବହାର କରିବେ ।
   (B) ଗଛମାନଙ୍କୁ କୁବେର ଆସି ନେଇଯିବେ ।
   (C) ଗଛମାନେ ଇନ୍ଦ୍ରଙ୍କ ମାୟାପୁରୀରେ ଅବସ୍ଥାନ କରିବେ ।
   (D) ଗଛମାନେ ମାୟା ରୂପ ଧାରଣ କରିବେ ।
3. ନୂଆ ନୂଆ ମହାବଳମାନେ ମାଡ଼ି ଆସିଲେଣି - କେଉଁମାନେ ନୂଆ ନୂଆ ମହାବଳ ?
   (A) ଅନ୍ୟ ବଣରୁ ଆସିଥିବା ମହାବଳ ବାଘ
   (B) ଅନ୍ୟ ଦେଶରୁ ଆସିଥିବା ବଡ଼ ବଡ଼ ବାଘ
   (C) ପିଞ୍ଜରାରୁ ଖସି ଆସିଥିବା ମହାବଳ ବାଘ
   (D) କାରଖାନା ବସାଇବାକୁ ଚେଷ୍ଟା କରୁଥିବା ବଡ଼ ବଡ଼ ଶିଳ୍ପପତିମାନେ
4. ବାଘର ହେଣ୍ଟାଳ ନାଇଁ
   ଚଢ଼େଇଙ୍କ କିଚିରି ମିଚିରି ନାଇଁ - ଏହା କି ସୂଚନା ଦେଉଛି ?
   (A) ବାଘ ତା'ର ହେଣ୍ଟାଳ ଶବ୍ଦ ବନ୍ଦ କରି ଦେଇଛି ।
   (B) ଚଢ଼େଇମାନେ କିଚିରିମିଚିରି ଶବ୍ଦ ବନ୍ଦ କରିଛନ୍ତି ।
   (C) ହେଣ୍ଟାଳ ବା କିଚିରିମିଚିରି ଶବ୍ଦରେ କିଛି ଲାଭ ନାହିଁ ।
   (D) ଜଙ୍ଗଲ କଟାହେବାରୁ ବାଘ ଓ ପକ୍ଷୀମାନେ ଚାଲିଗଲେ ।
5. ଚିମିନିର ଗର୍ଜନ, ପର୍ଣ୍ଣେସର ନିଆଁ, ମେସିନ୍‌ଗନର ଶବ୍ଦ - କି ସୂଚନା ଦିଏ ?
   (A) କାରଖାନା ବସିଲେ ଚିମିନି ଗର୍ଜିବା
   (B) କାରଖାନା ବସିଲେ ପର୍ଣ୍ଣେସର ନିଆଁ ଜଳିବା
   (C) ମେସିନ୍‌ଗନ ଢୋ ଢୋ ଆୱାଜ କରିବା
   (D) ବିସ୍ଥାପିତଙ୍କ ମନରେ ଭୟ ସୃଷ୍ଟି କରିବା
6. 'ଖୁଜବୁଜ' ଶବ୍ଦକୁ କେଉଁ ଅର୍ଥରେ ବ୍ୟବହାର କରାଯାଇଛି ?
   (A) ଖୁଜବୁଜ ଶବ୍ଦ କରିବା
   (B) ଶବ୍ଦ କରି ଡରାଇବା
   (C) ସଭାସମିତି କରି ସ୍ଲୋଗାନ ଦେବା
   (D) ବିସ୍ଥାପିତମାନେ ପ୍ରତିବାଦ କରିବା
7. ହେ ହରିଣମାନେ ଥୟ ଧର - କାହାକୁ ଲକ୍ଷ୍ୟକରି କୁହାଯାଇଛି ?
   (A) ବିସ୍ଥାପିତ ଲୋକମାନଙ୍କୁ
   (B) ଜଙ୍ଗଲର ହରିଣମାନଙ୍କୁ
   (C) ଅନ୍ୟ ଜଙ୍ଗଲରୁ ଆସିଥିବା ହରିଣମାନଙ୍କୁ
   (D) ଚିତ୍ରିତ ନୃତ୍ୟରତ ମୃଗମାନଙ୍କୁ
8. ଏହି କବିତାଟି କେଉଁ ଛନ୍ଦରେ ଲେଖାଯାଇଛି ?
   (A) ମିତ୍ରାକ୍ଷର (B) ଅମିତ୍ରାକ୍ଷର
   (C) ଏକାନ୍ତର ମିତ୍ରାକ୍ଷର (D) ଗଦ୍ୟ ଛନ୍ଦ
9. ଆସୁଛି ନୂଆ ସକାଳ, କଅଁଳି ଉଠିବ ନୂଆବଣ । ଏହା କି ଉଦ୍ଦେଶ୍ୟରେ କୁହାଯାଇଛି ?
   (A) ସୁନ୍ଦର ସକାଳ ନୂଆ ରୂପରେ ଆସିବ
   (B) ନୂତନ ଜଙ୍ଗଲ ସୃଷ୍ଟି ହେବ
   (C) ନୂଆ ବଣରେ ବାଘମାନେ ଓ ହରିଣମାନେ ଆନନ୍ଦରେ ରହିବେ
   (D) ଶିଳ୍ପ ପ୍ରତିଷ୍ଠା ହେବ ଓ ଶିଳ୍ପ-ସହର ଗଢ଼ି ଉଠିବ ।
10. ଏହି କବିତା ପାଇଁ ଗୋଟିଏ ଶୀର୍ଷକ ଠିକ୍ କଲେ କ'ଣ ହେବ ?
   (A) ପୋସ୍କୋ ବିରୋଧୀ ଆନ୍ଦୋଳନ
   (B) ଜିନ୍ଦଲ ବିରୋଧୀ ଆନ୍ଦୋଳନ
   (C) ଶିଳ୍ପାୟନ
   (D) ବାଘଙ୍କ ହେଣ୍ଟାଳ

ସେଟ୍ - ୫

ଆଷାଢ଼
ଏକ ବିମୁଗ୍ଧା ନାୟିକା ପରି
ସନ୍ତର୍ପଣେ ଛିଡ଼ା ହେଲା
ମୋ ସାମ୍ନାରେ ଆସି
ନୀଳ କବରୀରେ ତା'ର କେତକୀ ଓ ମଲ୍ଲୀଫୁଲ ଖୋସି ।।
ଦିଗନ୍ତ ଆଖିରେ ତା'ର
ସରୁ ସରୁ ଭାସମାନ ମେଘର କଜଳ,
ଏବଂ ପୁଣି
ତ୍ରସ୍ତ-ଭୀରୁ ବିଜୁଳିର ତିର୍ଯ୍ୟକ୍ ଚାହାଣି
ମୟୂରୀ-ଗ୍ରୀବାରେ ତା'ର
ଅପରାଜିତାର ମାଳା
ଥର ଥର ବ୍ୟସ୍ତ - ଦୋଳାୟିତ

କମ୍ପିତ ଅଧରେ ତା'ର
ବିଚ୍ଛୁରିତ କୃଷ୍ଣଚୂଡ଼ା ହସ,
ଆଉ ତା'ର ସର୍ବାଙ୍ଗରେ
ଶିହରିତ କଦମ୍ବର ପୁଲକ ରୋମାଞ୍ଚ ।।
ଆଷାଢ଼ ଏକ ପ୍ରଲୁବ୍ଧା ନାୟିକା ପରି
ଆଲିଙ୍ଗନ କଲା ମୋତେ
ତା'ର ଚାରୁ ସ୍ନେହ-ସ୍ନିଗ୍ଧ
କରୁଣାର୍ଦ୍ର ଶ୍ୟାମଳ ବାହୁରେ
ବନ୍ଦୀ କଲା ପୁଣି
ଉଡ଼ନ୍ତା ଶାଢ଼ିର ପନ-
ନୀଳ ନୀଳ ବ୍ୟସ୍ତ ବେହରଣ,
ଏବଂ ମୋତେ ମୁଗ୍ଧ କଲା
ମୌସୁମୀ-ମାଟିର ଗନ୍ଧେ
ଲୋଭନୀୟ ହରିତ ଉନ୍ମାଦେ ।।
ଜ୍ୱାଳାମୁଖୀ ମୁଁ ରୁଦ୍ର ବୈଶାଖ
ବନ୍ଦୀ ହୋଇ ମାୟାବିନୀ-
ଆଷାଢ଼ର ସବୁଜ ମାୟାରେ
ଶୁଣିଲି ତ ନିରବଧି
ରୁଣୁଝୁଣୁ ବର୍ଷାର ସଙ୍ଗୀତ,
ଭୁଲିଗଲି ଅସମ୍ଭବ
ଖର ରୁଦ୍ର ରୌଦ୍ରର ଜ୍ୱଳନ ।

ପ୍ରଶ୍ନାବଳୀ

1. ଆଷାଢ଼ ଏକ ବିମୁଗ୍ଧା ନାୟିକା ପରି - କବି ଏକଥା କାହିଁକି କହିଛନ୍ତି ?
   (A) ଆଷାଢ଼ ଏକ ବିମୁଗ୍ଧା ନାୟିକା
   (B) ଆଷାଢ଼ ବିମୁଗ୍ଧା ନାୟିକା ପରି ଆସେ
   (C) ତା'ର କବରୀରେ ପୁଷ୍ପର ସମ୍ଭାର
   (D) ବିମୁଗ୍ଧା ନାୟିକା ସଜେଇ ହୋଇ ନାୟକ ପାଖେ ପହଞ୍ଚିଲା ପରି ଆଷାଢ଼ ଆସି ସାମ୍ନାରେ ପହଞ୍ଚେ ।
2. ବିମୁଗ୍ଧା ନାୟିକା ଆଷାଢ଼ର ବେଶ କ'ଣ ?
   (A) ପଟ୍ଟବସ୍ତ୍ର ପରିହିତା
   (B) ପାଦରେ ପୁଙ୍ଗୁର ସଜ୍ଜା
   (C) ମେଘର କଜଳ ଓ ତିର୍ଯ୍ୟକ୍ ଚାହାଣି
   (D) ନୃତ୍ୟରତା ବିଳାସିନୀ ପରି
3. ପ୍ରକୃତିର କେଉଁ ପୁଷ୍ପ ଆଷାଢ଼ର ମୁଖରେ ହସ ଫୁଟାଏ ?
   (A) ପଦ୍ମ (B) ମଲ୍ଲୀ
   (C) କୃଷ୍ଣଚୂଡ଼ା (D) ଚମ୍ପା
4. ବିମୁଗ୍ଧା ନାୟିକା ନାୟକକୁ ଆଲିଙ୍ଗନ କଲାପରି ଆଷାଢ଼ କ'ଣ କରିଥାଏ ?
   (A) ଆଷାଢ଼ ଧୀରେ ଧୀରେ ଆସେ
   (B) କୁସୁମେ ଭୂଷିତ ହୋଇ ଆସେ
   (C) ପୃଥିବୀ-ନାୟକକୁ ଆଲିଙ୍ଗନ କରେ
   (D) ଆଷାଢ଼ ଆସି ଠିଆ ହୋଇ ରହେ
5. ବୈଶାଖକୁ ରୁଦ୍ର ବୋଲି କୁହାଯାଏ କାହିଁକି ?
   (A) ବୈଶାଖ ରୁଦ୍ର ପରି ନିଷ୍ଠୁର
   (B) ବୈଶାଖ ଖରାର ଡହକରେ ସବୁ ଝାଉଁଳି ପଡ଼େ
   (C) ବୈଶାଖରେ ବର୍ଷାର ଅଭାବ
   (D) ବୈଶାଖରେ ଜଳର ଅଭାବ
6. ଆଷାଢ଼ର ସବୁଜ ମାୟାରେ ବୈଶାଖ ବନ୍ଦୀ ହୁଏ କିପରି ?
   (A) ଆଷାଢ଼ ମାସରେ ବର୍ଷା ହୁଏ
   (B) ଆଷାଢ଼ ବର୍ଷାର ସବୁଜିମା ଛାଇଯାଏ
   (C) ବର୍ଷା ଆସିଲେ ବୈଶାଖର ଉଷ୍ଣତା କମେ
   (D) ଆଷାଢ଼ର ସବୁଜ ମାୟାରେ ବୈଶାଖ ବନ୍ଦୀ ହୋଇ ରୁଦ୍ରତାପ କମାଇଥାଏ ।
7. ବୈଶାଖ ଓ ଆଷାଢ଼ ଉଭୟ ମଧ୍ୟରେ ତୁମକୁ କେଉଁଟି ଭଲ ଲାଗେ ?
   (A) ବୈଶାଖ (B) ଆଷାଢ଼
   (C) ବୈଶାଖ ଓ ଆଷାଢ଼ (D) କେଉଁଟି ନୁହେଁ ।

ଉତ୍ତରମାଳା

ସେଟ୍ - ୧

1. (B)	2. (D)	3. (A)	4. (C)
5. (D)	6. (C)	7. (D)	8. (C)
9. (B)	10. (A)		

ସେଟ୍ - ୨

1. (A)	2. (D)	3. (C)	4. (D)
5. (D)	6. (B)	7. (C)	8. (B)
9. (A)	10. (D)		

ସେଟ୍ - ୩

1. (C)	2. (D)	3. (C)	4. (A)
5. (D)	6. (D)	7. (D)	

ସେଟ୍ - ୪

1.(B)	2.(A)	3.(D)	4.(D)
5.(D)	6.(D)	7. (A)	8. (B)
9. (D)	10.(D)		

ସେଟ୍ - ୫

1. (D)	2. (C)	3. (C)	4. (C)
5. (B)	6. (D)	7. (B)	

ISHWAR ROUT

Scanned with CamScanner

Scanned with CamScanner

ଭାଷା ସମ୍ବନ୍ଧୀୟ

UNIT 5

୫.୧. ପଦ ବିଭାଗ – ବିଶେଷ୍ୟ ପଦ
୫.୨ ବିଶେଷଣ ପଦ
୫.୩ ଅବ୍ୟୟ ପଦ
୫.୪ କ୍ରିୟା, କ୍ରିୟା ବିଶେଷଣ
୫.୫ ସର୍ବନାମ
୫.୬ ଶବ୍ଦଗଠନ – ଉପସର୍ଗ, ପ୍ରତ୍ୟୟ
୫.୭ ସମାନାର୍ଥକ ଶବ୍ଦ, ଅନେକାର୍ଥକ ଶବ୍ଦ, ବିପରୀତାର୍ଥ ବୋଧକ ଶବ୍ଦ, ସମୋଚ୍ଚାରିତ ଶବ୍ଦ
୫.୮ ରୂଢ଼ି ପ୍ରୟୋଗ, ଲୋକବାଣୀ, ପ୍ରବଚନ
୫.୯ ସାଧାରଣ ଅଶୁଦ୍ଧି ଓ ସଂଶୋଧିତ ରୂପ

ଏହି ବିଷୟର ବିଷୟ ସାରାଂଶ ପାଇଁ କ୍ଲିକ୍ କରନ୍ତୁ – ? ଦ୍ରଷ୍ଟବ୍ୟ ।

ପ୍ରଶ୍ନାବଳୀ

ପ୍ରତ୍ୟେକ ପ୍ରଶ୍ନ ପାଖରେ ୪ଟି ସମ୍ଭାବିତ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

5.1

1. ଏକ ବା ଏକାଧିକ ଅକ୍ଷର ମିଶି ଯୌଗସି ଅର୍ଥ ପ୍ରକାଶ କରୁଥିବେ ତାକୁ କ'ଣ କହନ୍ତି ?
(A) ପଦ (B) ଶବ୍ଦ
(C) ବାକ୍ୟ (D) ଅବ୍ୟୟ

2. ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ତାକୁ କ'ଣ କହନ୍ତି ?
(A) ବାକ୍ୟାଂଶ (B) ଶବ୍ଦାଂଶ
(C) ଖଣ୍ଡବାକ୍ୟ (D) ପଦ

3. ଶବ୍ଦ ଓ ଅର୍ଥ ମଧ୍ୟରେ ଥିବା ସମ୍ବନ୍ଧକୁ ଆମେ କାହା ସହିତ ତୁଳନା କରିପାରିବା ?
(A) ଶରୀର ଓ ଆତ୍ମାର ସମ୍ବନ୍ଧ
(B) ପୃଥିବୀ ଓ ସୂର୍ଯ୍ୟ ସମ୍ବନ୍ଧ
(C) ପୃଥିବୀ ଓ ଆକାଶର ସମ୍ବନ୍ଧ
(D) ଜଳ ଓ କାନ୍ଥର ସମ୍ବନ୍ଧ

4. ଯେଉଁ ପଦ ଯୌଗସି ନାମକୁ ପ୍ରକାଶ କରେ ତାକୁ କି ପଦ କହନ୍ତି ?
(A) ବିଶେଷ୍ୟ (B) ବିଶେଷଣ
(C) ସର୍ବନାମ (D) ଅବ୍ୟୟ

5. କେଉଁଟି ନାମବାଚକ ବିଶେଷ୍ୟ ?
(A) ବୋଲତ (B) ଘର
(C) ବାୟୁ (D) ଶବ୍ଦମାନଙ୍କୁ

6. କେଉଁଟି ଜାତିବାଚକ ବିଶେଷ୍ୟ ?
(A) ବାଳକ (B) କ୍ଷମା
(C) ଜଗନ୍ନାଥ (D) ଲୁହା

7. କେଉଁଟି ଅନ୍ୟ ୩ଟିଠାରୁ ଅଲଗା ?
(A) ଖାଦ୍ୟ (B) ବସ୍ତ୍ର
(C) ସୌନ୍ଦର୍ଯ୍ୟ (D) ସ୍ତ୍ରୀ

8. କେଉଁ ବିଶେଷ୍ୟକୁ କେବଳ ଅନୁଭବ କରିହୁଏ, ନଛୁଇଁ କରିହୁଏ ନାହିଁ କି ଦେଖି ହୁଏ ନାହିଁ ?
(A) ପ୍ରଣବାଚକ (B) ନାମବାଚକ
(C) ଜାତିବାଚକ (D) କ୍ରିୟାବାଚକ

9. କେଉଁଟି ବିଶେଷ୍ୟ ପଦ ?
(A) ନମିତା (B) ଅଥଚ
(C) ଯାଇଅଛି (D) ଧଳା

10. କେଉଁଟି ବସ୍ତୁବାଚକ ବିଶେଷ୍ୟ ?
(A) ଦେହୁଜ (B) ଚୌକି
(C) ଜଳ (D) ଜାତ

11. ବିଶେଷ୍ୟ ପଦକୁ ଆମେ କେଉଁଥିପାଇଁ ବାକ୍ୟରେ ବ୍ୟବହାର କରିପାରିବା ନାହିଁ ?
(A) ଜାତି ବୁଝେ
(B) କର୍ମ ବୁଝେ
(C) ପୂରକ ବୁଝେ
(D) ଅନ୍ୟର ବୁଝା ବୁଝେ

12. ଜାତିବାଚକ୍ ନାମବାଚକ ବ୍ୟେବ୍ୟୁପରିଅବ୍ଲ ବୁଝାଯାଏ ।
ଖୋଲାଚିତ ପଦଟି କି ପ୍ରକାର ବିଶେଷ୍ୟ ?
(A) ନାମବାଚକ (B) ଜାତିବାଚକ
(C) ବସ୍ତୁବାଚକ (D) କ୍ରିୟାବାଚକ

13. ନାମବାଚକ ବିଶେଷ୍ୟକୁ ଆଉ କ'ଣ କୁହାଯାଏ ?
(A) ଗୁଣବାଚକ (B) ସଂଜ୍ଞାବାଚକ
(C) ବସ୍ତୁବାଚକ (D) ଜାତିବାଚକ

14. ପ୍ରତ୍ୟେକ ବସ୍ତୁ, ବ୍ୟକ୍ତି, ଜାତିକୁ ଚିହ୍ନାଇବା ପାଇଁ କେଉଁ ପଦର ସାହାଯ୍ୟ ନିଆଯାଏ ?
(A) ବିଶେଷଣ (B) ବିଶେଷ୍ୟ
(C) ସର୍ବନାମ (D) ଅବ୍ୟୟ

15. ବାକ୍ୟରେ ଯାହା ବିଷୟରେ କିଛି କୁହାଯାଏ, ତାକୁ କ'ଣ କହନ୍ତି ?
(A) ବିଧେୟ (B) କର୍ତ୍ତା
(C) ଉଦ୍ଦିଷ୍ଟ (D) ଉଦ୍ଦେଶ୍ୟ

16. ବିଶେଷ୍ୟ– ଏହି ନାମକରଣରୁ କ'ଣ ସୂଚିତ ହୁଏ ?
(A) କର୍ତ୍ତା ହେବା ପାଇଁ ଯୋଗ୍ୟ
(B) କର୍ମ ହେବା ପାଇଁ ଯୋଗ୍ୟ
(C) ବାକ୍ୟରେ ବିଶେଷ ଅଂଶର ଯୋଗ୍ୟ
(D) ନାମ ହେବାର ଯୋଗ୍ୟ

5.2

1. ପଦ କେତେ ପ୍ରକାର ?
(A) ଦୁଇ (B) ତିନି
(C) ଚାରି (D) ପାଞ୍ଚ

2. ଯେଉଁ ପଦ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା ବା ପରିମାଣକୁ ବୁଝାଏ ତାକୁ କ'ଣ କହନ୍ତି ?
(A) ବିଶେଷ୍ୟ (B) ବିଶେଷଣ
(C) ସର୍ବନାମ (D) ଅବ୍ୟୟ

3. ବୁଢ଼ା ଲୋକଟି ବାଡ଼ି ଧରି ଚାଲୁଛି । ଏହି ବାକ୍ୟରେ ବିଶେଷଣ ପଦ କେଉଁଟି ?
(A) ବୁଢ଼ା (B) ଲୋକଟି
(C) ବାଡ଼ି (D) ଧରି

4. ଇଚ୍ଛା ପଦ – ଏଥିରେ ଇଚ୍ଛା ପଦର କେଉଁ ଇଚ୍ଛା ପ୍ରକାଶ କରୁଛି ?
(A) ଗୁଣ (B) ଅବସ୍ଥା
(C) ସଂଖ୍ୟା (D) ପରିମାଣ

5. ଉତ୍ତମ ଇଚ୍ଛା – ଏଥିରେ ଇଚ୍ଛା କି ବିଶେଷଣ ?
(A) ବିଶେଷ୍ୟର ବିଶେଷଣ
(B) ବିଧେୟ ବିଶେଷଣ
(C) ପୂରଣବାଚକ ବିଶେଷଣ
(D) ସର୍ବନାମ ବିଶେଷଣ

6. ଇଚ୍ଛା ପଦ – ଏଥିରେ 'ଇଚ୍ଛା' କି ପ୍ରକାର ବିଶେଷଣ ?
(A) ବିଶେଷ୍ୟର ବିଶେଷଣ
(B) ବିଧେୟ ବିଶେଷଣ
(C) ସର୍ବନାମ ବିଶେଷଣ
(D) ବିଶେଷଣର ବିଶେଷଣ

7. ଅର୍ଜୁନକୁ ତୁରୀସ୍ତ ପାଣ୍ଡବ କୁହାଯାଏ । ରେଖାଙ୍କିତ ପଦଟି କି ବିଶେଷଣ ପଦ ?
(A) ସଂଖ୍ୟାବାଚକ (B) ପରିମାଣବାଚକ
(C) ପୂରଣବାଚକ (D) ଅବସ୍ଥାବାଚକ

8. ଆମେ ଚରିତ୍ର । ରେଖାଙ୍କିତ ପଦଟି କି ବିଶେଷଣ ?
(A) ସର୍ବନାମ ବିଶେଷଣ
(B) ବିଶେଷ୍ୟର ବିଶେଷଣ
(C) ବିଶେଷଣର ବିଶେଷଣ
(D) ଅବସ୍ଥାବାଚକ ବିଶେଷଣ

9. ଲୋଭରେ ପୁଅର ଜାତ ନାହିଁ । ରେଖାଙ୍କିତ ପଦଟି କି ବିଶେଷଣ ପଦ ?
(A) କ୍ରିୟା ବିଶେଷଣ
(B) କ୍ରିୟାଜ ବିଶେଷଣ
(C) ଅବସ୍ଥାବାଚକ ବିଶେଷଣ
(D) ପ୍ରଣବାଚକ ବିଶେଷଣ

10. ଏମନ୍ତ ବୁଢ଼ି ଚାକୁଆ ବୁଣିରେ ଉଠର ନାହିଁ । ରେଖାଙ୍କିତ ପଦଟି କି ପ୍ରକାର ବିଶେଷ୍ୟ ପଦ ?
(A) ବସ୍ତୁବାଚକ ବିଶେଷ୍ୟ
(B) ଜାତିବାଚକ ବିଶେଷ୍ୟ
(C) ବିଧେୟ ବିଶେଷ୍ୟ
(D) କ୍ରିୟା ବିଶେଷ୍ୟ

11. ଏଇରେଷ୍ଟ ପୃଥିବୀର ଉଚ୍ଚତମ ଶୃଙ୍ଗ । ରେଖାଙ୍କିତ ବିଶେଷଣଟି କି ପ୍ରକାର ବିଶେଷଣ ପଦ ?
(A) ଅବ୍ୟୟ ବିଶେଷଣ (B) କ୍ରିୟା ବିଶେଷଣ
(C) ବିଧେୟ ବିଶେଷଣ (D) ବସ୍ତୁବାଚକ ବିଶେଷଣ

12. ଉଚ୍ଚତମ ପଦ – ରେଖାଙ୍କିତ ପଦଟି କି ପ୍ରକାର ବିଶେଷଣ ?
(A) ଅବ୍ୟୟ ବିଶେଷଣ
(B) ସର୍ବନାମିକ ବିଶେଷଣ
(C) ବିଶେଷ୍ୟକୃତ୍ୟା ବିଶେଷଣ
(D) ରୂପାୟିତ ବିଶେଷଣ

SEWAR POST

Scanned with CamScanner

Scanned with CamScanner

10. ସେ କିଛି ମାଗି ଆସିଛି । ରେଖାଙ୍କିତ କ୍ରିୟା କେଉଁ ଅର୍ଥ ପ୍ରକାଶ କରୁଛି ?
(A) ନିମିତ୍ତ ଅର୍ଥ (B) ସମାପ୍ତି ଅର୍ଥ
(C) ଅସମାପ୍ତି ଅର୍ଥ (D) ପୌନଃପୌନିକ ଅର୍ଥ

11. ସେ ଭାତ ଖାଇବାକୁ ଯାଉଛି । ଏଠାରେ ଖାଇବାକୁ କି ପଦ ?
(A) ସମାପିକା କ୍ରିୟା (B) ଅସମାପିକା କ୍ରିୟା
(C) କ୍ରିୟାବାଚକ ବିଶେଷ୍ୟ (D) ଶବ୍ଦଜ କ୍ରିୟା

12. କେଉଁଟି ସମାପିକା କ୍ରିୟାର ରୂପ ?
(A) ଆସି (B) ଆସନ୍ତେ
(C) ଆସୁଆସୁ (D) ଆସିଲା

13. ଯେଉଁ କ୍ରିୟାର କର୍ମ ଥାଏ ତାକୁ କି କ୍ରିୟା କହନ୍ତି ?
(A) ସମାପିକା କ୍ରିୟା (B) ସକର୍ମକ କ୍ରିୟା
(C) ଅକର୍ମକ କ୍ରିୟା (D) ଅସମାପିକା କ୍ରିୟା

14. ଗଉଡ଼ ଗାଈକି ହାଟକୁ ନେଲା । ଏଥିରେ ମୁଖ୍ୟ କର୍ମ କିଏ ?
(A) ଗଉଡ଼ (B) ଗାଈକି
(C) ହାଟକୁ (D) ନେଲା

15. ବୁଢ଼ୀମା ନାତିକି ଗପ କହିଲେ । ଏହି ବାକ୍ୟରେ ଗୌଣ କର୍ମ କିଏ ?
(A) ବୁଢ଼ୀମା (B) ନାତିକି
(C) ଗପ (D) କହିଲେ

16. କେଉଁଟି ଅକର୍ମକ କ୍ରିୟା ?
(A) ନେଲା (B) ଦେଲା
(C) ଦେଖିଲା (D) କାନ୍ଦିଲା

17. ପିଲାଟି ଚାଲି ଜାଣିଛି । ରେଖାଙ୍କିତ ପଦଟି କି ପଦ ?
(A) ଅସମାପିକା କ୍ରିୟା (B) କ୍ରିୟାବାଚକ ବିଶେଷ୍ୟ
(C) ସମାପିକା କ୍ରିୟା (D) ସଂଯୁକ୍ତ କ୍ରିୟା

18. ସେ ହସଟାଏ ହସିଲା । ଏଠାରେ 'ହସିଲା' କି କ୍ରିୟା ରୂପେ ବ୍ୟବହୃତ ?
(A) ସକର୍ମକ (B) ଅକର୍ମକ
(C) ସଂଯୁକ୍ତ (D) ଯୌଗିକ କ୍ରିୟା

19. ପିଲାଟି ଭୋଜନ କରୁଛି । ଭୋଜନ କରୁଛି– କି କ୍ରିୟା ?
(A) ମିଶ୍ର କ୍ରିୟା (B) ଅମିଶ୍ର କ୍ରିୟା
(C) ମୌଳିକ କ୍ରିୟା (D) ଯୌଗିକ କ୍ରିୟା

20. ତୁମର ଯାହା ଟଙ୍କା ପଇସା ଅଛି ନେଇଯାଅ । ଏହା କ୍ରିୟା ?
(A) ଅମିଶ୍ର (B) ମିଶ୍ର
(C) ଯୌଗିକ (D) ମୌଳିକ

21. ସେ ଭାତ ଖାଉଛି । ଖାଉଛି– ଏହି କ୍ରିୟାରେ ପୁରୁଷ ବଚନାର୍ଥକ ପ୍ରତ୍ୟୟଟି କିଏ ?
(A) ଖା (B) ଆ
(C) ଉଛ (D) ଉ

22. ଦୀପଟି ମିଞ୍ଜିମିଞ୍ଜି ଜଳୁଛି । ମିଞ୍ଜିମିଞ୍ଜି କି ପଦ ?
(A) ଅବ୍ୟୟ ପଦ (B) କ୍ରିୟା ବିଶେଷଣ ପଦ
(C) ସମାପିକା କ୍ରିୟା ପଦ (D) ସଂଯୁକ୍ତ କ୍ରିୟା ପଦ

5.5

1. ଯେଉଁ ପଦ ଅନ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୁଏ, ତାକୁ କି ପଦ କହନ୍ତି ?
(A) ଅନ୍ୟ ପଦ (B) ଅନନ୍ୟ ପଦ
(C) ସର୍ବନାମ ପଦ (D) ବିଶେଷ୍ୟ ପଦ

2. ସବ୍ୟସାଚୀ ଦେଶଦ୍ରୋହୀ, ମୁଁ ତାହା ନୁହେଁ । ରେଖାଙ୍କିତ ପଦଟି କି ପଦ ?
(A) ବିଶେଷ୍ୟ (B) ବିଶେଷଣ
(C) ସର୍ବନାମ (D) ଅବ୍ୟୟ

3. ଯାହାକୁ ରଖିବେ ଅନନ୍ତ, କି କରିପାରେ ବକବକ । ରେଖାଙ୍କିତ ପଦଗୁଡ଼ିକ କି ପ୍ରକାର ସର୍ବନାମ ପଦ ?
(A) ସମ୍ବନ୍ଧ ବାଚକ (B) ନିର୍ଦ୍ଦେଶାତ୍ମକ
(C) ବ୍ୟକ୍ତି ବାଚକ (D) ସମୁଚୟୀ ବାଚକ

4. ସର୍ବନାମ ପଦ ବିଭକ୍ତିଯୁକ୍ତ ହେଲେ ତା'ର କି ପରିବର୍ତ୍ତନ ଘଟେ ?
(A) ଅର୍ଥରେ (B) ଭାବରେ
(C) ଆକାରରେ (D) ରୂପରେ

5. ତୁମେ କ'ଣ କରିପାରିବ ? ରେଖାଙ୍କିତ ପଦଟି କି ସର୍ବନାମ ?
(A) ପ୍ରଶ୍ନବାଚକ ସର୍ବନାମ
(B) ବ୍ୟକ୍ତିବାଚକ ସର୍ବନାମ
(C) ସମ୍ବନ୍ଧବାଚକ ସର୍ବନାମ
(D) ନିର୍ଦ୍ଦେଶାତ୍ମକ ସର୍ବନାମ

6. ଜାରା ବୋଇଲା ଗୁରୁ ହେ ଭୟ କଲ ମୁଁକୁ– ରେଖାଙ୍କିତ ପଦ ବଦଳରେ ଆମେ ଏବେ କେଉଁ ପଦ ବ୍ୟବହାର କରୁ ?
(A) ମୋର (B) ମୋତେ
(C) ମୋଠାରୁ (D) ମୋ ଦ୍ୱାରା

7. ସର୍ବନାମ ପଦର ପରିବର୍ତ୍ତନ କେଉଁଥିରେ ହୁଏ ନାହିଁ ?
(A) ବଚନରେ (B) ବିଭକ୍ତିରେ
(C) ପୁରୁଷରେ (D) ଲିଙ୍ଗରେ

8. ବ୍ୟାକରଣରେ ସର୍ବନାମ ପଦ ନଥିଲେ କ'ଣ ଅସୁବିଧା ହୋଇଥାନ୍ତା ?
(A) ଭାଷା ଅସୁନ୍ଦର ହୋଇଥାନ୍ତା
(B) ଭାଷା ଶ୍ରୁତିକଟୁ ହୋଇଥାନ୍ତା
(C) ଭାଷା ବିଶେଷ୍ୟମୟ ହୋଇଥାନ୍ତା
(D) ଭାଷା ଅର୍ଥହୀନ ହୋଇଥାନ୍ତା

9. ସର୍ବନାମ –ଏହାର ଆକ୍ଷରିକ ଅର୍ଥ କ'ଣ ?
(A) ନାମ ପରିବର୍ତ୍ତେ ବ୍ୟବହୃତ
(B) ସବୁ ନାମ ପରିବର୍ତ୍ତେ ବ୍ୟବହାର କରାଯାଇପାରିବ
(C) ସମସ୍ତ ପଦ ବଦଳରେ ବ୍ୟବହୃତ
(D) କେଉଁଟି ନୁହେଁ

5.6

1. ଶବ୍ଦ ଓ ପଦ –ଏହା ଭିତରେ ପାର୍ଥକ୍ୟଟି କ'ଣ ?
(A) ଏକ ବା ଏକାଧିକ ଅକ୍ଷର ମିଶି ଗଠିତ
(B) ଅର୍ଥ ତତ୍ତ୍ୱ ଆଧାରିତ
(C) ଶବ୍ଦ ବିଭକ୍ତିଯୁକ୍ତ ନୁହେଁ, ପଦ ବିଭକ୍ତିଯୁକ୍ତ
(D) ସମ୍ବନ୍ଧ ତତ୍ତ୍ୱ ଆଧାରିତ

2. ଯେଉଁ ଶବ୍ଦରୁ ଗୋଟିଏ ଅଂଶ ବା ଗୋଟିଏ ଅକ୍ଷର ବାଦ୍‌ଦେଲେ ଶବ୍ଦର ଅର୍ଥହାନି ଘଟେ ତାକୁ କ'ଣ କହନ୍ତି ?
(A) ମୌଳିକ ଶବ୍ଦ (B) ଯୌଗିକ ଶବ୍ଦ
(C) ଅର୍ଥହୀନ ଶବ୍ଦ (D) ଅର୍ଥାନ୍ତର ଶବ୍ଦ

3. ଯେଉଁ ଶବ୍ଦର ପୂର୍ବରେ ବା ପରେ ଆଉ ଏକ ରୂପ ସଂଯୋଗ କରାଯାଇ ଏକ ନୂଆ ଶବ୍ଦ ଗଠିତ ହୁଏ, ତାକୁ କ'ଣ କହନ୍ତି ?
(A) ମୌଳିକ ଶବ୍ଦ (B) ଯୋଗରୂଢ଼ ଶବ୍ଦ
(C) ପ୍ରତ୍ୟୟଯୁକ୍ତ ଶବ୍ଦ (D) ଯୌଗିକ ଶବ୍ଦ

4. ଶବ୍ଦଗୁଡ଼ିକୁ ଆହରଣ ଦୃଷ୍ଟିରୁ କେତେ ଶ୍ରେଣୀରେ ବିଭକ୍ତ କରାଯାଏ ?
(A) ୧ (B) ୨
(C) ୩ (D) ୪

5. ସଂସ୍କୃତରେ ଯେଉଁ ଶବ୍ଦ ବ୍ୟବହାର କରାଯାଏ, ଓଡ଼ିଆରେ ଯଦି ସେହି ଶବ୍ଦ ଅବିକଳ ରୂପରେ ବ୍ୟବହାର କରାଯାଏ, ତାକୁ କ'ଣ କହନ୍ତି ?
(A) ତତ୍ସମ (B) ତଦ୍ଭବ
(C) ଦେଶଜ (D) ବୈଦେଶିକ

6. ସଂସ୍କୃତ ଭାଷାରେ ବ୍ୟବହୃତ ଶବ୍ଦ ସାମାନ୍ୟ ପରିବର୍ତ୍ତିତ ହୋଇ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇ ଆସୁଥିଲେ ତାକୁ କ'ଣ କହନ୍ତି ?
(A) ତତ୍ସମ (B) ତଦ୍ଭବ
(C) ଦେଶଜ (D) ବୈଦେଶିକ

7. ବିଭିନ୍ନ କାରଣରୁ ବିଦେଶର ଭାଷା ଆମ ଭାଷାରେ ବ୍ୟବହୃତ ହେଉଥିଲେ ତାକୁ କି ଶବ୍ଦ କୁହାଯାଏ ?
(A) ତତ୍ସମ (B) ତଦ୍ଭବ
(C) ଦେଶଜ (D) ବୈଦେଶିକ

8. ନିମ୍ନ ଶବ୍ଦମାନଙ୍କ ମଧ୍ୟରୁ ତତ୍ସମ ଶବ୍ଦ କେଉଁଟି ?
(A) ପାଠ (B) ପଦୁଆ
(C) ଗିନା (D) ଅର୍ଦ୍ଧଳି

9. ହାତୀ– ଏହାର ତତ୍ସମ ଶବ୍ଦଟି କ'ଣ ?
(A) କରୀ (B) ଗଜ
(C) ହସ୍ତୀ (D) ମାତଙ୍ଗ

10. ଶବ୍ଦର ମୂଳ ପିଣ୍ଡଟି କ'ଣ ?
(A) ଧାତୁ (B) ଉପସର୍ଗ
(C) ପ୍ରତ୍ୟୟ (D) ଉପପଦ

11. ଧାତୁକୁ ଶବ୍ଦର ମୂଳପିଣ୍ଡ କୁହାଯିବାର କାରଣ କ'ଣ ?
(A) ଧାତୁର ଅର୍ଥରୁ ଶବ୍ଦର ଅର୍ଥ ଜାଣି ହୁଏ
(B) ଧାତୁକୁ ବାଦ୍ ଦେଇ ଶବ୍ଦ ହୁଏ ନାହିଁ
(C) ଧାତୁ ଶବ୍ଦ ସହିତ ସମ୍ପର୍କ ରଖେ
(D) ଧାତୁ ବହୁତ ସଂଖ୍ୟାରେ ଥାଏ

12. ଧାତୁର ପୂର୍ବରୁ ବିଭିନ୍ନ ଅର୍ଥରେ ବ୍ୟବହୃତ ହୋଇଥିବା ଅବ୍ୟୟ ପଦଗୁଡ଼ିକୁ କ'ଣ କହନ୍ତି ?
(A) ଉପପଦ
(B) ଉପସର୍ଗ
(C) ଅନ୍ୟାନ୍ୟ ଶବ୍ଦ
(D) ପ୍ରତ୍ୟୟ

ISHWAR BOOT

Scanned with CamScanner

Scanned with CamScanner

13. ନିମ୍ନସ୍ଥ କେଉଁ ଉପସର୍ଗଟିକୁ ସ୍ୱତନ୍ତ୍ର ଭାବରେ କରାଯାଇଥାଏ ?
(A) ପ୍ର (B) ପରା
(C) ଅତି (D) ଅପ

14. ଉପସର୍ଗଗୁଡ଼ିକର ସାଧାରଣତଃ ସଂଖ୍ୟା କେତୋଟି ?
(A) ୨୦ଟି (B) ୪୦ଟି
(C) ୫୨ଟି (D) ୫ଟି

15. 'ପ୍ର' ଉପସର୍ଗ କେଉଁ ଅର୍ଥରେ ବ୍ୟବହୃତ ହୁଏ ନାହିଁ ?
(A) ନିଶ୍ଚୟ (B) ଉତ୍କର୍ଷ
(C) ଉଦ୍ଭବ (D) ଆଧିକ୍ୟ

16. ପ୍ରତିହିଂସା –ଏଥିରେ ଥିବା ଉପସର୍ଗଟି କେଉଁ ଅର୍ଥରେ ବ୍ୟବହୃତ ?
(A) ସମାନ (B) ବିପରୀତ
(C) ଉତ୍ତମ (D) ଭୂତଶ

17. ଦର ପାଠୁଆ –ଏଥିରେ ବ୍ୟବହୃତ ଉପସର୍ଗ 'ଦର' କେଉଁ ଅର୍ଥରେ ବ୍ୟବହୃତ ?
(A) ନାହିଁ ଅର୍ଥରେ (B) ଈଷତ୍ ଅର୍ଥରେ
(C) ବିପରୀତ ଅର୍ଥରେ (D) ମନ୍ଦ ଅର୍ଥରେ

18. ଦେଆଇନ୍ –ଏଥିରେ ଥିବା 'ଦେ' ଉପସର୍ଗଟି କେଉଁ ଅର୍ଥରେ ବ୍ୟବହୃତ ?
(A) ନିଷେଧ ଅର୍ଥରେ (B) ବିପରୀତ ଅର୍ଥରେ
(C) ଈଷତ୍ ଅର୍ଥରେ (D) ସମାନ ଅର୍ଥରେ

19. ଅଣଯୋଗିଅ –ଏଥିରେ ଥିବା ଉପସର୍ଗ 'ଅଣ' କେଉଁ ଅର୍ଥରେ ବ୍ୟବହୃତ ?
(A) ନୂଆଁ ଅର୍ଥରେ (B) ବିପରୀତ ଅର୍ଥରେ
(C) ସହିତ ଅର୍ଥରେ (D) ପ୍ରତ୍ୟେକ ଅର୍ଥରେ

20. ଅଡ଼ାହୁଣ –ଏହା କେଉଁ ଅର୍ଥ ପ୍ରକାଶ କରେ ?
(A) ଯେ ଡ଼ାହୁଣ ନୁହେ (B) ଖଡ଼ିୟ
(C) ଭବିଷ୍ୟ
(D) ଯେ ଡ଼ାହୁଣ ପରି ଦେଖାଯାଉଥିବ କିନ୍ତୁ ଡ଼ାହୁଣ ହୋଇନଥିବ

21. ଗୁଡାଡ଼ୁ ଶୁଦ୍ଧ –ଏହାକୁ ଗୋଟିଏ ଶବ୍ଦରେ ପ୍ରକାଶ କଲେ ତା'ର ରୂପ ?
(A) ପରିଶୁଦ୍ଧ (B) ଅନୁଶୁଦ୍ଧ
(C) ଉପଶୁଦ୍ଧ (D) ଆଶୁଦ୍ଧ

22. ବୁଡ଼ନ –ଏଥିରେ ଥିବା ଉପସର୍ଗ 'ବୁଡ଼' କେଉଁ ଅର୍ଥରେ ବ୍ୟବହୃତ ?
(A) ମନ୍ଦ (B) ବିଶେଷ
(C) ବିପରୀତ (D) ପର୍ଯ୍ୟନ୍ତ

23. ଶବ୍ଦ ଓ ଧାତୁ ସହିତ ବିଭିନ୍ନ ଅର୍ଥରେ ଯାହା ଯୋଗ କରାଯାଏ, ତାକୁ କ'ଣ କହନ୍ତି ?
(A) ପ୍ରତ୍ୟୟ (B) ଉପପଦ
(C) ଅନ୍ୟ ଶବ୍ଦ (D) ପଦ

24. ଶବ୍ଦ ଗଢ଼ିବା ପାଇଁ ଧାତୁର ପରେ ଭିନ୍ନ ଭିନ୍ନ ଅର୍ଥରେ ଯେଉଁ ଯୋଗ କରାଯାଏ, ତାକୁ କ'ଣ କହନ୍ତି ?
(A) ପ୍ରତ୍ୟୟ (B) କୃତ୍ ପ୍ରତ୍ୟୟ
(C) ଉପସର୍ଗ (D) ତଦ୍ଧିତ ପ୍ରତ୍ୟୟ

25. ଧାତୁର ପରେ ଯେଉଁ ଯେଉଁ ଅର୍ଥରେ ପ୍ରତ୍ୟୟ ଯୋଗ କରାଯାଏ, ସେହି ସେହି ଅର୍ଥର ନାମକୁ କ'ଣ କହନ୍ତି ?
(A) ବାଚ୍ୟ (B) ବାକ୍ୟ
(C) ଉପପଦ (D) ଶବ୍ଦ

26. କେଉଁଟି ଭୁଲ ?
(A) ଲେଖକ –କର୍ତ୍ତୃବାଚ୍ୟ
(B) ଦାତା – କର୍ମବାଚ୍ୟ
(C) ନନ୍ଦନ – କର୍ତ୍ତୃବାଚ୍ୟ
(D) ଗାୟକ – କର୍ତ୍ତୃବାଚ୍ୟ

27. କେଉଁଟି ଠିକ୍ ?
(A) ଦାମୀୟ – ସମ୍ପ୍ରଦାନ କାଚ୍ୟ
(B) ନୟନ – କର୍ତ୍ତୃବାଚ୍ୟ
(C) ଶୟନ – କର୍ତ୍ତୃବାଚ୍ୟ
(D) ଦାନ – କର୍ତ୍ତୃବାଚ୍ୟ

28. ଧାତୁର ପରେ ଯେଉଁ ପ୍ରତ୍ୟୟ ହୁଏ, ତାକୁ କୃତ୍ ପ୍ରତ୍ୟୟ କହନ୍ତି, ଶବ୍ଦର ପରେ ଯେଉଁ ପ୍ରତ୍ୟୟ ହୁଏ ତାକୁ କ'ଣ କହନ୍ତି ?
(A) ଶବ୍ଦ ପ୍ରତ୍ୟୟ (B) ତଦ୍ଧିତ ପ୍ରତ୍ୟୟ
(C) ଉପଶବ୍ଦ ପ୍ରତ୍ୟୟ (D) ଉପପଦ ପ୍ରତ୍ୟୟ

29. ପ୍ରତ୍ୟୟ ଯୋଗରେ କି କି ପରିବର୍ତ୍ତନ ଘଟେ ନାହିଁ ?
(A) ଆଦେଶ (B) ଆଗମ
(C) ଲୋପ (D) ସମାସ

30. ପ୍ରତ୍ୟୟ ଯୋଗରେ ଗୋଟିଏ ବର୍ଣ୍ଣ ବଦଳରେ ଆଉ ଗୋଟିଏ ବର୍ଣ୍ଣ ବ୍ୟବହୃତ ହେଲେ ତାକୁ କ'ଣ କହନ୍ତି ?
(A) ଆଦେଶ (B) ଆଗମ
(C) ଗୁଣ (D) ବୃଦ୍ଧି

31. ପ୍ରତ୍ୟୟ ଯୋଗରେ ଦୁଇଟି ବର୍ଣ୍ଣ ମଧ୍ୟରେ ଅନ୍ୟ ଏକ ବର୍ଣ୍ଣ ଆସିଲେ କ'ଣ କହନ୍ତି ?
(A) ଆଦେଶ (B) ଆଗମ
(C) ଲୋପ (D) ଗୁଣ

32. ପ୍ରତ୍ୟୟ ଯୋଗରେ ଗୋଟିଏ ବର୍ଣ୍ଣ ଅଦୃଶ୍ୟ ହେଲେ ତାକୁ କ'ଣ କହନ୍ତି ?
(A) ଆଦେଶ (B) ଆଗମ
(C) ଗୁଣ (D) ଲୋପ

33. ଗମ୍ + ତ = ଗତ । ତ ପ୍ରତ୍ୟୟ ପରରେ କେଉଁ ପରିବର୍ତ୍ତନ ଘଟିଛି ?
(A) ଆଦେଶ (B) ଆଗମ
(C) ଲୋପ (D) ଗୁଣ

34. ହନ୍ + ଅ = ବଧ । 'ଅ' ପ୍ରତ୍ୟୟ ଯୋଗରେ ହ ଓ ନ୍ ସ୍ଥାନରେ 'ବ' ଓ 'ଧ' ହୋଇଛି । ଏହା କି ପ୍ରକାର ପରିବର୍ତ୍ତନ ?
(A) ଆଦେଶ (B) ଆଗମ
(C) ଲୋପ (D) ଗୁଣ

35. ପ୍ରତ୍ୟୟ ଯୋଗରେ 'ର' ସ୍ଥାନରେ 'ଅର୍' ହେଲେ ତାକୁ କ'ଣ କହନ୍ତି ?
(A) ଲୋପ (B) ଗୁଣ
(C) ବୃଦ୍ଧି (D) ଆଗମ

36. ପ୍ରତ୍ୟୟ ଯୋଗରେ 'ଇ' ସ୍ଥାନରେ 'ଐ' ହେଲେ ତାକୁ କ'ଣ କହନ୍ତି ?
(A) ଆଦେଶ (B) ଆଗମ
(C) ଗୁଣ (D) ବୃଦ୍ଧି

37. 'ଚି' ଧାତୁରେ କି ପ୍ରତ୍ୟୟ ଯୋଗ କଲେ 'ଚୟ' ହେବ ?
(A) ଇ (B) ଅୟ
(C) ଅ (D) ଆୟ

38. ଶବ୍ଦଘ୍ନ –ଏହାର ପ୍ରକୃତି ପ୍ରତ୍ୟୟ କେଉଁଟି ?
(A) ଶବ୍ଦ + ଘ୍ନ (B) ଶବ୍ଦ + ଘ୍ନ
(C) ଶବ୍ଦ + ହନ୍ (D) ଶବ୍ଦ + ହନ୍ + ଅ

39. ଚିକିତ୍ସା –ଏହାର ପ୍ରକୃତି ପ୍ରତ୍ୟୟ କ'ଣ ହେବ ?
(A) ଚି + କି + ସା
(B) ଚିତ୍ସ୍ + ଉସ୍ + ଟା
(C) କିତ୍ + ସନ୍ + ଅ + ଆ
(D) କିତ୍ + ସନ୍ + ଆ

40. 'ଘାଢବ' – ଏହାର ପ୍ରକୃତି ପ୍ରତ୍ୟୟ କ'ଣ ହେବ ?
(A) ଘଢ + ଅବ (B) ଘୃ + ଅବ
(C) ଘ + ଅବ୍ଚ (D) ଘାଢ + ବ

41. ଜଗୁଆଳ –ଏହାର ପ୍ରକୃତି ପ୍ରତ୍ୟୟ କ'ଣ ହେବ ?
(A) ଜଗ୍ + ଉଆଳ (B) ଜଗୁ + ଆଳ
(C) ଜ + ଗୁଆଳ (D) ଜଗୁଆ + ଳ

42. ଶୈବ –ଏହାର ପ୍ରକୃତି ପ୍ରତ୍ୟୟ କ'ଣ ହେବ ?
(A) ଶିବ + ଅ (B) ଶୈବ୍ + ଅ
(C) ଶୈ + ବ (D) ଶ + ଐବ

43. ବିଷ୍ଣୁ + ଅ = ବୈଷ୍ଣବ । ଏଥିରେ 'ଅ' ପ୍ରତ୍ୟୟଟି କେଉଁ ଅର୍ଥରେ ହୋଇଛି ?
(A) ଅପତ୍ୟ ଅର୍ଥରେ (B) ଭାବ ଅର୍ଥରେ
(C) ଜଳ ଅର୍ଥରେ (D) ନିବାସ ଅର୍ଥରେ

44. ପାଠ୍ –ଏହାର ପ୍ରକୃତି ପ୍ରତ୍ୟୟ ଜଳେ କ'ଣ ହେବ ?
(A) ପାଠ୍ + ଅ (B) ପୃଚ୍ଛା + ଅ
(C) ପାଠ୍ + ଅ (D) ପ + ଅର୍ଥ

45. ତିବ + ଅ = ତୈବ । ଏଠାରେ 'ଅ' ପ୍ରତ୍ୟୟ କେଉଁ ଅର୍ଥରେ କରାଯାଇଛି ?
(A) ବିକାର ଅର୍ଥରେ (B) ଭାବ ଅର୍ଥରେ
(C) ନିବାସ ଅର୍ଥରେ (D) ସମ୍ଭବ ଅର୍ଥରେ

46. ବହୁ + ଅ = ବାହବ । 'ଅ' ପ୍ରତ୍ୟୟଟି କେଉଁ ଅର୍ଥରେ ହୋଇଛି ?
(A) ନିବାସ ଅର୍ଥରେ (B) ବିକାର ଅର୍ଥରେ
(C) ସ୍ୱାର୍ଥରେ (D) ଅପତ୍ୟ ଅର୍ଥରେ

47. ଶରାଡ + ଇକ = ଶାରାଡିକ । ଏଠାରେ ଇକ ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?
(A) ଜାତିକା ଅର୍ଥରେ (B) ଜାଣିବା ଅର୍ଥରେ
(C) ନିଯୋଗ ଅର୍ଥରେ (D) ସମ୍ଭବ ଅର୍ଥରେ

ISWAR BOUT
Scanned with CamScanner
Scanned with CamScanner

48. ଭୌଗୋଳିକ –ଏହାର ପ୍ରକୃତି କ'ଣ ?
(A) ଭୌଗୋଳ (B) ଭୂଗୋଳ
(C) ଭୂଗୋଳ (D) ଭୂଗଳ

49. ଭୌତେୟ –ଏହା କୁନ୍ତୀଙ୍କର କେଉଁ ସମ୍ମିତ ଅର୍ଥକୁ ପ୍ରକାଶ କରେ ?
(A) ସମ୍ବନ୍ଧ ଅର୍ଥରେ (B) ଅପତ୍ୟ ଅର୍ଥରେ
(C) ଜାତ ଅର୍ଥରେ (D) ପ୍ରଭୁତ୍ୱ ଅର୍ଥରେ

50. ଧୂକିସାର୍ –ଏଥିରେ ସାତ୍ ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?
(A) ବିକାର ଅର୍ଥରେ (B) ପରିଣତ ଅର୍ଥରେ
(C) ଅଧୀନ ଅର୍ଥରେ (D) ଦେୟ ଅର୍ଥରେ

51. କେଉଁଟି କୃଦନ୍ତ ନୁହେଁ ?
(A) ପଠନ (B) ଲାବଣି
(C) କର୍ତ୍ତବ୍ୟ (D) ଭୂତ

52. କେଉଁଟି ତଦ୍ଧିତ ନୁହେ ?
(A) ଦାଶରଥି (B) ବୈଷ୍ଣବ
(C) ସୌନ୍ଦର୍ଯ୍ୟ (D) ଭୋଜନ

53. ସାଙ୍ଗ + ଅନ = ସାୟନ୍ତନ । ଏଥିରେ ଅନ ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?
(A) ଉଦ୍ଭବ ବା ଜାତ ଅର୍ଥରେ
(B) ସମ୍ବନ୍ଧ ଅର୍ଥରେ
(C) ସ୍ୱାର୍ଥରେ
(D) ହିତ ଅର୍ଥରେ

54. ସନାତନ –ପ୍ରକୃତି ପ୍ରତ୍ୟୟ କେଖ ।
(A) ସନା + ତେ (B) ସଦା + ତନ
(C) ସ + ନାତନ (D) ସନାତ୍ + ଅନ

55. ଭସ୍ମୀଭୂତ = ଏଥିରେ ଥିବା ପ୍ରତ୍ୟୟ ଦୁଇଟିର ନାମ କ'ଣ ?
(A) ଈ, ତ (B) ଭ୍ୱି, ତ
(C) ସ୍ମା + ଭୂତ (D) ଭସ୍ମ + ଭୂତ

56. କେଉଁଟି ଠିକ୍ ?
(A) ଜଗତ କରଣ (B) ଜଗତୀକରଣ
(C) ଗତିଦକରଣ (D) ଯନ୍ତ୍ରିକରଣ

57. ସୌମିତ୍ରି –ଏହାର ପ୍ରକୃତି ପ୍ରତ୍ୟୟ କ'ଣ ହେବ ?
(A) ସୁମିତ୍ରା + ଇ (B) ସୁମିତ୍ରା + ଇ
(C) ସୌମିତ୍ର + ଇ (D) ସୌମିତ୍ର + ଇ

58. ଦାଢ଼ି + ଆ = ଦାଢ଼ିଆ । ଏଥିରେ 'ଆ' ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?
(A) ଅଛି ଅର୍ଥରେ (B) ଉକ୍ତିତ ଅର୍ଥରେ
(C) ଜାତ ଅର୍ଥରେ (D) ଅନାଦର ଅର୍ଥରେ

59. ଜଟକ + ଇ = ଜଟକୀ –ଏଥିରେ 'ଇ' ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?
(A) ବ୍ୟବସାୟ ଅର୍ଥରେ (B) ଜାତ ଅର୍ଥରେ
(C) ପରିମାଣ ଅର୍ଥରେ (D) ଅଛି ଅର୍ଥରେ

60. ମୂଲ + ଇଆ = ମୂଳିଆ । ଏଥିରେ 'ଇଆ' ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?
(A) ନିବାସ ଅର୍ଥରେ (B) ବ୍ୟବସାୟ ଅର୍ଥରେ
(C) ଅଛି ଅର୍ଥରେ (D) କ୍ଷୁଦ୍ର ଅର୍ଥରେ

61. ଖଟୁଲି = ଖଟ + ଉଲି, ଉଲି କେଉଁ ଅର୍ଥରେ ହୋଇଛି ?
(A) କ୍ଷୁଦ୍ର ଅର୍ଥରେ (B) ବୃହତ୍ ଅର୍ଥରେ
(C) ନିର୍ମାଣ ଅର୍ଥରେ (D) ଯୋଗ୍ୟ ଅର୍ଥରେ

62. ଖେଳ + ଆଳି = ଖେଳାଳି, 'ଆଳି' ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?
(A) କ୍ଷୁଦ୍ର ଅର୍ଥରେ (B) ଅଭ୍ୟାସ ଅର୍ଥରେ
(C) ବୃତ୍ତି ଅର୍ଥରେ (D) ସମ୍ବନ୍ଧ ଅର୍ଥରେ

63. ବୁଢ଼ାଟା = ବୁଢ଼ା + ଟା, ଏଥିରେ 'ଟା' ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?
(A) ସମ୍ମାନ ଅର୍ଥରେ (B) ଅବଜ୍ଞା ଅର୍ଥରେ
(C) ସ୍ୱାର୍ଥରେ (D) ଅଛି ଅର୍ଥରେ

64. ବୁଲେଇ = ବୁଲା + ଏଇ, 'ଏଇ' ପ୍ରତ୍ୟୟ କେଉଁ ଅର୍ଥରେ ହୋଇଛି ?
(A) ଭାବ ଅର୍ଥରେ (B) କ୍ଷୁଦ୍ର ଅର୍ଥରେ
(C) କାର୍ଯ୍ୟ ଅର୍ଥରେ (D) ଅଛି ଅର୍ଥରେ

65. ଯେତେ –ଏଥିରେ 'ତେ' ପ୍ରତ୍ୟୟ କେଉଁ ଶବ୍ଦରୁ ହୋଇଛି ?
(A) ଯତ୍ (B) ଯତ୍
(C) ଯେତ (D) ତତ୍

5.8

1. ଅରଣ୍ୟ ରୋଦନ –ଏହା ନିମ୍ନୋକ୍ତ କେଉଁ ଅର୍ଥକୁ ପ୍ରକାଶ କରେ ?
(A) ଅରଣ୍ୟରେ କାନ୍ଦିବା
(B) ବଣଜଙ୍ଗଲରେ ବସି କାନ୍ଦିବା
(C) ପଶ୍ଚ ଅରଣ୍ୟରେ ରୋଦନ
(D) ବୃଥାଚେଷ୍ଟା

2. ଅଣ୍ଡା ଚିଡ଼ିବା –ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ଅଣ୍ଡାକୁ ବାନ୍ଧିବା (B) ଅଣ୍ଡାରେ ଜାନି ଗୁଡ଼େଇବା
(C) ଦୟାର ପାତ୍ର ହେବା (D) ସାହସ କରିବା

3. ମୂଲ୍ୟହୀନ କଥା –ଏଥିପାଇଁ କେଉଁ ଗୁଡ଼ି ବ୍ୟବହାର କରାଯାଏ ?
(A) ଅଳଣା କଥା (B) ଅବରକାରୀ କଥା
(C) ଅରୋଡ଼ା କଥା (D) ମିଛ କଥା

4. ଅକଳ ବୁଦ୍ଧୁମ –ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ବୁଦ୍ଧିହୀନତା (B) ପ୍ରଖର ବୁଦ୍ଧି
(C) ବୁଦ୍ଧି ହଜିଯିବା (D) ବୁଦ୍ଧି ବଢ଼ିବା

5. ପ୍ରତିହିଂସା ପରାୟଣ ହେବା –ଏଥିପାଇଁ କେଉଁ ଗୁଡ଼ି ବ୍ୟବହାର କରାଯାଏ ?
(A) ଅକଥ ରଖିବା (B) ଅକଲ ରଖିବା
(C) ଅକଲଗୁଡୁମ ହେବା (D) ଅକଲ ସରାମି

6. ଅହି ନକୁଳ ସମ୍ପର୍କ –ଏହା କେଉଁ ଅର୍ଥକୁ ବୁଝାଏ ?
(A) ସାପ ଓ ନେଉଳ ସୁହ
(B) ସାପର ପରାଜୟ
(C) ନେଉଳର ବିଜୟ
(D) ଘୋର ଶତ୍ରୁତା

7. ଆଖି ଦେଖେଇବା –ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ଆଖି ରଖିବା (B) ଆଖିଦେବା
(C) ଆଜଟ କରିବା (D) ଆଖି ଖୋଲିବା

8. ଆକାଶ କୁସୁମ –ଏହି ଗୁଡ଼ିର ଅର୍ଥ କ'ଣ ?
(A) ଆକାଶର କୁସୁମ (B) ପାରିଜାତ ଫୁଲ
(C) ଅସମ୍ଭବ କଥା (D) ସୁନ୍ଦର ପରିବେଶ

9. ଆଖି ବୁଜିବା –ଏହା କେଉଁ ଅର୍ଥରେ ବ୍ୟବହୃତ ?
(A) ଆଖି ବନ୍ଦ କରିବା (B) ଆଖି ଖୋଲିବା
(C) ମରିଯିବା (D) ଆଖିରେ ଦେଖି ନପାରିବା

10. ଉଠିଆ ଖାଇବା –ଏହା କେଉଁ ଅର୍ଥରେ ବ୍ୟବହୃତ ?
(A) ଉଠିଆସି ଖାଇବା (B) ଉଠିସାରି ଖାଇବା
(C) ମାଗଣା ଖାଇବା (D) ପଡ଼ିଆ ଜମିରେ ଖାଇବା

11. ଆଖିରେ ଧୂଳି ଦେବା –ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ଆଖିରୁ ଧୂଳି ପିଙ୍ଗିବା (B) ଠକିବା
(C) ଚକ୍ ଚକ୍ ଦିଶିବା (D) ଭଲ ଜିନିଷ ଦେବା

12. ସଂକୁଚିତ ପରିବେଶରେ ବଢ଼ି ଥିବା ବ୍ୟକ୍ତି– ଅର୍ଥ ବୁଝାଉଥିବା ଲୋକବାଣୀଟି କ'ଣ ?
(A) କେଉଁ ଗାଈର ଗୋବର
(B) କୂପମଣ୍ଡୂକ
(C) ଏ ଘର ମାରସୀ ସେ ଘର ପିଉସୀ
(D) ଭୋକେ ପି ଦଣ୍ଡେ ଚୀ

13. ସୁଯୋଗକୁ ଅପେକ୍ଷା କରିବା – ଏହି ଅର୍ଥଟି କେଉଁ ଗୁଡ଼ିର ?
(A) ଓର ଉଣ୍ଡିବା (B) ଓର ଦେଖିବା
(C) ଓରର ଖୋଳିବା (D) ଓଧ ଧରାଇବା

14. ହାତ ଧରିବା – ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ହାତକୁ ଧରିବା (B) ବିବାହ କରିବା
(C) ହାତକୁ ଜୋରରେ ଧରିବା (D) ପ୍ରଶ୍ରୟ ଦେବା

15. ସର୍ବନାଶ କରିବା – ଏହି ଅର୍ଥଟି ପାଇଁ କେଉଁ ଗୁଡ଼ି ବ୍ୟବହୃତ ହୁଏ ?
(A) ଜାନ ନାକ ଧରିବା (B) କରଡ଼ି ଜଳିବା
(C) କଳାକନା ବୁଲାଇବା (D) କାଠ ହୋଇଯିବା

16. ଗାଲରେ ହାତ ଦେବା – ଏହି ଗୁଡ଼ିର ଅର୍ଥ କ'ଣ ?
(A) ଉପେକ୍ଷା କରିବା (B) ସର୍ବନାଶ ହେବା
(C) ଚିନ୍ତିତ ହେବା (D) ମନେ ପକାଇବା

17. ଗୋବର ଗଣେଶ – ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ଗୋବର ତିଆରି ଗଣେଶ
(B) ମୂଲ୍ୟହୀନ କଥା
(C) ଗଜମୂର୍ଖ
(D) ଗଣେଶଙ୍କ ପରି ପାଟୁଆ

18. ଚିତା କାଟିବା –ଏ ଗୁଡ଼ି କେଉଁ ଅର୍ଥରେ ବ୍ୟବହୃତ ହୁଏ ?
(A) ଆତୁସାର୍ କରିବା (B) ଠକିବା
(C) ଲୁଚେଇବା (D) ଶତ୍ରୁ ହେବା

19. ଚିରାବୁ ଶିରା କାଢ଼ିବା –ଏହାର ଅର୍ଥ କ'ଣ ?
(A) ଟିକିନିକି ପରୀକ୍ଷା କରିବା
(B) ସକ୍ଷୁଣ୍ଣ ହେବା
(C) ସବୁବେଳେ ଦୋଷ ବାହିବା
(D) ଖୁବ୍ ଆପଣାର ହେବା

Scanned with CamScanner

Scanned with CamScanner

20. ଝାଳବୁହା ଧନ –ଏହା କେଉଁ ଅର୍ଥକୁ ବୁଝାଏ ?
(A) ଯେଉଁ ନୋଟ୍‌ରେ ଝାଳ ଲାଗିଥାଏ
(B) ଝାଳ ଯୋଗୁଁ ଧନ ବଢ଼େ
(C) ଝାଳ ବୋହିଲେ ଧନ ଲାଭ
(D) କଷ୍ଟ ଉପାର୍ଜିତ ଧନ

21. ଛାତି ପଥର କରିବା –ଏହା କେଉଁ ଅର୍ଥରେ ବ୍ୟବହୃତ ହୁଏ ?
(A) ମଜଭୁତ କରିବା (B) ସହିବା
(C) ଓଜନ ସହିବା (D) ଖାଇବା

22. ଲୋକଟିର ସମ୍ପତ୍ତିବାଡ଼ି 'ଠ' ବୁଲିଗଲାଣି । ଏହା କେଉଁ ଅର୍ଥ ପ୍ରକାଶ କରେ ?
(A) ବଢ଼ିଗଲାଣି (B) କମିଗଲାଣି
(C) ସବୁଶେଷ ହେଲାଣି (D) ଯେତିକି ସେତିକି ଅଛି

23. ଶତ୍ରୁ ଆମ ଘର ଭିତରେ ଗୁପ୍ତ ଭାବରେ ଲୁଚି ରହିବା ପାଇଁ –କେଉଁ ଗୁଡ଼ି ବ୍ୟବହାର କରାଯାଏ ?
(A) ଘରଡିଙ୍କି ଜୁମ୍ବୀର (B) ଡୋଲ ଭିତରେ ମୂଷା
(C) ଘର ଭାଙ୍ଗିବା (D) ସଂସାର ଦୁବିଯିବା

24. ତିନି ପାଞ୍ଜିରୁ ଯିବା –ଏହାର ଅର୍ଥ କ'ଣ ?
(A) ସର୍ବନାଶ ହେବା (B) ପାଞ୍ଜିରେ ସ୍ଥାନ ପାଇବା
(C) ମୃତ୍ୟୁ ହେବା (D) ପାଞ୍ଜିରୁ ନାଁ କାଟିବା

25. ଦାନ୍ତ ଦେଖେଇବା –ଗୁଡ଼ିର ଅର୍ଥ କଣ ?
(A) ଦାନ୍ତ ଘଷିବା
(B) ଦାନ୍ତ ବାହାରକୁ ଚକ୍‌ଚକ୍ କରି ଦେଖେଇବା
(C) ପରିହାସ କରିବା
(D) ଦାନ୍ତକୁ ରୋଗ ହେବା

26. ପ୍ରତିଶୋଧ ନେବା –ଏଥିପାଇଁ ଆମେ କେଉଁ ଗୁଡ଼ିର ବ୍ୟବହାର କରିବା ?
(A) ଦାନ୍ତ ଦେଖେଇବା (B) ଦାଉ ସାଧିବା
(C) ଦାନା ମାରିବା (D) ଦାଉ ଦେଖେଇବା

27. ନାଁ ପକେଇବା –ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ସୁନାମ ଅର୍ଜନ କରିବା
(B) ଦୁର୍ନାମ ଅର୍ଜନ କରିବା
(C) ନାଁ ଦେଖେଇବା
(D) ନାଁ ଲେଖେଇବା

28. ନାକ ଛିଞ୍ଚାଡ଼ିବା –କେଉଁ ଅର୍ଥକୁ ପ୍ରକାଶ କରେ ?
(A) ସୁଁ କରିବା (B) ଘୃଣା କରିବା
(C) କିଛି କହିବା (D) ଶୁଣିବା

29. ନାଟର ଗୋବର୍ଦ୍ଧନ –ଏହାର ଅର୍ଥ କ'ଣ ?
(A) ଗୋବର୍ଦ୍ଧନ ଚରିତ୍ର ଚିତ୍ରଣ
(B) ନାଟରେ ଶ୍ରେଷ୍ଠ ଚରିତ୍ର
(C) ନାଟକର ଗୌଣ ଚରିତ୍ର
(D) ଅନର୍ଥର ମୂଳ

30. ନେଡ଼ିଗୁଡ଼ କହୁଣୀକୁ ବୋହିବା –ଏହାର ଅର୍ଥ କ'ଣ ?
(A) ଅଣାୟର ହେବା (B) ଅଧୀନ ହେବା
(C) ହାତକୁ ଆସିବା (D) ସ୍ୱାଧୀନ ହେବା

31. କାହାର ପାଲିଙ୍କି ଉପରେ ପାଟଛତା ତ କାହାର ବେଡ଼ି ଉପରେ କୋରଡ଼ା । ରେଖାଙ୍କିତ ପ୍ରବଚନର ଅର୍ଥ କ'ଣ ?
(A) ଉନ୍ନତି କରିବା
(B) ଉନ୍ନତି ଉପରେ ଉନ୍ନତି କରିବା
(C) ତଳିତଳାନ୍ତ ହେବା
(D) ପାଟଛତା ତଳେ ବସିବା

32. ପିଲାଟିର ପାଠପଢ଼ାରେ ଡୋରି ବନ୍ଧା ହେଲାଣି । ରେଖାଙ୍କିତ ପଦଗୁଡ଼ିକ କେଉଁ ଅର୍ଥ ପ୍ରକାଶ କରୁଛି ?
(A) ପାଠପଢ଼ା ସରିଲାଣି
(B) ପାଠ ପଢ଼ା ଆରମ୍ଭ ହେଲାଣି
(C) ପାଠପଢ଼ା ବନ୍ଦ ହେଲାଣି
(D) ପାଠପଢ଼ା ଚାଲିଛି

33. ବଣ ବିଛୁଆତି – ଏହି ପ୍ରବଚନର ଅର୍ଥ କ'ଣ ?
(A) ବଣର ବିଛୁଆତି
(B) ବିଛୁଆତି ପରି ଗଲୁ କରିବା
(C) ବଣରେ ବିଛୁଆତି ଗଛ ଥାଏ
(D) ଜନୁରୁ ଦୁଷ୍ଟ

34. ଫାଙ୍କିଦେବା –କେଉଁ ଅର୍ଥରେ ପ୍ରକାଶିତ ?
(A) ଫାଙ୍କା ଆବାଜ କରିବା
(B) ଫାଙ୍କା ଫାଙ୍କା ଚାଲିବା
(C) ଠକିଦେବା
(D) ମିଛ କହିବା

35. ଫସର ଫାଟିବା –ଏ ଗୁଡ଼ିର ଅର୍ଥ କ'ଣ ?
(A) ଫସର ଥିବା (B) ସକାଳ ହେବା
(C) ଜନୁରୁ ଦୁଃଖ (D) ଆରମ୍ଭ ହେବା

36. ବାଟ କାଟିବା –କେଉଁ ଅର୍ଥରେ ବ୍ୟବହୃତ ?
(A) ବାଟକୁ ଖୋଳିବା (B) ନିଜ ରାସ୍ତା ନିଜେ ଦେଖିବା
(C) ବାଟକୁ ହାଣିବା (D) ଆକଟ କରିବା

37. ବାଆକୁ ବତା –ଏହି ଗୁଡ଼ିର ଅର୍ଥ କ'ଣ ?
(A) ବାଆକୁ ବତା ଦେଖେଇବା
(B) ବାଆକୁ ସ୍ୱାଗତ କରିବା
(C) ସାମାନ୍ୟ ପ୍ରତିକାର
(D) ଉପଯୁକ୍ତ ପ୍ରତିକାର

38. କୌଣସି କାର୍ଯ୍ୟ ପାଇଁ ଆଗରୁ ପ୍ରସ୍ତୁତ ନହୋଇ ହଠାତ୍ ତରତର ହୋଇ କାର୍ଯ୍ୟ କରିବା –ଏହି ଅର୍ଥକୁ ପ୍ରକାଶ କରୁଥିବା ଗୁଡ଼ିଟି କିଏ ?
(A) ଚାଷ ତରତର ବଣିଜ ମଠ
(B) ବାହାଘର ବେଳେ ବାଇଗଣ ଗୁଆ
(C) ବୋପାରାଣ ଡିଙ୍କି ଗିଳ୍
(D) ବେଡ଼ି ଉପରେ କୋରଡ଼ା

39. ସେ ଲୋକଟି ଗୋଟିଏ ବିରାଡ଼ି ବୈଷ୍ଣବ– ରେଖାଙ୍କିତ ପଦଟି କେଉଁ ଅର୍ଥ ପ୍ରକାଶ କରେ ?
(A) ବିରାଡ଼ି ରୂପୀ ବୈଷ୍ଣବ
(B) ବୈଷ୍ଣବରୂପୀ ବିରାଡ଼ି
(C) ପ୍ରତାରକ
(D) ଭଣ୍ଡ ତପସ୍ୱୀ

40. ଚୋରକୁ ହାତ କାମୁଡ଼ା ଶିଖାଇବା –ଏ ଗୁଡ଼ିର ଅର୍ଥ କ'ଣ ?
(A) ଚୋରକୁ ଚାଲାକ କରିବା
(B) ଚୋରକୁ ଧରିବା
(C) ଚୋରକୁ ବାଡ଼େଇବା
(D) ଖସିଯିବାର ବାଟ ଚୋରକୁ ବତାଇବା

41. ବେଡ଼ି ଉପରେ କୋରଡ଼ା –ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ବେଡ଼ିରେ ବାନ୍ଧି ପକାଇବା
(B) କୋରଡ଼ାରେ ମାରି ପକାଇବା
(C) ଦୁଃଖ ଉପରେ ଦୁଃଖଦେବା
(D) ଆକର୍ଷଣ କରିବା

42. ଭାଲୁ ଧରାଇବା –ଏହି ଗୁଡ଼ି କେଉଁ ଅର୍ଥ ପ୍ରକାଶ କରେ ?
(A) ଭାଲୁ ପୋଷିବା (B) ଠକିବା
(C) ବିକିବା (D) ଭାଲୁ ଶିକାର କରିବା

43. ସର୍ବନାଶ ହେବା –ଏହି ଅର୍ଥରେ କେଉଁ ଗୁଡ଼ି ପ୍ରଯୋଜ୍ୟ ?
(A) ଭେଳା ବୁଡ଼ିବା (B) ମୁଣ୍ଡ ଟୁଙ୍ଗାରିବା
(C) ମନ ଘର ଧରିବା (D) ମୁହଁ ଦେବା

44. ମୁଣ୍ଡ ଝାଳ ତୁଣ୍ଡରେ ମାରିବା –ଏହା କେଉଁ ଅର୍ଥକୁ ବୁଝାଏ ?
(A) ମୁଣ୍ଡରୁ ଝାଳ ବୋହିବା
(B) କଠିନ ପରିଶ୍ରମ କରିବା
(C) ଅଧିକ ଧନ ରୋଜଗାର କରିବା
(D) ମୁଣ୍ଡର ଝାଳ ଆଣି ତୁଣ୍ଡରେ ପୂରାଇବା

45. ଭିକ ମାଗିବା –ଏହି ଅର୍ଥ କେଉଁ ଗୁଡ଼ିକୁ ବୁଝାଏ ?
(A) ହାତ ବାଢ଼ିଶି (B) ହାତ ପତେଇବା
(C) ହାତ ଶଙ୍ଖା ଦର୍ପଣ (D) ହାତ ଦେବା

46. ଢୋକେ ପି, ଦଣ୍ଡେ ଜୀ –ଏହି ଲୋକବାଣୀଟି କେଉଁ ଅର୍ଥରେ ବ୍ୟବହୃତ ?
(A) ଢୋକେ ପିଇ ରହିବା
(B) କଷ୍ଟେମଷ୍ଟେ ବଞ୍ଚି ରହିବା
(C) ବଞ୍ଚିବାକୁ ଢୋକେ ମାତ୍ର ଲୋଡ଼ା
(D) ଦଣ୍ଡେ ରହିବାକୁ ଚେଷ୍ଟା କରିବା

47. ଓଟ ମୁହଁରେ ଜିରା –ଏହା କେଉଁ ଅର୍ଥକୁ ପ୍ରକାଶ କରେ ?
(A) ଓଟକୁ ଜିରା ଖାଇବାକୁ ଦେବା
(B) ଜିରା ଖାଇବାକୁ ଓଟ ଭଲପାଏ
(C) ବେଶି ଖାଇବା ଲୋକକୁ କମ୍ ଦେବା
(D) ଓଟକୁ ଜିରା ଦେବା

48. କୌଣସି ବ୍ୟକ୍ତି ନିଜ ଅଞ୍ଚଳରେ ସମ୍ମାନ ନ ପାଇବା –ଏହି ଅର୍ଥ ପାଇଁ କେଉଁ କଥା କୁହାଯାଏ ?
(A) ଜୋର ଯା'ର ମୂଲକ ତା'ର
24. ବିଷୁବବୃତ୍ତରୁ ମେରୁ ଆଡ଼କୁ ଗଲେ ପୃଥିବୀର ମାଧ୍ୟାକର୍ଷଣ ବଳ ହ'ଣ ହୁଏ ?

(A) ବୃଦ୍ଧିପାଏ (B) ହ୍ରାସପାଏ

(C) ସମାନ ରହେ (D) ଅଧାହୁଏ

25. ଭୂପୃଷ୍ଠରୁ ଉପରକୁ ଉପରକୁ ଗଲେ g ର ମାନରେ ହ'ଣ ପରିବର୍ତ୍ତନ ହୁଏ ?

(A) ବୃଦ୍ଧିପାଏ (B) ହ୍ରାସପାଏ

(C) ସମାନ ରହେ (D) ଅର୍ଦ୍ଧେକ ହୁଏ

26. ନିମ୍ନରୁ କେଉଁଠାରେ g ର ମାନ ସର୍ବନିମ୍ନ ?

(A) ପାହାଡ଼ର ଶୀର୍ଷଦେଶରେ

(B) ଭୂପୃଷ୍ଠରେ

(C) ଖଣି ଭିତରେ

(D) ଏକମାତ୍ରାଲା କୋଠା ଉପରେ

27. 10^5 ଅର୍ଗ = କେତେ ଜୁଲ୍ ?

(A) 1 (B) 0.1

(C) 10^{-2} (D) 100

28. 25 ନିଉଟନ୍ ବଳ ଏକ ବସ୍ତୁକୁ ବଳ ଦିଗରେ 4 ମିଟର ବିସ୍ଥାପିତ କଲେ, ସଂପାଦିତ କାର୍ଯ୍ୟର ପରିମାଣ କେତେ ?

(A) 100 ଜୁଲ୍ (B) 100 ଅର୍ଗ

(C) 10^4 ଜୁଲ୍ (D) 10^4 ଅର୍ଗ

29. କେତେ ନିଉଟନ ବଳରେ ଏକ ବସ୍ତୁକୁ ବଳଦିଗରେ 2 ମିଟର ବିସ୍ଥାପିତ କଲେ ସଂପାଦିତ କାର୍ଯ୍ୟର ପରିମାଣ 10 ଜୁଲ୍ ହେବ ?

(A) 20 ନିଉଟନ୍ (B) 10 ନିଉଟନ୍

(C) 40 ନିଉଟନ୍ (D) 5 ନିଉଟନ୍

30. 7 ନିଉଟନ୍ ବଳରେ ଏକ ବସ୍ତୁକୁ ବଳ ଦିଗରେ କେତେ ମିଟର ବିସ୍ଥାପିତ କଲେ ସଂପାଦିତ କାର୍ଯ୍ୟର ପରିମାଣ 56 ଜୁଲ୍ ହେବ ?

(A) 8 ସେ.ମି. (B) 8 ମିଟର

(C) 4 ସେ.ମି. (D) 4 ମିଟର

31. ଗୋଟିଏ ବସ୍ତୁର ବସ୍ତୁତ୍ୱ ଚାରିଗୁଣ ଓ ପରିବେଗ ଅଧାହେଲେ ଗତିଜ ଶକ୍ତି କେତେ ଗୁଣ ହେବ ?

(A) ଏକଗୁଣ (B) ଦୁଇଗୁଣ

(C) ତିନିଗୁଣ (D) ଚାରିଗୁଣ

32. କାର୍ଯ୍ୟ ସର୍ବଦା

(A) ସୁତ୍ମାତ୍ମକ ହେବ (B) ବିସୁତ୍ମାତ୍ମକ ହେବ

(C) ଶୂନହେବ

(D) ସୁତ୍ମାତ୍ମକ ବା ବିସୁତ୍ମାତ୍ମକ ବା ଶୂନ ହେବ ।

33. କେଉଁଠାରେ ସ୍ଥିତିଜ ଶକ୍ତି ସର୍ବନିମ୍ନ ହେବ ?

(A) ପାହାଡ଼ ଉପରେ

(B) ଚାରତଳ ଉପରେ

(C) ଏକମହଲା କୋଠା ଉପରେ

(D) ଭୂମି ଉପରେ

34. କିଏ ଶକ୍ତିର ଏକକ ନୁହେଁ ?

(A) କିଲୋ ଜ୍ୟାଲୋରୀ (B) kwh

(C) ଜୁଲ୍ (D) ୱାଟ୍

35. 1 କିଲୋୱାଟ୍ ଘଣ୍ଟା = କେତେ ଜୁଲ୍ ?

(A) 36 (B) 3.6

(C) 3.6×10^6 (D) 3.6×10^3

36. 1 ଜୁଲ୍ = କେତେ ?

(A) 1 ନିଉଟନ୍ × 1 ମିଟର (B) 1 ଡାଇନ୍ × 1 ମିଟର

(C) 1 ୱାଟ୍ × 1 ଘଣ୍ଟା (D) 1 ୱାଟ୍ × 1 ମିଟର

37. 1 ୱାଟ୍ = କେତେ ?

(A) 1 ଜୁଲ୍ (B) 1 ଜୁଲ୍/ସେ.

(C) 1 ନିଉଟନ୍× 1 ମିଟର (D) 1 ନିଉଟନ୍/ମିଟର

38. ଭୂପୃଷ୍ଠରେ ଥିବା ଏକ ବସ୍ତୁର ସ୍ଥିତିଜଶକ୍ତି କେତେ ?

(A) mg (B) 10J

(C) 0 (D) 1 ୱାଟ୍ ଘଣ୍ଟା

39. ସ୍ଥିର ବସ୍ତୁର ଗତିଜଶକ୍ତି କେତେ ?

(A) mgh (B) 1 ଜୁଲ୍

(C) 1 ଅର୍ଗ (D) 0

40. ଭୂପୃଷ୍ଠରେ ସ୍ଥିରଥିବା ଏକ ବସ୍ତୁର ଗତିଜଶକ୍ତି ଓ ସ୍ଥିତିଜଶକ୍ତି ମିଶି କେତେ ?

(A) 0 (B) $mgh + \frac{1}{2}mv^2$

(C) 2 ଜୁଲ୍ (D) 2kwh

41. 1 ଅର୍ଗ = କେତେ ?

(A) ଡାଇନ୍ × ମିଟର (B) ଡାଇନ୍ × ସେ.ମି.

(C) ନିଉଟନ୍ × ମିଟର (D) ନିଉଟନ୍ × ସେ.ମି.

42. 8 ନିଉଟନ ବଳ ଏକ ବସ୍ତୁକୁ ବଳ ଦିଗରେ 4 ମିଟର ବିସ୍ଥାପିତ ଜଲେ ସଂପାଦିତ କାର୍ଯ୍ୟର ପରିମାଣ ।

(A) 32 ଅର୍ଗ (B) 16 ଅର୍ଗ

(C) 32 ଜୁଲ (D) 16 ଜୁଲ

43. 8 ନିଉଟନ୍ ବଳ ଏକ ବସ୍ତୁକୁ ବଳ ଦିଗରେ କେତେ ମିଟର ବିସ୍ଥାପିତ ଜରେ ସଂପାଦିତ କାର୍ଯ୍ୟର ପରିମାଣ 40 ଜୁଲ୍ ହେବ ?

(A) 32 ମିଟର (B) 5 ମିଟର

(C) $\frac{1}{5}$ ମିଟର (D) 48 ମିଟର

44. କାର୍ଯ୍ୟର ଏକକ କାହାର ଏକକ ସହ ସମାନ ?

(A) କ୍ଷମତା (B) ଶକ୍ତି

(C) ବଳ (D) ଚାପ

45. ଗୋଟିଏ ବସ୍ତୁର ବସ୍ତୁତ୍ୱ ସମାନଆଉ ପରିବେଗ ଚାରିଗୁଣ ହେଲେ ଗତିଜ ଶକ୍ତି କେତେ ଗୁଣ ହେବ ?

(A) ଚାରିଗୁଣ (B) ଆଠଗୁଣ

(C) 16 ଗୁଣ (D) 32 ଗୁଣ

46. 1 ଅର୍ଗ = କେତେ ଜୁଲ୍ ?

(A) 10^5 (B) 10^{-5}

(C) 10^7 (D) 10^{-7}

47. ଭୂପୃଷ୍ଠରୁ ଉପରକୁ ଉପରକୁ ଗଲେ ଏହାର ସ୍ଥିତିଜ ଶକ୍ତିରେ କ'ଣ ପରିବର୍ତ୍ତନ ହୁଏ ?

(A) ବୃଦ୍ଧିପାଏ (B) ହ୍ରାସପାଏ

(C) ସମାନରହେ (D) ଦ୍ୱିଗୁଣିତ ହୁଏ

48. କେଉଁ କ୍ଷେତ୍ରରେ କାର୍ଯ୍ୟ ହେଉଛି ?

(A) କଣେ ବ୍ୟକ୍ତି ନଡ଼ିଆଗଛରେ ଚଢ଼ି ସେଠିଠାରୁ ଓହ୍ଲାଇ ଆସିଲେ

(B) କାନ୍ଥକୁ ପେଣିଲେ

(C) ବୋଝ ମୁଣ୍ଡାର ଠିଆହେଲେ

(D) ପାହାଡ଼ ଓହ୍ଲାଇଲେ

49. କାର୍ଯ୍ୟ କରିବାର ହାରକୁ କ'ଣ କହନ୍ତି ?

(A) ଶକ୍ତି (B) କ୍ଷମତା

(C) ଚାପ (D) ବଳ

50. କିଏ ଏକ ସଦିଶ ରାଶି

(A) କାର୍ଯ୍ୟ (B) ଶକ୍ତି

(C) କ୍ଷମତା (D) ଚାପ

51. କିଏ ଶକ୍ତିର ଏକ ଏକକ ନୁହେଁ ?

(A) ୱାଟ (B) ୱାଟ୍ ଘଣ୍ଟା

(C) ଅର୍ଗ (D) ଜୁଲ୍

52. 1 ୱାଟ୍ ଘଣ୍ଟା = କେତେ ଜୁଲ୍ ?

(A) 3600,000 (B) 3600

(C) 360 (D) 1000

53. ଭିନୁ ଭିନୁ ସ୍ଥାନରେ ବସ୍ତୁର ——— ଅଲଗା ହୋଇଥାଏ ।

(A) ଆୟତନ (B) ବସ୍ତୁତ୍ୱ

(C) ଓଜନ (D) ଘନତ୍ୱ

54. m ବସ୍ତୁତ୍ୱ ବିଶିଷ୍ଟ ଏକ ବସ୍ତୁର ଓଜନ ମହାକାଶରେ — ।

(A) 0 (C) mg

(C) mG (D) m

55. g ର ମୂଲ୍ୟ ଭୂପୃଷ୍ଠରେ ——— ଠାରେ ସର୍ବାପେକ୍ଷା କମ୍ ।

(A) ମେରୁ (B) ବିଷୁବରେଖା

(C) କର୍କଟକ୍ରାନ୍ତି (D) ମକରକ୍ରାନ୍ତି

56. g ର ମୂଲ୍ୟ ଭୂପୃଷ୍ଠରେ ——— ଠାରେ ସର୍ବାଧିକ ।

(A) ମେରୁ (B) ବିଷୁବରେଖା

(C) କର୍କଟକ୍ରାନ୍ତି (D) ମକରକ୍ରାନ୍ତି

ISWAR ROUT

Scanned with CamScanner

Scanned with CamScanner

57. mkg ବସ୍ତୁତ୍ୱ ବିଶିଷ୍ଟ ଏକ ବସ୍ତୁର ଭୂପୃଷ୍ଠରେ ଓଜନ — (ଯଦି $g = 10\ m/s^2$)
(A) mkg (B) m ନିଉଟନ୍
(C) 10m ନିଉଟନ୍ (D) 10m ଡାଇନ୍

58. ବୈଜ୍ଞାନିକ ପାଶ୍‌କାଲ୍‌ଙ୍କ ସମ୍ମାନାର୍ଥେ ଭୌତିକରାଶିର ଏକକକୁ ତାଙ୍କ ନାମରେ ନାମିତ କରାଯାଇଛି ।
(A) ବଳ (B) ସଂଘାତ
(C) ଶକ୍ତି (D) ଚାପ

59. 5 ବର୍ଗମିଟର କ୍ଷେତ୍ରଫଳ ଉପରେ 40 ନିଉଟନ୍ ସଂଘାତ ପ୍ରୟୋଗ କଲେ ଚାପ ——— ହେବ ।
(A) 8 ପାଶ୍‌କାଲ (B) 200 ପାଶ୍‌କାଲ
(C) 100 ପାଶ୍‌କାଲ (D) 40 ପାଶ୍‌କାଲ

60. ——— ର ପୁବତା ନ ଥାଏ ।
(A) ପାଣି (B) କିରୋସିନି
(C) ବାୟୁ (D) ବରଫ

61. d_1 ସାନ୍ଦ୍ରତା ବିଶିଷ୍ଟ ଏକ ତରଳ ପଦାର୍ଥରେ d_2 ସାନ୍ଦ୍ରତା ବିଶିଷ୍ଟ ଏକ କଠିନ ପଦାର୍ଥ ଭାସିଲେ ——— ଉକ୍ତିଟି ଠିକ୍ ।
(A) $d_1 = d_2$ (B) $d_2 > d_2$
(C) $d_2 > d_1$ (D) $d_1 > d_2$

62. କିରୋସିନିର ଆପେକ୍ଷିକ ସାନ୍ଦ୍ରତା 0.8 ଓ ଚିନିର 1.6 । ଏକ ପ୍ଲାଷ୍ଟିକ୍ ଜାର୍‌ରେ 10 kg କିରୋସିନି ଧରିଲେ ସେଥିରେ ——— kg ଚିନି ଧରିବ ।
(A) 10 Kg (B) 5 Kg
(C) 20 Kg (D) 16 Kg

63. ଏକ ବସ୍ତୁର ଶୂଦ୍ଧତା ତାର ——— ରୁ ଜଣାପଡ଼େ ।
(A) ଆୟତନ (B) ଓଜନ
(C) ସାନ୍ଦ୍ରତା (D) ବସ୍ତୁତ୍ୱ

64. ଏକ ବସ୍ତୁର ସାନ୍ଦ୍ରତା 5 ଗ୍ରାମ୍ / ଘନ ସେ.ମି. ହେଲେ ଏହାର ଆପେକ୍ଷିକ ସାନ୍ଦ୍ରତା ——— ।
(A) x (B) 5 ଗ୍ରାମ୍
(C) 5 ଗ୍ରାମ୍/ଘନ ସେ.ମି. (D) 2x

65. 1 ପାଶ୍‌କାଲ୍ = ——— $\times m^{-2}$
(A) 1 ନିଉଟନ୍ (B) 10 ନିଉଟନ୍
(C) 1 ଡାଇନ୍ (D) 10 ଡାଇନ୍

66. G ର ଏକକ ——— ।
(A) 6.673
(B) ନିଉଟନ୍ × ମିଟର ^{2} × କି.ଗ୍ରା.$^{-2}$
(C) ନିଉଟନ × ମିଟର^2
(D) ମିଟର × ସେକେଣ୍ଡ$^{-2}$

67. ରୂପାର ଆପେକ୍ଷିକ ସାନ୍ଦ୍ରତା ——— ।
(A) 10800
(B) 10800× ଗ୍ରାମ୍/ଘନ ସେ.ମି.
(C) 10800 କି.ଗ୍ରା./ଘନମିଟର
(D) 13600

68. ଜାଳର ସାନ୍ଦ୍ରତା ——— $Kg \times m^{-3}$
(A) 1000 (B) 1
(C) 10 (D) 100

69. ପୃଥିବୀପୃଷ୍ଠରେ ଏକ ବସ୍ତୁର ଓଜନ W ହେଲେ ଚନ୍ଦ୍ରପୃଷ୍ଠରେ ଏହାର ଓଜନ ——— ହେବ ।
(A) 0 (B) W
(C) 6W (D) $\frac{W}{6}$

70. ବାହ୍ୟବଳ ପ୍ରଭାବରେ ବସ୍ତୁ ବିସ୍ଥାପିତ ନ ହେଲେ ସଂପାଦିତ କାର୍ଯ୍ୟର ପରିମାଣ ——— ।
(A) mg (B) −mg
(C) 0 (D) 1ଜୁଲ୍

71. 1 KWH = ——— ଜୁଲ୍ ।
(A) 36 (B) 3.6×10^6
(C) 360 (D) 3600

72. ପାୱାରର ଏକକ ——— ।
(A) ନିଉଟନ୍ (B) ଜୁଲ୍
(C) ୱାଟ୍ (D) ଅର୍ଗ

73. ଭୂପୃଷ୍ଠରେ ଥିବା ଏକ ବସ୍ତୁର ସ୍ଥିତିଜଶକ୍ତିର ପରିମାଣ ——— ।
(A) 0 (B) mgh
(C) 1ଜୁଲ୍ (D) $\frac{1}{2}mV^2$

74. ଶକ୍ତିର ବ୍ୟାବସାୟିକ ଏକକ କ'ଣ ?
(A) ଅର୍ଗ (B) ଜୁଲ୍
(C) କିଲୋୱାଟ ଘଣ୍ଟା (D) ପାଶ୍‌କାଲ୍

75. ଭୂପୃଷ୍ଠ ଉପରେ ଏକ ବସ୍ତୁର ସ୍ଥିତିଜ ଶକ୍ତି ———
(A) mgh (B) $\frac{1}{2}mv^2$
(C) ସର୍ବାଧିକ (D) 0

76. ସ୍ଥିରବସ୍ତୁର ଗତିଜ ଶକ୍ତି ——— ।
(A) mgh (B) $\frac{1}{2}mv^2$
(C) 0 (D) କବନା କରିହେବ ନାହିଁ

77. 4 ନିଉଟନ ବଳ ଏକ ବସ୍ତୁକୁ ବଳ ଦିଗରେ 5 ମିଟର ବିସ୍ଥାପିତ କରାଇଲେ ସଂପାଦିତ କାର୍ଯ୍ୟର ପରିମାଣ ——— ।
(A) 20 ନିଉଟନ (B) 10 ଜୁଲ୍
(C) 20 ଜୁଲ୍ (D) 40 ଜୁଲ୍

78. 7 ନିଉଟନ୍ ବଳ ଏକ ବସ୍ତୁକୁ ବଳ ଦିଗରେ 8 ମିଟର ପର୍ଯ୍ୟନ୍ତ ବିସ୍ଥାପିତ କରିପାରିଲା ସଂପାଦିତ କାର୍ଯ୍ୟର ପରିମାଣ କେତେ ?
(A) 28 ଜୁଲ୍ (B) 56 ଜୁଲ୍
(C) 112 ଜୁଲ୍ (D) 14 ଜୁଲ୍

79. ତାହାର ଏକକ ଶକ୍ତିର ଏକକ ସହ ସମାନ ?
(A) ବଳ (B) କାର୍ଯ୍ୟ
(C) ଚାପ (D) କ୍ଷମତା

80. 10 କି.ଗ୍ରା. ବିଶିଷ୍ଟ ଏକ ବସ୍ତୁ 4 m/s ପରିବେଗରେ ଗତିକଲେ ବସ୍ତୁର ଗତିଜ ଶକ୍ତି କେତେ ?
(A) 80 ଜୁଲ୍ (B) 40 ଜୁଲ୍
(C) 20 ଜୁଲ୍ (D) 160 ଜୁଲ୍

81. 10 କି.ଗ୍ରା. ବିଶିଷ୍ଟ ଏକ ବସ୍ତୁ ଭୂମିଠାରୁ 5 ମିଟର ଉଚ୍ଚତାରେ ଥିଲେ ଏଥିରେ ସ୍ଥିତିଜ ଶକ୍ତି ——— ($g = 9.8\ m/s^2$) ହେବ ।
(A) 49 ଜୁଲ୍ (B) 98 ଜୁଲ୍
(C) 9.8 ଜୁଲ୍ (D) 490 ଜୁଲ୍

82. 20 କି.ଗ୍ରା. ଓଜନର ଏକ ବସ୍ତୁ ଭୂମିଠାରୁ ——— ମିଟର ଉଚ୍ଚତାରେ ରହିଲେ ବସ୍ତୁର ସ୍ଥିତିଜଶକ୍ତି 980 ଜୁଲ୍ ହେବ । ($g = 9.8\ m/s^2$)
(A) 5 ମିଟର (B) 10 ମିଟର
(C) 2.5 ମିଟର (D) 20 ମିଟର

83. 1 ୱାଟ୍ = ——— ।
(A) ଜୁଲ୍ × ସେକେଣ୍ଡ (B) ଅର୍ଗ × ସେକେଣ୍ଡ
(C) ଅର୍ଗ × ସେକେଣ୍ଡ$^{-1}$ (D) ଜୁଲ୍ × ସେକେଣ୍ଡ$^{-1}$

84. ଏକ ବିଦ୍ୟୁତ୍ ବଲବ୍ 10 ସେକେଣ୍ଡରେ 100 ଜୁଲ୍ ଶକ୍ତି ବ୍ୟବହାର କଲେ ତାହାର ପାୱାର୍ ——— ।
(A) 10 ୱାଟ୍ (B) 100 ୱାଟ୍
(C) 1000 ୱାଟ୍ (D) 500 ୱାଟ୍

85. 1 ୟୁନିଟ୍ = ——— ଜୁଲ୍ ।
(A) 3.6 (B) 3.6×10^6
(C) 3.6×10^5 (D) 3.6×10^4

ଉତ୍ତରମାଳା

1. (A)	2. (C)	3. (A)	4. (D)
5. (A)	6. (D)	7. (C)	8. (D)
9. (C)	10. (D)	11. (A)	12. (A)
13. (B)	14. (B)	15. (B)	16. (A)
17. (B)	18. (A)	19. (C)	20. (C)
21. (D)	22. (D)	23. (A)	24. (A)
25. (B)	26. (A)	27. (C)	28. (A)
29. (D)	30. (B)	31. (A)	32. (D)
33. (D)	34. (D)	35. (C)	36. (A)
37. (B)	38. (C)	39. (D)	40. (A)
41. (B)	42. (A)	43. (B)	44. (B)
45. (C)	46. (D)	47. (A)	48. (D)
49. (B)	50. (D)	51. (A)	52. (B)
53. (C)	54. (A)	55. (B)	56. (A)
57. (C)	58. (D)	59. (A)	60. (D)
61. (D)	62. (C)	63. (C)	64. (A)
65. (A)	66. (B)	67. (A)	68. (A)
69. (D)	70. (C)	71. (B)	72. (C)
73. (A)	74. (C)	75. (D)	76. (C)
77. (C)	78. (B)	79. (B)	80. (C)
81. (D)	82. (A)	83. (D)	84. (A)
85. (B)			

ISHWAR ROUT

Scanned with CamScanner

Scanned with CamScanner

ପାଠ 4.7

ବିଦ୍ୟୁତ୍, ବିଦ୍ୟୁତ୍ ସ୍ରୋତରେ ରାସାୟନିକ ପ୍ରଭାବ
(Electricity, Chemical Effect of Electric Current)

ପ୍ରଶ୍ନାବଳୀ – 4.7 (A)

ସମ୍ଭାବ୍ୟ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛ ।

1. କେଉଁ ବୈଜ୍ଞାନିକଙ୍କ ମତରେ ବିଦ୍ୟୁତ୍ ପ୍ରବାହର ଦିଗ ଓ ଇଲେକ୍ଟ୍ରନର ଗତିର ଦିଗ ପରସ୍ପରର ବିପରୀତ ?
   (A) ଫ୍ରାଙ୍କଲିନ (B) ଫାରାଡେ
   (C) ଅେମ୍ପିକ (D) ଲାପ୍ଲାସ
2. ବିଦ୍ୟୁତ୍ ବିଭବାନ୍ତର କହିଲେ ତା'ଣ ବୁଝ ?
   (A) ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟସ୍ଥ ନ୍ୟୁଟ୍ରନ ଚାପର ପାର୍ଥକ୍ୟ
   (B) ଏକ ପରିବାହୀର ଦୁଇପ୍ରାନ୍ତ ମଧ୍ୟସ୍ଥ ପଜିଟ୍ରନ ଚାପର ପାର୍ଥକ୍ୟ
   (C) ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟସ୍ଥ ଇଲେକ୍ଟ୍ରନ ଚାପର ପାର୍ଥକ୍ୟ
   (D) ଉପରୋକ୍ତ ସମସ୍ତ
3. ଏକ ପରିପଥର ବିଦ୍ୟୁତ୍ ସ୍ରୋତ ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ଓ ଏହାକୁ ପରିପଥରେ କିପରି ସଂଯୋଗ କରାଯାଏ ?
   (A) ଭୋଲ୍ଟମିଟର, ପଦ୍ଧତି (B) ଏମିଟର, ସମାନ୍ତର
   (C) ଏମିଟର, ପଦ୍ଧତି (D) ଭୋଲ୍ଟମିଟର, ସମାନ୍ତର
4. ଏକ ପରିପଥର ବିଦ୍ୟୁତ୍ ବିଭବାନ୍ତର ମାପିବା ପାଇଁ ତୁମେ କ'ଣ କରିବ ?
   (A) ଏମିଟରକୁ ପରିପଥରେ ସମାନ୍ତର ସଂଯୋଗ କରିବ
   (B) ଭୋଲ୍ଟମିଟରକୁ ପରିପଥରେ ପଦ୍ଧତିରେ ସଂଯୋଗ କରିବ
   (C) ଏମିଟରକୁ ପରିପଥରେ ପଦ୍ଧତିରେ ସଂଯୋଗ କରିବ
   (D) ଭୋଲ୍ଟମିଟରକୁ ପରିପଥରେ ସମାନ୍ତର ସଂଯୋଗ କରିବ
5. କେଉଁ ବୈଜ୍ଞାନିକଙ୍କ ମତରେ ବିଦ୍ୟୁତ୍ ଚାର୍ଜ ଦୁଇ ପ୍ରକାରର ?
   (A) ଫାରାଡେ (B) ଲେଞ୍ଜସ୍
   (C) ଫ୍ରାଙ୍କଲିନ୍ (D) ନିଉଟନ୍
6. ଏକ କାଚ ଦଣ୍ଡକୁ ସିଲ୍କ କନାରେ ଘଷିଲେ କେଉଁଥିରେ କି ପ୍ରକାରର ଚାର୍ଜ ସୃଷ୍ଟି ହୁଏ ?
   (A) କାଚଦଣ୍ଡ-ଯୁକ୍ତଚାର୍ଜ ଓ ସିଲ୍କ-ବିଯୁକ୍ତଚାର୍ଜ
   (B) କାଚଦଣ୍ଡ-ବିଯୁକ୍ତ ଚାର୍ଜ ଓ ସିଲ୍କ-ଯୁକ୍ତଚାର୍ଜ
   (C) ଉଭୟରେ ବିଯୁକ୍ତ ଚାର୍ଜ
   (D) ଉଭୟରେ ଯୁକ୍ତ ଚାର୍ଜ
7. ଏକ ଇବୋନାଇଟ୍ ଦଣ୍ଡକୁ ପଶୁ ଚମଡ଼ାରେ ଘଷିଲେ କେଉଁଟି କି ପ୍ରକାରର ଚାର୍ଜିତ ହୁଏ ?
   (A) ଇବୋନାଇଟ୍-ଯୁକ୍ତ, ଚମଡ଼ା-ବିଯୁକ୍ତ
   (B) ଇବୋନାଇଟ୍-ବିଯୁକ୍ତ, ଚମଡ଼ା-ଯୁକ୍ତ
   (C) ଉଭୟ ବିଯୁକ୍ତ
   (D) ଉଭୟ ଯୁକ୍ତ
8. ଯଦି Q_1 ଓ Q_2 ପରିମାଣର ଦୁଇଟି ଚାର୍ଜ ମଧ୍ୟରେ ଦୂରତା r ଏକକ ହୁଏ ଓ ସେମାନଙ୍କ ମଧ୍ୟରେ ଥିବା ବୈଦ୍ୟୁତିକ ବଳ F ହୁଏ, ତେବେ କୁଲମଙ୍କ ନିୟମ ଅନୁଯାୟୀ କେଉଁଟି ସତ୍ୟ ?
   (A) $F = \frac{Q_1Q_2}{r}$ (B) $F = \frac{Q_1Q_2}{r^2}$
   (C) $F\alpha\frac{Q_1Q_2}{r^2}$ (D) $F\alpha\frac{Q_1Q_2}{r}$
9. ଚାର୍ଜର ଆନ୍ତର୍ଜାତିକ ମାନକ ଏକକଟି କ'ଣ ?
   (A) କୁଲମ୍ (B) ଏମ୍ପିୟର
   (C) ଷ୍ଟାଟିକ କୁଲମ୍ (D) ଓମ୍
10. ନିମ୍ନୋକ୍ତ ମଧ୍ୟରୁ କେଉଁଟି ବିଦ୍ୟୁତ୍ ସୁପରିବାହୀ ?
    (A) ତମ୍ବା (B) କର୍ମାନିୟମ
    (C) ସିଲିକନ (D) ମହମ

11. ନିମ୍ନୋକ୍ତ ମଧ୍ୟରୁ କେଉଁଟି ବିଦ୍ୟୁତ୍ କୁପରିବାହୀ ?
    (A) କର୍ମାନିୟମ (B) ସିଲିକନ
    (C) ତମ୍ବା (D) କାଠ
12. କେଉଁଟି ଏକ ଅର୍ଦ୍ଧ ପରିବାହୀ ?
    (A) ତମ୍ବା (B) ରୁପା
    (C) ଗ୍ରାଫାଇଟ୍ (D) ସିଲିକନ
13. A, B, C ଯଥାକ୍ରମେ ଏକ ବିଦ୍ୟୁତ୍ପ୍ରତିରୋଧୀ, ଧାତୁ ଓ ନିଶ୍ଚୟାତ୍ମକ ପ୍ରତିରୋଧିତା ହେଲେ ସେମାନଙ୍କ ମଧ୍ୟରେ ନିମ୍ନୋକ୍ତ କେଉଁ ସମ୍ପର୍କଟି ସତ୍ୟ ?
    (A) $A > B > C$ (B) $B > A > C$
    (C) $A > C > B$ (D) $C > A > B$
14. ଏକ ପରିବାହୀର ପ୍ରତିରୋଧ ଓ ପ୍ରତିରୋଧୀତା ଉଭୟ ନିମ୍ନୋକ୍ତ କାହା ଉପରେ ନିର୍ଭର କରନ୍ତି ?
    (A) ପଦାର୍ଥର ପ୍ରକୃତି (B) ତାପମାତ୍ରା
    (C) ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ (D) ଉପରୋକ୍ତ a ଓ b
15. ବିଦ୍ୟୁତ୍ ପ୍ରତିରୋଧର ଆନ୍ତର୍ଜାତିକମାନକ ଏକକଟି କ'ଣ ?
    (A) ଓମ୍ (B) ଓମ୍ × ସେ.ମି.
    (C) ଓ୍ୱାଟ୍ × ମି. (D) ଓ୍ୱାଟ୍ × ଘଣ୍ଟା
16. ବିଶିଷ୍ଟ ପ୍ରତିରୋଧର S.I ଏକକଟି କ'ଣ ?
    (A) ଓମ୍ × ସେ.ମି. (B) ଏମ୍ପିୟର୍ × ଓମ୍
    (C) ଓମ୍ × ମି. (D) ଓମ୍
17. ଅତି କ୍ଷୀଣ ବିଦ୍ୟୁତ୍ ସ୍ରୋତ ମାପି ପାରୁଥିବା ଯନ୍ତ୍ରଟି ହେଉଛି _____ ।
    (A) ଏମିଟର (B) ଭୋଲ୍ଟମିଟର
    (C) ଗିଓଷ୍ଟାର୍ଟ (D) ଗାଲ୍ଭାନୋମିଟର
18. A ଓ B ଧାତୁ ମଧ୍ୟରେ A ଅଧିକ ସୁପରିବାହୀ । ଯଦି A ଓ B ର ପ୍ରତିରୋଧିତା ଯଥାକ୍ରମେ x ଓ y ହୁଏ, ତେବେ କେଉଁଟି ସତ୍ୟ ?
    (A) $x > y$ (B) $x \geq y$
    (C) $x < y$ (D) $x = y$
19. ଗୋଟିଏ ଇଲେକ୍ଟ୍ରନର ଚାର୍ଜ କେତେ କୁଲମ୍ ?
    (A) 1.5×10^{-19} (B) 1.6×10^{-19}
    (C) 1.6×10^{-18} (D) -1.6×10^{-19}
20. କେତୋଟି ଇଲେକ୍ଟ୍ରନର ଚାର୍ଜ ଏକ କୁଲମ୍ ହେବ ?
    (A) 6000 (B) 6.25×10^{-5}
    (C) 6.25×10^{5} (D) 6.25×10^{6}
21. ବିଦ୍ୟୁତ୍ସ୍ରୋତ I , ପ୍ରବାହିତ ଚାର୍ଜ Q ଓ ସମୟ t ହେଲେ, I, Q, t ମଧ୍ୟରେ କେଉଁ ସମ୍ପର୍କଟି ସତ୍ୟ ?
    (A) $Q = I \times t^{-1}$ (B) $I = Q \times t^{-1}$
    (C) $I = Qt$ (D) $I = t \times Q^{-1}$
22. ମନୁଷ୍ୟ ଶରୀର ଓ ପୃଥିବୀ ପୃଷ୍ଠ ନିମ୍ନୋକ୍ତ ମଧ୍ୟରୁ କେଉଁଟି ?
    (A) ବିଦ୍ୟୁତ୍ ସୁପରିବାହୀ (B) ବିଦ୍ୟୁତ୍ କୁପରିବାହୀ
    (C) ଅର୍ଦ୍ଧପରିବାହୀ (D) ବିଦ୍ୟୁତ୍ପ୍ରତିରୋଧୀ
23. ନିମ୍ନୋକ୍ତ କେଉଁ ଉତ୍ତମଟି ବିଦ୍ୟୁତ୍ କୁପରିବାହୀ ?
    (A) ପାରଦ
    (B) ଅମ୍ଳ, କ୍ଷାର ବିନା ଜଳଣର ତ୍ରବଣ
    (C) ଚିନିପାଣି
    (D) ଉପରୋକ୍ତ ସମସ୍ତ
24. ଏକ ପରିବାହୀରେ ବିଦ୍ୟୁତ୍ ପ୍ରବାହ ହେବା କି ପ୍ରକାରର ପରିବର୍ତ୍ତନ ?
    (A) ଭୌତିକ
    (B) ରାସାୟନିକ
    (C) ଉଭୟ ଭୌତିକ ଓ ରାସାୟନିକ
    (D) କହିହେବ ନାହିଁ
25. ପରିବାହୀର ଦୁଇପ୍ରାନ୍ତ ସହ ଏକ ବିଦ୍ୟୁତ୍ ସେଲ୍ ସଂଯୁକ୍ତ କଲେ କ'ଣ ହୁଏ ?
    (A) ପରିବାହୀ ମଧ୍ୟରେ ଇଲେକ୍ଟ୍ରନଗୁଡ଼ିକ ଉତ୍ତମରୂପେ ଗତି କରନ୍ତି ।
    (B) ଇଲେକ୍ଟ୍ରନଗୁଡ଼ିକ ଶୃଙ୍ଖଳିତ ଭାବେ ସେଲର ଯୁକ୍ତ ଅଗ୍ରକୁ ବିଯୁକ୍ତ ଅଗ୍ର ଆଡ଼କୁ ଗତି କରନ୍ତି ।
    (C) ଇଲେକ୍ଟ୍ରନଗୁଡ଼ିକ ସେଲର ବିଯୁକ୍ତ ଅଗ୍ରରୁ ପରିବାହୀ ମଧ୍ୟରେ ଯୁକ୍ତ ଅଗ୍ରଆଡ଼କୁ ଗତି କରନ୍ତି ।
    (D) ଇଲେକ୍ଟ୍ରନଗୁଡ଼ିକର ଗତିରେ କୌଣସି ପରିବର୍ତ୍ତନ ହୁଏ ନାହିଁ ।
26. ବିଦ୍ୟୁତ୍ ଚଲ୍ଚ ମଧ୍ୟରେ ବ୍ୟବହୃତ ସୂତ୍ରଟି ଟଙ୍ଗଷ୍ଟନ ଧାତୁରେ ନିର୍ମିତ । ଏହାର କାରଣ କ'ଣ ?
    (A) ଏହାର ପ୍ରତିରୋଧିତା ଓ ତାପନାଙ୍କ ଅନ୍ୟ ଧାତୁମାନଙ୍କ ତୁଳନାରେ ଅଧିକ
    (B) ଏହା ଏକ ବିଦ୍ୟୁତ୍ପ୍ରତିରୋଧୀ ଧାତୁ
    (C) ଏହା ଏକ ଅତି ପରିବାହୀ
    (D) ଏହା ଏକ ଉତ୍କୃଷ୍ଟ ଧାତୁ

ISWARPROUT
Scanned with CamScanner
Scanned with CamScanner

27. ବିଦ୍ୟୁତ୍ ବର୍ତ୍ତନ ମଧ୍ୟରେ ନିଷ୍କ୍ରିୟ ପରିବେଶ ସୃଷ୍ଟି କରିବା ପାଇଁ ସେଥିରେ କ'ଣ ଭର୍ତ୍ତି କରାଯାଏ ?
(A) ନାଇଟ୍ରୋଜେନ ଗ୍ୟାସ
(B) ଆର୍ଗନ ଗ୍ୟାସ
(C) ନାଇଟ୍ରୋଜେନ ଓ ଆର୍ଗନ ଗ୍ୟାସ
(D) ନିୟନ ଗ୍ୟାସ୍

28. ବିଦ୍ୟୁତ୍ ବର୍ତ୍ତନରେ ବିଦ୍ୟୁତ୍ ଶକ୍ତିର ଅଧିକାଂଶ ଅଂଶ କେଉଁ ଶକ୍ତିକୁ ରୂପାନ୍ତରିତ ହୁଏ ?
(A) ଆଲୋକ (B) ଶବ୍ଦ
(C) ଚୁମ୍ବକୀୟ (D) ତାପ

29. ବିଦ୍ୟୁତ୍ ଶକ୍ତିକୁ ତାପ ଶକ୍ତିରେ ରୂପାନ୍ତରିତ କରୁଥିବା ଉପକରଣଗୁଡ଼ିକରେ ନିମ୍ନୋକ୍ତ ମଧ୍ୟରୁ କେଉଁ ବ୍ୟବସ୍ଥାଟି କରାଯାଇଥାଏ ?
(A) ବିଦ୍ୟୁତ୍ ପ୍ରବାହର ମାତ୍ରା ବୃଦ୍ଧି କରାଯାଏ ।
(B) ବିଦ୍ୟୁତ୍ ପ୍ରତିରୋଧର ବୃଦ୍ଧି କରାଯାଇଥାଏ ।
(C) ଅଧିକ ସମୟ ପାଇଁ ବିଦ୍ୟୁତ୍ ପ୍ରବାହ କରାଯାଏ ।
(D) ବିଦ୍ୟୁତ୍ ବାହକ ତଳ ବୃଦ୍ଧି କରାଯାଇଥାଏ ।

30. ବିଦ୍ୟୁତ୍ ତାପନ ନିମ୍ନୋକ୍ତ ମଧ୍ୟରୁ କାହା ଉପରେ ନିର୍ଭର କରେ ?
(A) ବିଦ୍ୟୁତ୍ ପ୍ରବାହର ଦର୍ଘ
(B) ବିଦ୍ୟୁତ୍ ପ୍ରବାହର ସମୟ
(C) ବିଦ୍ୟୁତ୍ ପ୍ରତିରୋଧ
(D) ଉପରୋକ୍ତ ସମସ୍ତ

31. କେଉଁ ସୂତ୍ରଟି ଭୁଲ୍ ?
(A) P = VI (B) P = I²R
(C) P = VIt (D) $P = \frac{V^2}{R}$

32. ବୈଦ୍ୟୁତିକ କାର୍ଯ୍ୟ w ପାଇଁ ନିମ୍ନୋକ୍ତ କେଉଁ ସୂତ୍ରଟି ଭୁଲ୍ ?
(A) w = VIt (B) w = I²Rt
(C) w = pt (D) w = I²Rt⁻¹

33. $\frac{1\ \text{ଭୋଲ୍ଟ}}{1\ \text{ଏମ୍ପିୟର}}$ = କେତେ ?
(A) 1 ଓ୍ୱାଟ୍ (B) 1 ଓମ୍
(C) 1 ଓମ୍ × 1 ମି. (D) 1 କୁଲମ୍

34. କେଉଁଟି ଭୁଲ୍ ?
(A) w = VQ (B) w = VIt
(C) $w = \frac{v}{Q}$ (D) $v = \frac{w}{Q}$

35. 1 ଏମ୍ପିୟର × 1 ସେକେଣ୍ଡ = _____ ।
(A) 1 ଓମ୍ (B) 1 କୁଲମ୍
(C) 1 ଓ୍ୱାଟ୍ (D) 1 ଭୋଲ୍ଟ

36. ଏକ ପରିବାହୀର ପ୍ରତିରୋଧ ନିମ୍ନୋକ୍ତ ମଧ୍ୟରୁ କାହା ଉପରେ ନିର୍ଭର କରେ ?
(A) ତାପମାତ୍ରା (B) ପଦାର୍ଥର ପ୍ରକୃତି
(C) ପରିବାହୀର ଦୈର୍ଘ୍ୟ (D) ଉପରୋକ୍ତ ସମସ୍ତ

37. ଏକ ପରିବାହୀର ଦୈର୍ଘ୍ୟକୁ ଅପରିବର୍ତ୍ତିତ ରଖି ପ୍ରସ୍ଥଚ୍ଛେଦକୁ ବୃଦ୍ଧି କଲେ ପ୍ରବାହିତ ବିଦ୍ୟୁତ୍ ସ୍ରୋତର ପରିମାଣରେ କି ପରିବର୍ତ୍ତନ ହେବ ?
(A) ହ୍ରାସ ପାଇବ (B) ବୃଦ୍ଧି ପାଇବ
(C) ଅପରିବର୍ତ୍ତିତ ରହିବ (D) କହିହେବ ନାହିଁ

38. ଚାର୍ଜର S.I ଏକକଟି କ'ଣ ?
(A) ଏମ୍ପିୟର (B) କୁଲମ୍
(C) ଷ୍ଟାଟିକ୍ କୁଲମ୍ (D) ଓମ୍

39. ଏକ ପରିବାହୀରେ ଇଲେକ୍ଟ୍ରନର ବାହିତ ବେଗ କେତେ ?
(A) 1 ମି.× ସେ.⁻¹ (B) 1 ସେ.ମି. × ସେ.⁻¹
(C) 1 ମି.ମି. × ସେ.⁻¹ (D) 2 ମି.ମି. × ସେ.⁻¹

40. ଏକ ପରିବାହୀରେ ଚାର୍ଜ ପ୍ରବାହ ବା ଇଲେକ୍ଟ୍ରନ ପ୍ରବାହ କେତେ ପରିବାହୀ ମଧ୍ୟସ୍ଥ ପରମାଣୁ ଓ ଅନ୍ୟ ଇଲେକ୍ଟ୍ରନ ସହ ଧକ୍କା ହୋଇ ତାହାର ବେଗ ହ୍ରାସ ପାଏ । ଏହାକୁ କ'ଣ କୁହାଯାଏ ?
(A) ଇଲେକ୍ଟ୍ରନର ବାହିତ ବେଗ
(B) ଇଲେକ୍ଟ୍ରନ୍‌ର ତତ୍‌କ୍ଷଣିକ ବେଗ
(C) ଇଲେକ୍ଟ୍ରନର ହାରାହାରି ବେଗ
(D) ଇଲେକ୍ଟ୍ରନର ପ୍ରବାହମାନ ଗତି

41. ଓମ୍‌ଙ୍କ ନିୟମର ସତ୍ୟତା ପରୀକ୍ଷଣ ପାଇଁ ନିମ୍ନୋକ୍ତ କେଉଁଟିକୁ ଅପରିବର୍ତ୍ତିତ ରଖିବା ଆବଶ୍ୟକ ?
(A) ବିଦ୍ୟୁତ୍ ବିଭାବାନ୍ତର (B) ବିଦ୍ୟୁତ୍ ପ୍ରବାହ
(C) ଉଭୟ A ଓ B (D) ତାପମାତ୍ରା

42. ରୂପା ପର୍ଯ୍ୟାଧିକ ଉତ୍ତମ ପରିବାହୀ କିନ୍ତୁ ଅଧିକାଂଶ କ୍ଷେତ୍ରରେ ବିଦ୍ୟୁତ୍ ପରିବାହୀ ଭାବେ ତମ୍ବାକୁ ଜାହିଜି ବ୍ୟବହାର କରାଯାଏ ?
(A) ତମ୍ବାର ଗଳନାଙ୍କ ରୂପାଠାରୁ ଅଧିକ
(B) ତମ୍ବା ଏକ ସଂକ୍ଷାରଣ ପ୍ରତିରୋଧୀ ଧାତୁ
(C) ତମ୍ବା ରୂପାଠାରୁ ଅଧିକ ନମନୀୟ
(D) ତମ୍ବା ଦ୍ୱିତୀୟ ଉତ୍ତମ ପରିବାହୀ ଓ ରୂପା ତୁଳନାରେ ଏହାର ମୂଲ୍ୟ ବହୁତ କମ୍

43. ନିମ୍ନୋକ୍ତ ମଧ୍ୟରେ କେଉଁ ଉପକରଣରେ ବିଦ୍ୟୁତ୍ ସ୍ରୋତର ତାପନ କ୍ଷମତାର ଉପଯୋଗ ହୁଏ ନାହିଁ ?
(A) ବିଦ୍ୟୁତ୍ ଲୌଷ୍ଟର (B) ବିଦ୍ୟୁତ୍ ଇସ୍ତ୍ରୀ
(C) ବିଦ୍ୟୁତ୍ ଘଣ୍ଟି (D) ଫ୍ୟୁଜ୍

44. ଏକ ପରିବାହୀର ପ୍ରତିରୋଧ ନିମ୍ନୋକ୍ତ କାହା ସହ ସମାନୁପାତୀ ?
(A) ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ (B) ପରିବାହୀର ଦୈର୍ଘ୍ୟ
(C) ପଦାର୍ଥର ପ୍ରକୃତି (D) ଉପରୋକ୍ତ ସମସ୍ତ

45. ବିଦ୍ୟୁତ୍‌ସ୍ରୋତର ତାପନ କ୍ଷମତାକୁ ଉପଯୋଗ କରୁଥିବା ଉପକରଣଗୁଡ଼ିକର କୁଣ୍ଡଳୀ ମିଶ୍ର ଧାତୁରୁ ପ୍ରସ୍ତୁତ କରାଯାଇ ଥାଏ । ଏହାର କାରଣ କ'ଣ ?
(A) ମିଶ୍ରଧାତୁର ପ୍ରତିରୋଧିତା ବିଶୁଦ୍ଧ ଧାତୁ ତୁଳନାରେ ଅଧିକ ହେତୁ ସମାନ ପରିମାଣର ବିଦ୍ୟୁତ୍ ପ୍ରବାହ ପାଇଁ ମିଶ୍ରଧାତୁ ଅଧିକ ତାପ ଉତ୍ପନ୍ନ କରେ ।
(B) ମିଶ୍ରଧାତୁ, ବିଶୁଦ୍ଧ ଧାତୁ ତୁଳନାରେ ଅଧିକ ସୁପରିବାହୀ ।
(C) ବିଶୁଦ୍ଧ ଧାତୁ ତୁଳନାରେ ମିଶ୍ରଧାତୁ ଅଧିକ ସଂକ୍ଷାରଣ ପ୍ରତିରୋଧୀ ।
(D) ଉପରୋକ୍ତ ସମସ୍ତ

46. ଟଙ୍ଗଷ୍ଟନ୍ ଧାତୁର ଗଳନାଙ୍କ କେତେ ?
(A) 2532°C (B) 3300°C
(C) 3308°C (D) 3380°C

47. କୁଲଙ୍କ ନିୟମ ଅନୁସାରେ ସମ୍ପାଦିତ ବୈଦ୍ୟୁତିକ କାର୍ଯ୍ୟ w ଓ ଉତ୍ପନ୍ନ ତାପ H ହେଲେ w ଓ H ମଧ୍ୟରେ ଥିବା ସମ୍ପର୍କଟି _____ ।
(A) W α H (B) W α $\frac{1}{H}$
(C) W = H (D) କହିହେବ ନାହିଁ

48. ଯଦି ସମ୍ପାଦିତ ବୈଦ୍ୟୁତିକ କାର୍ଯ୍ୟ w କୁଲ୍ ଓ ଏହା ଦ୍ୱାରା ଉତ୍ପନ୍ନ ତାପ Q କ୍ୟାଲୋରୀ ହୁଏ, ତେବେ ନିମ୍ନୋକ୍ତ କେଉଁ ସମ୍ପର୍କଟି ଠିକ୍ ?
(A) W α Q^{-1} (B) W = JQ
(C) W α Q^2 (D) W α $\frac{1}{Q^2}$

49. ପରିପଥରେ କେଉଁଟିକୁ ପତଳି ସଂଯୋଗ କରାଯାଏ ?
(A) ଫ୍ୟୁଜ
(B) ଏମିଟର
(C) ଉଭୟ ଏମିଟର ଓ ଫ୍ୟୁଜ
(D) ଭୋଲ୍ଟମିଟର

50. କେଉଁ ଉପକରଣ ଏକ ପରିପଥର ପ୍ରତିରୋଧ ବଢାଇବା ପାଇଁ ଦାୟୀ ?
(A) ଫ୍ୟୁଜ୍ (B) ଏମିଟର
(C) ରିଓଷ୍ଟାଟ୍ (D) ଭୋଲ୍ଟମିଟର

51. ଏମିଟର ଓ ଭୋଲ୍ଟମିଟର ମଧ୍ୟରୁ କାହାର ବିଦ୍ୟୁତ୍ ପ୍ରତିରୋଧ ବେଶି ?
(A) ଏମିଟର (B) ଭୋଲ୍ଟମିଟର
(C) ଉଭୟର ସମାନ (D) କହିହେବ ନାହିଁ

52. ବିଦ୍ୟୁତ୍ ଶକ୍ତିର ବ୍ୟବସାୟିକ ଏକକଟି କ'ଣ ?
(A) kwh (B) wh
(C) w×s (D) w ×m

53. 0.1 kwh = କେତେ ଭୁଲ୍ ?
(A) 3.6×10^5 (B) 3.6×10^3
(C) 3.6×10^4 (D) 3.6×10^7

54. ତିନୋଟି $\frac{1}{2}\Omega$ ର ପ୍ରତିରୋଧୀ ତାର କିପରି ସଂଯୋଗ କଲେ ସମୂହ ପ୍ରତିରୋଧ 0.75Ω ହେବ ?
(A) ସବୁଗୁଡ଼ିକୁ ପତଳିରେ ସଂଯୋଗ କଲେ
(B) ସବୁଗୁଡ଼ିକୁ ସମାନ୍ତର ସଂଯୋଗ କଲେ
(C) ଦୁଇଟିକୁ ସମାନ୍ତର ସଂଯୋଗ କରି ଅନ୍ୟଟିକୁ ପତଳିରେ ସଂଯୋଗ କଲେ
(D) ଦୁଇଟିକୁ ପତଳିରେ ସଂଯୋଗ କରି ତୃତୀୟଟିକୁ ସମାନ୍ତର ସଂଯୋଗ କଲେ ।

55. ଖଣ୍ଡିଏ ତାରର ପ୍ରତିରୋଧ R । ଏହାକୁ 4 ସମାନ ଭାଗରେ ବିଭକ୍ତ କରି ସେଗୁଡ଼ିକୁ ସମାନ୍ତର ସଂଯୋଗ କରାଗଲା । ଏହି ସଂଯୋଗର ସମତୁଲ୍ୟ ପ୍ରତିରୋଧ R' ହେଲେ R/R' ର ମୂଲ୍ୟ କେତେ ହେବ ?
(A) $\frac{1}{16}$ (B) 4
(C) $\frac{1}{4}$ (D) 16

56. ଏକା ପଦାର୍ଥରେ ପ୍ରସ୍ତୁତ ସମାନ ଦୈର୍ଘ୍ୟ ଓ ସମାନ ବ୍ୟାସ ବିଶିଷ୍ଟ ଦୁଇଟି ପରିବାହୀ ତାରକୁ ପ୍ରଥମେ ପତଳି ଓ ପରେ ସମାନ୍ତରାଳ ସଂଯୋଗ କରାଗଲା । ଉଭୟ କ୍ଷେତ୍ରରେ ସମାନ ବିଭାବାନ୍ତର ହେଲେ ଉଭୟ କ୍ଷେତ୍ରରେ ଉତ୍ପନ୍ନ ହେଉଥିବା ତାପର ଅନୁପାତ କେତେ ?
(A) 1 : 2 (B) 1 : 4
(C) 1 : 1 (D) 1 : 3

Scanned with CamScanner

Scanned with CamScanner

57. 220 v; 110 w କେଖାଥିବା ଏକ ବିଦ୍ୟୁତ୍ ଉପକରଣକୁ 110v ଲାଇନ୍‌ରେ ସଂଯୋଗ କଲେ ପାୱାର କେତେ ହେବ ?
(A) 110w (B) 50w
(C) 25w (D) 75w

58. 4Ω ପ୍ରତିରୋଧରେ ପ୍ରତି ସେକେଣ୍ଡରେ 100j ତାପ ଉତ୍ପନ୍ନ କଲେ ଏହାର ଦୁଇ ପ୍ରାନ୍ତ ମଧ୍ୟରେ ବିଦ୍ୟୁତ୍ ବିଭବାନ୍ତର କେତେ ?
(A) 10v (B) 20v
(C) 25v (D) 15v

59. 4Ω ପ୍ରତିରୋଧରେ ପ୍ରତି ସେକେଣ୍ଡରେ 100j ତାପ ଉତ୍ପନ୍ନ କଲେ ପ୍ରତିରୋଧରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତର ପରିମାଣ କେତେ ?
(A) 25A (B) .50A
(C) 0.5A (D) 5A

60. ଜୁଲଙ୍କ ଧ୍ରୁବକ j ର ମୂଲ୍ୟ କେତେ ?
(A) 4.2 ଜୁଲ୍ (B) 4.2 ଜୁଲ୍ / କ୍ୟାଲୋରୀ
(C) 4.2 କ୍ୟାଲୋରୀ (D) 2.1 J/C

61. ଏକ ବୈଦ୍ୟୁତିକ ଉପକରଣଦ୍ୱାରା 5 କ୍ୟାଲୋରୀ ତାପ ଉତ୍ପନ୍ନ ହେଲେ ତାହାକୁ ଜୁଲରେ ପ୍ରକାଶ କର ।
(A) 2.1J (B) 4.2 J
(C) 21J (D) 42 J

62. 220 v ବିଦ୍ୟୁତ୍ ଲାଇନ୍‌ରେ ବ୍ୟବହୃତ ଏକ ବିଦ୍ୟୁତ୍ ବଲ୍ବରେ 0.5 A ବିଦ୍ୟୁତ୍ ସ୍ରୋତ ପ୍ରବାହ ହେଉଥିଲେ ତାହାର ପାୱାର କେତେ ହେବ ?
(A) 11w (B) 110w
(C) 220w (D) 100w

63. ତାପର S.I. ଏକକଟି କ'ଣ ?
(A) ଜୁଲ୍ (B) କିଲୋଜୁଲ୍
(C) କ୍ୟାଲୋରୀ (D) କିଲୋକ୍ୟାଲୋରୀ

64. 2Ω, 4Ω, 6Ω ଓ 8Ω ପ୍ରତିରୋଧଗୁଡ଼ିକର ସଂଯୋଗରୁ ମିଳୁଥିବା ସର୍ବନିମ୍ନ ପ୍ରତିରୋଧ କେତେ ହେବ ?
(A) 1.5Ω (B) $\frac{25}{24}\Omega$
(C) 0.8Ω (D) $\frac{24}{25}\Omega$

65. ବିଦ୍ୟୁତ୍ ବଲ୍ବ, ପଙ୍ଖା ଆଦି ପାଇଁ ବ୍ୟବହୃତ ପରିପଥରେ କେତେ ରେଟିଂର ଫ୍ୟୁଜ୍ ଲାଗିଥାଏ ?
(A) 10A (B) 15A
(C) 5A (D) 2A

66. 1 ମାଇକ୍ରୋଏମ୍ପିୟର (1μA) = କେତେ ଏମ୍ପିୟର ?
(A) 10^{-6} (B) 10^{-3}
(C) 10^{-5} (D) 10^{-12}

67. ଦୁଇଟି ବିନ୍ଦୁ ମଧ୍ୟରେ ବିଭବାନ୍ତର 6v ଓ ତାହା ମଧ୍ୟରେ 2c ଚାର୍ଜ ପ୍ରବାହିତ ହେଲେ କେତେ କାର୍ଯ୍ୟ ସମାଧିତ ହେବ ?
(A) 3j (B) 0.33j
(C) 12j (D) 24 j

68. କେଉଁଟି ପ୍ରତିରୋଧଗୁଡ଼ିକର ପଢ଼ନ୍ତି ସଂଯୋଗର ଲକ୍ଷଣ ନୁହେଁ ?
(A) ସମତୁଲ୍ୟ ପ୍ରତିରୋଧ ଯେକୌଣସି ଗୋଟିକର ପ୍ରତିରୋଧଠାରୁ ଅଧିକ ।
(B) ପରିପଥ ଓ ପ୍ରତ୍ୟେକ ପ୍ରତିରୋଧରେ ସମାନ ପରିମାଣର ବିଦ୍ୟୁତ୍ ସ୍ରୋତ ପ୍ରବାହ ହୁଏ ।
(C) ପରିପଥର ଦୁଇ ପ୍ରାନ୍ତ ମଧ୍ୟସ୍ଥ ବିଦ୍ୟୁତ୍ ବିଭବାନ୍ତର ପ୍ରତିରୋଧଗୁଡ଼ିକର ଦୁଇ ପ୍ରାନ୍ତ ମଧ୍ୟସ୍ଥ ବିଭବାନ୍ତରର ସମଷ୍ଟି ସହ ସମାନ ।
(D) ସମତୁଲ୍ୟ ପ୍ରତିରୋଧ ଯେକୌଣସି ଗୋଟିକର ପ୍ରତିରୋଧଠାରୁ କମ୍ ହେବ ।

69. ସମାନ୍ତର ସଂଯୋଗର ନିମ୍ନୋକ୍ତ କେଉଁଟି ଲକ୍ଷଣ ନୁହେଁ ?
(A) ସମତୁଲ୍ୟ ପ୍ରତିରୋଧ ଯେକୌଣସି ଗୋଟିକର ପ୍ରତିରୋଧଠାରୁ ଅଧିକ ହୁଏ ।
(B) ଏଥିରେ ବିଦ୍ୟୁତ୍ ପ୍ରବାହ ବିଭାଜିତ ହୁଏ ।
(C) ସମୂହ ପ୍ରତିରୋଧ ଯେକୌଣସି ଗୋଟିକର ପ୍ରତିରୋଧଠାରୁ କମ୍ ହୁଏ ।
(D) ପରିପଥ ଓ ପ୍ରତ୍ୟେକ ପ୍ରତିରୋଧର ବିଭବାନ୍ତର ସମାନ ରହେ ।

70. ଗୋଟିଏ ପରିପଥରେ ଏକ 12 v ବ୍ୟାଟେରୀ ସହ 20Ω ଓ 4Ω ର ଦୁଇଟି ପ୍ରତିରୋଧ ପଢ଼ନ୍ତିରେ ସଂଯୋଗ ହେଲେ ବିଦ୍ୟୁତ୍ ପ୍ରବାହ କେତେ ହେବ ?
(A) 0.25 A (B) 0.5A
(C) 0.75A (D) 1A

71. ଗୋଟିଏ ପରିପଥରେ ଏକା 12v ବ୍ୟାଟେରୀ ସହ 20Ω ଓ 4Ω ର ଦୁଇଟି ପ୍ରତିରୋଧ ପଢ଼ନ୍ତିରେ ସଂଯୁକ୍ତ ହେଲେ 4Ω ପ୍ରତିରୋଧର ଦୁଇ ପ୍ରାନ୍ତ ମଧ୍ୟରେ ବିଭବାନ୍ତର କେତେ ହେବ ?
(A) 2v (B) 4v
(C) 10v (D) 12v

72. 5Ω, 10Ω , 30Ω ର ତିନୋଟି ପ୍ରତିରୋଧ ଏକ 12v ବ୍ୟାଟେରୀ ସହ ସମାନ୍ତରାଳ ସଂଯୋଗ କଲେ ପରିପଥରେ କେତେ ବିଦ୍ୟୁତ୍ ସ୍ରୋତ ପ୍ରବାହ ହେବ ?
(A) 2A (B) 3A
(C) 4A (D) 5A

73. 

ଉପରୋକ୍ତ ପରିପଥର ସମତୁଲ୍ୟ ପ୍ରତିରୋଧ କେତେ ?
(A) 9Ω (B) 3Ω
(C) 2Ω (D) $\frac{7}{3}\Omega$

74. 2Ω, 3Ω ଓ 6Ω ର ପ୍ରତିରୋଧଗୁଡ଼ିକୁ କିପରି ସଂଯୋଗ କଲେ ସମୂହ ପ୍ରତିରୋଧ 4Ω ହେବ ?
(A) ତିନୋଟିକୁ ପଢ଼ନ୍ତି ସଂଯୋଗ କଲେ
(B) ତିନୋଟିକୁ ସମାନ୍ତର ସଂଯୋଗ କଲେ
(C) 3Ω ଓ 6Ω କୁ ସମାନ୍ତର ସଂଯୋଗ କରି ତା' ସହ 2Ω କୁ ପଢ଼ନ୍ତି ସଂଯୋଗ କଲେ
(D) 2Ω ଓ 3Ω କୁ ପଢ଼ନ୍ତି ସଂଯୋଗ କରି 6Ω କୁ ତା ସହ ସମାନ୍ତର ସଂଯୋଗ କଲେ ।

75. ଗୋଟିଏ 350w ର ବିଦ୍ୟୁତ୍ ଉପକରଣ ଦୈନିକ 10 ଘଣ୍ଟା ଚାଲେ । ଯଦି ୟୁନିଟ୍ ପିଛା 3 ଟଙ୍କା ହୁଏ, ତେବେ ଜୁନ୍ ମାସରେ କେତେ ଟଙ୍କା ବିଦ୍ୟୁତ୍ ବିଲ୍ ଦେବାକୁ ହେବ ?
(A) 400 ଟଙ୍କା (B) 288 ଟଙ୍କା
(C) 315 ଟଙ୍କା (D) 350 ଟଙ୍କା

76. ଖଣ୍ଡେ ତାରର ବ୍ୟାସ 0.5 ମି.ମି. । ପ୍ରତିରୋଧିତ ଓ 1.6×10^{-8} Ωm । ଏହାର ଦୈର୍ଘ୍ୟ 122.8 ମିଟର ହେଲେ ତାହାର ପ୍ରତିରୋଧ କେତେ ହେବ ?
(A) 10Ω (B) 5Ω
(C) 20Ω (D) 8Ω

77. ସମାଧାନରେ ନିର୍ମିତ ଦୁଇଟି ସମଦୈର୍ଘ୍ୟ ବିଶିଷ୍ଟ ପରିବାହୀ ତାର ମଧ୍ୟରୁ ପ୍ରଥମ ତାରର ବ୍ୟାସ ଦ୍ୱିତୀୟର ଅଧା । ପ୍ରଥମ ପରିବାହୀର ପ୍ରତିରୋଧ 10Ω ହୁଏ, ତେବେ ଦ୍ୱିତୀୟ ତାରର ପ୍ରତିରୋଧ କେତେ ହେବ ?
(A) 20Ω (B) 40Ω
(C) 60Ω (D) 5Ω

78. 176Ω ପ୍ରତିରୋଧ ବିଶିଷ୍ଟ କେତୋଟି ତାରକୁ ସମାନ୍ତର ସଂଯୋଗ କଲେ ତାହା 220v ଲାଇନରୁ 5A ବିଦ୍ୟୁତ୍ ପ୍ରବାହ ହେବ ?
(A) 2 (B) 3 (C) 4 (D) 5

79. 8Ω ପ୍ରତିରୋଧ ବିଶିଷ୍ଟ ଏକ ବିଦ୍ୟୁତ୍ ହିଟର 2 ଘଣ୍ଟା କାର୍ଯ୍ୟ କଲେ ଲାଇନରୁ 15A ବିଦ୍ୟୁତ୍ ପ୍ରବାହ ନିଏ । ଏହାଦ୍ୱାରା ଉତ୍ପନ୍ନ ତାପର ହାର କେତେ ?
(A) 18kw (B) 180w
(C) 18w (D) 1800w

80. 220v ଲାଇନରେ କେତୋଟି 10w ର ବଲ୍ବ୍ ଲାଗି ପାରିବ ? (ପରିପଥରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ 5A)
(A) 110 (B) 11
(C) 220 (D) 55

81. 250w ର ଏକ ଡିଜି ସେଟ୍ ଓ 1200 w ର ଏକ ବିଦ୍ୟୁତ୍ ଚୋଷର ଯଥାକ୍ରମେ 1 ଘଣ୍ଟା ଓ 20 ମିନିଟ୍ ପାଇଁ ଚାଲିଲେ କେଉଁଟି କେଣ୍ଡି ଶକ୍ତି ବ୍ୟବହାର କରିବ ?
(A) ଡିଜି ସେଟ୍ (B) ଚୋଷର
(C) ଉଭୟ ସମାନ (D) କହିହେବ ନାହିଁ

82. କୁଆ ଓ କ୍ରୋମିୟମ୍ ମଧ୍ୟରୁ କାହାର ବିଦ୍ୟୁତ୍ ପରିବାହିତା ଅଧିକ ?
(A) କୁଆ (B) କ୍ରୋମିୟମ୍
(C) ଉଭୟର ସମାନ (D) କହିହେବ ନାହିଁ

83. ପ୍ରଥମ ମାନବ କୃତ ବିଦ୍ୟୁତ୍ ଉତ୍ସର ନିର୍ମାତା କେଉଁ ବୈଜ୍ଞାନିକ ଅଟନ୍ତି ?
(A) ଭାଲିଏଣ୍ (B) ଆଲସାଣ୍ଡ୍ରୋ ଭୋଲ୍ଟା
(C) ରବର୍ଟସୋର୍ଟ (D) ସ୍ନେଲ

84. R_1 ଓ R_2 ପ୍ରତିରୋଧ ଦୁଇକୁ ସମାନ୍ତର ସଂଯୋଗ କଲେ ସମତୁଲ୍ୟ ପ୍ରତିରୋଧ R କେତେ ହେବ ?
(A) $R_1 + R_2$ (B) $\frac{R_1R_2}{R_1 - R_2}$
(C) $\frac{R_1R_2}{R_1 + R_2}$ (D) $\frac{R_1 - R_2}{R_1R_2}$

85. R_1, R_2, R_3 ପ୍ରତିରୋଧ ତ୍ରୟକୁ ସମାନ୍ତର ସଂଯୋଗ କଲେ ସମତୁଲ୍ୟ ପ୍ରତିରୋଧ କେତେ ହେବ ?
(A) $R_1 + R_2 + R_3$
(B) $R_1R_2R_3$
(C) $\frac{R_1 + R_2 + R_3}{R_1R_2R_3}$
(D) $\frac{R_1R_2R_3}{R_1R_2 + R_2R_3 + R_1R_3}$

TAW WARROUT
Scanned with CamScanner
Scanned with CamScanner

86. 1 kwh କାହାର ଏକକ ?
(A) ବିଦ୍ୟୁତ୍ ପାୱାର (B) ବିଦ୍ୟୁତ୍ ଶକ୍ତି
(C) ବିଦ୍ୟୁତ୍ ବିଭବାନ୍ତର (D) ବିଦ୍ୟୁତ୍ ସ୍ରୋତ

87. ଭୋଲ୍ଟାମିଟର କ'ଣ ?
(A) ବିଦ୍ୟୁତ୍ ବାହକ ବଳ ମାପକ ଯନ୍ତ୍ର
(B) ବଦ୍ୟୁତ୍ ବିଶ୍ଳେଷଣରେ ବ୍ୟବହୃତ ସମ୍ପୂର୍ଣ୍ଣ ବ୍ୟବସ୍ଥା
(C) ବିଦ୍ୟୁତ୍ ତାପମାନକ ଯନ୍ତ୍ର
(D) ଉପରୋକ୍ତ ସମସ୍ତ

88. ଏକ ଭୋଲ୍ଟାମିଟର ମଧ୍ୟକୁ 1 ଏମ୍ପିୟର ବିଦ୍ୟୁତ୍ ସ୍ରୋତ 1 ସେକେଣ୍ଡ ପାଇଁ ପ୍ରବାହିତ କଲେ କୌଣସି ବିଦ୍ୟୁତ୍ ଅଗ୍ରଠାରେ ଜମା ହେଉଥିବା ପଦାର୍ଥର ପରିମାଣକୁ ସେହି ପଦାର୍ଥର କ'ଣ କୁହାଯାଏ ?
(A) ରାସାୟନିକ ତୁଲ୍ୟାଙ୍କ
(B) ବସ୍ତୁତ୍ୱ ସ୍ଥିରାଙ୍କ
(C) ସମାନୁପାତୀ ସ୍ଥିରାଙ୍କ
(D) ବିଦ୍ୟୁତ୍ ରାସାୟନିକ ତୁଲ୍ୟାଙ୍କ

89. ବିଦ୍ୟୁତ୍ ରାସାୟନିକ ତୁଲ୍ୟାଙ୍କର ଏକକ ନିମ୍ନୋକ୍ତ ମଧ୍ୟରୁ କେଉଁଟି ?
(A) ଗ୍ରାମ୍ (B) ଗ୍ରାମ୍/କୁଲମ
(C) କୁଲମ୍/ଗ୍ରାମ୍ (D) ଗ୍ରାମ୍ × କୁଲମ୍

90. ଫାରାଡେ କାହାର ଏକକ ?
(A) ବିଦ୍ୟୁତ୍ ସ୍ରୋତ (B) ବିଦ୍ୟୁତ୍ ଚାର୍ଜ
(C) ବିଦ୍ୟୁତ୍ ଶକ୍ତି (D) ବିଦ୍ୟୁତ୍ ପାୱାର

91. 1 ଫାରାଡେ = କେତେ ?
(A) 96500 ଏମ୍ପିୟର (B) 96500 ଭୋଲ୍ଟ
(C) 96500 କୁଲମ୍ (D) 9650 କୁଲମ୍

92. ସଲଫ୍ୟୁରିକ୍ ଏସିଡ୍‌ର ରାସାୟନିକ ତୁଲ୍ୟାଙ୍କ କେତେ ?
(A) 98 (B) 49
(C) 9.8 (D) 4.9

93. କପରର ଗ୍ରାମ୍ ରାସାୟନିକ ତୁଲ୍ୟାଙ୍କ କେତେ ?
(A) 31.75 (B) 31.75u
(C) 31.75 ଗ୍ରାମ୍ (D) 3.175 ଗ୍ରାମ୍

94. ଜଳ ଭୋଲ୍ଟାମିଟରରେ 96500 କୁଲମ (1 Fara day) ବିଦ୍ୟୁତ୍ ପ୍ରବାହ କଲେ ଏନୋଡଠାରେ କେତେ ଗ୍ରାମର ଅକ୍‌ସିଜେନ ନିର୍ଗତ ହେବ ?
(A) 16 ଗ୍ରାମ୍ (B) 8 ଗ୍ରାମ୍
(C) 80 ଗ୍ରାମ୍ (D) 800 ଗ୍ରାମ୍

95. ଏକ ଭୋଲ୍ଟାମିଟରରେ 5 ଏମ୍ପିୟର ବିଦ୍ୟୁତ୍ ସ୍ରୋତ 0.5 ଘଣ୍ଟା ପ୍ରବାହିତ ହେବାରୁ କ୍ୟାଥୋଡଠାରେ 3.048 ଗ୍ରାମର ଏକ ଧାତୁ ଜମା ହେଲା । ଏହି ଧାତୁର ରାସାୟନିକ ତୁଲ୍ୟାଙ୍କ (equivalent mass) କେତେ ?
(A) 32.68 ଗ୍ରାମ୍ (B) 32 ଗ୍ରାମ୍
(C) 33 ଗ୍ରାମ୍ (D) 34 ଗ୍ରାମ୍

96. ସିଲଭର ନାଇଟ୍ରେଟର ବିଦ୍ୟୁତ୍ ବିଶ୍ଳେଷଣ ପାଇଁ 3 ଏମ୍ପିୟର ବିଦ୍ୟୁତ୍‌ସ୍ରୋତ 20 ମିନିଟ୍ ପାଇଁ ପ୍ରବାହିତ ହେବାରୁ କ୍ୟାଥୋଡ୍ ଠାରେ 4 ଗ୍ରାମ୍ ସିଲଭର ଜମା ହେଲା । ସିଲ୍‌ଭରର ବିଦ୍ୟୁତ୍ ରାସାୟନିକ ତୁଲ୍ୟାଙ୍କ କେତେ ?
(A) 0.01 (B) 0.001
(C) 0.00111 (D) 0.02

97. ଜଳ ଭୋଲ୍ଟାମିଟରରେ 1 ଘଣ୍ଟା ପାଇଁ 0.5 ଏମ୍ପିୟର ବିଦ୍ୟୁତ୍ ସ୍ରୋତ ପ୍ରବାହିତ କଲେ କେତେ ପରିମାଣର ହାଇଡ୍ରୋଜେନ ଗ୍ୟାସ ନିର୍ଗତ ହେବ ?
(A) 10.08 ଗ୍ରାମ୍ (B) 1.008 ଗ୍ରାମ୍
(C) 0.188 ଗ୍ରାମ୍ (D) 0.0188 ଗ୍ରାମ୍

98. ଗୋଟିଏ ଜଳ ଭୋଲ୍ଟାମିଟର ଓ କପର ଭୋଲ୍ଟାମିଟରକୁ ପଙ୍କ୍ତିରେ ସଂଯୋଗ କରି ବିଦ୍ୟୁତ୍ ପ୍ରବାହ କରିବାକୁ ଜଳ ଭୋଲ୍ଟାମିଟର ଓ କପର ଭୋଲ୍ଟାମିଟରରେ ଯଥାକ୍ରମେ 0.0.32 ଗ୍ରାମ୍ ଓ 0.4164 ଗ୍ରାମ୍ ହାଇଡ୍ରୋଜେନ ଓ କପର ଜମାହେଲା । କପରର ରାସାୟନିକ ତୁଲ୍ୟାଙ୍କ କେତେ ?
(A) 31 (B) 30.8
(C) 30.1 (D) 31.8

99. ବିଦ୍ୟୁତ୍ ବିଶ୍ଳେଷଣ ପଦ୍ଧତିରେ ସାଇକେଲ୍‌ର ରିମ୍ ଉପରେ କେଉଁ ଧାତୁର ପ୍ରଲେପ ଦିଆଯାଏ ?
(A) କ୍ରୋମିୟମ (B) ନିକେଲ
(C) ଟିନ୍ (D) କପର୍

100. ସର୍କିଟ ବ୍ରେକରର ବିକଳ୍ପ ବ୍ୟବସ୍ଥା କ'ଣ ?
(A) ଫ୍ୟୁଜ୍ (B) ସୁଇଚ୍
(C) କଟ୍‌ଆଉଟ୍ (D) ଉପରୋକ୍ତ ସମସ୍ତ

101. ବିଦ୍ୟୁତ୍ ହିଟରର ତାରକୁଣ୍ଡଳୀ ନିମ୍ନୋକ୍ତ କେଉଁଥିରେ ତିଆରି ହୋଇପାରିବ ?
(A) ଷ୍ଟିଲ୍ (B) ତମ୍ବା
(C) ଏଲୁମିନିୟମ୍ (D) ନିକ୍ରୋମ୍

102. ଲୁହା ଉପରେ ତମ୍ବାର ପ୍ରଲେପନ ଦେବା ପାଇଁ ନିମ୍ନୋକ୍ତ କେଉଁଟି ଠିକ୍ ?
(A) ଲୁହାକୁ କ୍ୟାଥୋଡ୍, ତମ୍ବାକୁ ଏନୋଡ୍ ଏବଂ ଅମ୍ଳୀକୃତ $CuSO_4$ ଦ୍ରବଣକୁ ବିଦ୍ୟୁତ୍ ବିଶ୍ଳେଷ୍ୟ ଭାବେ ନିଆଯିବ ।
(B) ଲୁହାକୁ ଏନୋଡ୍, ତମ୍ବାକୁ କ୍ୟାଥୋଡ ରୂପେ ନିଆଯିବ ।
(C) ଆଇରନ୍ ସଲଫେଟ ଦ୍ରବଣକୁ ବିଦ୍ୟୁତ୍ ବିଶ୍ଳେଷ୍ୟ ରୂପେ ନିଆଯିବ ।
(D) ଉପରୋକ୍ତ ସମସ୍ତ

103. ଜଳ ଭୋଲ୍ଟାମିଟରରେ ଅମ୍ଳୀକୃତ ଜଳ ନିଆଯାଏ କାହିଁକି ?
(A) ଜଳର ପରିବାହିତା ହ୍ରାସ ପାଇଁ
(B) ଜଳର ପରିବାହିତା ବୃଦ୍ଧି ପାଇଁ
(C) ଜଳକୁ ଏକ ବିଦ୍ୟୁତ୍ ନିରପେକ୍ଷ ଦ୍ରବଣରେ ପରିଣତ କରିବା ପାଇଁ
(D) ଉପରୋକ୍ତ ସମସ୍ତ

104. ବିଦ୍ୟୁତ୍ ରାସାୟନିକ ତୁଲ୍ୟାଙ୍କର ଏକକ କ'ଣ ?
(A) ଗ୍ରାମ୍/କୁଲମ୍ (B) ଗ୍ରାମ୍
(C) ଗ୍ରାମ୍/ଏମ୍ପିୟର (D) ଏକକ ନାହିଁ

105. ରାସାୟନିକ ତୁଲ୍ୟାଙ୍କର ଏକକ କ'ଣ ?
(A) ଗ୍ରାମ୍ (B) କି.ଗ୍ରା.
(C) ଗ୍ରାମ୍/କୁଲମ୍ (D) ଏକକ ନାହିଁ

106. 80 ସେ.ମି. ଦୈର୍ଘ୍ୟର ଏକ ପରିବାହୀ ତାରର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ 0.025 ସେ.ମି.^{2} । ଏହାର ପ୍ରତିରୋଧ 1.5Ω ହେଲେ ଏହାର ପ୍ରତିରୋଧିତା କେତେ ହେବ ?
(A) 0.0469 ଓମ୍ × ସେ.ମି.
(B) 0.00469 ଓମ୍ × ସେ.ମି.
(C) 0.000469 ଓମ୍ × ସେ.ମି.
(D) 0.000496 ଓମ୍ × ସେ.ମି.

107. କେତେ ତାପମାତ୍ରାରେ ପାରଦର ପ୍ରତିରୋଧିତା ଶୂନ ହୋଇଯାଏ ?
(A) 42°C (B) 4.2°C
(C) 4.2°F (D) 4.2K

108. ଏକ ପଦାର୍ଥର ପ୍ରତିରୋଧିତା ଶୂନ ହୋଇଗଲେ ତାହାକୁ କ'ଣ କୁହାଯାଏ ?
(A) ପ୍ରତିରୋଧୀ (B) ବିଦ୍ୟୁତ୍‌ରୋଧୀ
(C) ସୁପରିବାହୀ (D) ଅତି ପରିବାହୀ

109. 1 km ଲମ୍ବର ତମ୍ବାତାରର ବ୍ୟାସାର୍ଦ୍ଧ 1 ମି.ମି. । ଯଦି କପରର ପ୍ରତିରୋଧିତା 1.72×10^{-8} Ω × ମି. ହୁଏ, ତେବେ ଏହି ତାରର ପ୍ରତିରୋଧ କେତେ ?
(A) 5.48Ω (B) 54.8Ω
(C) 5.84Ω (D) 0.584Ω

110. 0.5Ω ବିଶିଷ୍ଟ 4 ଟି ପରିବାହୀ ତାରକୁ ପ୍ରଥମେ ପଙ୍କ୍ତି ଓ ପରେ ସମାନ୍ତର ସଂଯୋଗ କରାଗଲା । ସେମାନଙ୍କର ସମୂହ ପ୍ରତିରୋଧର ଅନୁପାତ କେତେ ହେବ ?
(A) 4 (B) 16
(C) $\frac{1}{16}$ (D) 8

111.


ଉପରୋକ୍ତ ଚିତ୍ରର A ଓ B ମଧ୍ୟରେ ଥିବା ସମୂହ ପ୍ରତିରୋଧ କେତେ ?
(A) 1.2Ω (B) 2.5Ω
(C) 2.4Ω (D) 2Ω

112.


ଉପରୋକ୍ତ ଚିତ୍ରରେ C ଓ B ମଧ୍ୟରେ ଥିବା ସମୂହ ପ୍ରତିରୋଧ କେତେ ?
(A) 2.4Ω (B) 4.8Ω
(C) 8.4Ω (D) 4.2Ω

113. 40w – 200v ଲେଖାଥିବା ଏକ ବିଦ୍ୟୁତ୍ ବଲ୍‌ବକୁ 100v ବିଦ୍ୟୁତ୍ ଯୋଗାଣସହ ସଂଯୁକ୍ତ କଲେ ତାହାର ପାୱାର କେତେ ହେବ ?
(A) 20w (B) 40w
(C) 15w (D) 10w

114. ତିନୋଟି 60w – 200v ର ବଲ୍‌ବ ପଙ୍କ୍ତିରେ 200v ଲାଇନରେ ସଂଯୁକ୍ତ କଲେ ପାୱାର କେତେ ହେବ ?
(A) 60w (B) 20w
(C) 15w (D) 30w

ISHWAR ROUT

Scanned with CamScanner

Scanned with CamScanner

115. 40w – 220v ର ଦୁଇଟି ବିଦ୍ୟୁତ୍ ବଲ୍‌କୁ 220v ଲାଇନରେ ସମାନ୍ତର ସଂଯୋଗ କଲେ ମୋଟ ପାୱାର କେତେ ହେବ ?
(A) 200w (B) 80w
(C) 40w (D) 20w

116. ନିମ୍ନୋକ୍ତ କେଉଁଟି ପ୍ରାକୃତିକ ଚୁମ୍ବକ ?
(A) ଲୋଡ୍ ଷ୍ଟୋନ (B) ଅଶ୍ୱଖୁରାକୃତି ଚୁମ୍ବକ
(C) ସୂଚୀ ଚୁମ୍ବକ (D) ଦଣ୍ଡ ଚୁମ୍ବକ

117. ପୃଥିବୀ ଏକ ଚୁମ୍ବକ ଭଳି କାର୍ଯ୍ୟ କରେ । – ଏ କଥା ପ୍ରଥମେ କିଏ ପ୍ରମାଣ କରିଥିଲେ ?
(A) ଉଇଲିୟମ୍ ଫୁକ୍ସ (B) ଚାଲର୍ସ ଡାରଉଇନ୍
(C) ଉଇଲିୟମ୍ ଗିଲବର୍ଟ (D) କ୍ରକ୍‌ସଟନ

118. ନିମ୍ନୋକ୍ତ କେଉଁ ଗୁଣଟି ଚୁମ୍ବକର ଥାଏ ?
(A) ଆକର୍ଷଣ (B) ବିକର୍ଷଣ
(C) ଦିଶାତ୍ମକ (D) ଉପରୋକ୍ତ ସମସ୍ତ

119. ବିଦ୍ୟୁତ୍ ସ୍ରୋତର ଚୁମ୍ବକୀୟ ପ୍ରଭାବ ଅଛି ବୋଲି ପ୍ରଥମେ କେଉଁ ବୈଜ୍ଞାନିକ ପ୍ରମାଣ କରିଥିଲେ ?
(A) ଜୁଲ (B) ମାକ୍ସୱେଲ
(C) ଓରଷ୍ଟେଡ (D) ଏମ୍ପିୟର

120. ଚୁମ୍ବକୀୟ କ୍ଷେତ୍ରର ତୀବ୍ରତାର ସେ.ଗ୍ରା.ସେ (c.g.s) ଏକକଟି _____ ।
(A) କ୍ରକ୍‌ଟନ (B) ଡେଭି
(C) ଟେସଲା (D) ଓରଷ୍ଟେଡ୍

121. ଏକକ କ୍ଷେତ୍ରଫଳ ମଧ୍ୟକୁ ପ୍ରବେଶ କରୁଥିବା ଚୁମ୍ବକୀୟ କ୍ଷେତ୍ର ରେଖାଗୁଡ଼ିକର ପରିମାଣ ବୃଦ୍ଧି ପାଇଲେ ଚୁମ୍ବକୀୟ କ୍ଷେତ୍ରର ଆପେକ୍ଷିକ ସାମର୍ଥ୍ୟରେ କି ପରିବର୍ତ୍ତନ ଘଟେ ?
(A) ହ୍ରାସ ପାଏ (B) ବୃଦ୍ଧିପାଏ
(C) ଅପରିବର୍ତ୍ତିତ ରହେ (D) କହିହେବ ନାହିଁ

122. ଏକ ସଳଖ ପରିବାହୀରେ ବିଦ୍ୟୁତ୍ ପ୍ରବାହ ହେଲେ ଚୁମ୍ବକୀୟ କ୍ଷେତ୍ରର ଆପେକ୍ଷିକ ସାମର୍ଥ୍ୟ ପରିବାହୀଠାରୁ ଦୂରକୁ ଗଲେ କିପରି ବଦଳେ ?
(A) ହ୍ରାସ ପାଏ
(B) ବୃଦ୍ଧିପାଏ
(C) ପ୍ରଥମେ କମେ ଓ ପରେ ବଢ଼େ
(D) ଅପରିବର୍ତ୍ତିତ ରହେ

123. ଚୁମ୍ବକୀୟ କ୍ଷେତ୍ରର ଦିଗ କାହାଦ୍ୱାରା ଜାଣିହୁଏ ?
(A) ଏମିଟର (B) ଗାଲଭାନୋମିଟର
(C) କମ୍ପାସ୍ ସୂଚୀ (D) ଲୋଡଷ୍ଟୋନ୍

124. ସମାନ ଲମ୍ବ ଓ ଏକ ପ୍ରକାର ଧାତୁରେ ନିର୍ମିତ ଦୁଇଟି ତାର ନେଇ ଗୋଟିଏକୁ ବୃତ୍ତାକାର ତାର କୁଣ୍ଡଳୀରେ ପରିଣତ କରି ବିଦ୍ୟୁତ୍ ପ୍ରବାହ କରାଗଲା ଓ ଅନ୍ୟଟିକୁ ସଳଖ ରୂପେ ରଖି ବିଦ୍ୟୁତ୍ ପ୍ରବାହ କରାଗଲା । କେଉଁ କ୍ଷେତ୍ରରେ ଅଧିକ ଶକ୍ତିଶାଳୀ ଚୁମ୍ବକ କ୍ଷେତ୍ର ସୃଷ୍ଟି ହେବ ?
(A) ବୃତ୍ତାକାର
(B) ସଳଖ
(C) ଉଭୟ କ୍ଷେତ୍ରରେ ସମାନ
(D) କହିହେବ ନାହିଁ

125. ନିମ୍ନୋକ୍ତ କେଉଁ କ୍ଷେତ୍ରରେ ଏକ ବୃତ୍ତାକାର ତାର କୁଣ୍ଡଳୀରେ ବିଦ୍ୟୁତ୍ ପ୍ରବାହ ଜନିତ ଚୁମ୍ବକୀୟ କ୍ଷେତ୍ରର ସାମର୍ଥ୍ୟ ଅଧିକ ହେବ ?
(A) ତାର କୁଣ୍ଡଳୀର ବ୍ୟାସାର୍ଦ୍ଧ ବୃଦ୍ଧି କଲେ
(B) ତାର କୁଣ୍ଡଳୀର ଘେର ସଂଖ୍ୟା ବୃଦ୍ଧି କଲେ
(C) ବିଦ୍ୟୁତ୍ ପ୍ରବାହ ବୃଦ୍ଧି କଲେ
(D) ଉପରୋକ୍ତ ସମସ୍ତ

126. ପରିପଥରେ ବିଦ୍ୟୁତ୍ ପ୍ରତିରୋଧ ବଦଳାଇବା ପାଇଁ କେଉଁ ଉପକରଣ ବ୍ୟବହାର କରାଯାଏ ?
(A) ଏମିଟର (B) ଭୋଲ୍ଟମିଟର
(C) ରିଓଷ୍ଟାଟ (D) ଗାଲଭାନୋମିଟର

127. ସମଚୁମ୍ବକୀୟ କ୍ଷେତ୍ର କାହାକୁ କହନ୍ତି ?
(A) ଚୁମ୍ବକୀୟ କ୍ଷେତ୍ରର ପରିମାଣ ସମାନ ହେଲେ
(B) ଚୁମ୍ବକୀୟ କ୍ଷେତ୍ରର ଦିଗ ସମାନ ହେଲେ
(C) ଚୁମ୍ବକୀୟ କ୍ଷେତ୍ରର ପରିମାଣ ଓ ଦିଗ ଉଭୟ ସମାନ ହେଲେ
(D) ଚୁମ୍ବକୀୟ କ୍ଷେତ୍ରରେଖା ପରସ୍ପର ପ୍ରତି ଲମ୍ବ ହେଲେ

128. ଗୋଟିଏ ବିଦ୍ୟୁତ୍ ସ୍ରୋତଧାରୀ ସଲେନଏଡ୍‌ର ଭିତର ଅଂଶରେ ଚୁମ୍ବକୀୟ କ୍ଷେତ୍ର _____ ।
(A) ଶୂନ (B) ପ୍ରାନ୍ତ ଆଡ଼କୁ କମିଯାଏ
(C) ପ୍ରାନ୍ତ ଆଡ଼କୁ ବଢ଼େ (D) ସର୍ବତ୍ର ସମାନ ଅଟେ

129. ଏକ ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ଏକ ବିଦ୍ୟୁତ୍ ସ୍ରୋତଧାରୀ ପରିବାହୀ ତାର ରଖିଲେ ପରିବାହୀର ବିକ୍ଷେପଣ କେତେବେଳେ ସର୍ବାଧିକ ହେବ ?
(A) ଚୁମ୍ବକୀୟ କ୍ଷେତ୍ରର ଦିଗ ଓ ବିଦ୍ୟୁତ୍ ପ୍ରବାହର ଦିଗ ପରସ୍ପର ଲମ୍ବ ହେଲେ
(B) ଚୁମ୍ବକୀୟ କ୍ଷେତ୍ରର ଦିଗ ଓ ବିଦ୍ୟୁତ୍ ପ୍ରବାହର ଦିଗ ପରସ୍ପର ବିପରୀତ ହେଲେ
(C) ଚୁମ୍ବକୀୟ କ୍ଷେତ୍ରର ଦିଗ ଓ ବିଦ୍ୟୁତ୍ ପ୍ରବାହର ଦିଗ ସମାନ ହେଲେ
(D) ଚୁମ୍ବକ କ୍ଷେତ୍ରର ଦିଗ ଓ ବିଦ୍ୟୁତ୍ ପ୍ରବାହର ଦିଗ ମଧ୍ୟରେ 60° କୋଣ ଉତ୍ପନ୍ନ ହେଲେ

130. ଗୋଟିଏ ଇଲେକ୍‌ଟ୍ରନ ଏକ ଚୁମ୍ବକୀୟ କ୍ଷେତ୍ର ମଧ୍ୟକୁ ଲମ୍ବଭାବେ ପ୍ରବେଶ କରୁଛି । ଇଲେକ୍‌ଟ୍ରନଟି କେଉଁ ଦିଗକୁ ବିକ୍ଷେପିତ ହେବ ?
(A) ବାମକୁ (B) ଡାହାଣକୁ
(C) ଲମ୍ବଭାବେ ନିମ୍ନକୁ (D) ଲମ୍ବଭାବେ ଉପରକୁ

131. ଗୋଟିଏ ପ୍ରୋଟନ ଏକ ଚୁମ୍ବକୀୟ କ୍ଷେତ୍ରରେ ମୁକ୍ତ ଭାବେ ଗତି କରୁଛି । ଏଠାରେ ପ୍ରୋଟନର ନିମ୍ନସ୍ଥ ମଧ୍ୟରୁ କେଉଁଟି ଅପରିବର୍ତ୍ତିତ ରହିବ ?
(A) ବେଗ (B) ପରିବେଗ
(C) ସଂବେଗ (D) ବସ୍ତୁତ୍ୱ

132. ଗୋଟିଏ ଯୁକ୍ତ ଚାର୍ଜ କଣିକା ପଶ୍ଚିମକୁ ଗତି କରୁଥିବା ବେଳେ ଏକ ଚୁମ୍ବକୀୟ କ୍ଷେତ୍ରଦ୍ୱାରା ଉତ୍ତରକୁ ବିକ୍ଷେପିତ ହୁଏ । ଚୁମ୍ବକୀୟ କ୍ଷେତ୍ରର ଦିଗ କ'ଣ ହେବ ?
(A) ଦକ୍ଷିଣକୁ (B) ତଳକୁ
(C) ପୂର୍ବକୁ (D) ଉପରକୁ

133. ଚୁମ୍ବକୀୟ କ୍ଷେତ୍ରକୁ ବ୍ୟବହାର କରି ଆଭ୍ୟନ୍ତରୀଣ ଅଙ୍ଗ ପ୍ରତ୍ୟଙ୍ଗର ପ୍ରତିବିମ୍ବ ପାଇବା ପଦ୍ଧତିକୁ କ'ଣ କୁହାଯାଏ ?
(A) NRI (B) କାର୍ଡିଓଗ୍ରାଫ୍ରି
(C) MRI (D) ସୋନୋଗ୍ରାଫି

134. ଏକ ପରିବାହୀର ପ୍ରତି R ଓ ସେଥିରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତ I ହେଲେ ନିମ୍ନୋକ୍ତ କେଉଁ ସମ୍ପର୍କଟି ଠିକ୍ ?
(A) $I = R$ (B) $I \alpha \frac{1}{R}$
(C) $I \alpha R$ (D) $I \alpha R^2$

135. ନିମ୍ନୋକ୍ତ କେଉଁଟି DC ମୋଟରର ଅଂଶ ନୁହେଁ ?
(A) ଆର୍ମେଚର (B) କ୍ଷେତ୍ରଚୁମ୍ବକ
(C) ବିଖଣ୍ଡିତ ବଳୟ (D) ସ୍ଲିପ୍‌ରିଙ୍ଗ

136. D.C. ମୋଟର୍‌ରେ କେଉଁ ଅଂଶଟି କମ୍ୟୁଟେଟର ରୂପେ କାର୍ଯ୍ୟ କରେ ?
(A) ସ୍ଲିପ୍‌ରିଙ୍ଗ (B) ଆର୍ମେଚର
(C) ବିଖଣ୍ଡିତ ବଳୟ (D) ବ୍ରଶ୍

137. ପରିପଥରେ କେଉଁ ଉପକରଣଦ୍ୱାରା ବିଦ୍ୟୁତ୍ ପ୍ରବାହର ଦିଗ ବଦଳାଯାଏ ?
(A) କମ୍ୟୁଟେଟର (B) ସ୍ଲିପ୍‌ରିଙ୍ଗ
(C) ରିଓଷ୍ଟାଟ୍ (D) ଚେଞ୍ଜର

138. ଏକ ମୋଟରରେ ଆର୍ମେଚରର ଘୂର୍ଣ୍ଣନର ଦିଗ ନିରୂପଣ ପାଇଁ କେଉଁ ନିୟମ ସହାୟକ ହୋଇଥାଏ ?
(A) ମାକ୍ସୱେଲ୍ କର୍କ ସ୍କ୍ରୁ
(B) ଏମ୍ପିୟରଙ୍କ ସ୍ୱିମିଙ୍ଗ
(C) ଫ୍ଲେମିଂଙ୍କ ଦକ୍ଷିଣ ହସ୍ତନିୟମ
(D) ଫ୍ଲେମିଂଙ୍କ ବାମ ହସ୍ତନିୟମ

139. ବ୍ୟବସାୟିକ ଉଦ୍ଦେଶ୍ୟରେ ବିଦ୍ୟୁତ୍ ମୋଟରକୁ ଶକ୍ତିଶାଳୀ କରିବା ପାଇଁ କ'ଣ କରାଯାଏ ?
(A) ବିଦ୍ୟୁତ୍ ଚୁମ୍ବକ ବ୍ୟବହାର କରାଯାଏ ।
(B) ନରମ ଲୁହା ଉପରେ ତମ୍ବାତାର ଗୁଡ଼ାଇ ଆର୍ମେଚର ପ୍ରସ୍ତୁତ କରାଯାଏ ।
(C) ଆର୍ମେଚରର ଘେରସଂଖ୍ୟା ବୃଦ୍ଧି କରାଯାଏ ।
(D) ଉପରୋକ୍ତ ସମସ୍ତ ।

140. ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣର ଆବିଷ୍କାରକ କିଏ ?
(A) ଲାପ୍‌ଲାସ୍
(B) ଓମ୍
(C) ମାଇକେଲ୍ ଫାରାଡେ
(D) କିରଚଫସ୍

141. ଗାଲ୍‌ଭାନୋମିଟର କ'ଣ ?
(A) ବିଦ୍ୟୁତ୍ ସ୍ରୋତ ମାପକ ଯନ୍ତ୍ର
(B) କ୍ଷୀଣ ବିଦ୍ୟୁତ୍ ସ୍ରୋତ ମାପକ ଯନ୍ତ୍ର
(C) ବୈଦ୍ୟୁତିକ ତାପ ମାପକ ଯନ୍ତ୍ର
(D) ବିଦ୍ୟୁତ୍ ପ୍ରତିରୋଧ ମାପକ ଯନ୍ତ୍ର

142. ପ୍ରେରିତ ବିଦ୍ୟୁତ୍ ସ୍ରୋତ ସୃଷ୍ଟି କରିବା ପାଇଁ ନିମ୍ନୋକ୍ତ ମଧ୍ୟରୁ କ'ଣ କରାଯାଇ ପାରିବ ?
(A) ଏକ ମୁଦିତ ତାରକୁଣ୍ଡଳୀ ନିକଟରେ ଚୁମ୍ବକର ଗତି
(B) ଏକ ଚୁମ୍ବକ ନିକଟରେ ତାର କୁଣ୍ଡଳୀର ଗତି
(C) ଏକ ମୁଦିତ ତାର କୁଣ୍ଡଳୀ ସଂଲଗ୍ନ ଚୁମ୍ବକୀୟ କ୍ଷେତ୍ରର ତୀବ୍ରତାର ପରିବର୍ତ୍ତନ
(D) ଉପରୋକ୍ତ ସମସ୍ତ

143. ଏକ ମୁଦିତ ତାର କୁଣ୍ଡଳୀ ନିକଟରେ ଏକ ଚୁମ୍ବକର ଗତିର ବେଗକୁ ବୃଦ୍ଧି କଲେ କ'ଣ ହେବ ?
(A) ପ୍ରେରିତ ବିଦ୍ୟୁତ୍ ବିଭବାନ୍ତର ବଢ଼ିବ
(B) ପ୍ରେରିତ ବିଦ୍ୟୁତ୍ ପ୍ରବାହର ପରିମାଣ ବଢ଼ିବ
(C) ପ୍ରେରିତ ବିଦ୍ୟୁତ୍ ବିଭବାନ୍ତର ଅପରିବର୍ତ୍ତିତ ରହିବ
(D) ଉଭୟ A ଓ B

144. ନିମ୍ନୋକ୍ତ କେଉଁଟି A.C. ଜେନେରେଟରର ଅଂଶ ନୁହେଁ ?
(A) ଆର୍ମେଚର (B) ବ୍ରଶ୍
(C) କମ୍ୟୁଟେଟର (D) ସ୍ଲିପ୍ ରିଂ

145. D.C. ଜେନେରେଟରରେ ସ୍ଲିପ୍ ରିଂ ବଦଳରେ କ'ଣ ବ୍ୟବହାର କରାଯାଏ ?
(A) ବ୍ରଶ (B) ଚେଞ୍ଜର
(C) ଆୟତାକାର ବଳୟ (D) କମ୍ୟୁଟେଟର

146. A.C. ଜେନେରେଟରରେ ପ୍ରେରିତ ବିଦ୍ୟୁତ୍ ପ୍ରବାହର ଦିଗ _____ ଘୂର୍ଣ୍ଣନ ପରେ ବଦଳେ ?
(A) ଦୁଇଟି (B) ଗୋଟିଏ
(C) ଅର୍ଦ୍ଧ (D) ଏକ ଚତୁର୍ଥାଂଶ

Scanned with CamScanner

Scanned with CamScanner

147. D.C. ର ଆବୃତ୍ତି କେତେ ?
(A) OHz (B) 50 Hz
(C) 100Hz (D) 20 Hz

148. ଗୃହ ବିଦ୍ୟୁତ୍ ପରିପଥରେ ଓଭର ଲୋଡିଂ, ଲଘୁପଥନ ଆଦି ଅବସ୍ଥାରୁ ରକ୍ଷା ପାଇଁ କ'ଣ ସବୁ ବ୍ୟବସ୍ଥା କରାଯାଇଥାଏ ?
(A) ଆର୍ଥିଙ୍ଗ ବ୍ୟବହାର (B) ସ୍ୱିଚର ବ୍ୟବହାର
(C) ଫ୍ୟୁଜର ବ୍ୟବହାର (D) ଉପର A ଓ B

149. ଆମ ଦେଶରେ ବ୍ୟବହୃତ A.C. କେତେ ସମୟରେ ଥରେ ଦିଗ ବଦଳାଏ ?
(A) 0.1 ସେକେଣ୍ଡ (B) 0.001 ସେକେଣ୍ଡ
(C) 0.01 ସେକେଣ୍ଡ (D) 1 ସେକେଣ୍ଡ

150. ଗିଜର, ବାୟୁଶୀତତଳ ଆଦି ଉପକରଣ ପାଇଁ ପରିପଥରେ କେତେ ରେଟିଂର ଫ୍ୟୁଜ ଲାଗିଥାଏ ?
(A) 10A (B) 15A
(C) 5A (D) 30A

ଉତ୍ତରମାଳା

1.(A)	2.(C)	3.(B)	4.(D)
5.(C)	6.(A)	7.(B)	8.(C)
9.(A)	10.(A)	11.(D)	12.(D)
13.(C)	14.(D)	15.(A)	16.(C)
17.(D)	18.(C)	19.(D)	20.(B)
21.(B)	22.(A)	23.(C)	24.(A)
25.(C)	26.(A)	27.(C)	28.(D)
29.(B)	30.(D)	31.(C)	32.(D)
33.(B)	34.(C)	35.(B)	36.(D)
37.(B)	38.(B)	39.(C)	40.(A)
41.(D)	42.(D)	43.(C)	44.(B)
45.(A)	46.(D)	47.(A)	48.(B)
49.(D)	50.(C)	51.(B)	52.(A)
53.(B)	54.(C)	55.(D)	56.(B)
57.(C)	58.(B)	59.(D)	60.(B)
61.(C)	62.(B)	63.(A)	64.(D)
65.(C)	66.(A)	67.(C)	68.(D)
69.(A)	70.(B&C)	71.(A)	72.(C)
73.(D)	74.(C)	75.(C)	76.(A)
77.(B)	78.(C)	79.(D)	80.(A)
81.(B)	82.(A)	83.(B)	84.(C)
85.(D)	86.(B)	87.(B)	88.(D)
89.(B)	90.(B)	91.(C)	92.(B)
93.(C)	94.(B)	95.(A)	96.(C)
97.(D)	98.(D)	99.(A)	100.(A)

101.(D)	102.(A)	103.(B)	104.(A)
105.(D)	106.(C)	107.(D)	108.(D)
109.(A)	110.(B)	111.(C)	112.(B)
113.(D)	114.(B)	115.(B)	116.(A)
117.(C)	118.(D)	119.(C)	120.(D)
121.(B)	122.(A)	123.(C)	124.(A)
125.(D)	126.(C)	127.(C)	128.(D)
129.(A)	130.(C)	131.(D)	132.(D)
133.(C)	134.(B)	135.(D)	136.(C)
137.(A)	138.(D)	139.(D)	140.(C)
141.(B)	142.(D)	143.(D)	144.(C)
145.(D)	146.(C)	147.(A)	158.(D)
149.(C)	150.(B)		

ବ୍ୟାଖ୍ୟା ସହିତ ଉତ୍ତର

20. ଇଲେକ୍ଟ୍ରନ ସଂଖ୍ୟା = $\frac{1\text{ କୁଲମ୍}}{1.6\times10^{-19}\text{ କୁଲମ୍}}$
$= 6.25 \times 10^{18}$

37. ପ୍ରସ୍ଥଚ୍ଛେଦ ବୃଦ୍ଧି ହେଲେ ବିଦ୍ୟୁତ୍ ପ୍ରତିରୋଧ ହ୍ରାସ ପାଇବ । ତେଣୁ ପ୍ରବାହିତ ବିଦ୍ୟୁତ୍‌ସ୍ରୋତର ପରିମାଣ ବଢ଼ିବ ।

53. 1 kwh = 1000 w × 3600 s
$= 3600000$ ଜୁଲ୍
0.1 kwh = 360000 ଜୁଲ୍ = 3.0×10^{15} ଭୁଲ୍

54. ତୁରନ୍ତିକୁ ସମାନର ଫଂଯୋଗ କଲେ ସେମାନଙ୍କର ସମୂହ ପ୍ରତିରୋଧ R_p ହେଲେ
$\frac{1}{R_p} = \frac{1}{1} + \frac{1}{2} + \frac{1}{2} = 4\Omega^{-1}$
$\Rightarrow R_p = \frac{1}{4}\Omega$
ଏହା ସହ ବ୍ରାଘଟିକୁ ପତ୍ରନ୍ତି ଫଂଯୋଗ କଲେ ସମୂହ ପ୍ରତିରୋଧ
$R = \frac{1}{4} + \frac{1}{2} = \frac{1+2}{4} = \frac{3}{4}\Omega = 0.75\Omega$
∴ (C) ଉତ୍ତରଟି ଠିକ୍ ।

55. ପ୍ରତ୍ୟେକ ଖଣ୍ଡର ପ୍ରତିରୋଧ $\frac{R}{4}$
ସମାନର ଫଂଯୋଗର ସମତୁଲ୍ୟ ପ୍ରତିରୋଧ R_p ହେଲେ
$\frac{1}{R_p} = \frac{1}{\frac{R}{4}} \times 4 = \frac{16}{R}$
$\Rightarrow R_p = \frac{R}{16}$
$\frac{R}{R'} = \frac{R}{\frac{R}{16}} = 16$

ପ୍ରତ୍ୟେକ ପରିବାହୀର ପ୍ରତିରୋଧ R ହେଲେ
ପତ୍ରନ୍ତି ଫଂଯୋଗରେ ସମୂହ ପ୍ରତିରୋଧ $R_s = 2R$
ସମାନର ଫଂଯୋଗର ସମୂହ ପ୍ରତିରୋଧ R_p ହେଲେ
$\frac{1}{R_p} = \frac{1}{R} + \frac{1}{R} = \frac{2}{R} \Rightarrow R_p = \frac{R}{2}$

ଉତ୍ପନ୍ନ ତାପର ଅନୁପାତ $= \frac{I_s^2 R_s t}{I_p^2 R_p t} = \frac{\frac{V^2}{R_s^2}\times R_s}{\frac{V^2}{R_p^2}\times R_p}$
$= \frac{R_p}{R_s} = \frac{\frac{R}{2}}{2R} = \frac{1}{4}$

57. $R = \frac{V^2}{P} = \frac{(220)^2}{100} = 484\Omega$
110 v ରାଉନରେ ପାୱାର $P = \frac{110^2}{484} = 25w$

58. $H = VIt = V \times I \times 1 = VI = V \times \frac{V}{R} = \frac{V^2}{R}$
$\Rightarrow v^2 = HR \Rightarrow v = \sqrt{HR} = \sqrt{100\times4} = 20v$

59. $I = \frac{H}{vt} = \frac{100j}{IR\times1} \Rightarrow I^2 = \frac{100j}{4\Omega} = (25A)^2$
$\Rightarrow I = 5A$

60. 5 cal ତାପ $= 5 \times 42 = 21$ j

62. $X = VI = 220 \times 0.5 = 110w$

64. ସର୍ବନିମ୍ନ ପ୍ରତିରୋଧ ସମାନର ଫଂଯୋଗରେ ଓ ସର୍ବାଧିକ ପ୍ରତିରୋଧ ପତ୍ରନ୍ତି ଫଂଯୋଗରେ ମିଳେ ।
ସର୍ବନିମ୍ନ ପ୍ରତିରୋଧ R_p ହେଲେ
$\frac{1}{R_p} = \frac{1}{2} + \frac{1}{4} + \frac{1}{6} + \frac{1}{8} = \frac{12+6+4+3}{24} = \frac{25}{24}$
$\Rightarrow R_p = \frac{24}{25}\Omega$

67. $W = VQ = 6\times2 = 12j$

70. ସମୂହ ପ୍ରତିରୋଧ $= 20\Omega + 4\Omega = 24\Omega$
ବିଦ୍ୟୁତ୍ ପ୍ରବାହ $I = \frac{V}{R} = \frac{120}{24\Omega} = 0.5A$

71. $V = RI = 4\Omega \times 0.5A = 2v$

72. ସମୂହ ପ୍ରତିରୋଧ R_p ହେଲେ
$\frac{1}{R_p} = \frac{1}{5} + \frac{1}{10} + \frac{1}{30} = \frac{6+3+1}{30} = \frac{1}{3}$
$\Rightarrow R_p = 3\Omega$
$I = \frac{V}{R_p} = \frac{12v}{3\Omega} = 4A$

73. ଏଠାରେ 2Ω ଓ 4Ω ପ୍ରତିରୋଧର ସମତୁଲ୍ୟ ପ୍ରତିରୋଧ
$R_1 = \frac{2\times4}{2+4} = \frac{8}{6}\Omega = \frac{4}{3}\Omega$
2Ω, 6Ω, 3Ω ପ୍ରତିରୋଧ ପୁଣ୍ଣ ସମାନର ଫଂଯୁକ୍ତ ସମୂହ ପ୍ରତିରୋଧ R_2 ହେଲେ
$\frac{1}{R_2} = \frac{1}{2} + \frac{1}{3} + \frac{1}{6} = \frac{1}{1}$
$\Rightarrow R_2 = 1\Omega$
ପରିପଥର ସମୂହ ପ୍ରତିରୋଧ $R = R_1 + R_2$
$= \frac{4}{3} + 1 = \frac{7}{3}\Omega$

74. 3Ω ଓ 6Ω ର ସମାନର ଫଂଯୋଗର ସମୂହ ପ୍ରତିରୋଧ
$R = \frac{3\times6}{3+6}\Omega = \frac{18}{9}\Omega = 2\Omega$
ବର୍ତ୍ତମାନ ପ୍ରତୀୟ ପ୍ରତିରୋଧ $= 2\Omega$
∴ ସମୂହ ପ୍ରତିରୋଧ $= 2\Omega + 2\Omega = 4\Omega$
∴ (C) ଉତ୍ତରଟି ଠିକ୍ ।

75. କୁଲ୍ ମାସରେ ବ୍ୟୟିତ ବିଦ୍ୟୁତ୍ ଶକ୍ତି
$= \frac{350w\times10hr\times30}{1000} = 105$ ୟୁନିଟ୍
ତେଣୁ $= 105 \times 3 = 315$ ଟଙ୍କା

76. $R = P \times \frac{L}{A} = \frac{1.6\times10^{-8}\Omega m \times 122.8\text{ମି.}}{\frac{22}{7}\times\left(\frac{0.5}{2}\right)^2} = 10\Omega$

77. ପ୍ରଥମ ତାରର ପ୍ରସ୍ଥଚ୍ଛେଦ ଦ୍ୱିତୀୟର ଚାରିଗୁଣ ହେବ ।
∴ ଦ୍ୱିତୀୟ ତାରର ପ୍ରତିରୋଧ ପ୍ରଥମର ଚାରିଗୁଣ ହେବ ।

78. $R = \frac{V}{I} = \frac{220V}{5A} = 44\Omega = 1800w$
ତାର ସଂଖ୍ୟା $= \frac{176\Omega}{44\Omega} = 4$

79. ପାୱାର $= I^2R = (15A)^2 \times 8\Omega$

80. ମୋଟ୍ ପାୱାର $= 220V \times 5A = 1100$ ୱାଟ୍
ଲୋଡିଏ ବଲ୍ବର ପାୱାର $= 10$ ୱାଟ୍
ବଲ୍ ସଂଖ୍ୟା $= \frac{1100\text{ ୱାଟ୍}}{10\text{ ୱାଟ୍}} = 110$

81. ଟି.ଭି. ଦ୍ୱାରା ଶକ୍ତି ବ୍ୟୟ ହେବ $= 250 w \times 1$ ଘଣ୍ଟା
$= 250 \times 3600 j = 900000 j$
ଫୋଣ୍ଡର ଦ୍ୱାରା ଶକ୍ତି ବ୍ୟୟ ହେବ
$= 1200 w \times 20$ ମିନିଟ୍
$= 1200 \times 20 \times 60 j$
$= 1440000 j$

ISHWAR ROUT
Scanned with CamScanner
Scanned with CamScanner

92. ରାସାୟନିକ ତୁଲ୍ୟାଙ୍କ =

$$\frac{\text{ଆଣବିକ ବସ୍ତୁତ୍ୱ}}{\text{ସଲଫ୍ୟୁରିକ୍ ଏସିଡିରେ ଥିବା ଅପସାରଣ ଯୋଗ୍ୟ ହାଇଡ୍ରୋଜେନ}}$$

$$= \frac{98}{2} = 49$$

93. କପରର ଗ୍ରାମ ରାସାୟନିକ ତୁଲ୍ୟାଙ୍କ

$$= \frac{\text{କପରର ପାରମାଣବିକ ବସ୍ତୁତ୍ୱ}}{\text{କପରର ଯୋଜ୍ୟତା}} \text{ ଗ୍ରାମ୍}$$

$$= \frac{63.5}{2} = 31.750 \text{ ଗ୍ରାମ୍}$$

94. ଏକ ଭୋଲ୍ଟାମିଟରରେ 96500 କୁଲମ୍ ବିଦ୍ୟୁତ୍ ପ୍ରବାହ କଲେ ଇଲେକ୍‌ଟ୍ରୋଡ୍ ଠାରେ ଗ୍ରାମ ରାସାୟନିକ ତୁଲ୍ୟାଙ୍କ ପରିମାଣର ପଦାର୍ଥ ଜମାହୁଏ ।

ଅକ୍‌ସିଜେନର ଗ୍ରାମ ରାସାୟନିକ ତୁଲ୍ୟାଙ୍କ $= \frac{16 \text{ ଗ୍ରାମ୍}}{2}$

$= 8$ ଗ୍ରାମ୍

95. ବିଦ୍ୟୁତ୍‌ର ପରିମାଣ = 5A × 0.5 ଘଣ୍ଟା

= 5A × 30 × 60 ସେକେଣ୍ଡ = 9000 କୁଲମ୍

9000 କୁଲମ୍ ପାଇଁ ଜମା ହେଉଥିବା ବସ୍ତୁତ୍ୱ

= 3.048 ଗ୍ରାମ୍

96500 କୁଲମ୍ ପାଇଁ ଜମା ହେଉଥିବା ବସ୍ତୁର ପରିମାଣ

$= \frac{3.048}{9000} \times 96500 = 32.68$ ଗ୍ରାମ୍

96. $z = \frac{w}{It} = \frac{4}{3 \times 20 \times 60} = 0.00111$ ଗ୍ରାମ୍/କୁଲମ

97. ବିଦ୍ୟୁତ୍ ଚାର୍ଜର ପରିମାଣ = 0.5A × 1 ଘଣ୍ଟା

= 0.5A × 3600 ସେକେଣ୍ଡ

= 1800 କୁଲମ୍

96500 କୁଲମ୍ ବିଦ୍ୟୁତ୍ ପ୍ରବାହ ହେଲେ 1.008 ଗ୍ରାମ୍ ହାଇଡ୍ରୋଜେନ ଜମାହେବ ।

1800 କୁଲମ୍ ବିଦ୍ୟୁତ୍ ପ୍ରବାହ ହେଲେ $\frac{1.008}{96500} \times 1800$

= 0.0188 ଗ୍ରାମ ହାଇଡ୍ରୋଜେନ ଜମା ହେବ

98. $\frac{E_1}{E_2} = \frac{w_1}{w_2}$

$\Rightarrow \frac{1.008}{E_2} = \frac{0.0132}{0.4146} \Rightarrow E_2 = \frac{1.008 \times 0.4164}{0.0132}$

$= 31.8$

106. ପ୍ରତିରୋଧିତା $P = \frac{R.A}{L} = \frac{1.5 \times 0.025}{80}$

$= 0.000469$ ଓମ୍ × ସେ.ମି.

109. $R = \rho\frac{L}{A} = 1.72 \times 10^{-8} \times \frac{1000 \text{ ମି.}}{\frac{22}{7} \times \left(\frac{1}{1000} \text{ ମି.}\right)^2}$

$= 5.48\Omega$

110. $\frac{\text{ପଙ୍କ୍ତିସଂଯୋଗର ସମୂହ ପ୍ରତିରୋଧ}}{\text{ସମାନ୍ତର ସଂଯୋଗର ସମୂହ ପ୍ରତିରୋଧ}}$

$= (\text{ତାର ସଂଖ୍ୟା})^2 = 4^2 = 16$

111. ଏଠାରେ 2.5Ω ଓ 0.5 ଓମ୍ ର ପଙ୍କ୍ତି ସଂଯୋଗର ସମୂହ ପ୍ରତିରୋଧ R_1 ଓ 3.5Ω, 8.5Ω ପଙ୍କ୍ତି ସଂଯୋଗର ସମୂହ ପ୍ରତିରୋଧ R_2 ହେଲେ ପରିପଥର ସମୂହ ପ୍ରତିରୋଧ R ହେଲେ –

$\frac{1}{R} = \frac{1}{R_1} + \frac{1}{R_2} = \frac{1}{3\Omega} + \frac{1}{12\Omega} = \frac{4+1}{12} = \frac{5}{12}$

$\Rightarrow R = \frac{12}{5} = 2.4\Omega$

112. ଏଠାରେ 7Ω, 9Ω, 8Ω ପଙ୍କ୍ତି ସଂଯୋଗ ସହ 6Ω ପ୍ରତିରୋଧ ସମାନ୍ତର ସଂଯୋଗ ହୋଇଛି ।

∴ ସମୂହ ପ୍ରତିରୋଧ R ହେଲେ

$\frac{1}{R} = \frac{1}{7+8+9} + \frac{1}{6} = \frac{1}{24} + \frac{1}{6} = \frac{1+4}{24} = \frac{5}{24}$

$R = \frac{24}{5} = 4.8\Omega$

113. $R = \frac{v^2}{P} = \frac{(200v)^2}{40w} = 1000\Omega$

ଏଠାରେ ବଲବର ପାୱାର $= \frac{v^2}{R} = \frac{(100v)^2}{100\Omega} = 10w$

114. $3P = 60w \Rightarrow P = \frac{60}{3} = 20w$

$\left[\begin{array}{l} P_1 = P_2 = P_3 = P \\ \& P_1 + P_2 + P_3 = 60w \end{array}\right]$

115. ସମାନ୍ତର ସଂଯୋଗରେ $\frac{1}{P_1} + \frac{1}{P_2} = \frac{1}{P}$

ଏଠାରେ $P_1 = P_2 = x$ ମନେକର

$\therefore \frac{2}{x} = \frac{1}{40} \Rightarrow x = 80$ w

ପ୍ରଶ୍ନାବଳୀ – 4.7 (B)

ସମ୍ଭାବ୍ୟ ଉତ୍ତର ମଧ୍ୟରୁ ସଠିକ୍ ଉତ୍ତର ବାଛ ।

1. ବିଦ୍ୟୁତ୍ ପରିପଥ କାହାକୁ କହନ୍ତି ?
   (A) ଏକ ଅବିଚ୍ଛିନ୍ନ ଓ ମୁଦିତ ବିଦ୍ୟୁତ୍ ପ୍ରବାହ ପଥକୁ
   (B) ବିଦ୍ୟୁତ୍ ପ୍ରବାହ ଘଟୁଥିବା ପଥକୁ
   (C) ଏକ ପରିବାହୀରେ ଇଲେକ୍‌ଟ୍ରନ ଗତି କରୁଥିବା ପଥକୁ
   (D) ବିଦ୍ୟୁତ୍ ପ୍ରବାହ ପାଇଁ ବ୍ୟବହୃତ ପରିବାହୀ ତାର ଗୁଡ଼ିକର ସଂଯୋଗକୁ

2. ବିଦ୍ୟୁତ୍ ପ୍ରବାହର ଦିଗ କିପରି ଚିହ୍ନାଯାଏ ?
   (A) ପରିପଥରେ ଯୁକ୍ତ ଦ୍ୱିକ ଚାର୍ଜର ପ୍ରବାହର ଦିଗ କିମ୍ବା ଇଲେକ୍‌ଟ୍ରନର ପ୍ରବାହର ଦିଗକୁ ବିଦ୍ୟୁତ୍ ପ୍ରବାହର ଦିଗ କୁହାଯାଏ ।
   (B) ଏମିଟର ଦ୍ୱାରା ବିଦ୍ୟୁତ୍ ପ୍ରବାହର ଦିଗ ଚିହ୍ନାଯାଏ ।
   (C) ଭୋଲ୍ଟମିଟର ଦ୍ୱାରା ବିଦ୍ୟୁତ୍ ପ୍ରବାର ଦିଗ ଚିହ୍ନାଯାଏ ।
   (D) ଗାଲଭାନୋ ମିଟର ଯନ୍ତ୍ର ଦ୍ୱାରା ବିଦ୍ୟୁତ୍ ପ୍ରବାହର ଦିଗ ଚିହ୍ନାଯାଏ ।

3. ବିଦ୍ୟୁତ୍ ସ୍ରୋତ କହିଲେ କ'ଣ ବୁଝ ?
   (A) ଚାର୍ଜର ପ୍ରବାହକୁ ବିଦ୍ୟୁତ୍ ସ୍ରୋତ୍ କୁହାଯାଏ ।
   (B) ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରଫଳରେ ଏକକ ସମୟରେ ପ୍ରବାହିତ ଚାର୍ଜର ପରିମାଣକୁ ବିଦ୍ୟୁତ୍ ସ୍ରୋତ କୁହାଯାଏ ।
   (C) ଏକ ପରିବାହୀରେ ବିଦ୍ୟୁତ୍ ପ୍ରବାହକୁ ବିଦ୍ୟୁତ୍ ସ୍ରୋତ କୁହାଯାଏ ।
   (D) ଏକ ପରିପଥରେ ଚାର୍ଜର ପ୍ରବାହର ବେଗକୁ ବିଦ୍ୟୁତ୍ ସ୍ରୋତ କୁହାଯାଏ ।

4. ବିଦ୍ୟୁତ୍ ବିଭବାନ୍ତର କହିଲେ କ'ଣ ବୁଝ ?
   (A) ଏକ ପରିବାହୀର ଦୁଇ-ପ୍ରାନ୍ତ ମଧ୍ୟରେ ଥିବା ଇଲେକ୍ଟ୍ରନ୍ ଚାପର ପାର୍ଥକ୍ୟ
   (B) ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ନ୍ୟୁଟ୍ରନ ଚାପର ପାର୍ଥକ୍ୟ
   (C) ଏକ ପରିବାହୀର ଦୁଇପ୍ରାନ୍ତ ମଧ୍ୟରେ ଥିବା ବିଦ୍ୟୁତ୍ ଚାପର ପାର୍ଥକ୍ୟ
   (D) ଏକ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ଥିବା ବିଦ୍ୟୁତ୍ ଚାର୍ଜର ପରିମାଣର ପାର୍ଥକ୍ୟ

5. ଭୋଲ୍ଟ ମିଟର କ'ଣ ?
   (A) ଭୋଲ୍ଟମିଟର ଦ୍ୱାରା ଏକ ପରିପଥର ଦୁଇପ୍ରାନ୍ତ ମଧ୍ୟରେ ଥିବା ବିଦ୍ୟୁତ୍ ବିଭବ ପାର୍ଥକ୍ୟ ମପାଯାଏ ।
   (B) ବିଦ୍ୟୁତ୍ ସ୍ରୋତର ପରିମାଣ ମାପିବା ପାଇଁ ଏହି ଯନ୍ତ୍ରକୁ ପରିପଥରେ ସଂଯୁକ୍ତ କରାଯାଏ ।
   (C) ଏକ ପରିପଥର ବିଦ୍ୟୁତ୍ ବିଭବ ମାପିବା ପାଇଁ ଭୋଲ୍ଟମିଟର ଯନ୍ତ୍ରକୁ ବ୍ୟବହାର କରାଯାଏ ।
   (D) ଏକ ପରିପଥରେ ବିଦ୍ୟୁତ୍ ପ୍ରବାହ ହେତୁ ବ୍ୟୟ ହେଉଥିବା ବିଦ୍ୟୁତ୍ ଶକ୍ତିର ପରିମାଣ ମାପିବା ପାଇଁ ଭୋଲ୍ଟମିଟର ବ୍ୟବହାର କରାଯାଏ ।

6. ଏମିଟର କ'ଣ ? ଏହାକୁ ପରିପଥରେ କିପରି ସଂଯୁକ୍ତ କରାଯାଏ ?
   (A) ଏମିଟର ଦ୍ୱାରା ଏକ ପରିବାହୀରେ ପ୍ରବାହିତ ବିଦ୍ୟୁତ୍ ସ୍ରୋତର ପରିମାଣ ମପାଯାଏ । ଏହାକୁ ପରିପଥରେ ପଙ୍କ୍ତି ସଂଯୋଗ କରାଯାଏ ।
   (B) ବିଦ୍ୟୁତ୍ ବିଭବ ମାପିବା ପାଇଁ ଏମିଟରକୁ ବ୍ୟବହାର କରାଯାଏ । ଏହାକୁ ପରିପଥରେ ସମାନ୍ତର ସଂଯୋଗ କରାଯାଏ ।
   (C) ଅତି କ୍ଷୀଣ ବିଦ୍ୟୁତ୍ ପ୍ରବାହ ମାପିବା ପାଇଁ ଏମିଟର ବ୍ୟବହାର କରାଯାଏ । ଏହାକୁ ପରିପଥରେ ସମାନ୍ତର ସଂଯୋଗ କରାଯାଏ ।
   (D) ବୈଦ୍ୟୁତିକ ପାୱାର ମାପିବା ପାଇଁ ଏମିଟର ବ୍ୟବହାର କରାଯାଏ । ଏହାକୁ ପରିପଥରେ ପଙ୍କ୍ତି ସଂଯୋଗ କରାଯାଏ ।

7. ରୁପାର ଏବଂ ଲୁହାର ପ୍ରତିରୋଧିତା ଯଥାକ୍ରମେ $1.6 \times 10^{-8}\Omega m$ ଓ $10.6 \times 10^{-8}\Omega m$ । ଏଥିରୁ ସେମାନଙ୍କ ପରିବାହୀତା ଗୁଣ ସମ୍ପର୍କରେ କି ସୂଚନା ମିଳେ ?
   (A) ଲୁହାର ପ୍ରତିରୋଧିତା ଅଧିକ ହୋଇଥିବାରୁ ଲୁହା ରୁପାଠାରୁ ଭଲ ପରିବାହୀ ।
   (B) ଏଥି ତଥ୍ୟରୁ ସେମାନଙ୍କର ପରିବାହୀତା ଗୁଣ ସମ୍ବନ୍ଧରେ ଜାଣିପାରିବା ସମ୍ଭବ ନୁହେଁ ।
   (C) ଲୁହାର ପ୍ରତିରୋଧିତା ଅଧିକ ହେଲେ ମଧ୍ୟ ଉଭୟଙ୍କର ପରିବାହୀତା ଗୁଣ ଆପତତଃ ସମାନ ।
   (D) ଲୁହାର ପ୍ରତିରୋଧିତା ରୁପାର ପ୍ରତିରୋଧିତା ଠାରୁ ଅଧିକ ତେଣୁ ଲୁହାର ପରିବାହୀତା ରୁପାଠାରୁ କମ୍ ।

8. ଏକ ପରିବାହୀ ତାରର ଦୁଇ ପ୍ରାନ୍ତକୁ ଏକ ବିଦ୍ୟୁତ୍ ସେଲର ଦୁଇ ଅଗ୍ରସହ ସଂଯୁକ୍ତ କଲେ ଇଲେକ୍‌ଟ୍ରନର ଗତିରେ କ'ଣ ପରିବର୍ତ୍ତନ ଘଟେ ?
   (A) ଇଲେକ୍‌ଟ୍ରନ ଗୁଡ଼ିକ ସେଲର ଯୁକ୍ତ ଅଗ୍ରରୁ ବିଯୁକ୍ତ ଅଗ୍ରକୁ ଗତି କରିବେ ।
   (B) ଇଲେକ୍‌ଟ୍ରନ ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଦିଗରେ ସେଲର ବିଯୁକ୍ତ ଅଗ୍ରରୁ ଯୁକ୍ତ ଅଗ୍ର ଆଡକୁ ଗତି କରନ୍ତି ।
   (C) ଇଲେକ୍‌ଟ୍ରନଗୁଡ଼ିକ ନିୟମିତ ବ୍ୟବଧାନରେ ସେଲର ଯୁକ୍ତରୁ ବିଯୁକ୍ତ ଅଗ୍ରକୁ ଓ ବିଯୁକ୍ତ ଅଗ୍ରରୁ ଯୁକ୍ତ ଅଗ୍ରକୁ ଗତିକରିବେ ।
   (D) ଇଲେକ୍‌ଟ୍ରନର ଗତିରେ କିଛି ପରିବର୍ତ୍ତନ ହେବ ନାହିଁ ।

ISHWAR ROUT

Scanned with CamScanner

Scanned with CamScanner

9. ବିଦ୍ୟୁତ୍ ବଳୟର ସୃଷ୍ଟି ଟଙ୍ଗଷ୍ଟନ ଧାତୁରେ ନିର୍ମିତ ହୋଇଥାଏ କାହିଁକି ?
(A) ଟଙ୍ଗଷ୍ଟନ ଏକ ବିଦ୍ୟୁତ୍‌ରୋଧୀ ଧାତୁ ହୋଇଥିବାରୁ
(B) ଟଙ୍ଗଷ୍ଟନ ଏକ ଉତ୍ତମ ପରିବାହୀ ହୋଇଥିବାରୁ
(C) ଟଙ୍ଗଷ୍ଟନ୍ ଧାତୁର ଗଳନାଙ୍କ ଉଚ୍ଚ ହୋଇଥିବାରୁ
(D) ଟଙ୍ଗଷ୍ଟନ୍ ଧାତୁ ଫଂଷ୍ଟନ୍‌ରୁ ପ୍ରତିରୋଧ ଧାତୁ ହୋଇଥିବାରୁ ଏହା ବହୁତ ଦିନ ପର୍ଯ୍ୟନ୍ତ ନଷ୍ଟ ହୁଏ ନାହିଁ ।

10. ବୈଦ୍ୟୁତ୍ ବଳୟ ମଧ୍ୟରେ ନାଇଟ୍ରୋଜେନ ଓ ଆର୍ଗନ ଗ୍ୟାସ ଜାହିଁକି ଭରି କରାଯାଏ ?
(A) ନାଇଟ୍ରୋଜେନ ଓ ଆର୍ଗନ ଗ୍ୟାସ ବ୍ୟବହାର ଦ୍ୱାରା ବିଦ୍ୟୁତ୍ ବଳୟରୁ ଉତ୍ତମ ଆଲୋକ ମିଳିଥାଏ ।
(B) ନାଇଟ୍ରୋଜେନ ଓ ଆର୍ଗନ ଗ୍ୟାସ (ନିଷ୍କ୍ରିୟ ଗ୍ୟାସ୍) ବଳୟ ମଧ୍ୟରେ ଏକ ନିଷ୍କ୍ରିୟ ପରିବେଶ ସୃଷ୍ଟି କରନ୍ତି ।
(C) ନାଇଟ୍ରୋଜେନ ଓ ଆର୍ଗନ ଗ୍ୟାସ ବିଦ୍ୟୁତ ବଳୟର ଭିତର ପରିବେଶକୁ ଥଣ୍ଡା ରଖନ୍ତି ଫଳରେ ବଳୟଟି ଫାଟି ଯାଏନାହିଁ ।
(D) ନାଇଟ୍ରୋଜେନ ଏକ ପ୍ରତିକ୍ରିୟାଶୀଳ ଗ୍ୟାସ ଓ ଆର୍ଗନ ଏକ ନିଷ୍କ୍ରିୟ ଗ୍ୟାସ । ଏମାନଙ୍କ ଦ୍ୱାରା ବଳୟ ମଧ୍ୟରେ ଉଭୟ ପ୍ରତିକ୍ରିୟାଶୀଳ ଓ ନିଷ୍କ୍ରିୟ ପରିବେଶ ସୃଷ୍ଟି ହେବାରୁ ବଳୟଟିର ଆୟୁଷ ବଢ଼େ ।

11. ବୈଦ୍ୟୁତିକ ପାତ୍ରାର କହିଲେ କ'ଣ ବୁଝ ? ଏହାର S.I. ଏକକ କ'ଣ ?
(A) ବିଦ୍ୟୁତ ଚାର୍ଜ ଯେଉଁ ହାରରେ ପ୍ରବାହିତ ହୁଏ ତାହାକୁ ବୈଦ୍ୟୁତିକ ପାତ୍ରାର କୁହାଯାଏ । ଏହାର S.I. ଏକକ ୱାଟ୍ ସେକେଣ୍ଡ ।
(B) ଏକ ବିଦ୍ୟୁତ୍ ଉପକରଣରେ ଘଟୁଥିବା ବିଦ୍ୟୁତ୍ ପ୍ରବାହର ହାରକୁ ବୈଦ୍ୟୁତିକ ପାତ୍ରାର କୁହାଯାଏ । ଏହାର ଏକକ ମୋ (Mho) ।
(C) ବିଦ୍ୟୁତ୍ ଶକ୍ତି ଯେଉଁ ହାରରେ ବ୍ୟୟ କରାଯାଏ ତାହାକୁ ବିଦ୍ୟୁତ୍ ପାତ୍ରାର କୁହାଯାଏ । ଏହାର ଏସ୍.ଆଇ. (S.I.) ଏକକ ୱାଟ୍ (w) ।
(D) ବିଦ୍ୟୁତ୍ ବିଭବାନ୍ତର ଓ ଚାର୍ଜର ଗୁଣଫଳକୁ ବୈଦ୍ୟୁତିକ ପାତ୍ରାର କୁହାଯାଏ । ଏହାର S.I. ଏକକ କୁଲ୍ ।

12. ବିଦ୍ୟୁତ୍ ବଳୟରେ ଶକ୍ତିର ରୂପାନ୍ତରଣ କିପରି ହୁଏ ?
(A) ବିଦ୍ୟୁତ୍ ବଳୟରେ ବିଦ୍ୟୁତ୍ ଶକ୍ତିର ଅଧିକ ଅଂଶ ଆଲୋକ ଶକ୍ତିକୁ ଓ ଅଳ୍ପ ଅଂଶ ତାପ ଶକ୍ତିକୁ ରୂପାନ୍ତରିତ ହୁଏ ।
(B) ବିଦ୍ୟୁତ୍ ବଳୟରେ ବିଦ୍ୟୁତ୍ ଶକ୍ତି ମୁଖ୍ୟତଃ ତାପ ଓ ଶବ୍ଦ ଶକ୍ତିକୁ ରୂପାନ୍ତରିତ ହୁଏ ।
(C) ବିଦ୍ୟୁତ୍ ବଳୟରେ ବିଦ୍ୟୁତ୍ ଶକ୍ତି ମୁଖ୍ୟତଃ ଆଲୋକ ଓ ଯାନ୍ତ୍ରିକ ଶକ୍ତିକୁ ରୂପାନ୍ତରିତ ହୁଏ ।
(D) ବିଦ୍ୟୁତ୍ ବଳୟରେ ବିଦ୍ୟୁତ୍ ଶକ୍ତିର ଅଧିକ ଅଂଶ ତାପଶକ୍ତିକୁ ଓ ଅଳ୍ପ ଅଂଶ ଆଲୋକ ଶକ୍ତିକୁ ରୂପାନ୍ତରିତ ହୁଏ ।

13. ଏକ ପରିବାହୀର ପ୍ରତିରୋଧ ତାହାର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ ଉପରେ କିପରି ନିର୍ଭର କରେ ?
(A) ଏକ ପରିବାହୀର ପ୍ରତିରୋଧ ତାହାର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ ସହ ସମାନୁପାତୀ ।
(B) ଏକ ପରିବାହୀର ପ୍ରତିରୋଧ ଏହାର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ ସହ ବେଳେବେଳେ ସମାନୁପାତୀ ଓ ବେଳେବେଳେ ପ୍ରତିଲୋମାନୁପାତୀ ହୋଇଥାଏ ।
(C) ଏକ ପରିବାହୀର ପ୍ରତିରୋଧ ଏହାର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ ସହ ପ୍ରତିଲୋମାନୁପାତୀ ।
(D) ଏକ ପରିବାହୀର ପ୍ରତିରୋଧ ତାହାର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ ଉପରେ ନିର୍ଭର କରେ ନାହିଁ ।

14. ବିଦ୍ୟୁତ୍ ପରିବହନ ପାଇଁ ବହୁତ ଭାବରେ ତମ୍ବା ଓ ଏଲୁମିନିୟମ ତାର କାହିଁକି ବ୍ୟବହାର କରାଯାଏ ?
(A) ତମ୍ବା ଏବଂ ଏଲୁମିନିୟର ପ୍ରତିରୋଧିତା ବିଦ୍ୟୁତ୍ ପ୍ରବାହ ପାଇଁ ଅନୁକୂଳ ଅଟେ ।
(B) ତମ୍ବା ଏବଂ ଏଲୁମିନିୟମ ଅନ୍ୟ ଧାତୁମାନଙ୍କ ତୁଳନାରେ ଅଧିକ ଶସ୍ତା ହୋଇଥିବାରୁ ଏମାନଙ୍କୁ ବିଦ୍ୟୁତ୍ ପରିବହନ ପାଇଁ ବ୍ୟବହାର କରାଯାଏ ।
(C) ତମ୍ବା ଏବଂ ଏଲୁମିନିୟମ ଅଧିକ କ୍ଷୟ ପ୍ରତିରୋଧୀ ହୋଇଥିବାରୁ ଏମାନଙ୍କୁ ବିଦ୍ୟୁତ ପରିବହନ ପାଇଁ ବହୁତ ଭାବେ ବ୍ୟବହାର କରାଯାଏ ।
(D) ତମ୍ବା ଓ ଏଲୁମିନିୟମର ପ୍ରତିରୋଧିତା ଜମ୍ ହେତୁ ଏମାନେ ଅନ୍ୟ ଧାତୁ ମାନଙ୍କ ତୁଳନାରେ ଅଧିକ ବିଦ୍ୟୁତ୍‌ପ୍ରବାହୀ ।

15. ବିଦ୍ୟୁତ୍ ଫୋଷର ଓ ଇସ୍ତ୍ରୀ ଆଦିର କୁଣ୍ଡଳୀ ମିଶ୍ରଧାତୁରେ ନାହିଁକି ତିଆରି ହୋଇଥାଏ ?
(A) ମିଶ୍ରଧାତୁର ପ୍ରତିରୋଧୀତା ଅଧିକ ହୋଇଥିବାରୁ ତାହା ସମାନ ବିଦ୍ୟୁତ୍ ପ୍ରବାହ ଯୋଗୁଁ ବିଶୁଦ୍ଧ ଧାତୁ ତୁଳନାରେ ଅଧିକ ତାପ ଉତ୍ପନ୍ନ କରିବ ।
(B) ମିଶ୍ରଧାତୁର ଗଳନାଙ୍କ ଓ ସ୍ଫୁଟନାଙ୍କ ବିଶୁଦ୍ଧ ଧାତୁଠାରୁ ଅଧିକ ହେତୁ ବିଦ୍ୟୁତ୍ ଫୋଷର ଓ ଇସ୍ତ୍ରୀ କୁଣ୍ଡଳୀ ମିଶ୍ରଧାତୁରେ ନିର୍ମିତ ହୋଇଥାଏ ।
(C) ମିଶ୍ରଧାତୁ ସ୍ଫୁଟିନ ସହଜରେ ଫଂଷ୍ଟାରିତ ହୁଅନ୍ତି ନାହିଁ । ତେଣୁ ଦୀର୍ଘସ୍ଥାୟୀ ହେତୁ ବିଦ୍ୟୁତ୍ ଫୋଷର ଏବଂ ଇସ୍ତ୍ରୀର କୁଣ୍ଡଳୀ ମିଶ୍ରଧାତୁରେ ନିର୍ମିତ ହୋଇଥାଏ ।
(D) ମିଶ୍ରଧାତୁମାନଙ୍କର ପ୍ରତିରୋଧୀତା ବିଶୁଦ୍ଧ ଧାତୁଠାରୁ କମ୍ ହୋଇଥିବାରୁ ସମାନ ପରିସ୍ଥିତିରେ ବିଶୁଦ୍ଧ ଧାତୁଠାରୁ ମିଶ୍ରଧାତୁ ଅଧିକ ତାପ ଉତ୍ପନ୍ନ କରିବ ।

16. ଗୋଟିଏ ଧାତୁରେ ନିର୍ମିତ ଗୋଟିଏ ମୋଟା ତାର ଓ ଗୋଟିଏ ସରୁ ତାର ପୃଥକ୍ ଭାବେ ଏକ ବିଦ୍ୟୁତ୍ ଲାଇନ୍‌ରେ ଫଂଯୁକ୍ତ ହେଲେ କେଉଁଥିରେ ବିଦ୍ୟୁତ ପ୍ରବାହ ସହଜ ହେବ ଓ କାହିଁକି ?
(A) ସରୁ ତାରର ପ୍ରସ୍ଥଚ୍ଛେଦର କ୍ଷେତ୍ରଫଳ କମ୍ ହୋଇଥିବାରୁ ବିଦ୍ୟୁତ୍ ପ୍ରତିରୋଧକତ୍ୱ ହେବ ଓ ସରୁତାରରେ ବିଦ୍ୟୁତ୍ ପ୍ରବାହ ଅଧିକ ସହଜ ହେବ ।
(B) କେଉଁଥିରେ ବିଦ୍ୟୁତ୍ ପ୍ରବାହ ସହଜ ହେବ କହିହେବ ନାହିଁ ।
(C) ମୋଟା ତାରର ପ୍ରସ୍ଥ ଛେଦର କ୍ଷେତ୍ରଫଳ ଅଧିକ ହୋଇଥିବାରୁ ବିଦ୍ୟୁତ୍ ପ୍ରତିରୋଧ କମ୍ ହେବ ଓ ମୋଟା ତାରରେ ବିଦ୍ୟୁତ୍ ପ୍ରବାହ ଅଧିକ ସହଜ ହେବ ।
(D) ଉଭୟ ଏକପ୍ରକାରର ଧାତୁରେ ନିର୍ମିତ ତେଣୁ ଉଭୟ ତାରରେ ସମ ଭାବରେ ବିଦ୍ୟୁତ୍ ପ୍ରବାହିତ ହେବ ।

17. 220 v ର ଏକ ପରିପଥରେ ବ୍ୟବହୃତ ଏକ ବିଦ୍ୟୁତ୍ ବଳ୍ବରେ 0.2A ବିଦ୍ୟୁତ୍‌ସ୍ରୋତ 10 ସେକେଣ୍ଡ ପାଇଁ ପ୍ରବାହିତ ହେଲେ ସେଥିରେ କେତେ ଚାର୍ଜ ପ୍ରବାହିତ ହେବ ?
(A) 440C (B) 0.02C
(C) 0.4C (D) 2C

18. ଏକ ବିଦ୍ୟୁତ୍ ପରିପଥର ବିଦ୍ୟୁତ୍ ପ୍ରତିରୋଧ କିପରି ବଦଳାଯାଇପାରିବ ?
(A) ପରିପଥରେ ଏକ ରିଓଷ୍ଟାର୍‌କୁ ପଦ୍ଧତିରେ ଫଂଯୁକ୍ତ କରି
(B) ବିଦ୍ୟୁତ୍ ପରିପଥରେ ଜନ୍‌ଷ୍ଟର୍‌ର ବ୍ୟବହାର କରି
(C) ବିଦ୍ୟୁତ୍ ପରିପଥରେ ଜନ୍‌ଷ୍ଟର୍‌ର ବ୍ୟବହାର କରି
(D) ପରିପଥରେ ରିଓଷ୍ଟାଟ୍‌କୁ ସମାନ୍ତର ଫଂଯୋଗ କରାଯାଏ ।

19. ଏକ ପରିପଥରେ ଇଲେକଟ୍ରନ୍‌ର ବାହିତ ବେଗ କେତେ ?
(A) 1 ସେ.ମି./ସେ ବା 1 $cm\ s^{-1}$
(B) 1 ମି.ମି. / ସେ. ବା 1 mms^{-1}
(C) 2 ସେ.ମି./ସେ ବା 2 $c.m.\ s^{-1}$
(D) 0.5 ସେ.ମି. / ସେ ବା 0.5 $cm\ s^{-1}$

20. ଗୋଟିଏ ପରିପଥରେ 60 Ω ର ଏକ ପ୍ରତିରୋଧ ଓ 24V ର ଏକ ବ୍ୟାଟେରୀ ଫଂଯୁକ୍ତ ହେଲେ ଉକ୍ତ ପରିପଥରେ କେତେ ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେବ ?
(A) 150A (B) 9.6A
(C) 0.4A (D) 1440 A

21. ଓମ୍‌ଙ୍କ ପରୀକ୍ଷାରେ V-I ର ଗ୍ରାଫ୍ କିପରି ହୁଏ ?
(A) ଓମ୍‌ଙ୍କ ପରୀକ୍ଷାରେ V-I ର ଗ୍ରାଫ ଏକ ତାର୍ଯ୍ୟକ ରେଖା ହେବ ଯାହା ମୂଳ ବିନ୍ଦୁ ଦେଇ ଗତି କରିବ ।
(B) ଓମ୍‌ଙ୍କ ପରୀକ୍ଷାରେ V-I ଗ୍ରାଫ୍ ଏକ ବକ୍ରରେଖା ହୁଏ ।
(C) ଓମ୍‌ଙ୍କ ପରୀକ୍ଷାରେ V-I ଗ୍ରାଫ୍ ଏକ ସରଳରେଖା ହେବ, ଯାହା Y- ଅକ୍ଷ ସହ ସମାନ୍ତର ।
(D) ଓମ୍‌ଙ୍କ ପରୀକ୍ଷାରେ V-I ଗ୍ରାଫ ଏକ ସରଳରେଖା ହେବ ଯାହା X- ଅକ୍ଷ ପ୍ରତି ସମାନ୍ତର ।

22. ବିଦ୍ୟୁତ୍ ପ୍ରତିରୋଧ ଓ ପ୍ରତିରୋଧୀତାର ଏସ.ଆଇ. ଏକକ ଯଥାକ୍ରମେ କ'ଣ ?
(A) ଓମ୍$^{-1}$ ଓ ଓମ୍ × ସେ.ମି.
(B) ଓମ୍ ଓ ଓମ୍ × ମି.
(C) ଗୋଲ୍ × ଏମିୟର ଓ ଓମ୍$^{-1}$
(D) ଏମିୟର^{2} × ସେକେଣ୍ଡ ଓ ଏକକ ନାହିଁ

23. ବିଦ୍ୟୁତ୍ ଶକ୍ତିର ବ୍ୟବହାରିକ ଏକକ କ'ଣ ?
(A) ୱାଟ୍ ଘଣ୍ଟା (B) ଜୁଲ୍
(C) କିଲୋୱାଟ ସେକେଣ୍ଡ (D) କିଲୋୱାଟ୍ ଘଣ୍ଟା

24. ଏକ ପରିପଥରେ ସ୍ପିର୍ କି କାର୍ଯ୍ୟ କରେ ?
(A) ବ୍ୟାଟେରୀ ଓ ବିଜିନ୍ନ ବିଦ୍ୟୁତ୍ ଉପକରଣ ମଧ୍ୟରେ ଫଂଯୋଜକ ଭଳି କାର୍ଯ୍ୟ କରେ ।
(B) ଏକ ପରିପଥରେ ଫଂଯୁକ୍ତ ବିଦ୍ୟୁତ୍ ଉପକରଣ ସୂଚିକୁ ସୁରକ୍ଷିତ କରି ରଖେ ।
(C) ଏକ ପରିପଥରେ ବିଦ୍ୟୁତ୍ ପ୍ରବାହକୁ ନିୟନ୍ତ୍ରିତ କରିବା ପାଇଁ ସ୍ପିର୍ ବ୍ୟବହାର କରାଯାଏ ।
(D) ଏକ ପରିପଥରେ ବିଦ୍ୟୁତ୍ ପ୍ରବାହକୁ ନିୟନ୍ତ୍ରିତ କରିବା ପାଇଁ ସେଥିରେ ସ୍ପିର୍ ବ୍ୟବହାର କରାଯାଏ ।

25. ବିଦ୍ୟୁତ୍ ପ୍ରବାହର ଦିଗ କିପରି ନିର୍ଣ୍ଣୟ କରାଯାଏ ?
(A) ଯୁକ୍ତ ଚାର୍ଜର ପ୍ରବାହର ବିପରୀତ ଦିଗକୁ ବିଦ୍ୟୁତ୍ ପ୍ରବାହର ଦିଗ କୁହାଯାଏ ।
(B) ଯୁକ୍ତ ଚାର୍ଜର ପ୍ରବାହର ଦିଗକୁ ବା ଇଲେକ୍ଟ୍ରନ୍ ପ୍ରବାହର ବିପରୀତ ବିଦ୍ୟୁତ୍ ପ୍ରବାହର ଦିଗ ବୋଲି ଗ୍ରହଣ କରାଯାଏ ।
(C) ଇଲେକ୍ଟ୍ରନ ପ୍ରବାହର ଦିଗକୁ ବିଦ୍ୟୁତ୍ ପ୍ରବାହର ଦିଗ କୁହାଯାଏ ।
(D) ଏକ ପରିବାହୀରେ ସର୍ବଦା ବିଦ୍ୟୁତ୍ ପ୍ରବାହ ନିମ୍ନ ବିଦ୍ୟୁତ୍ ବିଭବରୁ ଉଚ୍ଚ ବିଦ୍ୟୁତ୍ ବିଭବ ଆଡ଼କୁ ହୋଇଥାଏ ।

Scanned with CamScanner
Scanned with CamScanner

26. କେଉଁ ଉପାୟରେ ପରିବାହୀର ଦୁଇ ପ୍ରାନ୍ତ ମଧ୍ୟରେ ବିଭବାନ୍ତର ସ୍ଥିର ରଖାଯାଇ ପାରିବ ?
(A) ଏକ ପରିବାହୀରେ ଦୁଇ ପ୍ରାନ୍ତକୁ ଏକ A.C. ଜେନେରେଟର ସଂଯୁକ୍ତ କରି
(B) ଏକ ପରିବାହୀର ଦୁଇ ପ୍ରାନ୍ତକୁ ଏକ ଲୋଲ୍‌ଟମିଟର ସଂଯୁକ୍ତ କରି
(C) ଏକ ପରିବାହୀର ଦୁଇ ପ୍ରାନ୍ତକୁ ଏକ ବିଦ୍ୟୁତ୍ ସେଲ, କିମ୍ବା ଏକ ବ୍ୟାଟେରୀ ସହ ସଂଯୁକ୍ତ କରି
(D) ଏକ ପରିବାହୀର ଦୁଇ ପ୍ରାନ୍ତକୁ ଏକ ଡାଇନାମୋ ସଂଯୁକ୍ତ କରି

27. ଦୁଇଟି ବିନ୍ଦୁ ମଧ୍ୟରେ ବିଭବାନ୍ତର 1V କହିଲେ କ'ଣ ବୁଝ ?
